# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୮/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, April 28/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 153 | ମୂଲ୍ୟ ₹୭/-




**ଅମିଷାଙ୍କ ଅବସୋସ**

'ତେରେ ନାମ୍' ଫିଲ୍ମରେ ସଲମାନ ଖାନ୍‌ଙ୍କ ସହ ଅଭିନୟ ସୁଯୋଗ ହାତଛଡ଼ା କରିଥିବାରୁ ଏବେବି ଅବସୋସ କରନ୍ତି ଅମିଷା ପଟେଲ। **୦୨**

**୧୪** **ହାଜେଲଉଡ୍‌ଙ୍କ ପ୍ରଭାବୀ ବୋଲିଂ**

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ରଭାବୀ ବୋଲିଂ କରିଛନ୍ତି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଜୋଶ ହାଜେଲଉଡ୍।



# ବାଣିଜ୍ୟ ପରୀକ୍ଷାର୍ଥୀଙ୍କୁ ରାଜନୀତି ବିଜ୍ଞାନ ପ୍ରଶ୍ନପତ୍ର

**ମାଲକାନଗିରି, ୨୭।୪ (ଗୌରିଶଙ୍କର ପଣ୍ଡା)**

ଜଣେ ବାଣିଜ୍ୟ ବିଭାଗ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ପରିଚାଳକ କଳା ବିଭାଗର ରାଜନୀତି ବିଜ୍ଞାନ ପ୍ରଶ୍ନପତ୍ର ଦେଇଥିଲେ। ଛାତ୍ର ଜଣକ ମଧ୍ୟ କିଛି ବୁଝି ନ ପାରି ସେହି ପ୍ରଶ୍ନର ଉତ୍ତର ଲେଖି ଚାଲିଲେ। ପରୀକ୍ଷାର ୩ ଘଣ୍ଟା ସମୟ ସରିଆସୁଥିବା ବେଳେ ଛାତ୍ରଙ୍କୁ ଭୁଲ୍ ପ୍ରଶ୍ନପତ୍ର ଦିଆଯାଇଥିବା ପରୀକ୍ଷା ପରିଚାଳକ ଜାଣିବା ପରେ ତୁରନ୍ତ ଛାତ୍ରଙ୍କଠାରୁ ସେହି ପ୍ରଶ୍ନପତ୍ର ନେଇ ତାଙ୍କୁ ତାଙ୍କ ବିଭାଗର ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ମାଲକାନଗିରି ସଦରରେ ଥିବା ମାଲକାନଗିରି ମହାବିଦ୍ୟାଳୟରେ ସୋମବାର ଏଭଳି ତ୍ରୁଟି ଦେଖିବାକୁ ମିଳିଛି।

ମାଲକାନଗିରି କଲେଜରେ ବ୍ୟାକ୍ କୋର୍ସ ପାଇଁ ସୋମବାର ପୁନଃ ପରୀକ୍ଷା ଥିଲା। ବିଭିନ୍ନ ବିଷୟରେ ଫେଲ୍ ହୋଇଥିବା ୭୫ ଜଣ ପରୀକ୍ଷାର୍ଥୀ ସୋମବାର ପୁଣି ଥରେ ନିଜର ବ୍ୟାକ୍ କୋର୍ସ ନିମନ୍ତେ ପରୀକ୍ଷା ଦେଇଥିଲେ। ତେବେ ବାଣିଜ୍ୟ ବିଭାଗର ସୌରଭ ଭୌମିକ ନାମକ ଛାତ୍ର ୩ୟ ସେମିଷ୍ଟରର କର୍ପୋରେଟ ଆକାଉଣ୍ଟିଂ ପରୀକ୍ଷା ଦେବାକୁ ଆସିଥିଲେ। କିନ୍ତୁ ପରୀକ୍ଷା ପରିଚାଳକ ଭୁଲ୍‌ରେ ତାଙ୍କୁ ରାଜନୀତି ବିଜ୍ଞାନର ପ୍ରଶ୍ନପତ୍ର ଦେଇଥିଲେ। ସୌରଭ କିଛି ବୁଝି ନ ପାରି ସେହି ପ୍ରଶ୍ନର ଉତ୍ତର ଲେଖି ଚାଲିଲେ। ତେବେ ଇତିମଧ୍ୟରେ ୩ ଘଣ୍ଟା ସମୟ ସରିଆସୁଥିବା ବେଳେ ପରୀକ୍ଷା ପରିଚାଳକ ଜାଣିପାରିଲେ ଯେ, ସୌରଭଙ୍କୁ ଭୁଲ୍ ପ୍ରଶ୍ନପତ୍ର ଦିଆଯାଇଛି। ସୌରଭ ମଧ୍ୟ ଏ ନେଇ ପରୀକ୍ଷା ପରିଚାଳକଙ୍କୁ ଅବଗତ କରାଇଥିଲେ। ଏ ନେଇ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଧ୍ୟାପକମାନେ ଜାଣିବା ପରେ ତୁରନ୍ତ ଛାତ୍ରଙ୍କଠାରୁ ସେହି ପ୍ରଶ୍ନପତ୍ର ନିଆଯାଇ ତାଙ୍କୁ ତାଙ୍କ ବିଭାଗର ପ୍ରଶ୍ନପତ୍ର ପ୍ରଦାନ କରଯାଇଥିଲା। ଏଥିସହ ତାଙ୍କୁ ଅତିରିକ୍ତ ସମୟ ମଧ୍ୟ ପ୍ରଦାନ କରାଯାଇ ଉତ୍ତର ଲେଖିବାର ସୁଯୋଗ ଦିଆଯାଇଥିଲା। ଅପରପକ୍ଷରେ ଏହି ତ୍ରୁଟି ପାଇଁ ଅନ୍ୟ ଛାତ୍ରମାନେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଦୋଷଦେବା ସହ ଘଟଣାକୁ ଲୁଚାବାକୁ ଯାଇ ସୌରଭଙ୍କୁ ବାହାରକୁ ଛାଡ଼ି ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ବାରିକଙ୍କୁ ପଚାରିବାରୁ, ପ୍ରଶ୍ନପତ୍ର ଦେବା ସମୟରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ତ୍ରୁଟି ରହିଛି। ଏହାସହ ଛାତ୍ର ଜଣକ ମଧ୍ୟ ଯେଉଁ ବିଷୟରେ ପଢ଼ି ନାହାନ୍ତି ତାହାର ପ୍ରଶ୍ନପତ୍ର ଦେଖି ତୁରନ୍ତ ଅଭିଯୋଗ କରିଥିଲେ ଏହାର ସମାଧାନ ସେହି ସମୟରେ ହିଁ ହୋଇପାରିଥାନ୍ତା ବୋଲି ସେ ପ୍ରକାଶ କରିଛନ୍ତି।



ଏକାକୀ ପରୀକ୍ଷା ଦେଉଥିବା ବିଦ୍ୟାର୍ଥୀ।

# ୪ରୁ ୧୦ ଓଜେଇଇ

**ଭୁବନେଶ୍ୱର, ୨୭।୪ (ସୁଚିସ୍ମିତା ସାହୁ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)-୨୦୨୬ ମେ' ୪ ତାରିଖରୁ ଆରମ୍ଭ ହେବ। ୧୦ ତାରିଖ ଯାଏ ଚାଲିବାକୁ ଥିବା ଏହି ପରୀକ୍ଷା ଦୈନିକ ୩ଟି ସିଫ୍ଟରେ କରାଯିବ। ପ୍ରଥମ ସିଫ୍ଟ ସକାଳ ୯ରୁ ୧୧ଟା, ଦ୍ୱିତୀୟ ସିଫ୍ଟ ଅପରାହ୍ଣ ୧ଟା ରୁ ୩ଟା ଓ ତୃତୀୟ ସିଫ୍ଟ ପରୀକ୍ଷା ସାଢ଼େ ୪ରୁ ସାଢ଼େ ୬ ଯାଏ ଚାଲିବ। ପ୍ରଥମ ଦିନ ସମସ୍ତ ସିଫ୍ଟରେ ବିଏସ୍‌ସି ନର୍ସିଂ ପରୀକ୍ଷା ରହିଛି। ୫ ତାରିଖ ପ୍ରଥମ ଦୁଇଟି ସିଫ୍ଟରେ ବିଏସ୍‌ସି ନର୍ସିଂ ଓ ତୃତୀୟ ସିଫ୍ଟରେ ବି.ଫାର୍ମ ପରୀକ୍ଷା ରହିଛି। ସେହିପରି ୬ ତାରିଖର ସମସ୍ତ ସିଫ୍ଟରେ ଛାତ୍ରୀଛାତ୍ର ବି.ଫାର୍ମ ପରୀକ୍ଷା ଦେବେ। ୭ ତାରିଖ ପ୍ରଥମ ସିଫ୍ଟରେ ☞ପୃଷ୍ଠା-୪

**ଭଉଣୀଙ୍କ କଙ୍କାଳ ଧରି ବ୍ୟାଙ୍କରେ ଭାଇ** ୩

**ଆଜିର ସମ୍ପାଦକୀୟ**

ଯଲ୍‌ଦା ଓ ଡିପ୍‌ଫେକ୍


SIKSHA 'O' ANUSANDHAN

SAAT-2026

Empowering students for a brighter future

MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



4001/46/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OPTCL
Lifeline of Odisha

୧୬୪୭ କୋଟି ଟଙ୍କା ବ୍ୟୟରେ
କେନ୍ଦୁଝର ବିଦ୍ୟୁତ୍ ଶକ୍ତି ବ୍ୟବସ୍ଥାର ସଂପ୍ରସାରଣ

୪୦୦/୨୨୦ କେ.ଭି. ନୂତନ ଗ୍ରୀଡ ସବଷ୍ଟେସନ୍

୨ ଟି ୨୨୦ କେ.ଭି. ଗ୍ରୀଡ ସବଷ୍ଟେସନ୍

୫ ଟି ଟ୍ରାନ୍ସମିସନ ଲାଇନ

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ଭିତ୍ତିପ୍ରସ୍ତର ସ୍ଥାପନ

ଗରିମାମୟ ଉପସ୍ଥିତି

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ଅନନ୍ତ ନାୟକ
ସାଂସଦ, କେନ୍ଦୁଝର

ଡ. ଫକୀର ମୋହନ ନାଏକ
ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି ତଥା ବିଧାୟକ, ତେଲକୋଇ

ଶ୍ରୀ ସନାତନ ମହାକୁଡ
ବିଧାୟକ, ଚମ୍ପୁଆ

୨୮ ଅପ୍ରେଲ ୨୦୨୬ । ପୂର୍ବାହ୍ନ ୯ ଘଟିକା । କେନ୍ଦୁଝର

ଶକ୍ତି ବିଭାଗ, ଓଡ଼ିଶା ସରକାର

OIPR-4001/4011/2/26-27/0007



ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାର ଶେଷ ଦିନରେ ସୋମବାର ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ କୋଲକାତାରେ ଏକ ରୋଡ୍‌ଶୋ'ରେ ଯୋଗ ଦେଇଛନ୍ତି। ତାଙ୍କ ସହ ଦଳୀୟ ନେତ୍ରୀ ସାୟୋନି ଘୋଷ ଓ ଅନ୍ୟମାନେ ଅଛନ୍ତି।

# ପଶ୍ଚିମବଙ୍ଗରେ ପ୍ରଚାର ଶେଷ, ଦିନକ ପରେ ଭୋଟ

କୋଲକାତା,୨୭।୪

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ବୁଧବାର ହେବାକୁ ଥିବାବେଳେ ସୋମବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୪୨ ଆସନ ପାଇଁ ଭୋଟଗ୍ରହଣ କରାଯିବ। ପ୍ରଚାର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ୨୪ ପ୍ରଗଣାର କଙ୍କିନାରାଠାରେ ଏକ ରାଲିକୁ ସମ୍ବୋଧନ କରିଥିବାବେଳେ ବରିଷ୍ଠ ଭାଜପା ନେତା ଅମିତ୍ ଶାହା ହୁଗ୍ଲି ଜିଲାର ଚନ୍ଦନନଗରଠାରେ ରୋଡ୍‌ଶୋ' କରିଥିଲେ। ଅନ୍ୟ ଭାଜପା ନେତାଙ୍କ ମଧ୍ୟରେ ଯୋଗୀ ଆଦିତ୍ୟନାଥ ଏବଂ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଶେଷ ଦିନରେ ପ୍ରଚାର କରିଥିଲେ। ସେହିପରି ତୃଣମୂଳ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ରୋଡ୍‌ଶୋ' କରିଥିବାବେଳେ ଦଳର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଆରାମବାଗରେ ରାଲି କରିବା ସହ ମହେଶତାଲାରେ ଏକ ରୋଡ୍‌ଶୋ'ରେ ଭାଗ ନେଇଥିଲେ।

ନିର୍ବାଚନ ପରେ ଭାଜପା ପଶ୍ଚିମବଙ୍ଗରେ ସରକାର ଗଢ଼ିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଦୃଢ଼ୋକ୍ତି କରିଛନ୍ତି। ମେ' ୪ ପରେ ନୂଆ ସରକାରର ଶପଥ ଗ୍ରହଣ ଉତ୍ସବକୁ ସେ

## ଶପଥ ଉତ୍ସବକୁ ଆସିବେ କହିଲେ ମୋଦି

ପଶ୍ଚିମବଙ୍ଗ ଆସିବେ ବୋଲି ସୋମବାର ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟରେ କୋଲକାତା ଉତ୍ତର, କୋଲକାତା ଦକ୍ଷିଣ, ହାଓଡ଼ା, ନଦିଆ, ଉତ୍ତର ୨୪ ପ୍ରଗଣା, ଦକ୍ଷିଣ ୨୪ ପ୍ରଗଣା, ହୁଗ୍ଲି ଏବଂ ପୂର୍ବ ବର୍ଦ୍ଧମାନ ସମେତ ୮ଟି ନିର୍ବାଚନ ଜିଲାରେ ମତଦାନ ହେବ। ଏଥିପାଇଁ ସମସ୍ତ ବୃହତ୍ ଦଳର ନେତାମାନେ ଶେଷଦିନରେ ପ୍ରଚାରକୁ ଜୋର୍‌ଦାର କରିଥିଲେ। ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୫୨ ଆସନ ପାଇଁ ମତଦାନ ହୋଇଥିଲା। ମତଦାନ ହାର ସର୍ବାଧିକ ୯୩.୧୯ ପ୍ରତିଶତ ରହିଥିଲା। ୨୯ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ପରେ ମେ' ୪ରେ ଏକସଙ୍ଗେ କେରଳମ୍, ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀର ଭୋଟଗଣନା କରାଯାଇ ଫଳାଫଳ ପ୍ରକାଶ ପାଇବ।

# ଦିନେଶ ତ୍ରିବେଦୀ ବାଂଲାଦେଶରେ ଭାରତର ଉଚ୍ଚାୟୁକ୍ତ ନିଯୁକ୍ତ



ଦିନେଶ ତ୍ରିବେଦୀ

ନୂଆଦିଲ୍ଲୀ,୨୭।୪ (ପି.ଟି.)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିନେଶ ତ୍ରିବେଦୀଙ୍କୁ ସୋମବାର ବାଂଲାଦେଶରେ ଭାରତର ପରବର୍ତ୍ତୀ ଉଚ୍ଚାୟୁକ୍ତ ନିଯୁକ୍ତ କରାଯାଇଛି। ସେ ଖୁବ୍‌ଶୀଘ୍ର ଦାୟିତ୍ୱ ନେବାକୁ ଯାଉଛନ୍ତି। ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସଜାଡ଼ିବା ପାଇଁ ଯୋଜନା ହେଉଥିବାବେଳେ ବରିଷ୍ଠ ରାଜନେତା ତ୍ରିବେଦୀଙ୍କୁ ଢାକା ପଠାଇବା ପାଇଁ ନୂଆଦିଲ୍ଲୀ ନିଷ୍ପତ୍ତି ନେଇଛି। ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟରେ ଶେଖ୍ ହାସିନା ସରକାରର ପତନ ପରେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ବାଂଲାଦେଶର ଅନ୍ତରୀଣ ସରକାର ସମୟରେ ୨ ଦେଶର ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା। ଗତ ଫେବୃଆରୀରେ ପ୍ରଧାନମନ୍ତ୍ରୀ ତାରିକ୍ ହରମାନଙ୍କ ନେତୃତ୍ୱରେ ବାଂଲାଦେଶର ନୂଆ ସରକାର ଆସିବା ପରେ ଦ୍ୱିପାକ୍ଷିକ ସମ୍ପର୍କରେ ସୁଧାର ପାଇଁ ଉଦ୍ୟମ ଆରମ୍ଭ ହୋଇଛି।

# ଭାରତ, ନ୍ୟୁଜିଲାଣ୍ଡ ମଧ୍ୟରେ ଏଫ୍‌ଟିଏ ସ୍ୱାକ୍ଷରିତ

## ନ୍ୟୁଜିଲାଣ୍ଡରେ ଭାରତୀୟ ରପ୍ତାନି ସାମଗ୍ରୀ ଶୁଳ୍କମୁକ୍ତ ହେବ

ନୂଆଦିଲ୍ଲୀ,୨୭।୪(ପି.ଟି.)

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ସୋମବାର ଏକ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ବଳରେ ନ୍ୟୁଜିଲାଣ୍ଡ ବଜାରରେ ଭାରତୀୟ ବସ୍ତ୍ର, ଚମଡ଼ା ଜୋତା, ରତ୍ନପଥର ଓ ଅଳଙ୍କାର ସମେତ ୧୦୦ ପ୍ରତିଶତ ରପ୍ତାନି ସାମଗ୍ରୀ ଶୁଳ୍କମୁକ୍ତ ହେବ। ଫଳରେ ଭାରତୀୟ ରପ୍ତାନିକାରୀମାନେ ଏହି ଚୁକ୍ତିନାମା ବଳରେ ଲାଭବାନ୍ ହେବେ। ନ୍ୟୁଜିଲାଣ୍ଡ ପାର୍ଲାମେଣ୍ଟରେ ଅନୁମୋଦନ ପରେ ଚଳିତ ବର୍ଷ ଶେଷ ସୁଦ୍ଧା ଉକ୍ତ ଚୁକ୍ତିନାମା କାର୍ଯ୍ୟକାରୀ ହେବା ଆଶା କରାଯାଉଛି। ଭାରତରେ କେନ୍ଦ୍ର କ୍ୟାବିନେଟ୍ ଏଫ୍‌ଟିଏକୁ ମଞ୍ଜୁରୀ ପ୍ରଦାନ କରିଛି।

ଏକ ବାଣିଜ୍ୟ ଚୁକ୍ତିନାମାରେ ଦ୍ୱିତୀୟ ଥର ପାଇଁ ଭାରତ ଆଗାମୀ ୧୫ ବର୍ଷ ମଧ୍ୟରେ ୨୦ ବିଲିୟନ ଆମେରିକୀୟ ଡଲାର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ(ଏଫ୍‌ଡିଆଇ) ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଭାରତ ସହ ୪ ୟୁରୋପୀୟ ରାଷ୍ଟ୍ର କରିଥିବା ଚୁକ୍ତିନାମାରେ ୧୦୦ ବିଲିୟନ ଡଲାର ଏଫ୍‌ଡିଆଇ ପ୍ରତିଶ୍ରୁତି ଦିଆଯାଇଥିଲା। ସୋମବାର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ଭାରତ ଗସ୍ତରେ ଆସିଥିବା ନ୍ୟୁଜିଲାଣ୍ଡର ବାଣିଜ୍ୟ ଓ ନିବେଶ ମନ୍ତ୍ରୀ ଟୋଡ୍ ମାକ୍‌ଲେ ମୁକ୍ତ ବାଣିଜ୍ୟ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ବଳରେ ୫ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟ ୨ ଗୁଣ ବଢ଼ି ୫ ବିଲିୟନ ଡଲାରରେ ପହଞ୍ଚିବା ଆଶା କରାଯାଉଛି। ଏହାଦ୍ୱାରା ଦେଶର କୃଷକ, ଯୁବବର୍ଗ, ମହିଳା, ଏମ୍‌ଏସ୍‌ଏମ୍‌ଇ, କାରିଗର, ଷ୍ଟାର୍ଟଅପ୍, ଛାତ୍ରୀଛାତ୍ର ଓ ନବପ୍ରବର୍ତ୍ତକମାନେ ବିଶେଷ ଲାଭବାନ ହେବେ ବୋଲି ଚୁକ୍ତିନାମା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭାରତରେ ୨୦ ବିଲିୟନ ଡଲାର ପୁଞ୍ଜିନିବେଶ ପାଇଁ ନ୍ୟୁଜିଲାଣ୍ଡ ପ୍ରତିଶ୍ରୁତି ଦେଇଥିବାରୁ ଏହା କୃଷି, ଉତ୍ପାଦନ, ନବପ୍ରବର୍ତ୍ତନ, ପ୍ରଯୁକ୍ତି ଆଦି କ୍ଷେତ୍ରରେ ଆମର ସହଯୋଗକୁ ସୁଦୃଢ଼ କରିବ ଏବଂ ଉଭୟ ଦେଶ ପାଇଁ ଏକ ସମୃଦ୍ଧ ଓ ଗତିଶୀଳ ଭବିଷ୍ୟତର ମାର୍ଗ ପ୍ରଶସ୍ତ କରିବ ବୋଲି ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି। ସେହିପରି ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲୁକ୍ସନ ଏହି ଚୁକ୍ତିକୁ ଦୀର୍ଘବର୍ଷ ପରେ ହୋଇଥିବା ଏକ ଐତିହାସିକ ରାଜିନାମା କହିବା ସହ ଏହା ଆମ ରପ୍ତାନିକାରୀଙ୍କୁ ୧୪୦ କୋଟି ଜନସଂଖ୍ୟା ଥିବା ଭାରତୀୟ ବଜାରରେ ଏବଂ ବିଶ୍ୱର ୩ୟ ବୃହତ୍ ଅର୍ଥନୀତି ହେବାକୁ ଯାଉଥିବା ଦେଶରେ ବ୍ୟବସାୟ କରିବା ପାଇଁ ଅଭୂତପୂର୍ବ ସୁଯୋଗ ପ୍ରଦାନ କରିବ ବୋଲି କହିଛନ୍ତି।

ଗତ କିଛିବର୍ଷ ମଧ୍ୟରେ ଭାରତର ଏହା ୯ମ ଚୁକ୍ତିନାମା। ୩୮ଟି ବିକଶିତ ରାଷ୍ଟ୍ର ସହ ଏହିସବୁ ଚୁକ୍ତିନାମା ହୋଇଥିବା ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ଗୋୟଲ କହିଛନ୍ତି। ଦେଶର ରପ୍ତାନି, କୃଷି ଉତ୍ପାଦନ, ଦକ୍ଷତା, ନିବେଶ ଓ ସେବାକୁ ସଶକ୍ତ କରାଇବା ଚୁକ୍ତିନାମାର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି।



ନୂଆଦିଲ୍ଲୀରେ ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ଅବସରରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସହ ନ୍ୟୁଜିଲାଣ୍ଡ ବାଣିଜ୍ୟ ଓ ନିବେଶ ମନ୍ତ୍ରୀ ଟୋଡ୍ ମାକ୍‌ଲେ।

# ଖାଦ୍ୟରେ ବିଷକ୍ରିୟା: ପରିବାରର ୪ ମୃତ

ମୁମ୍ବାଇ,୨୭।୪

ମୁମ୍ବାଇର ପାଇଧୋନି ଅଞ୍ଚଳରେ ଖାଦ୍ୟରେ ବିଷକ୍ରିୟା ଯୋଗୁ ଗୋଟିଏ ପରିବାରର ୪ ସଦସ୍ୟଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଶନିବାର ରାତିରେ ଏହି ଘଟଣା ଘଟିଛି। ମୃତକମାନେ ହେଲେ ୪୦ ବର୍ଷୀୟ ଅବଦୁଲ୍ଲା ଡୋକାଡିଆ, ତାଙ୍କ ସ୍ତ୍ରୀ ନସ୍‌ରିନ(୩୫), ଝିଅ ଐଶା (୧୬) ଏବଂ ଜୈନାବ (୧୩)। ପରିବାର ସଦସ୍ୟ ଶନିବାର ରାତି ୧୦ଟା ୩୦ ମିନିଟ୍‌ରେ ରାତ୍ରଭୋଜନରେ ବିରିଆନି ଖାଇଥିଲେ। ରାତି ୧ଟାରୁ ୧ଟା ୩୦ ମଧ୍ୟରେ ଉପରୋକ୍ତ ୪ ଜଣ ତରଭୁଜ ଖାଇଥିଲେ। ଭୋର ସମୟରେ ସେମାନଙ୍କର ଝାଡ଼ାବାନ୍ତି ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କର ମୃତ୍ୟୁ ଘଟିଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଉଛି।

# ବାଂଲାଦେଶରେ ହିନ୍ଦୁ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

ଢାକା,୨୭।୪(ପି.ଟି.)

ବାଂଲାଦେଶରେ ଏକ ହିନ୍ଦୁ ମନ୍ଦିରର ତତ୍ତ୍ୱାବଧାରକଙ୍କ ମୃତଦେହ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ମିଳିଛି। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଚଟ୍ଟୋଗ୍ରାମ ଜିଲା ଦୋହଜାରି ଅଞ୍ଚଳର ୪୦ ବର୍ଷୀୟ ନୟନ ସାଧୁ କୋକ୍ସ ବଜାର ଅନ୍ତର୍ଗତ ଖୁରୁଶକୁଲରେ ଶିବକାଳୀ ମନ୍ଦିରରେ ତତ୍ତ୍ୱାଧାରକ ତଥା ପୂଜକ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୯ ତାରିଖ ସନ୍ଧ୍ୟାରେ ତାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା।

# ଟିଏମ୍‌ସି କର୍ମୀଙ୍କ ଘରୁ ୧୦୦ ବୋମା ଜବତ

## କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ଇସି

ନୂଆଦିଲ୍ଲୀ,୨୭।୪(ପି.ଟି.)

ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଥିବା ପଶ୍ଚିମବଙ୍ଗରେ ବେଆଇନ ଭାବେ ଦେଶୀ ବୋମା ପ୍ରସ୍ତୁତିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରିବା ପାଇଁ ପୋଲିସକୁ ନିର୍ବାଚନ କମିଶନ ରବିବାର ନିର୍ଦ୍ଦେଶ ଦେଇଛନ୍ତି। ଏଭଳି କୌଣସି ବିସ୍ଫୋରକ ସହ ସମ୍ପୃକ୍ତ ମାମଲାର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦ୍ୱାରା କରାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣେ ବରିଷ୍ଠ ନିର୍ବାଚନ ଅଧିକାରୀ କହିଛନ୍ତି। ଦକ୍ଷିଣ ୨୪ ପ୍ରଗଣା ଜିଲାର ଭଙ୍ଗାର ଅଞ୍ଚଳରେ ଜଣେ ଟିଏମ୍‌ସି କର୍ମୀଙ୍କୁ ଘରୁ ପ୍ରାୟ ୧୦୦ଟି ଦେଶୀ ବୋମା ମିଳିବା ପରେ ଏଭଳି ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ରଫିକୁଲ୍ ଇସ୍‌ଲାମଙ୍କ ଘରେ ଚଢ଼ାଉ ବେଳେ ଉକ୍ତ ବୋମା ମିଳିଥିଲା। ଏପ୍ରିଲ ୨୯ରେ ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ହେବାକୁ ଥିବାବେଳେ ଏହା ପୂର୍ବରୁ ଆଇନ ଶୃଙ୍ଖଳା ପରିଚାଳନାରେ ଯେପରି କୌଣସି ତ୍ରୁଟି ନ ହୁଏ, ତାହା ସୁନିଶ୍ଚିତ କରିବାକୁ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ କହିଛନ୍ତି। ବୋମା ଜବତ ହେଲେ କିମ୍ବା ଧମକ ମିଳିଲେ, ଏଥିପାଇଁ ସମ୍ପୃକ୍ତ ଅଞ୍ଚଳର ପୋଲିସ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ନିର୍ବାଚନ କମିଶନଙ୍କ ଜଣେ ଅଧିକାରୀ କହିଛନ୍ତି।

# ଦିଲ୍ଲୀରେ ଆନ୍ତଃରାଜ୍ୟ ଡ୍ରଗ୍ସ ସିଣ୍ଡିକେଟ୍ ଠାବ

## ୫ କୋଟିର କୋକେନ୍ ଜବତ

ନୂଆଦିଲ୍ଲୀ,୨୭।୪(ପି.ଟି.)

ଦିଲ୍ଲୀ ପୋଲିସ ଏକ ବୃହତ୍ ଆନ୍ତଃରାଜ୍ୟ ନିଶା ଚୋରା କାରବାର ସିଣ୍ଡିକେଟ୍‌ର ପର୍ଦ୍ଦାଫାଶ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ୫ କେ.ଜି. ଉଚ୍ଚ ମାନର କୋକେନ୍ ଜବତ ହୋଇଛି। ଡ୍ରଗ୍ସ ଚାଲାଣ ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ପାଇ ପୋଲିସ ଗତ ୧୦ ତାରଖରେ ଗାଜିପୁରରୁ ଜଭେଦ ହୁସେନ୍ ନାମକ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ୪୫୬ ଗ୍ରାମ୍ କୋକେନ୍ ଜବତ ହୋଇଥିଲା। ଉତ୍ତରପ୍ରଦେଶର ସୋଏବ୍ ଖାନ୍ (୨୫) ଡ୍ରଗ୍ସ ଯୋଗାଣକାରୀ ବୋଲି ଜଣାପଡ଼ିଥିଲା। ଦିଲ୍ଲୀ ପୋଲିସ ସ୍ଥାନୀୟ ପୋଲିସ ସହାୟତାରେ ବରେଲିରୁ ଖାନ୍‌ଙ୍କୁ ଗିରଫ କରିଥିଲା। ଡ୍ରଗ୍ସ ନେଟ୍‌ୱର୍କ ସହ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଛି।

# ଚାଦ୍‌ରେ ପାଣି ପାଇଁ ସଂଘର୍ଷ: ୪୨ ମୃତ

ଏନ୍‌ଜାମେନା,୨୭।୪

ପୂର୍ବ ଚାଦ୍‌ରେ ଏକ ଜଳ ଉତ୍ସକୁ ନେଇ ୨ ପରିବାର ମଧ୍ୟରେ ସଂଘର୍ଷରୁ ହିଂସାକାଣ୍ଡରେ ୪୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ଦେଶର ଉପପ୍ରଧାନମନ୍ତ୍ରୀ ଲିମାନେ ମହମତ ସୁଦାନ ସୀମାବର୍ତ୍ତୀ ଓ୍ୱାଡି ଫିରା ପ୍ରଦେଶର ଇଗାଟେ ଅନ୍ତର୍ଗତ ଉକ୍ତ ଗ୍ରାମକୁ ଯାଇ ଆହତମାନଙ୍କୁ ଭେଟିଛନ୍ତି। ଆହତମାନଙ୍କୁ ପ୍ରଦେଶିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ମହମତ କହିଛନ୍ତି।

# ଦିଲ୍ଲୀ ପୋଲିସ ଗୁଳିରେ ଡେଲିଭରି ବଏ ମୃତ

ନୂଆଦିଲ୍ଲୀ,୨୭।୪

ଦକ୍ଷିଣପଶ୍ଚିମ ଦିଲ୍ଲୀର ଝାଫରପୁର କଲନ ଅଞ୍ଚଳରେ ଶନିବାର ରାତି ୨ଟା ୩୦ ମିନିଟ୍‌ରେ ଦିଲ୍ଲୀ ପୋଲିସ କନ୍‌ଷ୍ଟେବଲ୍‌ଙ୍କ ଗୁଳିମାଡ଼ରେ ଜଣେ ୨୧ ବର୍ଷୀୟ ଡେଲିଭରି ବଏଙ୍କ ମୃତ୍ୟୁ ଘଟିଛି। ମୃତକ ପାଣ୍ଡବ କୁମାରଙ୍କ ଘର ବିହାରରେ ଓ ସେ ଖାଦ୍ୟ ଡେଲିଭରି ଏଜେଣ୍ଟ ଭାବେ କାମ କରୁଥିଲେ। ତାଙ୍କ ଗାଡ଼ି ପଛ ସିଟ୍‌ରେ ବସିଥିବା ସାଙ୍ଗ କ୍ରିଷନ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

# କେନ୍ଦ୍ରୀୟ ହିମାଳୟରେ ଝୁଲନ୍ତା ହିମବାହର ବିପଦ

## କେନ୍ଦ୍ରକୁ ଏନ୍‌ଜିଟି ନୋଟିସ

ନୂଆଦିଲ୍ଲୀ,୨୭।୪

ଝୁଲନ୍ତା ହିମବାହ କେନ୍ଦ୍ରୀୟ ହିମାଳୟର ଗଢ଼ାଣିଆ ପାର୍ବତ୍ୟାଞ୍ଚଳ ପାଇଁ ବିପଦ ଭାବେ ଉଭା ହୋଇଥିବାବେଳେ ଏନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ପକ୍ଷଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ପରିବେଶକୁ ନେଇ ଏକ ଅଧ୍ୟୟନ ଉପରେ ଏକ ଖବରକାଗଜ ରିପୋର୍ଟକୁ ଏନ୍‌ଜିଟି ନିଜଆଡୁ ବିଚାର ପାଇଁ ଗ୍ରହଣ କରି ଶୁଣାଣି କରିଥିଲେ। କେନ୍ଦ୍ରୀୟ ହିମାଳୟର ଗଢ଼ାଣିଆ ଅଞ୍ଚଳ ପାଇଁ ବିପଜ୍ଜନକ ଝୁଲନ୍ତା ଗ୍ଲାସିୟର ବିପଦ ଭାବେ ଦେଖାଦେଇଛି। ଏହା ବିପର୍ଯ୍ୟୟ ସୃଷ୍ଟିକାରୀ ହିମସ୍ଖଳନ ଘଟାଇବା ସହ ଅଚାନକ ବନ୍ୟା ଆସିପାରେ ବୋଲି ଅଧ୍ୟୟନରେ ସତର୍କ କରାଯାଇଥିବାବେଳେ ଏନ୍‌ଜିଟି ଅଧ୍ୟକ୍ଷ ଜଷ୍ଟିସ୍ ପ୍ରକାଶ ଶ୍ରୀବାସ୍ତବ ଏବଂ ବିଶେଷଜ୍ଞ ସଦସ୍ୟ ଆଫ୍ରୋଜ ଅହମଦ ଏହାର ଶୁଣାଣି କରି ଗତ ୨୪ ତାରିଖରେ ନୋଟିସ ଜାରି କରିଥିଲେ। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି ଭୁବନେଶ୍ୱର ଏବଂ ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ ଅର୍ଗାନାଇଜେଶନ ଚଣ୍ଡିଗଡ଼ର ୪ ଜଣ ଗବେଷକ ଗଙ୍ଗାନଦୀର ମୁଖ୍ୟ ଉତ୍ପତ୍ତି ସ୍ଥଳ ଉତ୍ତରାଖଣ୍ଡର ଅଳକାନନ୍ଦା ଅବବାହିକାରେ ଏଭଳି ଗ୍ଲେସିୟରଗୁଡ଼ିକୁ ଆକଳନ କରିଥିବା ଖଣ୍ଡପୀଠ କହିଛନ୍ତି।



ଅମିଷା ପଟେଲ

# ଅମିଷାଙ୍କ ଅବସୋସ

ମୁମ୍ବାଇ

ବଲିଉଡରେ କଳାକାରମାନେ ଫିଲ୍ମ ସାଇନ କରିବା ଏବଂ ପରେ କୌଣସି କାରଣରୁ ତାହାକୁ ଛାଡ଼ିଦେବା ଏକ ସାଧାରଣ କଥା। କିନ୍ତୁ କିଛି ଫିଲ୍ମ ଏମିତି ଥାଏ, ଯାହାକୁ ହାତଛଡ଼ା କରିବା ପରେ ଜଣେ କଳାକାରଙ୍କୁ ସାରା ଜୀବନ ଅନୁତାପ କରିବାକୁ ପଡ଼ିଥାଏ। ଏମିତି କିଛି ଘଟିଛି ବଲିଉଡ ଅଭିନେତ୍ରୀ ଅମିଷା ପଟେଲଙ୍କ ସହ। ସଲମାନ୍ ଖାନ୍‌ଙ୍କ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଫିଲ୍ମ 'ତେରେ ନାମ୍'କୁ ନେଇ ଅମିଷା ପଟେଲ ଏକ ବଡ଼ ଖୁଲାସା କରିଛନ୍ତି। ସାଧାରଣତଃ ଆମେ ଜାଣୁ ଯେ 'ତେରେ ନାମ୍' ଫିଲ୍ମରେ ସଲମାନଙ୍କ ସହ ଭୂମିକା ଚାୱଲାଙ୍କ ଯୋଡ଼ି ଏବଂ ସେମାନଙ୍କ କେମିଷ୍ଟ୍ରିକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। କିନ୍ତୁ ଅମିଷା ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ସଲମାନ୍ ପ୍ରଥମେ ଏହି ଫିଲ୍ମ ପାଇଁ ତାଙ୍କୁ ହିଁ ନେବାକୁ ଚାହୁଁଥିଲେ। ସଲମାନ ତାଙ୍କୁ ଫିଲ୍ମର କାହାଣୀ ଏବଂ ଗୀତ ମଧ୍ୟ ଶୁଣାଇଥିଲେ।

ଅମିଷା କହିଛନ୍ତି, 'ମୁଁ ଚାହୁଁଥିଲେ ମଧ୍ୟ ଏହି ଫିଲ୍ମ କରିପାରିଲି ନାହିଁ। ଯେତେବେଳେ ସଲମାନ୍ ମୋତେ ଅଫର ଦେଲେ, ସେତେବେଳେ କେବଳ ଗୀତ ଏବଂ କାହାଣୀ ପ୍ରସ୍ତୁତ ଥିଲା। କିନ୍ତୁ ଶୁଟିଂ ତାରିଖ କିମ୍ବା ନିର୍ଦ୍ଦେଶକ କିଏ ହେବେ, ତାହା ସ୍ଥିର ହୋଇନଥିଲା। ଯେତେବେଳେ ସବୁକିଛି ଚୂଡ଼ାନ୍ତ ହେଲା ଏବଂ ସତୀଶ କୌଶିକଜୀ ନିର୍ଦ୍ଦେଶନା ଭାର ନେଲେ, ସେତେବେଳକୁ ମୁଁ ଅନ୍ୟ କିଛି ଫିଲ୍ମ ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲି।' ସେହି ସମୟରେ ତାଙ୍କ ପାଖରେ ବିଲ୍‌କୁଲ ଫ୍ରି ଡେଟ୍ସ ନଥିଲା। ଯଦି ସେହି ସମୟରେ ତାଙ୍କ ପାଖରେ ସମୟ ଥାଆନ୍ତା, ତେବେ ସେ 'ତେରେ ନାମ୍' ଭଳି ଏକ ଚମତ୍କାର ଫିଲ୍ମକୁ କେବେବି ହାତଛଡ଼ା କରିନଥାନ୍ତେ।

ଅମିଷା ଏହାକୁ ନିଜର ବଡ଼ କ୍ଷତି ଏବଂ ଦୁର୍ଭାଗ୍ୟ ବୋଲି କହିଛନ୍ତି। ସେ କହିଛନ୍ତି, 'ମୁଁ ଏହି ଫିଲ୍ମକୁ ମନା କରିଥିବାରୁ ମୋର ସବୁବେଳେ ଅବସୋସ ରହିବ। ୨୦୦୩ରେ ମୁକ୍ତିଲାଭ କରିଥିବା 'ତେରେ ନାମ୍' ତାମିଲ ଫିଲ୍ମ 'ସେତୁ'ର ରିମେକ ଥିଲା। ଏହି ଫିଲ୍ମଟି ବକ୍ସ ଅଫିସରେ ଧମାଲ କରିବା ସହ ନିଜ ବଜେଟଠାରୁ ଦୁଇଗୁଣ ଅଧିକ ଆୟ କରିଥିଲା।

## ପୁରୀ ବିମାନବନ୍ଦର ବିରୋଧରେ ମେଳି



ବ୍ରହ୍ମଗିରି ବ୍ଲକ ଗୋରୁଆଳ ପଞ୍ଚାୟତସ୍ଥିତ ବାତ୍ୟା ଆଶ୍ରୟସ୍ଥଳରେ ପୁରୀ ବିମାନବନ୍ଦରକୁ ବିରୋଧ କରି କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ଗ୍ରାମ ସଭା । (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଆମେରିକା ଅବରୋଧ ହଟାଇଲେ ହର୍ମୁଜ ଖୋଲିବୁ

## ଇରାନର ପ୍ରସ୍ତାବ

**କାଇରୋ, ୨୭।୪**

ଆମେରିକା ଅବରୋଧ ହଟାଇ ଯୁଦ୍ଧ ବନ୍ଦକଲେ, ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ମୁକ୍ତ କରିବା ପାଇଁ ଇରାନ ପ୍ରସ୍ତାବ ଦେଇଛି। ଇରାନର ଆଣବିକ କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରଶ୍ନ ଉପରେ ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋଚନା କରାଯିବ ବୋଲି ୨ ଜଣ ଆଞ୍ଚଳିକ ଅଧିକାରୀ ସୋମବାର କହିଛନ୍ତି। ଇରାନର ଏହି ପ୍ରସ୍ତାବ ସମ୍ପର୍କରେ ପାକିସ୍ତାନ ଆମେରିକାକୁ ଜଣାଇ ଦେଇଛି। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ଗ୍ରହଣ କରି ନ ପାରନ୍ତି ବୋଲି କୁହାଯାଉଛି।

ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ୍ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିଥିବାବେଳେ ୪୦ ଦିନ ପରେ ଟ୍ରମ୍ପ୍ ୨ ସପ୍ତାହ ପାଇଁ ଅସ୍ତ୍ରବିରତି ଘୋଷଣା କରିଥିଲେ। ଏହାର ସମୟସୀମା ଶେଷ ହେବା ପୂର୍ବରୁ ଦୁଇ ଦେଶ କୌଣସି ଚୁକ୍ତିନାମାରେ ପହଞ୍ଚି ନ ପାରିବାରୁ ଟ୍ରମ୍ପ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅସ୍ତ୍ରବିରତି ଅବଧି ବୃଦ୍ଧି କରିଛନ୍ତି। ତେବେ ଯେକୌଣସି ସମୟରେ ଅସ୍ତ୍ରବିରତି ଉଲ୍ଲଂଘନ ହୋଇପାରେ। ସେପଟେ ଇରାନ ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଇନ୍ଧନ ପରିବହନ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଅବରୋଧ କରି ରଖିଥିବାରୁ ଶକ୍ତି ଯୋଗାଣ କ୍ଷେତ୍ରରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି ଓ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ ଜବାବରେ ଆମେରିକା ଇରାନୀୟ ବନ୍ଦରଗୁଡ଼ିକୁ ଅବରୋଧ କରି ରଖିଛି।

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ ଯୋଗୁ ଟ୍ରମ୍ପଙ୍କ ଉପରେ ଚାପ ବଢ଼ୁଛି, କାରଣ ମଧ୍ୟବର୍ତ୍ତିକାଳୀନ ☞ପୃଷ୍ଠା-୪

## ୧୨ ଭାରତୀୟ ଥିବା ଜାହାଜ ଉପରେ ଇରାନ୍‌ର ଆକ୍ରମଣ

**ତେହରାନ୍, ୨୭।୪**

ଓମାନ ଉପକୂଳରେ ଟୋଗୋର ଏକ ରାସାୟନିକ ସାମଗ୍ରୀ ବୋଝେଇ ଜାହାଜ ଉପରେ ଇରାନୀୟ ତଟସୁରକ୍ଷା ବଳ ଆକ୍ରମଣ କରିଛି। ଉକ୍ତ ଜାହାଜରେ ୧୨ ଜଣ ଭାରତୀୟ କ୍ରିଉ ସଦସ୍ୟ ଥିଲେ। ଶିନାସ୍ ବନ୍ଦର ସୀମା ନିକଟରେ ଗତ ଶନିବାର ଏହି ଆକ୍ରମଣ ହୋଇଥିବା ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ସୋମବାର କୁହାଯାଇଛି। ଏମ୍‌ଟି ସିରୋନ୍ ନାମକ ଉକ୍ତ ☞ପୃଷ୍ଠା-୪

# କୋଟିଏ ଟଙ୍କାର ଅଳଙ୍କାର ଜବତ, ୪ ଗିରଫ

**ବାଲେଶ୍ୱର, ୨୭।୪**
**(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ସହର ଓ ଏହାର ଆଖପାଖ ଅଞ୍ଚଳରୁ ସୁନା ଓ ରୁପା ଅଳଙ୍କାର ଚୋରି କରିଥିବା ୪ଜଣଙ୍କୁ ସୋମବାର ସଦର ଥାନା ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୧୮୮ ଗ୍ରାମ୍ ସୁନା ଓ ୨୭ କେଜି ୫୦୦ ଗ୍ରାମ୍ ରୁପା ଗହଣା ସହ ନଗଦ ୪,୮୦,୪୦୦ ଟଙ୍କା, ଗୋଟିଏ ଏଲ୍‌ଇଡି ଟିଭି, ଗୋଟିଏ ଇନ୍‌ଭର୍ଟର, ଏକ ଫ୍ରିଜ୍ ଓ ବାଇକ୍ ଜବତ କରାଯାଇଛି। ଜବତ ଅଳଙ୍କାରର ମୂଲ୍ୟ କୋଟିଏ ଟଙ୍କା ହେବ ବୋଲି ସୋମବାର ସନ୍ଧ୍ୟାରେ ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ରସାଳପୁର ଛେଳିଆପଦା ଅଞ୍ଚଳର କାଳିଆ ଓରଫ ଦୀପକ ବେହେରା(୨୬) ଓ ମୂଷି ଓରଫ କାର୍ତ୍ତିକ ବେହେରା(୨୨), ସୁନ୍ଦରୀ ଗ୍ରାମର ସିପୁ ଓରଫ ସୁକାନ୍ତ ଦାସ(୪୦)



ଜବତ ସୁନା ଅଳଙ୍କାର ସହ ଏସ୍‌ପି ପ୍ରତ୍ୟୁଷ ଦିବାକର ଓ ଅନ୍ୟ ପୋଲିସ ଅଧିକାରୀ।

ଏବଂ ଟାଉନ ଥାନା ଅଧୀନ ମାଣିଖମ୍ବ ଅଞ୍ଚଳର ବିକାଶ ଚକ୍ରବର୍ତ୍ତୀ(୪୪)।

ପ୍ରକାଶ ଯେ, ଗତ ୧୪ ତାରିଖରେ ସଦର ଥାନା ଅଧୀନ ବିଦ୍ୟୁତ୍‌ନଗରର ସଚ୍ଚିନ୍ଦ୍ର ଦାସଙ୍କ ଘରେ କେହି ନ ଥିବାବେଳେ ସୁନା ଅଳଙ୍କାର ଚୋରି ହୋଇଥଲା। ଏନେଇ ସଦର ଥାନାରେ ଏକ ମାମଲା (ନଂ.୨୨୬/୨୬) ରୁଜୁ ପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିଲା। ସୋମବାର ପୋଲିସ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ମଧ୍ୟରୁ ବିକାଶ ସୁନା ଓ ରୁପା ☞ପୃଷ୍ଠା-୪

# ଭଉଣୀଙ୍କ କଙ୍କାଳ ଧରି ବ୍ୟାଙ୍କରେ ଭାଇ

## ମୃତ ଭଉଣୀଙ୍କ ଆକାଉଣ୍ଟରେ ଥିବା ଟଙ୍କା ଦେଲାନି ବ୍ୟାଙ୍କ

**ତିନିମାସ ତଳେ ମୃତ ଭଉଣୀଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇବାକୁ ବ୍ୟାଙ୍କ ଯାଇଥିଲେ ଭାଇ। ବ୍ୟାଙ୍କ କର୍ତ୍ତୃପକ୍ଷ ମୃତ ଭଉଣୀଙ୍କ ନାମରେ ଆକାଉଣ୍ଟ ଥିବାରୁ ମୃତ୍ୟୁ ପ୍ରମାଣ ପତ୍ର ଓ ଅନ୍ୟ କାଗଜପତ୍ର ଆଣିଲେ ଟଙ୍କା ମିଳିବ ବୋଲି କହିଥିଲେ। ମାତ୍ର ଅପାଠୁଆ ଭାଇ ମୃତ୍ୟୁ ପ୍ରମାଣପତ୍ର ଯୋଗାଡ ପାଇଁ ଶ୍ମଶାନରେ ପୋତା ହୋଇଥିବା ଭଉଣୀର ଶବ ବାହାର କରି କଙ୍କାଳ ଓ ଅସ୍ଥି ଧରି ଆସି ବ୍ୟାଙ୍କରେ ପହଞ୍ଚିଥିଲେ। ଏହା ଦେଖି ବ୍ୟାଙ୍କ କର୍ମଚାରୀ ଭୟଭୀତ ହେବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚରା ଉଚରା କରିବା ପରେ ସତ ସାମ୍ନାକୁ ଆସିଥିଲା। କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମଲ୍ଲିପଶି ଗ୍ରାମରେ ସୋମବାର ଏଭଳି ଘଟଣା ଘଟିଛି।**

**ପାଟଣା/କେନ୍ଦୁଝର, ୨୭।୪**
**(ବୀର କିଶୋର ଦାଶ/ ନରେଶ ଚନ୍ଦ୍ର ପଟ୍ଟନାୟକ)**



ଜିତୁ ମୁଣ୍ଡାଙ୍କୁ ପୋଲିସ ବୁଝାଶୁଝା କରୁଛି।

ମୃତ ଭଉଣୀଙ୍କ ଆକାଉଣ୍ଟରେ ଥିବା ଟଙ୍କା ଦେଲାନି ବ୍ୟାଙ୍କ। ଭଉଣୀଙ୍କ ମୃତ୍ୟୁ ପ୍ରମାଣପତ୍ର ଧରି ଆସିବାକୁ କହି ବ୍ୟାଙ୍କ କର୍ମଚାରୀ ଫେରାଇଦେଇଥିଲେ। ମାତ୍ର ଆଦିବାସୀ ବ୍ୟକ୍ତି ପ୍ରମାଣପତ୍ର କ'ଣ ବୁଝି ନ ଥିଲେ। ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ନିରାଶ ହେବାରୁ ୩ ମାସ ପୂର୍ବେ ମୃତ୍ୟୁ ଘଟିଥିବା ଭଉଣୀଙ୍କ କଙ୍କାଳ ଶ୍ମଶାନରୁ ଖୋଳି ଅଖାରେ ପୂରାଇ ବ୍ୟାଙ୍କରେ ପହଞ୍ଚିଥିଲେ। ଏଭଳି ଅଭାବନୀୟ ଘଟଣା କେନ୍ଦୁଝର ଜିଲା ପାଟଣା ଥାନା ମୂଷାଖୋରୀ ପଞ୍ଚାୟତ ମଲ୍ଲିପଶି ଗ୍ରାମରେ ଥିବା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ଘଟିଥିବା ଦେଖାଯାଇଛି।

ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତ ଡିଆନାଳି ଚଟୁରିସାହିର ଜିତୁ ମୁଣ୍ଡାଙ୍କ ଭଉଣୀ କାଲା ମୁଣ୍ଡା (୭୫)ଙ୍କ ୩ ମାସ ପୂର୍ବେ ମୃତ୍ୟୁ ଘଟିଥିଲା। ପ୍ରଥା ଅନୁଯାୟୀ କାଲାଙ୍କ ଅନ୍ତିମ ସଂସ୍କାର କରାଯାଇ ପୋତି ଦିଆଯାଇଥିଲା। ମଲ୍ଲିପଶି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ଥିବା ଭଉଣୀଙ୍କ ଆକାଉଣ୍ଟରେ ପ୍ରାୟ ୧୯, ୩୦୦ ଟଙ୍କା ଜମା ରହିଥିଲା। ଭଉଣୀଙ୍କ ମୃତ୍ୟୁ ପରେ ଜିତୁ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କକୁ ଯାଇଥିଲେ। କିନ୍ତୁ ଆକାଉଣ୍ଟଟି ତାଙ୍କ ଭଉଣୀଙ୍କ ନାମରେ ଥିବାରୁ ବ୍ୟାଙ୍କ ଅଧିକାରୀ ଟଙ୍କା ଦେବାକୁ ମନା କରିଦେଇଥିଲେ। ଭଉଣୀଙ୍କ ମୃତ୍ୟୁର ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ କାଗଜପତ୍ର ସଂଗ୍ରହ କରିବାକୁ କହିଥିଲେ। ଜିତୁ ଅଶିକ୍ଷିତ ଥିବାରୁ ମୃତ୍ୟୁ ପ୍ରମାଣପତ୍ର ☞ପୃଷ୍ଠା-୪

# ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

**ଭୁବନେଶ୍ୱର, ୨୭।୪(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାରର ଶେଷଦିନରେ ବନଗାଁଓ ଲୋକ ସଭା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିଛନ୍ତି। ସେ ଏହି ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଗେଡା ବିଧାନସଭା କ୍ଷେତ୍ରରେ ସାଧାରଣ ସଭାରେ ଯୋଗଦେଇ ନିଜର ଅଭିଭାଷଣ ରଖିଛନ୍ତି। ଏହାସହ ଏକ ନିର୍ବାଚନୀ ରାଲିରେ ମଧ୍ୟ ସାମିଲ ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ତୃଣମୂଳ କଂଗ୍ରେସ ସରକାରକୁ ଟାର୍ଗେଟ କରିବା ସହିତ ଏଥର ସାଧାରଣ ଲୋକମାନେ ସରକାର ପରିବର୍ତ୍ତନ କରି ଭାଜପାକୁ ଶାସନ କ୍ଷମତାକୁ ଆଣିବାକୁ ☞ପୃଷ୍ଠା-୪



ପଶ୍ଚିମବଙ୍ଗ ବାଗେଡା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ବାଚନ ପ୍ରଚାର କରୁଛନ୍ତି।

# ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଲାଗି ବାଚସ୍ପତିଙ୍କୁ ଲିଖିତ ଜଣାଇଲା ବିଜେଡି

**ଭୁବନେଶ୍ୱର, ୨୭।୪(ସୁନିତ୍ ମିଶ୍ର)**

ଗତ ରାଜ୍ୟ ସଭା ନିର୍ବାଚନରେ ଦଳ ବିପକ୍ଷରେ ଭୋଟ୍ ଦେଇଥିବା ୮ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ସୁବାସିନୀ ଜେନା, ରମାକାନ୍ତ ଭୋଇ, ନବ କିଶୋର ମଲ୍ଲିକ, ଚକ୍ରମଣି କହଁର, ସନାତନ ମହାକୁଡ ଏବଂ ଅରବିନ୍ଦ ମହାପାତ୍ରଙ୍କ ସଭ୍ୟପଦ ରଦ୍ଦ କରିବାକୁ ବିଜେଡି ପକ୍ଷରୁ ସୋମବାର ଦାବି କରାଯାଇଛି। ବିଜେଡି ବିଧାୟକମାନେ ମିଳିତ ଭାବେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି ଲିଖିତ ଭାବେ ୮ ବିଧାୟକଙ୍କ ସଭ୍ୟପଦ ସମ୍ବିଧାନର ଅନୁଚ୍ଛେଦ ୧୦ ଅନୁଯାୟୀ ରଦ୍ଦ କରିବାକୁ ଜଣାଇଛନ୍ତି। ଉକ୍ତ ୮ ବିଧାୟକ ବର୍ତ୍ତମାନ ଦଳରେ ନିଲମ୍ବିତ ହୋଇ ରହିଛନ୍ତି। ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ସନାତନ ଏବଂ ଅରବିନ୍ଦ ଦଳ ବିରୋଧୀ କାର୍ଯ୍ୟ ଲାଗି ନିଲମ୍ବିତ ହୋଇଥିଲେ। ଏହାପରେ ସେମାନଙ୍କ ସମେତ ଅନ୍ୟ ୬ ଜଣ ରାଜ୍ୟ ସଭା ନିର୍ବାଚନରେ ଭୋଟ୍ କ୍ରସ୍ କରି ନିଲମ୍ବିତ ହୋଇଥିଲେ। ଏହି ସମସ୍ତ ବିଧାୟକ ଦଳ ବିରୋଧରେ ବିଭିନ୍ନ ସ୍ଥାନରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବା ସହିତ ଅନ୍ୟାନ୍ୟ ଦଳ ବିରୋଧୀ କାର୍ଯ୍ୟ କରିଥିବା ନେଇ ବାଚସ୍ପତିଙ୍କ ନିକଟରେ ବିଜେଡି କହିଛି। ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସର ୩ ଜଣ ବିଧାୟକ ସୋଫିଆ ଫିର୍ଦ୍ଦୋସ, ରମେଶ ଜେନା ଏବଂ ଦାଶରଥି ଗମାଙ୍ଗ କ୍ରସ୍ ଭୋଟିଂ କରିବା ସହିତ ଦଳରୁ ନିଲମ୍ବିତ ହୋଇଛନ୍ତି। ରାଜ୍ୟ ☞ପୃଷ୍ଠା-୪

# ୨୦୮୫ ବେଳକୁ ଏକ-ତୃତୀୟାଂଶ ଜୀବଜଗତ ଚରମ ପାଣିପାଗ ସଙ୍କଟର ସମ୍ମୁଖୀନ ହୋଇପାରେ

**ନୂଆଦିଲ୍ଲୀ, ୨୭।୪(ପି.ଟି.)**

ବିଶ୍ୱ ତାପନ ଜାରି ରହିଲେ ୨୦୮୫ ବେଳକୁ ଜୀବଜଗତର ଏକ-ତୃତୀୟାଂଶ ଅତ୍ୟଧିକ ଚରମ ପାଣିପାଗ ସଙ୍କଟର ସମ୍ମୁଖୀନ ହୋଇପାରେ ବୋଲି ଏକ ନୂତନ ଅଧ୍ୟୟନରେ କୁହାଯାଇଛି। ନେଚର ଇକୋଲୋଜି ଆଣ୍ଡ ଇଭଲ୍ୟୁଶନ ନାମକ ପତ୍ରିକାରେ ଉକ୍ତ ଅଧ୍ୟୟନ ପ୍ରକାଶ ପାଇଛି। ତେବେ ନିର୍ଗମନକୁ ଦ୍ରୁତ ବେଗରେ ନେଟ୍ ଜିରୋ ସ୍ତରକୁ କମାଇବା ଦ୍ୱାରା ଏହି ପ୍ରଭାବଗୁଡ଼ିକୁ ଅନେକାଂଶରେ ହ୍ରାସ କରାଯାଇପାରିବ ବୋଲି ଅଧ୍ୟୟନରେ କୁହାଯାଇଛି।

ଜର୍ମାନୀର ପୋଟ୍ସଡାମ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚର ଗବେଷକମାନଙ୍କ ନେତୃତ୍ୱରେ ଏହି ଅଧ୍ୟୟନ କରାଯାଇଛି। ଗବେଷକମାନେ ଜଳବାୟୁ ପୂର୍ବାନୁମାନ ଏବଂ ପ୍ରଜାତିଗୁଡ଼ିକର ତଥ୍ୟ ଅନୁଧ୍ୟାନ କରିଛନ୍ତି। ସେମାନେ ଜାଣିବାକୁ ପାଇଛନ୍ତି, ଯଦି ଶତାବ୍ଦୀର ଶେଷଭାଗ ଆଡ଼କୁ ତାପମାତ୍ରା କମିବାକୁ ଆରମ୍ଭ କରେ, ତେବେ ସ୍ଥଳଭାଗରେ ରହୁଥିବା ପ୍ରାଣୀ ବାସସ୍ଥାନର ମାତ୍ର ୯ ପ୍ରତିଶତ ୨୦୮୫ ବେଳକୁ ଚରମ ଜଳବାୟୁ ସଙ୍କଟର ସମ୍ମୁଖୀନ ହୋଇପାରେ ବୋଲି ଆଶା କରାଯାଉଛି। ଗବେଷଣାର ନେତୃତ୍ୱ ନେଉଥିବା ଷ୍ଟିଭାଡ଼ି ହେଇନିକ୍ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ବିଶେଷ କରି ଚରମ ପାଣିପାଗ (ଅତ୍ୟଧିକ ବନ୍ୟା, ମରୁଡ଼ି, ଗ୍ରୀଷ୍ମପ୍ରବାହ ଇତ୍ୟାଦି) ସଂରକ୍ଷଣ ଯୋଜନାରେ ଏବେ ବି ଅବହେଳା ହେଉଛି। ଏହା କେବଳ ବହୁ ବର୍ଷ ଧରି ତାପମାତ୍ରା କ୍ରମାଗତ ପରିବର୍ତ୍ତନ ନୁହେଁ। ବିଭିନ୍ନ ଚରମ ପାଣିପାଗର ମିଳିତ ପ୍ରଭାବ ଜୈବ ବିବିଧତା ପ୍ରତି ମିଳିତ ବିପଦ ସୃଷ୍ଟି କରିପାରେ ବୋଲି ସେ କହିଛନ୍ତି।

15001/28/2627



ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୮ ଅପ୍ରେଲ ୨୦୨୬
ସକାଳ ୮ ଘଟିକା – ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ଜୟଦେବ ଭବନ, ଭୁବନେଶ୍ୱର
ଅପରାହ୍ନ ୫ ଘଟିକା । କବିତା ପାଠୋତ୍ସବ
ନିମନ୍ତ୍ରିତ କବିଙ୍କ ଦ୍ୱାରା ସ୍ୱରଚିତ ଦେଶାତ୍ମବୋଧକ କବିତା ଆବୃତ୍ତି
ସନ୍ଧ୍ୟା ୬ ଘଟିକା ସାଧାରଣ ସଭା
– ମୁଖ୍ୟ ଅତିଥି –
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
– ସମ୍ମାନନୀୟ ଅତିଥି –
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର– ଭୁବନେଶ୍ୱର
ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ
ବିଧାୟକ, ମାହାଙ୍ଗା
– ସମ୍ମାନନୀୟ ବକ୍ତା–
ଡଃ ସଂଗ୍ରାମ କେଶରୀ ରାଉତ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/26-27/0028

# ଆଜି କ'ଣ କେଉଁଠି

## ବାଲେଶ୍ୱର

- ସ୍ୱାଭିମାନ ଦିବସ ଶୋଭାଯାତ୍ରା, ସ୍ଥାନ: ପୋଡାଡିହା ମହୋତ୍ସବ ପଡିଆ, ରୂପସା, ସମୟ: ସକାଳ ୭ଟା ୩୦।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୂଣ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ: ପୁରୁଣା କୋର୍ଟ ପରିସର, ଜଳେଶ୍ୱର, ସମୟ: ସକାଳ ୮ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ପରମିଟ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସ୍ୱାଭିମାନ ଦିବସ ସମାରୋହ, ସ୍ଥାନ: ନୂଆସାହି ବିଟ୍‌ସ କଲେଜ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।
- ବିଶାଳ ମହିଳା ଜନ ଆକ୍ରୋଶ ସମାବେଶ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ମଧୁବାବୁଙ୍କ ଜୟନ୍ତୀ ସମାରୋହ ଓ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଷ୍ଟେଶନ କ୍ଲବ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଖବରଦାତା ସମ୍ମିଳନୀ, ସ୍ଥାନ ହୋଟେଲ ସ୍ନେହା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ମହାବୀରଙ୍କ ବାର୍ଷିକ ଉତ୍ସବ ଓ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ସରତରପୁର, ପଦ୍ମପୁର, ମିଶ୍ରପୁର, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ମହାବୀରଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଅଯୋଧ୍ୟା, ରଘୁପୁର, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ବୈଶାଖୀ ମେଳାର ୩ୟ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ : ମଧୁସୂଦନ ଛକ, ବଡ଼ବିଲ, ସମୟ: ସକାଳ ୮ଟା।
- ଆଇନଜୀବୀ ଦିବସ ପାଳନ, ସ୍ଥାନ : ବଡ଼ବିଲ ଜେଏମ୍ଏଫ୍‌ସି କୋର୍ଟ, ବଡ଼ବିଲ, ସମୟ: ସକାଳ ୮ଟା ୩୦।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ, କେନ୍ଦୁଝର, ସମୟ: ସକାଳ ୯ଟା ୩୦।
- ବାସୁଦେବପୁରସ୍ଥିତ ୪୦୦/୨୨୦ କେଭି ଗ୍ରୀଡ୍ ସବ ଷ୍ଟେଶନକୁ ଉପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ, ସ୍ଥାନ: ଯୋଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉଚ୍ଚ କ୍ଷମତା ସମ୍ପନ୍ନ ଗ୍ରୀ ସବ୍‌ଷ୍ଟେସନର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଯୋଡ଼ା ବ୍ଲକ୍ ଉଚ୍ଚବାଲି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଏନକେ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ଚମ୍ପୁଆ ବ୍ଲକ୍ ପୁରୁଷୋତ୍ତମପୁର, ସମୟ : ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଗୋପବନ୍ଧୁ ନଗର ପ୍ରେସ କ୍ଲବ୍ ପକ୍ଷରୁ ଉତ୍କଳ ଗୌରବ ମଧୁ ବାବୁଙ୍କ ଜୟନ୍ତୀ ପାଳନ,ସ୍ଥାନ:ପୁରୁଣା ବାରିପଦା ପଞ୍ଚାୟତ କାର୍ଯ୍ୟାଳୟ ସମିଳନୀ କକ୍ଷ, ଗୋପବନ୍ଧୁ ନଗର, ସମୟ:ସକାଳ ୯ଟା।
- ଆମେ-୮୦ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ୍ ବାରିପଦା, ପୂର୍ବାହ୍ନ ୧୦ଟା।
- ବାରିପଦା ଏକ୍ସପୋ ମେଳା, ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ମଧୁସୂଦନ ଦାସଙ୍କ ଜୟନ୍ତୀ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୫ ଟା ୩୦।
- ଅନ୍ୱେଷା କଳାକେନ୍ଦ୍ର ପକ୍ଷରୁ ମଧୁସୂଦନ ଜୟନ୍ତୀ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା।

## କନ୍ଧମାଳ

- ୧୦୦ ଫୁଟ ଜାତୀୟ ପତାକା ଉଦ୍‌ଘାଟନ, ସ୍ଥାନ: ଗୋପବନ୍ଧୁ ଛକ, ସମୟ: ସକାଳ ୮ ଟା।
- ନୂତନ ଓସୱାନ ସଭାଗୃହ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ବ୍ଲକ ଅଫିସ ସାମ୍ନାରେ ମାର୍କେଟ କମ୍ପ୍ଲେକ୍ସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଫୁଲବାଣୀ, ସମୟ: ସକାଳ ୮ ଟା।
- ଷ୍ଟାଡିୟମ ନିକଟରେ ନୂତନ ମ୍ୟୁନିସିପାଲିଟି କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଫୁଲବାଣୀ, ସମୟ: ସକାଳ ୮ ଟା ରୁ ୯ ଟା।

## ଢେଙ୍କାନାଳ

- ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ, ସ୍ଥାନ: ଢେଙ୍କାନାଳ ଜିଲା ଓକିଲ ସଂଘ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ହାକଥନ, ସ୍ଥାନ: କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲ, ସମୟ: ସକାଳ ୯ଟା।

## ଅନୁଗୋଳ

- ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ତରଫରୁ ଦହି ସର୍ବତ ବଣ୍ଟନ, ସ୍ଥାନ: ଆଠମଲ୍ଲିକ ଦୁର୍ଗାବଜାର, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ପାରାଦୀପ ବାର୍ ଆସୋସିଏସଶନ ଓ ପୌରପାଳିକାର ମିଳିତ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ଦୋଛକି, ପାରାଦୀପ, ସମୟ: ସକାଳ ୮ଟା ୩୦।
- ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ଷଣ୍ଢକୁଦ, ପାରାଦୀପ,ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମପଡା ଶିବ ମନ୍ଦିର ବାର୍ଷିକ ଉତ୍ସବ ଉପଲକ୍ଷେ ରାଧାକୃଷ୍ଣ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମପଡା, ଅଠରବାଙ୍କୀ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଜାତୀୟ ନାଟ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଶ୍ରୀ ବାସୁଦେବଙ୍କ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ, ସ୍ଥାନ: ବେଣାଜୋରୀ ବଟ, ଭରତପୁର, କେନ୍ଦ୍ରାପଡା, ସମୟ: ସକାଳ ୬ଟା।
- ଶ୍ରୀ ହନୁମାନଜୀଉଙ୍କ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ଗଜେନ୍ଦ୍ରପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୬ଟା, ସ୍ଥାନ: ଶାଳିଅଞ୍ଜ, ଆଳି, ସମୟ: ସକାଳ ୮ଟା ।
- ପବିତ୍ର ସୀତା ନବମୀ ଉପଲକ୍ଷେ ଶ୍ରୀରାମଚରିତ ମାନସ ଓ ତ୍ରିଜିତ ଦାସଙ୍କ ପ୍ରବଚନ, ସ୍ଥାନ: ମହୀପାଳ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୫ଟା ।

## ସମ୍ବଲପୁର

- ସାଓଲିନ କୁଂଫୁ ଉସୁ ଆସୋସିଏଶନ ପକ୍ଷରୁ ମାଗଣା ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିନାଖଣ୍ଡିସ୍ଥିତ ଜିଲା କୁଡୋ ହଲ, ସମୟ: ସକାଳ ୬ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ସମ୍ଭାଗ ଆୟୋଜିତ ସମ୍ଭାଗସ୍ତରୀୟ ବାସ୍କେଟବଲ କ୍ରୀଡା ଉତ୍ସବ, ସ୍ଥାନ: ବରେଇପାଲି ଶିଳ୍ପାଞ୍ଚଳସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଖେଳ ପଡିଆ, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ପୋଲିସ ସନ୍ତରଣ ଓ କ୍ରସ୍‌କଣ୍ଟ୍ରି ପ୍ରତିଯୋଗିତା, ସ୍ଥାନ: ଡାକ୍ତର ଝସକେତନ ସାହୁ ସନ୍ତରଣାଗାର, ସମୟ: ସକାଳ ୭ଟା।
- କେନ୍ଦ୍ରୀୟ ହିନ୍ଦି ନିର୍ଦ୍ଦେଶାଳୟ ଆୟୋଜିତ ହିନ୍ଦି ନୂତନ ଲେଖକ ଶିବିର, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ ଟା।
- ସ୍ୱୀକାର ପକ୍ଷରୁ ବିଶିଷ୍ଟ ସଞ୍ଚାର କଳାକାର ଦୁଃଖନାଶନ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ମଧୁବାବୁ ଜୟନ୍ତୀ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, କଦମପଡା, ବଲାଙ୍ଗୀର, ସମୟ: ସକାଳ ୭ଟା ୧୫।
- ବଲାଙ୍ଗୀର ଓକିଲ ସଂଘ ପକ୍ଷରୁ ଲୟର୍ସ ଡେ' ପାଳନ, ସ୍ଥାନ: ସିଭିଲ କୋର୍ଟ ବାର ହଲ୍ ବଲାଙ୍ଗୀର, ସମୟ: ସକାଳ ୯ଟା ୩୦ ।

## ରାଉରକେଲା

- ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ୯ମ ଦିବସରେ ଭଜନ ସନ୍ଧ୍ୟା, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାର ୨ୟ ଦିବସ, ସ୍ଥାନ: ସେକ୍ଟର-୧୩ ମେଲଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ ଗୌରବ ମଧୁସୂଦନ ଦାସ ଓ ପାରଳା ମହାରାଜା ଜୟନ୍ତୀ, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଗତି ଉତ୍କଳସଂଘ ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା ୪୫।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ଜିଲା ଓକିଲ ସଂଘ ତରଫରୁ ଆଇନଜୀବୀ ଦିବସ, ସ୍ଥାନ: ବିକାଶ ଭବନ, ସୁନ୍ଦରଗଡ଼, ସମୟ: ସକାଳ ୯ଟା।

## ବରଗଡ଼

- ବୈଶାଖ ମେଳା,ସ୍ଥାନ: ନୃସିଂହନାଥ, ପାଇକମାଳ,ସମୟ: ସକାଳ ୭ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜିଲା ଓକିଲ ସଂଘ, ବରଗଡ଼,ସମୟ: ସକାଳ ୭ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ:ଚାନ୍ଦିନୀ ଛକ, ଝାରବନ୍ଧ, ସମୟ: ଅପରାହ୍ନ ୧ଟା।
- ପଞ୍ଚ ଦିନାତ୍ମକ ଶିବ ପୁରାଣ ପାରାୟଣ ଅବସରରେ କଳସ ଅଧିବାସ, ସ୍ଥାନ: ସରଣ୍ଡା ବିଶ୍ୱେଶ୍ୱର ବାବା ଶିବ ମନ୍ଦିର ପ୍ରାଙ୍ଗଣ, ସରଣ୍ଡା, ସମୟ: ଅପରାହ୍ନ ୩ଟା।
- ବିଷ୍ଣୁଙ୍କର ଦଶଅବତାର ପ୍ରସଙ୍ଗ, ସ୍ଥାନ: ସରଣ୍ଡା ବିଶ୍ୱେଶ୍ୱର ବାବା ଶିବ ମନ୍ଦିର ପ୍ରାଙ୍ଗଣ, ସରଣ୍ଡା, ଅପରାହ୍ନ ୪ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରମୁଖ ଜନସଂଗୋଷ୍ଠି ସ୍ଥାନ:ରାଜାଜୀ ଟାଉନହଲ, ପଦ୍ମପୁର, ସମୟ:ଅପରାହ୍ନ ୫ଟା।

## କଳାହାଣ୍ଡି

- ଚନ୍ଦନ ଯାତ୍ରା ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିର, ସମୟ: ସକାଳ ୯ଟା।
- ରାଜସ୍ୱ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ତୁର୍କେଲ ବ୍ରିଜ୍ ନିର୍ମାଣ ଦାବିରେ କଂଗ୍ରେସର ଗଣ ଧାରଣା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ରାତ୍ରିକାଳୀନ ଫୁଟବଲ ଟୁର୍ନାମେଣ୍ଟ ଶୁଭାରମ୍ଭ, ସ୍ଥାନ: କରଞ୍ଜକଟା ଖେଳପଡ଼ିଆ, ହରଭଙ୍ଗା, ସମୟ: ସନ୍ଧ୍ୟା ୬ଟା।
- ଚନ୍ଦନଯାତ୍ରା ଉତ୍ସବ ତୃତୀୟ ଦିନ, ସ୍ଥାନ: ସାଲକଟା ଗ୍ରାମ, ହରଭଙ୍ଗା ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବୀରମହାରାଜପୁର ଓକିଲ ସଂଘଠାରେ ଲୟରସ ଡେ, ସ୍ଥାନ: ବୀରମହାରାଜପୁର ଓକିଲ ସଂଘ କାର୍ଯ୍ୟାଳୟ, ସମୟ: ସକାଳ ୯ ଟା।
- ସୁବର୍ଣ୍ଣପୁର ର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଶ୍ରୀଶ୍ରୀ ବିରାଟ ପର୍ବ ଚନ୍ଦନ ଯାତ୍ରା ମହୋତ୍ସବ ପୂର୍ଣ୍ଣାହୁତି ଓ ଘଟ ବିସର୍ଜନ, ସ୍ଥାନ: କୋମନା ବ୍ଲକ ଗଣ୍ଡାମେର ପଞ୍ଚାୟତ ଦାନୋଝଲା ଗାଁ, ସମୟ: ସକାଳ ୯ଟା।
- ଜିଲା ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳନ, ସ୍ଥାନ: ଜିଲା ବାର୍ ଆସୋସିଏଶନ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଅଖଣ୍ଡ ଷୋହଳ ପ୍ରହର ମହାମନ୍ତ୍ର ନାମଯଜ୍ଞ ପୂର୍ଣ୍ଣାହୁତି ଓ ନଗର ପରିକ୍ରମା, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସୋନପୁର (ଭାନପୁର), ସମୟ: ଅପରାହ୍ନ ୧ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ଖଡିଆଳ ବ୍ଲକ ରାଣୀମୁଣ୍ଡା, ସମୟ: ଅପରାହ୍ନ ୩ଟା ୩୦ ।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ଖଡିଆଳ ବ୍ଲକ ଅରେଡା ପଞ୍ଚାୟତ ଚନ୍ଦୁଟମାଲ ଗାଁ, ସମୟ: ଅପରାହ୍ନ ୩ଟା ।
- ସିଭିଲ ବାର୍ ଆସୋସିଏଶନ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳନ, ସ୍ଥାନ: ଖୁଣ୍ଟିଆ ସମ୍ମିଳନୀ କକ୍ଷ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଝାରସୁଗୁଡ଼ା

- ହନୁମାନ ଚାଳିଶା ପାଠ ଓ ପଞ୍ଚ ଉପଚାର ପୂଜା, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ଝାରସୁଗୁଡ଼ା ବିଟିଏମ୍ ପଡିଆ, ସମୟ: ସକାଳ ୮ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତାଳ ଗଛ ଛାଇ ନୁହଁଇ ଚିର,**
**ଆପଣାର ଦୁଃଖ ନ ଜାଣେ ପର**
**କଥାକୁ ବାରନ୍ତେ ସକଳେ**
**କାର୍ଯ୍ୟ ଥିବା ଯାଏ ସକଳେ ଡାକନ୍ତି**
**କେହି ନ ପଚାରେ ଆକୁଳେ।**

ନିଜ ଦୁଃଖକୁ ଅନ୍ୟ କେହି ସହଜରେ ଅନୁଭବ କରିପାରନ୍ତି ନାହିଁ। ବରଂ ସେଥିପ୍ରତି ଭିନ୍ନ ଭିନ୍ନ ଟିପ୍ପଣୀ ବା ମନ୍ତବ୍ୟ ଦେଇଥାନ୍ତି। ସେହିପରି କାମ ପଡ଼ିଲେ ସମସ୍ତେ ଅନ୍ୟକୁ ଖୋଜିଥାନ୍ତି ଅଥଚ କାମ ନ ଥିଲେ କାହାରି କାହା ପ୍ରତି ବ୍ୟାକୁଳତା ପ୍ରକାଶ ପାଇ ନଥାଏ ବୋଲି ଏଠାରେ ସୂଚିତ କରାଯାଇଛି।

**ତୋ ଭାଇ ଗଡଗଡ଼ା ଥିଲା,**
**କଡେ କଉଡ଼ି ହାତରେ ନ ଦେଇ**
**ବଳେ ଛାଡ଼ି ଦେଇ ଗଲା।**

ଯୌତୁକ ଏକ ସାମାଜିକ ବ୍ୟାଧି ଯାହା ଆଜି ବି ସମାଜରେ ପ୍ରଚଳିତ। ବିବାହ ସମୟରେ କନ୍ୟା ଯୌତୁକ ନ ଆଣିଲେ ଶାଶୁଘରର ଅନେକ କଟୁ କଥା ଶୁଣିଥାଏ। ବେଳେବେଳେ ଯୌତୁକଲୋଭୀ ବ୍ୟକ୍ତିମାନେ କନ୍ୟା ପରିବାର ପ୍ରତି ଅଶାଳୀନ ବ୍ୟବହାର ଦେଖାଉଥିବା ଲକ୍ଷ୍ୟ କରାଯାଇଥାଏ। କନ୍ୟା ଭାଇର ଦାରିଦ୍ର୍ୟ ପ୍ରତି ଶାଶୁଘର ଲୋକେ ଖୁଣ୍ଟା ଦେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ସୋମବାର ଅପରାହ୍ଣ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅବଶିଷ୍ଟାଂଶ

### ୪ରୁ ୧୦ ଓଜେଇଇ...

ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ (୧ ଘଣ୍ଟା) ଓ ଏମ୍‌ଏସ୍‌ସି ନର୍ସିଂ, ଦ୍ୱିତୀୟ ଓ ତୃତୀୟ ସିଫ୍ଟରେ ଏମ୍‌ବିଏ ପରୀକ୍ଷା ରହିଛି। ୮ ତାରିଖ ସମସ୍ତ ସିଫ୍ଟରେ ଏଲ୍‌ଇ. ଟେକ୍(ଡିପ୍ଲୋମା) ପରୀକ୍ଷା ଥିବାବେଳେ ୯ ତାରିଖ ପ୍ରଥମ ସିଫ୍ଟରେ ଏଲ୍‌ଇ. ଟେକ୍(ଡିପ୍ଲୋମା), ଦ୍ୱିତୀୟ ସିଫ୍ଟରେ ଏମ୍‌ସିଏ/ଏମ୍‌ଏସ୍‌ସି(କମ୍ପ୍ୟୁଟର ସାଇନ୍ସ), ତୃତୀୟ ସିଫ୍ଟରେ ଏମ୍‌ସିଏ/ପୋଷ୍ଟ ବେସିକ ସାଇନ୍ସ ନର୍ସିଂ ପରୀକ୍ଷା ରହିଛି। ୧୦ ତାରିଖ ପ୍ରଥମ ସିଫ୍ଟରେ ଏମ୍. ଫାର୍ମ (୧ ଘଣ୍ଟା)/ ଏମ୍.ଆର୍କ/ଏମ୍. ପ୍ଲାନ୍ ଆଣ୍ଡ୍ ଏମ୍.ଟେକ୍ (୧୧ ପ୍ରୋଗ୍ରାମ) ଓ ଏଲ୍. ଟେକ୍ ବିଏସ୍‌ସି (୧ ଘଣ୍ଟା) ଓ ଦ୍ୱିତୀୟ ସିଫ୍ଟରେ ବି.କ୍ୟାଟ୍ ଓ ଏଲ୍.ଫାର୍ମ(୧ ଘଣ୍ଟା)/ପୋଷ୍ଟ ବେସିକ୍ ଡିପ୍ଲୋମା ନର୍ସ ପରୀକ୍ଷା ରହିଛି। କମ୍ପ୍ୟୁଟର୍ ଆଧାରିତ ପରୀକ୍ଷା (ସିବିଟି) ହେବ ବୋଲି ଓଜେଇଇ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

### କୋଟିଏ ଟଙ୍କାର...

ଅଳଙ୍କାର କିଣିଥିବା ଜୁଏଲେରି ମାଲିକ ବୋଲି ଏସ୍‌ପି କହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ନାମରେ ସହଦେବଖୁଣ୍ଟା, ଟାଉନ, ସଦର ଓ ଶିଳ୍ପାଞ୍ଚଳ ଥାନାରେ ୧୬ଟି ଚୋରି ମାମଲା ରହିଛି। ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସମେତ ପ୍ରବେଶନ ଆଇପିଏସ୍ ମଞ୍ଜୁସା ବି ଜଜ, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ ଉପସ୍ଥିତ ଥିଲେ।

### ଆମେରିକା ଅବରୋଧ...

ନିର୍ବାଚନ ପୂର୍ବରୁ ତୈଳ ଓ ଗ୍ୟାସୋଲିନ୍ ଦର ଅତ୍ୟଧିକ ବୃଦ୍ଧି ପାଇଛି। ଏଥିସହ ଆମେରିକାର ଉପସାଗରୀୟ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଉପରେ ମଧ ଚାପ ପଡ଼ିଛି। କାରଣ ସେମାନେ ତୈଳ ଓ ଗ୍ୟାସ୍ ରପ୍ତାନି ପାଇଁ ଉକ୍ତ ସାମୁଦ୍ରିକ ପଥକୁ ବ୍ୟବହାର କରୁଥିଲେ। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ ଯୋଗୁ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଛି। ସାର, ଖାଦ୍ୟ ଓ ଅନ୍ୟାନ୍ୟ ମୌଳିକ ସାମଗ୍ରୀ ଦର ବୃଦ୍ଧି ପାଇଛି। ଏହି ପ୍ରସ୍ତାବ ଇରାନର ପରମାଣୁ କାର୍ଯ୍ୟକ୍ରମ ଆଲୋଚନାକୁ ଘୁଞ୍ଚାଇଦେବ। ଅନ୍ୟପକ୍ଷରେ ଟ୍ରମ୍ପ କହିଛନ୍ତି, ଇରାନ ସହ ଯୁଦ୍ଧକୁ ଓହ୍ଲାଇବାର ମୁଖ୍ୟ କାରଣ ହେଉଛି, ଏହାକୁ ପରମାଣୁ ବୋମା ତିଆରିରୁ ରୋକିବା। ଉପରୋକ୍ତ ପ୍ରସ୍ତାବ ସମ୍ପର୍କରେ ଇରାନ ଓ ପାକିସ୍ତାନର ଅଧିକାରୀମାନଙ୍କ ମଧ୍ୟରେ ଏକ ରୁଦ୍ଧଦ୍ୱାର ବୈଠକରେ ଆଲୋଚନା ହୋଇଥିବା ୨ ଅଧିକାରୀ ନାମ ପ୍ରକାଶ ନ କରିବା ସର୍ତ୍ତରେ ସୂଚନା ଦେଇଛନ୍ତି। ଆମେରିକା ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ସଫଳତାର ସହ ଆରମ୍ଭ କରିବାକୁ ଚାହୁଁଥିଲେ ଏଥିପାଇଁ ତେହେରାନ୍‌ର ପ୍ରଥମ ପ୍ରସ୍ତାବ ହେଲା ଇରାନ ଏବଂ ଲେବାନନ୍ ବିରୋଧରେ ଚାଲିଥିବା ଯୁଦ୍ଧ ସମ୍ପୂର୍ଣ୍ଣବନ୍ଦ କରାଯିବା ସହ ଭବିଷ୍ୟତରେ ନ ହେବା ପାଇଁ ଗ୍ୟାରେଣ୍ଟି ଦେଉ। ଏଥିରେ ଆମେରିକା ରାଜି ହେଲେ ଦ୍ୱିତୀୟ ପର୍ଯ୍ୟାୟରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ର ପରିଚାଳନା ଓ ପ୍ରଶାସନକୁ ନେଇ ଆଲୋଚନା ହେବ। ଏହି ୨ ପର୍ଯ୍ୟାୟ ପରେ ଇରାନ ଆଣବିକ ପ୍ରସଙ୍ଗରେ ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି କହିଛି।

ସୂଚନାଯୋଗ୍ୟ, ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଇରାନ ବୈଦେଶିକ ବ୍ୟାପାର ମନ୍ତ୍ରୀ ଅବ୍ବାସ ଆରାଘଚି ନିକଟରେ ଇସ୍‌ଲାମାବାଦ ଆସିଥିଲେ ମଧ ଟ୍ରମ୍ପ ତାଙ୍କ ପ୍ରତିନିଧିଙ୍କୁ ନ ପଠାଇବାରୁ ସେ ଫେରିଯାଇଥିଲେ। ଆରାଘଚି ଇତିମଧ୍ୟରେ ଓମାନ ଗସ୍ତ କରିବା ସହ ସୋମବାର ରୁଷିଆ ଯାଇଛନ୍ତି। ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ବନ୍ଦ ଲାଗି ଓମାନ ଅନ୍ୟତମ ମଧ୍ୟସ୍ଥ ଭାବେ କାର୍ଯ୍ୟ କରୁଥିବାବେଳେ ରୁଷିଆ ଇରାନର ସହଯୋଗୀ ରାଷ୍ଟ୍ର।

### ୧୨ ଭାରତୀୟ...

କେମିକାଲ୍ ଟ୍ୟାଙ୍କର ଅନ୍ୟ ଜାହାଜ ସହ ଯାଉଥିବାବେଳେ ତଟସୁରକ୍ଷା ବଳ ପକ୍ଷରୁ ସତର୍କତାମୂଳକ ଗୁଳି କରାଯାଇଥିଲା। ତେବେ ଜାହାଜରେ ଭାରତୀୟ କ୍ରିଉ ସଦସ୍ୟମାନେ ସୁରକ୍ଷିତ ଥିବା ମନ୍ତ୍ରଣାଳୟର ନିର୍ଦ୍ଦେଶକ ମନଦୀପ ସିଂ ରାନ୍ଧୱା ଗଣମାଧ୍ୟମକୁ କହିଛନ୍ତି।

### ଭଉଣୀଙ୍କ କଙ୍କାଳ...

ସମ୍ପର୍କରେ ବୁଝିପାରିଲେ ନାହିଁ। ଭଉଣୀଙ୍କ କଙ୍କାଳ ଶ୍ମଶାନରୁ ଖୋଳି ବାହାର କରିଥିଲେ। ଭଉଣୀ ନାମରେ ଥିବା ଜମା ପାସବୁକ ଓ କଙ୍କାଳକୁ ଜରି ଅଖାରେ ଧରି ପ୍ରାୟ ୪ କି.ମି. ଚାଲି ସୋମବାର ଅପରାହ୍ନ ପ୍ରାୟ ୧ଟାରେ ଗ୍ରାମୀଣ ବ୍ୟାଙ୍କ ଆଗରେ ପହଞ୍ଚିଥିଲେ। କଙ୍କାଳ ଦେଖି ବ୍ୟାଙ୍କ କର୍ମଚାରୀ ଭୟଭୀତ ହୋଇ ପୋଲିସକୁ ଖବର ଦେଇଥିଲେ। ଖବର ପ୍ରସାରିତ ହେବା ପରେ ଆଖପାଖରୁ ଲୋକେ ଦେଖିବା ପାଇଁ ବ୍ୟାଙ୍କରେ ରୁଣ୍ଡ ହୋଇଥିଲେ। ପାଟଣା ପୋଲିସ ପହଞ୍ଚି ଜିତୁଙ୍କ ସହ ଆଲୋଚନା କରିଥିଲା। ବୁଝାଶୁଝା ପରେ କଙ୍କାଳକୁ ନେଇ ଶ୍ମଶାନରେ ପୁଣି ପୋତି ଦିଆଯାଇଥିଲା। ଥାନା ଅଧିକାରୀ କିରଣ ପ୍ରସାଦ ସାହୁ କହିଛନ୍ତି, ଜିତୁଙ୍କୁ ବୁଝାଇ ମୃତ୍ୟୁ ପ୍ରମାଣପତ୍ର ସଂଗ୍ରହ କରିବାକୁ କୁହାଯାଇଛି। ଏହାପରେ ସେ ତାଙ୍କ ଭଉଣୀଙ୍କ କଙ୍କାଳ ଥିବା ବ୍ୟାଗ୍ ସହିତ ଫେରି ଯାଇଥିଲେ। ଅନ୍ୟପକ୍ଷେ ବ୍ୟାଙ୍କ କର୍ମଚାରୀ କୁଆଡ଼େ ତାଙ୍କୁ ଭଉଣୀ ଆସିଲେ ଟଙ୍କା ଦିଆଯିବ ବୋଲି କହିଥିବା କୁହାଯାଉଛି। ଏ ନେଇ ବ୍ୟାଙ୍କ ପରିଚାଳକ ସୁଶାନ୍ତ ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ।

### ପଶ୍ଚିମବଙ୍ଗରେ...

ଆହ୍ୱାନ ଦେଇଛନ୍ତି। ଓଡ଼ିଶା ଭଳି ଡବଲ ଇଞ୍ଜିନ ସରକାରକୁ ଆଣିଲେ ପଶ୍ଚିମବଙ୍ଗରେ ବିକାଶ ଆଗେଇପାରିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଦିନିକିଆ ପଶ୍ଚିମବଙ୍ଗ ଗସ୍ତ କାର୍ଯ୍ୟକ୍ରମ ଶେଷକରି ସୋମବାର ଓଡ଼ିଶା ଫେରି ଆସିଛନ୍ତି। ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗ ବିମାନବନ୍ଦରଠାରେ ପହଞ୍ଚିବା ପରେ ତାଙ୍କୁ ବହୁ ସଂଖ୍ୟକ ଓଡ଼ିଆ ଲୋକ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟମନ୍ତ୍ରୀ ସେଠାରୁ ସିଧାସଳଖ ପ୍ରଚାର ମଇଦାନକୁ ଗସ୍ତ କରିଥିଲେ ବୋଲି ଜଣାପଡ଼ିଛି। ଏହି ଅବସରରେ ତାଙ୍କ ସାଙ୍ଗରେ ଓଡ଼ିଶାର କେତେଜଣ ବିଧାୟକ ମଧ୍ୟ ଉପସ୍ଥିତ ଥିଲେ।

### ୮ ବିଧାୟକଙ୍କ...

ସଭା ନିର୍ବାଚନ ପରେ ପରେ କଂଗ୍ରେସ ସେହି ୩ ଜଣଙ୍କ ସଭ୍ୟ ପଦ ରଦ୍ଦ ଲାଗି ବାଚସ୍ପତିଙ୍କ ନିକଟରେ ବହୁ ଆଗରୁ ଲିଖିତ ଭାବେ ଜଣାଇ ସାରିଛି। ମାତ୍ର ବିଜେଡି କାହିଁକି ଏତେ ବିଳମ୍ବରେ ତାଙ୍କ ଦଳର ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଲାଗି ଦାବି କଲା ତାକୁ ନେଇ ମଧ ଚର୍ଚ୍ଚା ଜୋର୍ ଧରିଛି। ବିଜେଡି ବିଧାୟକମାନେ ସୋମବାର ପୂର୍ବାହ୍ନ ୧୧ଟାରେ ପ୍ରଥମେ ଶଙ୍ଖ ଭବନଠାରେ ଏକାଠି ହୋଇଥିଲେ। ସେଠାରେ ଦଳ ବିରୋଧୀ କାର୍ଯ୍ୟ କରିଥିବା ବିଧାୟକମାନଙ୍କ ସଭ୍ୟପଦ ରଦ୍ଦ ବିଷୟରେ ଆଲୋଚନା ହୋଇଥିଲା। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ନବୀନ ନିବାସରୁ ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ସମ୍ପର୍କିତ ଲିଖିତ ପତ୍ର ଆଣିବାରେ ବିଳମ୍ବ କରିଥିଲେ। ମାତ୍ର ବିଧାୟକମାନେ ଶଙ୍ଖ ଭବନରେ ଅପେକ୍ଷା କରି ରହିଥିଲେ। ପ୍ରମିଳା ଶଙ୍ଖ ଭବନରେ ପହଞ୍ଚିବା ପରେ ସବୁ ବିଧାୟକ ଏକାଠି ବାହାରି ବିଧାନସଭାରେ ପହଞ୍ଚିଥିଲେ। ଏହାପରେ ବାଚସ୍ପତିଙ୍କୁ ଭେଟି ଦଳ ତା'ର ଦାବି ଜଣାଇଛନ୍ତି।

ଏହାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ଯେଉଁ ବିଧାୟକମାନେ ବିଭିନ୍ନ ସମୟରେ ଦଳର ହ୍ୱିପ୍ ମାନିନାହାନ୍ତି, ଅନେକ ସମୟରେ ଦଳ ବିରୋଧୀ ମନ୍ତବ୍ୟ ରଖିଛନ୍ତି ଏବଂ ସ୍ୱେଚ୍ଛାକୃତ ଭାବେ ଦଳରେ ନାହାନ୍ତି ବୋଲି କହିଛନ୍ତି, ଅନୁଚ୍ଛେଦ ୧୦ ଅନୁଯାୟୀ ସେମାନଙ୍କ ସଭ୍ୟ ପଦ ରଦ୍ଦ କରିବାକୁ ବାଚସ୍ପତିଙ୍କୁ କୁହାଯାଇଛି। ବିଭିନ୍ନ ଆଇନ ବିଶେଷଜ୍ଞମାନଙ୍କ ସହିତ ଆଲୋଚନା କରିବା ପରେ ଯେଉଁ ବିଧାୟକମାନେ ଦଳର ସମ୍ବିଧାନକୁ ଅବମାନନା କରିଛନ୍ତି, ସେମାନଙ୍କ ସଭ୍ୟପଦ ରଦ୍ଦ ହୋଇପାରିବ ବୋଲି ସ୍ପଷ୍ଟ ହେଇଛି। ରାଜ୍ୟ ସଭା ନିର୍ବାଚନର ୩ ଦିନ ପୂର୍ବରୁ ଦଳର ମୁଖ୍ୟ ସଚେତକ ଏକ ହ୍ୱିପ୍ ଜାରି କରିଥିଲେ। ସେହି ହ୍ୱିପ୍‌ରେ ସେ ଉଲ୍ଲେଖ କରିଥିଲେ, ୩ ଦିନ ଭିତରେ କେହି ବିଧାୟକ ଭୁବନେଶ୍ୱର ଛାଡ଼ିବେ ନାହିଁ, ଦଳର ଯେଉଁ କାର୍ଯ୍ୟକ୍ରମ ହେବ ସେଥିରେ ଯୋଗଦେବେ। ମାତ୍ର ନିଲମ୍ବିତ ବିଧାୟକମାନେ ତାକୁ ଅବମାନନା କରିଥିଲେ। ପରବର୍ତ୍ତୀ ସମୟରେ ସେମାନେ କ୍ରସ୍ ଭୋଟ୍ କରିଲେ। ଏହାସହ ଦଳ ବିରୋଧରେ ମନ୍ତବ୍ୟ ରଖି ସେମାନେ ସ୍ୱେଚ୍ଛାକୃତ ଭାବେ ଦଳରେ ରହିବେ ନାହିଁ ବୋଲି ଦର୍ଶାଇ ସାରିଛନ୍ତି।

ପ୍ରମିଳା ମଲ୍ଲିକ କହିଛନ୍ତି, କ୍ରସ୍ ଭୋଟିଂ କରିବା ସହ ଦଳ ବିରୋଧରେ ବାରମ୍ବାର ମନ୍ତବ୍ୟ ରଖୁଥିବା ବିଧାୟକମାନେ ଯଦି ଏତେ ଲୋକପ୍ରିୟ ତେବେ ସେମାନେ ଇସ୍ତଫା ଦେଇ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ନ୍ତୁ। ଅନ୍ୟ ରାଜ୍ୟରେ ଯେପରି ଆଇନ ଅନୁଯାୟୀ ଦଳ ବିରୋଧରେ କାର୍ଯ୍ୟ କରିଥିବା ବିଧାୟକମାନଙ୍କ ସଭ୍ୟପଦ ରଦ୍ଦ ହୋଇଛି, ସମାନ ନିୟମ ଏଠାରେ ମଧ ଲାଗୁ ହେଉ। ନିଲମ୍ବିତ ୮ ବିଧାୟକ ଯେମିତି ବାରମ୍ବାର ଦଳ ଏବଂ ଦଳର ନେତାଙ୍କ ବିରୋଧରେ ମନ୍ତବ୍ୟ ରଖୁଛନ୍ତି ଏହା ସେମାନଙ୍କ ସଭ୍ୟପଦ ରଦ୍ଦ କରିବା ପାଇଁ ଯଥେଷ୍ଟ ବୋଲି ପ୍ରମିଳା କହିଛନ୍ତି।

ଭାଜପା ନେତା ତଥା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିଜେଡି ନିୟମ କାନୁନ କିଛି ଜାଣିନାହିଁ। ଜଣେ ବିଧାୟକଙ୍କୁ ନିଲମ୍ବିତ କରିବା ପରେ ସେ ଆଉ ସେହି ଦଳର ସଭ୍ୟ ରୁହନ୍ତି ନାହିଁ। ଯିଏ ସଭ୍ୟ ନୁହେଁ, ସେମାନଙ୍କ କ୍ଷେତ୍ରରେ ହ୍ୱିପ୍ କାମ କରେନାହିଁ। ହ୍ୱିପ୍ କି ଆଣ୍ଟି ଡିଫେକ୍ସନ ଆକ୍ଟ ଜାଣନ୍ତି ନାହିଁ। ନ ଜାଣିଲେ କିଛି ଅସୁବିଧା ନାହିଁ, ସେମାନଙ୍କୁ ବୁଝାଇବା ପାଇଁ ଆମେ ଅଛୁ ବୋଲି ପୂଜାରୀ କହିଛନ୍ତି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**

ଶନି ସହ ମଙ୍ଗଳଙ୍କ ସଂଯୋଗ ଦୈହିକ ଅସୁସ୍ଥତା ସୃଷ୍ଟିକଲେ ମଧ ଚନ୍ଦ୍ରଙ୍କ ପ୍ରଭାବରେ ବ୍ୟବହାରିକ କୁଶଳତା ଜାରିରହିବ। ସହକର୍ମୀ, ଅଧସ୍ତନ କର୍ମଚାରୀ ଏବଂ ବନ୍ଧୁବର୍ଗଙ୍କ ସହ ସୁସମ୍ପର୍କ ପୂର୍ବବତ୍ ରହିପାରେ। କିନ୍ତୁ କାର୍ଯ୍ୟବ୍ୟସ୍ତତା କାରଣରୁ କ୍ଳାନ୍ତି ଅନୁଭବ କରିବେ। ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**

ଶୁକ୍ରଙ୍କ ରାଶ୍ୟାବସ୍ଥାନରୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧୀନ ରହିବା ସହ ବିଳାସପ୍ରିୟ ହେବେ। ରାହୁ କର୍ମସ୍ଥାନରେ ଅବସ୍ଥାନ ପୂର୍ବକ ସମସ୍ୟାକୁ ପ୍ରତିହତକରି କାର୍ଯ୍ୟସାଧନ କରାଇବେ। ରବି ଉଚ୍ଚସ୍ଥ ଯୋଗୁ ଗୃହ ନିର୍ମାଣ ସମ୍ବନ୍ଧୀୟ କିମ୍ବା ଗଠନମୂଳକ କାର୍ଯ୍ୟ ସମ୍ପନ୍ନ କରିପାରନ୍ତି। ଆର୍ଥିକ ଓ ସାମାଜିକ ସ୍ଥିତି ମଜଭୁତ ରଖିବା ନିମିତ ବିଭିନ୍ନ ଯୋଜନା କରିବେ।

**ମିଥୁନ**

ବୁଧଙ୍କ ସୁପ୍ରଭାବରୁ ବୌଦ୍ଧିକତାର ଅଭିବୃଦ୍ଧି ବନ୍ଧୁଗହଣରେ ସମ୍ମାନର ପରିଚାୟକ ହେବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ବ୍ୟବସାୟରେ ଝଗଡ଼ା ଏବଂ ବିବାଦୀୟ ପରିସ୍ଥିତିରେ ସାମ୍ୟତା ଆସିପାରେ। ଆନୁଷଙ୍ଗିକ ସାହାଯ୍ୟ ଲାଭକରି କାମ ତ୍ୱରାନ୍ୱିତ କରିବେ। ଅନୁଷ୍ଠାନ କିମ୍ବା ବ୍ୟକ୍ତିଙ୍କ ନିକଟରୁ ଅର୍ଥପ୍ରାପ୍ତି ସହ ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ।

**କର୍କଟ**

ରାଶ୍ୟାଧିପ ତୃତୀୟସ୍ଥ କର୍ମକ୍ଷେତ୍ରରେ ଦକ୍ଷତାର ପ୍ରଶଂସା ମାଧ୍ୟମରେ ସାମାଜିକ ସ୍ଥିତିକୁ ସୁଦୃଢ଼ କରିବ। ପାରିବାରିକ କ୍ଷେତ୍ର ବ୍ୟତିକ୍ରମ ଭିତରେ ଅବଶ୍ୟ ଶୃଙ୍ଖଳିତ ରହିପାରେ। ସହକର୍ମୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟତା ଅଭାବରୁ କର୍ମକ୍ଷେତ୍ରରେ ଅସ୍ଥିରତା ଦେଖାଦେବ। ଶିଳ୍ପ,ବାଣିଜ୍ୟ ଓ ପରିବହନ ଶନିଙ୍କ ପ୍ରଭାବରୁ ଦୁର୍ବଳ ରହିପାରେ।

**ସିଂହ**

ରବି ଏବଂ ଚନ୍ଦ୍ରଙ୍କ ସ୍ଥିତି ମନ୍ଦ ନ ଥିବାରୁ ଦୈହିକ ଏବଂ ମାନସିକ ସ୍ଥିତି ସୁଦୃଢ଼ ରହିବ। ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା ସ୍ଥଗିତ କାର୍ଯ୍ୟର ଅଗ୍ରଗତି ଯୋଗୁ ଆଶ୍ୱସ୍ତି ଲାଭ କରିବେ। ପାରିବାରିକ ସ୍ଥିତି ବହୁତ ଭଲ ରହିବ ଏବଂ ସନ୍ତାନହେତୁକ ଗୌରବ ଅନୁଭବ କରିପାରନ୍ତି।

**କନ୍ୟା**

ରାଶି ପ୍ରତି ବୁଧଙ୍କ ଦୃଷ୍ଟି ଫଳରେ ଯେଉଁ କାମରେ ହାତ ଦେବେ ସଫଳତା ହାସଲ କରିବେ। ଜମିଜମା, କଳ କାରଖାନା, ହୋଟେଲ ଶିଳ୍ପ କ୍ଷେତ୍ରରୁ ଲାଭବାନ୍ ହେବେ। ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବା କାରଣରୁ ସାମୟିକ ବ୍ୟସ୍ତତା ବୃଦ୍ଧିପାଇବ। ବନ୍ଧୁ ଗହଣରେ ବାକ୍ ଅସଂଯମ ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ତୁଳା**

ରବିଙ୍କ ଦୃଷ୍ଟି ଲୋକପ୍ରିୟତା ବୃଦ୍ଧି ସାଙ୍ଗକୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବ। ପାରିବାରିକ ଜୀବନରେ ବ୍ୟତିକ୍ରମ ଥିଲେ ମଧ କିଛି ଅସୁବିଧା ହେବନାହିଁ। ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲକରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ,ନତୁବା ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ବିଛା**

ଚନ୍ଦ୍ରଙ୍କ ଲାଭ ଭାବରେ ଅବସ୍ଥିତି ଆପଣଙ୍କ ଆଶା ଓ ଅଭିଳାଷ ପୂରଣ କରିବାରେ ସମର୍ଥ ହେବ। ଆର୍ଥିକ ଅନଟନ କାମକୁ ବିଳମ୍ବିତ କରିବାରୁ ବିବ୍ରତ ହେବେ। ପ୍ରକାଶନ, ପ୍ରଶାସନିକ ତଥା ରାଜନୈତିକ ସ୍ତରରେ ବ୍ୟସ୍ତତା ମଧ ଦୂରେଇହେବ। କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ଆଶା କରାଯାଇପାରେ।

**ଧନୁ**

ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ଆରୋଗ୍ୟଲାଭ, କାର୍ଯ୍ୟସିଦ୍ଧି ସାଙ୍ଗକୁ ସାମାଜିକ ସ୍ତରରେ ଉଚ୍ଚସମ୍ମାନ ପାଇବେ। ଦୀର୍ଘଦିନରୁ ବାକି ପଡ଼ିଥିବା ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟିହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବାରେ ବନ୍ଧୁଙ୍କ ଅବଦାନକୁ ଭୁଲିପାରିବେନାହିଁ। ଜମିଜମା ବିବାଦର ସମାଧାନ ସୁଯୋଗ ସୃଷ୍ଟି ହେବ।

**ମକର**

ଆପଣଙ୍କ ରାଶି ପାଇଁ ଗ୍ରହ ସ୍ଥିତି ଅନୁକୂଳ ନ ଥିବାରୁ ପାରିବାରିକ ସମସ୍ୟା ମଧ୍ୟରେ ମାନସିକ ଶାନ୍ତି ରହି ନ ପାରେ। ତଥାପି ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦେବା ସକାଶେ ବନ୍ଧୁ ଦ୍ୱାରକୁ ଗମନକରିବେ। ରାଜନୀତି ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହୋଇପାଇପାରନ୍ତି।

**କୁମ୍ଭ**

ଚନ୍ଦ୍ରଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ପ୍ରଭାବରେ ବ୍ୟୟବହୁଳତା ମଧ୍ୟରେ କାର୍ଯ୍ୟସିଦ୍ଧି ହେବ। ଆଜି ଦେବ ଦର୍ଶନ ସକାଶେ ମନ ବଳାଇବେ। ଦୀର୍ଘଦିନରୁ ଅପେକ୍ଷା କରି କରି ଆଜି ହଠାତ୍ ପଡ଼ୋଶୀଙ୍କଠାରୁ ଶୁଭଖବର ପାଇ ଖୁସି ହେବେ। ବନ୍ଧୁଙ୍କ ନିକଟରୁ ବକେୟା ଆଦାୟ କରିବାରେ ସକ୍ଷମ ହେବେ।

**ମୀନ**

ରାଶିରେ ଶନି ଏବଂ ମଙ୍ଗଳଙ୍କ ସଂଯୋଗରୁ ବନ୍ଧୁମାନଙ୍କ ଦ୍ୱାରା କୌଣସି ସମସ୍ୟା ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟ ପାଇବେ, କିନ୍ତୁ ଏଥିପାଇଁ ବହୁତ ମେହନତ କରିବାକୁ ପଡ଼ିବ। କଳା,ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ, କିନ୍ତୁ ସମସ୍ୟା ମଧ୍ୟରେ ଚଳିବାକୁ ପଡ଼ିପାରେ।

ଆଜି ଏପ୍ରିଲ ୨୮ ତାରିଖ, ଓକିଲ ଦିବସ, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ବୈଶାଖ ଶୁକ୍ଳ ଦ୍ୱାଦଶୀ ମଙ୍ଗଳବାର। ରାଶିନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/ କନ୍ୟା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ୧୨ ନକ୍ଷତ୍ରେ ବିବାହ ପାଣି ଗ୍ରହଣ। ଦିବା ଘ.୦୮।୩୩ ଗତେ, ଘ.୧୦।୨୮ ମଧ୍ୟେ, ଘ.୦୧।୦୦ ଗତେ, ଘ.୦୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ, ଘ.୦୪।୧୯ ମଧ୍ୟେ ରାହୁକାଳ ।




# 'ପେସା'କୁ ନେଇ ବଢ଼ିଲା ତତ୍ପରତା

## ୩୦ରେ ମୁଖ୍ୟସଚିବଙ୍କ ଅଧ୍ୟକ୍ଷତାରେ ଚୂଡ଼ାନ୍ତ ବୈଠକ

ଭୁବନେଶ୍ୱର,୨୭।୪
(ରବିନାରାୟଣ ଜେନା)

ରାଜ୍ୟରେ ଆଦିବାସୀ ବର୍ଗଙ୍କ ଅଧିକାରକୁ ସୁରକ୍ଷିତ ରଖିବା ଏବଂ ସେମାନଙ୍କୁ ତାଙ୍କର ହକ୍ ଦେବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏନେଇ ଏପ୍ରିଲ ୩୦ରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ 'ପେସା' ନିୟମର ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହେବ ବୋଲି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜଣାଯାଇଛି।

ଏସଂକ୍ରାନ୍ତରେ ପଞ୍ଚାୟତିରାଜ ବିଭାଗର ଏସ୍ଆଇଆର୍ଡି ନିର୍ଦ୍ଦେଶିକା ମଧୁସ୍ମିତା ସାମଲ ଏପ୍ରିଲ ୨୪ରେ ରାଜ୍ୟ ଉନ୍ନୟନ ଆୟୁକ୍ତଙ୍କ ସହିତ ଗୃହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ,ଜଙ୍ଗଲ ଓ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ମଧୁସ୍ମିତା ଦର୍ଶାଇଛନ୍ତି, ଏହି 'ପେସା' ନିୟମର ଚିଠା ପ୍ରସ୍ତାବକୁ ନେଇ ପୂର୍ବରୁ ଏକ କମିଟି ଗଠନ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଏବେ ଏହି ନିୟମର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏଥିପାଇଁ ମୁଖ୍ୟଶାସନ ସଚିବ ଏପ୍ରିଲ ୩୦ରେ ଦିନ ଧାର୍ଯ୍ୟ କରିଛନ୍ତି। ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ସନ୍ଧ୍ୟା ୬ଟାରେ ଏହି ବୈଠକ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବା ଲାଗି ମଧୁସ୍ମିତା ପତ୍ରରେ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଏହି ଆଇନ ରାଜ୍ୟରେ କାର୍ଯ୍ୟକାରୀ କରିବା ଲାଗି ୨୦୨୩ ନଭେମ୍ବର ୧୦ରେ ତତ୍କାଳୀନ ସରକାରଙ୍କ ପକ୍ଷରୁ ଚିଠା ପ୍ରସ୍ତାବ ଆସିଥିଲା। ଏହି ଚିଠା ବିଜ୍ଞପ୍ତିକୁ ନେଇ ଯଦି କାହାର କିଛି ଅଭିଯୋଗ କିମ୍ବା ସୁଚିନ୍ତିତ ମତାମତ ଥାଏ ଦେବାକୁ କୁହାଯାଇଥିଲା। ଏପରି କି ଜିଲାପାଳମାନେ ଏହି 'ପେସା' ଆଇନକୁ ଲୋକଙ୍କୁ ଠିକଣା ଭାବେ ବୁଝାଇବା ଏବଂ ଏହାର ବ୍ୟାପକ ପ୍ରସାର ଲାଗି ପଦକ୍ଷେପ ନେବାକୁ କୁହାଯାଇଥିଲା। ଏହାଦ୍ୱାରା ପଞ୍ଚାୟତବାସୀଙ୍କ ମଧ୍ୟରୁ କାହାର କ'ଣ ସମସ୍ୟା ଉପୁଜିବ ସେ ସଂକ୍ରାନ୍ତରେ ମତାମତ ସଂଗ୍ରହ କରି ସରକାରଙ୍କୁ ତୁରନ୍ତ ଅବଗତ କରାଇବା ଲାଗି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ କୁହାଯାଇଥିଲା। ପତ୍ରରେ କୁହାଯାଇଥିଲା, ଓଡ଼ିଶା ଗ୍ରାମପଞ୍ଚାୟତ ନିୟମ-୨୦୨୩ ଅନୁଯାୟୀ ସରକାରଙ୍କ ପକ୍ଷରୁ ଅଧିସୂଚିତ ଅଞ୍ଚଳ ସଂପ୍ରସାରଣ(ପେସା) ଆଇନ ଲାଗି ବିଜ୍ଞପ୍ତି ଜାରି କରାଗଲା। ପଞ୍ଚାୟତରେ ଲଘୁ ଖଣିଜ ସମ୍ପଦ, ଜଳାଶୟ, ମାନବିକ ଅଧିକାର, ଗ୍ରାମ, ଗ୍ରାମସଭା, ପଞ୍ଚାୟତ ସମିତି, ଜିଲା ପରିଷଦ ଆଇନ ଏବଂ ପଞ୍ଚାୟତର କ୍ଷମତା ବୃଦ୍ଧି କରାଯିବ। ବହୁ କ୍ଷମତା ପଞ୍ଚାୟତରେ ରହିଥିଲେ ହେଁ 'ପେସା' ଆଇନ କାର୍ଯ୍ୟକାରୀ ନ ହେବା ଯୋଗୁ ପଞ୍ଚାୟତ ସରପଞ୍ଚଙ୍କ କ୍ଷମତା ସହିତ ଆଦିବାସୀ ବର୍ଗ ଏହାର ସୁଫଳ ପାଇପାରୁ ନାହାନ୍ତି। ଗ୍ରାମପଞ୍ଚାୟତ ହେଉଛି ଗ୍ରାମ ଶାସନର କାର୍ଯ୍ୟକାରୀ କର୍ତ୍ତୃପକ୍ଷ। ଗ୍ରାମସଭାର ଅଧ୍ୟକ୍ଷ ହେଉଛନ୍ତି ସରପଞ୍ଚ। ଗ୍ରାମସଭା ଜରିଆରେ ପଞ୍ଚାୟତରେ କୃଷି ଲାଗି ସ୍ୱତନ୍ତ୍ର ଖସଡ଼ା, ସାମାଜିକ ସମୀକ୍ଷା କରିବା ସହିତ ଯେଉଁମାନେ ବକେୟା ଖିଲାପକାରୀ ଥିବେ ସେମାନଙ୍କ ସମ୍ପର୍କରେ ଜରିମାନା କରିବା ନିଷ୍ପତ୍ତି ସରପଞ୍ଚମାନେ ନେଇପାରିବେ। ଏହାସହିତ କେଉଁଠାରେ ସାଧାରଣ ସାମଗ୍ରୀ ବଣ୍ଟନ ଦୋକାନ ଖୋଲିବ ଏବଂ ଦର ତଦାରଖ କରିବା, ବିଭିନ୍ନ ଯୋଜନାରେ ହିତାଧିକାରୀ ଚିହ୍ନଟ କରିବା, ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ କାର୍ଯ୍ୟକ୍ରମ, ପାନୀୟଜଳ ପରିଚାଳନା ପ୍ରଭୃତି କାର୍ଯ୍ୟକ୍ରମ ଅନୁଧ୍ୟାନ କରିବେ। ଗ୍ରାମସଭା ଜରିଆରେ ପଞ୍ଚାୟତରେ କେତେ ଅର୍ଥ କେଉଁ ସଂସ୍ଥା ବିନିଯୋଗ କରିଛି ତା'ର ପ୍ରମାଣପତ୍ର ନିଶ୍ଚିତ କରିବା, ଲଘୁ ଖଣିଜ ସମ୍ପଦ ତଥା ସ୍ଥାନୀୟ ପଦାର୍ଥ ଉପରେ ରୟାଲଟି ଗ୍ରହଣ କରିବା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରିବେ। ବିଜ୍ଞପ୍ତିରେ ଦର୍ଶାଯାଇଥିଲା, ଯେତେବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ କରାଯିବ, ସେତେବେଳେ ଗ୍ରାମପଞ୍ଚାୟତ ସହିତ ଅଧିଗ୍ରହଣକାରୀ ଅଧିକାରୀମାନେ ପରାମର୍ଶ କରି ଉକ୍ତ କାର୍ଯ୍ୟ କରିବେ। ସରକାରଙ୍କ ଖସଡ଼ା ଅନୁଯାୟୀ ସମସ୍ତ କାର୍ଯ୍ୟ ହେବା ବିଧେୟ। ସେହିପରି ଯେତେବେଳେ ଗ୍ରାମ ସୀମାରେ ପରିବର୍ତ୍ତନ କରାଯିବା ସହିତ କିଛି ନୂତନ ଲୋକଙ୍କୁ ସାମିଲ କରାଯିବ ସେତେବେଳେ ଅଧିଗ୍ରହଣ ଅଞ୍ଚଳରେ ଲୋକଙ୍କୁ କ୍ଷତିପୂରଣ ଦେବାକୁ ପଡ଼ିବ।

# ଶୃଙ୍ଖଳିତ ନୀତିକାନ୍ତି ପାଇଁ ନିଆଯାଇପାରିବ କାର୍ଯ୍ୟାନୁଷ୍ଠାନ

## ସରକାରଙ୍କୁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ୍ୱତ୍ୱଲିପି କମିଟିର ୨ୟ ଅନ୍ତରୀଣ ରିପୋର୍ଟ

ଭୁବନେଶ୍ୱର,୨୭।୪
(ରବିନାରାୟଣ ଜେନା)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି କିଭଳି ଶୃଙ୍ଖଳିତ ହେବ ସେନେଇ ସୋମବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ୍ୱତ୍ୱଲିପି କମିଟି ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛି। ଜଷ୍ଟିସ୍ ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ରଙ୍କୁ ନେଇ ଗଠିତ ଦୁଇଜଣିଆ କମିଟି ମନ୍ଦିରର ସେବା ପୂଜା, ଶୃଙ୍ଖଳିତ ନୀତିକାନ୍ତି, ମନ୍ଦିର ଗର୍ଭଗୃହ ଓ ରୋଷଶାଳା ମରାମତି, ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା, ସେବାୟତ ପାଇଁ ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ, ହୁଣ୍ଡି ପରିଚାଳନା, ଜମି ସମସ୍ୟା ସମାଧାନ ନେଇ ପ୍ରାୟ ୧୬ଟି ପ୍ରସ୍ତାବ ରିପୋର୍ଟରେ ଦର୍ଶାଇଛନ୍ତି।

ଏନେଇ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ନୀତିକାନ୍ତି ସହ ସମସ୍ତ ସେବାୟତ, ନିଯୋଗ ଏବଂ ଭକ୍ତଙ୍କ ପାଇଁ ସର୍ବଶ୍ରେଷ୍ଠ ବ୍ୟବସ୍ଥା ହେବ। ଏଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ତ୍ୱରିତ ଗ୍ରହଣ କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ କମିଟି ଅଧ୍ୟକ୍ଷ ଜଷ୍ଟିସ ଚୌଧୁରୀ କହିଛନ୍ତି, ଜାନୁଆରୀ ୨୦୨୬ରେ କମିଟି ପକ୍ଷରୁ ପ୍ରଥମ ଅନ୍ତରୀଣ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହି ଦ୍ୱିତୀୟ ରିପୋର୍ଟରେ ଶ୍ରୀମନ୍ଦିର ଭଳି ଆଇନ ବ୍ୟବସ୍ଥା ମଧ୍ୟ ରହିବ। ଯଦି ନୀତି କାନ୍ତିରେ ତ୍ରୁଟି ବିଚ୍ୟୁତି ଦେଖାଯାଏ ତେବେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। କମିଟି ରିପୋର୍ଟରେ ଭକ୍ତ, ସେବାୟତ, ଏଏସ୍ଆଇ, ରାଜ୍ୟ ଗ୍ରନ୍ଥାଗାର, ଆଇନ ବିଶାରଦମାନଙ୍କ ମତ ରହିଛି। ଆଗାମୀ ଦିନରେ ମଧ୍ୟ ଅନେକଙ୍କ ମତ ସଂଗ୍ରହ କରାଯାଇ ଚୂଡ଼ାନ୍ତ ରିପୋର୍ଟ ଆସିପାରେ। କମିଟି ଗଠନ ପରେ ଲିଙ୍ଗରାଜ ମନ୍ଦିରରେ ବିଶୃଙ୍ଖଳା କମିବାରେ ଲାଗିଛି। ଆଗକୁ ରିପୋର୍ଟଗୁଡ଼ିକ ସରକାର ଅନୁଧ୍ୟାନ କରି ଆଇନରେ ପରିଣତ କରିବେ। ଏହି କାର୍ଯ୍ୟକ୍ରମରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜାପାନ ରାଷ୍ଟ୍ରଦୂତଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୪(ସୁନିତ୍ ମିଶ୍ର)

## ଓଡ଼ିଶାର 'ଡାଲମା' ସ୍ୱାଦକୁ ଓନୋଙ୍କ ପ୍ରଶଂସା

ସମ୍ବଲପୁର ରେଙ୍ଗାଲିଠାରେ ଗତ ୨୪ ତାରିଖରେ ଜେଏସ୍‌ଡବ୍ଲ୍ୟୁ ଏବଂ ଜାପାନର ଜେଏଫ୍ଇ ଷ୍ଟିଲ୍ ମଧ୍ୟରେ ଏକ ଯୌଥ ଉଦ୍ୟୋଗ (ଜଏଣ୍ଟ ଭେଞ୍ଚର) ନେଇ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିବାବେଳେ ଭାରତରେ ଅବସ୍ଥାପିତ ଜାପାନ ରାଷ୍ଟ୍ରଦୂତ ଓନୋ କେଇଚି ମଧ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜାପାନ ରାଷ୍ଟ୍ରଦୂତଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରଷା ଯାଇଥିଲା। ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦରେ ରାଷ୍ଟ୍ରଦୂତ ଖୁବ୍ ଆନନ୍ଦିତ ଥିଲେ। ବିଶେଷକରି ଡାଲମା ତାଙ୍କୁ ବହୁତ ଭଲ ଲାଗିଥିଲା। କାର୍ଯ୍ୟକ୍ରମ ସରିବା ପରେ ସେ ତାଙ୍କ ସାମାଜିକ ଗଣମାଧ୍ୟମରେ ଲେଖିଥିଲେ, ଓଡ଼ିଶାରେ ଡାଲମାର ସ୍ୱାଦକୁ ଖୁବ୍ ଉପଭୋଗ କଲେ। ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଓଡ଼ିଶାର ଉନ୍ନତ ରନ୍ଧନ କଳାର ଏକ ସୁନ୍ଦର ପ୍ରତିଫଳନ। ଓନୋଙ୍କ ଏହି ପୋଷ୍ଟ ପରେ ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ 'X'ରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର ପାରମ୍ପରିକ ସ୍ୱାଦକୁ ଏତେ ଭଲ ପାଇଥିବାରୁ ଓନୋଙ୍କୁ ଧନ୍ୟବାଦ। ଡାଲମା କେବଳ ଖାଦ୍ୟ ପରମ୍ପରାର ଅଂଶ ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆତିଥେୟତାର ପ୍ରତୀକ। ଏହି ମତପ୍ରକାଶ କରିବା ସହିତ ଓଡ଼ିଶା ଓ ଜାପାନ ମଧ୍ୟରେ ଥିବା ସାଂସ୍କୃତିକ ସମନ୍ୱୟ ଆଗାମୀ ଦିନରେ ଆମର ବନ୍ଧୁତାକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# କରଞ୍ଜିଆରେ ପୃଥକ୍ ଦୁର୍ଘଟଣା: ୫ ମୃତ, ୬ ଗୁରୁତର

ବାରିପଦା/କରଞ୍ଜିଆ
(ନୀଳାଦ୍ରି ବିହାରୀ ଦଣ୍ଡପାଟ/
କବିତା ମହାନ୍ତ),୨୭।୪


କାଦଡିହା ନିକଟରେ ଦୁର୍ଘଟଣାଗ୍ରସ୍ତ ବସ୍ ଓ କାର୍।

ମୟୂରଭଞ୍ଜ ଜିଲା କରଞ୍ଜିଆ ଉପକଣ୍ଠ ଅଞ୍ଚଳରେ ସୋମବାର ପୃଥକ୍ ସଡ଼କ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଗୁରୁତର ହୋଇଛନ୍ତି। ପୋଲିସ ସମସ୍ତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରିଛି।

ସୂଚନା ଅନୁଯାୟୀ, କରଞ୍ଜିଆ ଥାନା ଅଧୀନ ୨୨୦ନଂ. ଜାତୀୟ ରାଜପଥର ବାଉନଶୋଳ ନିକଟରେ ସ୍କୁଟି ଓ ସ୍କର୍ପିଓ ମୁହାଁମୁହିଁ ଧକ୍କା ହୋଇଛି। ଝାଡ଼ଖଣ୍ଡରୁ ଘଟଗାଁ ତାରିଣୀଙ୍କ ଦର୍ଶନ ପାଇଁ ଯାଉଥିବା ସ୍କର୍ପିଓ ଦ୍ରୁତଗତିରେ ଆସି ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ କରଞ୍ଜିଆ ଡାକ୍ତରଖାନାରୁ ସ୍କୁଟି ଯୋଗେ ଘରକୁ ଫେରୁଥିବା ଦମ୍ପତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତ ଦମ୍ପତି ହେଲେ ସ୍ଥାନୀୟ ପାଣ୍ଡୁ ଅଞ୍ଚଳର ସନ୍ତୋଷ ନାୟକ(୪୮) ଏବଂ ତାଙ୍କ ସ୍ତ୍ରୀ କବିତା(୪୫)। ସ୍କର୍ପିଓରେ ବସିଥିବା ୫ଜଣ ମଧ୍ୟ ଗୁରୁତର ହୋଇଛନ୍ତି। ଦୁର୍ଘଟଣାରେ ଗାଡ଼ି ଦୁଇଟି ଭାଙ୍ଗି ଚୂରମାର ହୋଇଯାଇଛି। ସ୍ଥାନୀୟ ଲୋକେ ଗୁରୁତର ଯାତ୍ରୀମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

ସେହିପରି କରଞ୍ଜିଆରୁ ଠାକୁରମୁଣ୍ଡାକୁ ସଂଯୋଗ କରୁଥିବା ୫୩ନଂ. ଜାତୀୟ ରାଜପଥର କାଦଡିହା ନିକଟରେ ଏକ ଘରୋଇ ବସ୍ ଓ କାର୍ ମୁହାଁମୁହିଁ ଧକ୍କା ହୋଇଛି। କାର୍‌ଟି ଯାଜପୁର ଜିଲା ଧର୍ମଶାଳାରୁ ରାଇରଙ୍ଗପୁର ଅଭିମୁଖେ ଯାଉଥିବା ବେଳେ ବସ୍‌ଟି କରଞ୍ଜିଆରୁ ଉଦଳା ଆସୁଥିଲା। ଦୁର୍ଘଟଣାରେ କାର୍‌ରେ ଥିବା ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଯାଜପୁର ଜିଲା ଚଣ୍ଡିଖୋଲର ନୀଳମଣି ସାହୁ, ଧର୍ମଶାଳାର ମୋତୁ ବଳ ଓ ପ୍ରଦୀପ ବଳସାମନ୍ତ। ଏସ୍‌ଡିପିଓ ନବକୃଷ୍ଣ ନାଏକ ଓ କରଞ୍ଜିଆ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଖବରପାଇ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପହଞ୍ଚି ଗୁରୁତରଙ୍କୁ ଡାକ୍ତରଖାନା ପଠାଇଥିଲେ।

କାଦଡିହା ଛକ ନିକଟରେ ଏକ ଦୁର୍ଘଟଣାରେ ପଡ଼ିଆବେଡ଼ା କଲେଜ ଅଧ୍ୟାପକ ଅର୍ଜୁନ କୁମାର ମଲ୍ଲିକ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ବାଇକ୍‌କୁ ଧକ୍କା ଦେଲା ମିନିଟ୍ରକ୍, ମାମୁଁଭଣଜାଙ୍କ ମୃତ୍ୟୁ

ଭବାନୀପାଟଣା/ଜୁନାଗଡ଼,୨୭।୪
(ଉତ୍ତମ କୁମାର ଦାଶ/ଅଂଶୁମାନ ଯୋଶୀ)


ମହେନ୍ଦ୍ର ଓ ମୁକେଶ

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଭଦ୍ରାଗୁଡା ଛକରୁ ସୋମବାର ସକାଳୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଏକ ମିନିଟ୍ରକ୍ (ମେଲୋଡି ପାଇଁ ବ୍ୟବହୃତ ଗାଡି) ଧକ୍କାରେ ମାମୁଁଭଣଜାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଜୁନାଗଡ଼ ବ୍ଲକ ମାଟିଗାଁର ମାମୁଁ ମହେନ୍ଦ୍ର ନାଏକ (୧୫) ଓ ଚିକିଲି ଗାଁର ଭଣଜା ମୁକେଶ ନାଗ (୧୯)। ସୂଚନା ଅନୁସାରେ, ପୂର୍ବାହ୍ନରେ ଏକ ବାଇକ୍ ଯୋଗେ ମହେନ୍ଦ୍ର ଓ ମୁକେଶ କୌଣସି କାମରେ ଜୁନାଗଡ଼ ଯାଉଥିବାବେଳେ ଭଦ୍ରାଗୁଡା ଛକଠାରେ ଓଡ଼ି୦୮ଭି ୦୭୫୫ନମ୍ବର ବିଶିଷ୍ଟ ମିନିଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ମିନିଟ୍ରକ୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ୨ ଜଣଙ୍କ ଜୀବନ ଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେଣୁ ଏହାର ତଦନ୍ତ କରି ଚାଳକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୃତ ମୁକେଶଙ୍କ ବାପା କୈଳାସ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରି ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିଥିବାବେଳେ ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପକ୍ଷେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



# ଯଲ୍‌ଦା ଓ ଡିପ୍‌ଫେକ୍

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସର୍ବତ୍ର ଉପଲବ୍ଧ ହେଲାଣି। ମଣିଷର ଜୀବନଯାତ୍ରାକୁ ସହଜ ଓ ସୁବିଧାଜନକ କରିଦେଉଥିବାରୁ ତାହାର ଆଦର ବଢ଼ିବାରେ ଲାଗିଛି। କିନ୍ତୁ ଏହାର ଦୁର୍ବ୍ୟବହାର ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରୁଛି। ଏଆଇ ଆଧାରିତ ହ୍ୟୁମାନ୍ ଇମେଜ୍ ସିନ୍ଥେସିସ୍ କୌଶଳ ଭାବେ 'ଡିପ୍‌ଫେକ୍' ଜଣାଶୁଣା। ଡିପ୍‌ଫେକ୍ ପ୍ରଯୁକ୍ତି ଅସତ୍ୟ ଛବି, ଭିଡିଓ ଏବଂ ଅଡିଓ ରେକର୍ଡିଂ କରିଥାଏ। ଉଦାହରଣ ସ୍ୱରୂପ, ବାସ୍ତବରେ ଦୃଶ୍ୟମାନ ବ୍ୟକ୍ତିଙ୍କ ଚେହେରା ଓ ସ୍ୱରକୁ ଏଭଳି ନକଲ କରାଯାଇଥାଏ ଯେ, ତାହା ଦେଖଣାହାରୀ ବା ଶ୍ରୋତାଙ୍କୁ ଅବିକଳ ଅନୁଭବ ହୋଇଥାଏ। ଯଦି କେହି ସନ୍ଦେହ କରେ ତେବେ କଷ୍ଟକରି ମୂଳକୁ ଗଲେ ହୁଏତ ସତ୍ୟ ଜଣାପଡ଼ିପାରେ। ଡିପ୍‌ଫେକ୍ କେତେ ଗଭୀରକୁ ଯାଇଛି ଓ ସେ ସଂକ୍ରାନ୍ତ ଏକ ଘଟଣାକୁ ସାଧାରଣରେ ପ୍ରକାଶ କରିବା ଲାଗି 'ସ୍କାଏ ନ୍ୟୁଜ୍' ଉପସ୍ଥାପିକା ଯଲ୍‌ଦା ହାକିମ୍ ଅନ୍ତର୍ଜାତୀୟ ଖବର ସରବରାହ ସଂସ୍ଥା 'ରଏଟର୍ସ'କୁ ଦେଇଥିବା ସାକ୍ଷାତ୍କାରକୁ ବିଶ୍ଳେଷଣ କଲେ ବହୁତ ବିଷୟରେ ଜଣାପଡୁଛି।

ଯଲ୍‌ଦା ପ୍ରାୟ ଦୁଇ ଦଶନ୍ଧି ଧରି ବିଶ୍ୱ ରାଜନୀତି ଓ ଯୁଦ୍ଧ କ୍ଷେତ୍ରରୁ ରିପୋର୍ଟିଂ କରିବା ସହ ନିଆରା ଉପସ୍ଥାପନା ଶୈଳୀ ଯୋଗୁ ବେଶ୍ ଜଣାଶୁଣା। ଆଫଗାନିସ୍ତାନରେ ଜନ୍ମ ହୋଇ ଅଷ୍ଟ୍ରେଲିଆରେ ବଢ଼ିଥିବା ଯଲ୍‌ଦା ବ୍ରିଟେନ୍‌ରେ କ୍ୟାରିୟର କରିବା ସହ ବିଶ୍ୱ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ରଏଟର୍ସ ସହ କଥାବାର୍ତ୍ତା କରି ଯଲ୍‌ଦା ଏଆଇ–ଜେନେରେଟେଡ୍ ବିଭ୍ରାନ୍ତିକର ସୂଚନାର ବିପଦ ଏବଂ କାହିଁକି ସାମ୍ବାଦିକତା କ୍ଷେତ୍ରରେ ଏହା ବିଶ୍ୱସନୀୟତା ହରାଉଛି ତାହା ଉପରେ ମତ ରଖିଛନ୍ତି। ତାଙ୍କ ରିପୋର୍ଟିଂକୁ ବଦଳାଯାଇ ତାହାର ପ୍ରସାରଣ କରାଯିବା କିଭଳି ଅସ୍ୱସ୍ତିକର ସ୍ଥିତି ସୃଷ୍ଟି କରିଥିଲା, ସେହି ବିଷୟରେ ସେ ଦର୍ଶାଇଛନ୍ତି। ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ କାରାଗାର ଜୀବନ, ଓକିଲ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବନତି ଘଟିବା ଓ ଡାକ୍ତରୀ ସୁବିଧା ନ ପାଇବା ନେଇ ପରିବାରର କ୍ରୋଧ ବିଷୟରେ ତାଙ୍କ ଭଉଣୀଙ୍କ ସହ ଯଲ୍‌ଦା ଇଣ୍ଟରଭ୍ୟୁ କରିଥିଲେ। ତାହା ଭାଇରାଲ ହୋଇଥିଲା। ଏହା ପାକିସ୍ତାନୀ ଚ୍ୟାନେଲଗୁଡ଼ିକରେ ପ୍ରସାରିତ ହୋଇଥିଲା ଓ ସୋସିଆଲ ମିଡିଆରେ ଅନେକ ଲକ୍ଷ ଥର ଦେଖାଯାଇଥିଲା। କିନ୍ତୁ ତା'ପର ଦିନ ଫେକ୍ ଭିଡିଓ ଆସିଲା। ଯଲ୍‌ଦା ଭାବିଥିଲେ ଯେ, ତାହା ସେହି ସମାନ ଇଣ୍ଟରଭ୍ୟୁ। କିନ୍ତୁ ଇମ୍ରାନଙ୍କ ଭଉଣୀ ଯେତେବେଳେ ପ୍ରଯୋଜକଙ୍କ ସହ ଯୋଗାଯୋଗ କରି ଜାଣିଲେ ଯେ ତାହା ଏକ ଡିପଫେକ୍ ସେତେବେଳେ ଯଲ୍‌ଦା ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପ୍ରଯୁକ୍ତିର କରାମତି ସେହି ଭିଡିଓକୁ ଉନ୍ନତ ସ୍ତରକୁ ନେଇଯାଇଥିଲା। ସେ ନିଜକୁ ସେଥିରେ ଦେଖୁଥିଲେ ମଧ ଅସତ୍ୟ ଭିଡିଓକୁ ଠଉରାଇପାରୁ ନ ଥିଲେ। ତେବେ କେତେଟା ପ୍ରଶ୍ନ ଯାହା ସେ ପଚାରି ନ ଥିଲେ ସେଗୁଡ଼ିକ ମିଥ୍ୟା ଭିଡିଓରେ ସ୍ଥାନିତ ହେବା ସନ୍ଦେହ ସୃଷ୍ଟି କରିଥିଲା। ପାକିସ୍ତାନ ସେନା ମୁଖ୍ୟଙ୍କୁ ଇମ୍ରାନ୍‌ଙ୍କ ଭଉଣୀ ସମାଲୋଚନା କରୁଥିବା ନକଲି ଭିଡିଓରେ ଦେଖାଯାଇଥିଲା। ତାହା ପାକିସ୍ତାନ ଓ ଭାରତୀୟ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇ ପ୍ରତିକ୍ରିୟା ସୃଷ୍ଟି କରିଥିଲା।

> କୁହାଯାଇପାରେ ଯେ, ଏଆଇ–ଜେନେରେଟେଡ୍ ବିଭ୍ରାନ୍ତିକର ସୂଚନା ନିଶ୍ଚିତ ଭାବେ ସାମ୍ବାଦିକତା ବୃତ୍ତି ଏବଂ ଦର୍ଶକ, ଶ୍ରୋତା ହୁଅନ୍ତୁ ବା ପାଠିକାପାଠକଙ୍କ ଉପରେ ପ୍ରଭାବ ପକାଇବା ଆରମ୍ଭ କଲାଣି। ତେଣୁ ଗଣମାଧ୍ୟମ ସହ ଜଡ଼ିତ ବ୍ୟକ୍ତି ଯଲ୍‌ଦା ହାକିମ୍‌ଙ୍କ ସାକ୍ଷାତ୍କାରକୁ ଏକ ଦୃଷ୍ଟାନ୍ତ ଭାବେ ଦେଖିବା ଦରକାର।

ଏଥିରୁ ବୁଝିବାକୁ ହେବ ଯେ, 'ସିଙ୍ଗ୍ ଇଜ୍ ବିଲିଭିଂ' ବା ଦେଖିଲେ ବିଶ୍ୱାସ ହୁଏ ବୋଲି ଯେଉଁ କଥା ରହିଛି, ତାହା ଏବେ ବାସ୍ତବତା ହରାଇଲାଣି। ସାମ୍ବାଦିକତା କ୍ଷେତ୍ରରେ 'ସିଙ୍ଗ୍ ଇଜ୍ ବିଲିଭିଂ'କୁ ଗୁରୁତ୍ୱ ଦିଆଯାଇଥାଏ। ଯଲ୍‌ଦାଙ୍କ ଇଣ୍ଟରଭ୍ୟୁ ଓ ପରବର୍ତ୍ତୀ ସମୟରେ ହୋଇଥିବା ଅସତ୍ୟ ଭିଡିଓକୁ ସବୁବେଳେ କଦାପି ଠଉରାଇ ହୋଇ ନ ପାରେ। ଅତୀତରେ ଏହାର ଅନେକ ଦୃଷ୍ଟାନ୍ତ ଦେଖାଦେଇଛି। ମ୍ୟାନ୍‌ମାର ଘଟଣାର ଭିଡିଓକୁ ମଣିପୁରରେ ହୋଇଥିବାର ପ୍ରଦର୍ଶନ କରାଯାଇ ଅରାଜକତା ସୃଷ୍ଟି କରାଯାଇଥିଲା। ସେହିପରି କେତେକ ଜଣାଶୁଣା ଚଳଚ୍ଚିତ୍ର ଅଭିନେତ୍ରୀ ଅଭିନେତାଙ୍କ ଚେହେରା ଭିନ୍ନ ଦିଗରେ ବ୍ୟବହାର କରାଯିବା ପରେ ଧରାପଡ଼ିଯିବା ବିଷୟ ଲୋକଲୋଚନକୁ ଆସିଛି। ଯଲ୍‌ଦା ହାକିମ୍‌ଙ୍କ କଥା ଦେଖିଲେ ସେ ଯେଉଁ ଧାରାରେ ସାକ୍ଷାତ୍କାର କରିଥିଲେ, ଡିପ୍‌ଫେକ୍ ବ୍ୟବହାର କରାଯାଇ ତାହାକୁ ଭିନ୍ନ ଦିଗକୁ ନିଆଯାଇଥିଲା। ଫଳରେ ଅବାସ୍ତବ ଇଣ୍ଟରଭ୍ୟୁ ଶିରୋନାମା ପାଲଟିଗଲା। ତେଣୁ କୁହାଯାଇପାରେ ଯେ, ଏଆଇ–ଜେନେରେଟେଡ୍ ବିଭ୍ରାନ୍ତିକର ସୂଚନା ନିଶ୍ଚିତ ଭାବେ ସାମ୍ବାଦିକତା ବୃତ୍ତି ଏବଂ ଦର୍ଶକ, ଶ୍ରୋତା ହୁଅନ୍ତୁ ବା ପାଠିକାପାଠକଙ୍କ ଉପରେ ପ୍ରଭାବ ପକାଇବା ଆରମ୍ଭ କଲାଣି। ତେଣୁ ଗଣମାଧ୍ୟମ ସହ ଜଡ଼ିତ ବ୍ୟକ୍ତି ଯଲ୍‌ଦା ହାକିମ୍‌ଙ୍କ ସାକ୍ଷାତ୍କାରକୁ ଏକ ଦୃଷ୍ଟାନ୍ତ ଭାବେ ଦେଖିବା ଦରକାର।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | | 4 |
| | | 7 | | | 2 | | | |
| 2 | | | | 1 | | | | |
| | | | | | | 9 | | 6 |
| 6 | | | | 7 | 9 | | 1 | |
| | | 1 | 4 | | | | 3 | 8 |
| 4 | | | 8 | | | | 6 | |
| 7 | | | | | | | 5 | 3 |
| | | | 2 | 4 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 3 | 2 | 8 | 4 | 5 | 6 | 1 |
| 2 | 8 | 1 | 6 | 5 | 7 | 4 | 9 | 3 |
| 4 | 5 | 6 | 1 | 9 | 3 | 8 | 2 | 7 |
| 8 | 3 | 7 | 4 | 2 | 6 | 9 | 1 | 5 |
| 5 | 2 | 4 | 9 | 7 | 1 | 3 | 8 | 6 |
| 6 | 1 | 9 | 8 | 3 | 5 | 7 | 4 | 2 |
| 1 | 6 | 5 | 7 | 4 | 9 | 2 | 3 | 8 |
| 3 | 9 | 2 | 5 | 1 | 8 | 6 | 7 | 4 |
| 7 | 4 | 8 | 3 | 6 | 2 | 1 | 5 | 9 |

ଗତକାଲିର ଉତ୍ତର

# ବଫର ରାଜ୍ୟରେ ବିଦ୍ରୋହ ଧ୍ୱନି



ଡ. ସାରଦା ପ୍ରସାଦ କର

ନେପାଳର ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ଦ୍ୱାରା ଉନ୍ମୋଚିତ 'ନେପାଳ ପ୍ରଥମ, ନେପାଳୀ ପ୍ରଥମ' ବୈଦେଶିକ ନୀତି ଏବେ ଦେଶରେ ଏକ ବଡ଼ ଧରଣର କୂଟନୈତିକ ବିବାଦ ସୃଷ୍ଟି କରିଛି। ଏହି ନୀତିରେ ନେପାଳକୁ ଭାରତ ଓ ଚାଇନା ମଧ୍ୟରେ ଏକ 'ବଫର ଷ୍ଟେଟ' ବା ଏକ ମଧ୍ୟବର୍ତ୍ତୀ ଅସ୍ଥିର କ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଏହି ନୂତନ ଜାତୀୟ ପ୍ରତିବଦ୍ଧତା ଢାଞ୍ଚାରେ ନେପାଳ କୌଣସି ସାମରିକ ବ୍ଲକରେ ଯୋଗ ନ ଦେଇ ଉଭୟ ଶକ୍ତିଶାଳୀ ପଡ଼ୋଶୀଙ୍କଠାରୁ 'ସମଦୂରତା' ବଜାୟ ରଖିବାକୁ ଲକ୍ଷ୍ୟ ରଖିଛି। ବାସ୍ତବିକ ସାମରିକ ମେଣ୍ଟରେ ଯୋଗଦେବା ନ ଦେବା ନେପାଳର ଇଚ୍ଛାଧୀନ ପ୍ରସଙ୍ଗ। ଆଙ୍ଗ୍ଲୋ–ନେପାଳ ଯୁଦ୍ଧର ପରିଣାମ ଓ ଭୌଗୋଳିକ ଅବସ୍ଥାନ ଦୃଷ୍ଟିରୁ ସୁରକ୍ଷିତ ଥିବା ହିନ୍ଦୁବହୁଳ ରାଜ୍ୟଟି ସାମରିକ ସହଯୋଗୀ ବନେଇବା ଦ୍ୱାରା ଅଧିକ ଖର୍ଚ୍ଚର ଆବଶ୍ୟକତା ସହ ଦେଶ ଉପରେ ଚାପ ବଢ଼ିବ। ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି, କୃଷି ଅଭିବୃଦ୍ଧି, ଶିଳ୍ପ ପ୍ରଗତି ଆଉ ସାମାଜିକ ସୁରକ୍ଷା ଉପରେ ଧ୍ୟାନକେନ୍ଦ୍ରିତ କଲେ 'ନେପାଳ ପ୍ରଥମ, ନେପାଳୀ ପ୍ରଥମ' କଥାଟି ନିଜ ଅଧିବାସୀଙ୍କ ପାଖରେ ଗ୍ରହଣୀୟ ହେବ। ଭାରତ ଓ ଚାଇନା ଭୂଖଣ୍ଡରେ ବୁଲିବୁଲି ରୁଦ୍ରାକ୍ଷ, ଶୀଳାଜିତ, ଉଷ୍ମ ପୋଷାକ ବିକୁଥିବା ନେପାଳୀ ଯୁବକର ପେଟକଥା ଯଦି ଦେଶରେ ସମାହିତ ହୋଇପାରୁଛି ତେବେ ବାଲେନ ଶାହ ଦେଶକୁ ଦେଇଥିବା ପ୍ରତିଶ୍ରୁତିର ଭଗୀରଥ ସାଜିବେ।

ନେପାଳ ସରକାର ଭାରତରୁ ଯାଉଥିବା ୧୦୦ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ ଉପରେ ଅନିବାର୍ଯ୍ୟ ଶୁଳ୍କ ଲାଗୁ କରିଛନ୍ତି। ସୀମାବର୍ତ୍ତୀ ଅଞ୍ଚଳର ଲୋକଙ୍କ କହିବା କଥା ହେଉଛି ଏହା ଫଳରେ ସେମାନଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହେଉଛି। କାରଣ ସେମାନେ ଦୀର୍ଘବର୍ଷ ଧରି ସୀମା ସେପଟୁ ସାମଗ୍ରୀ କିଣାବିକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। ଏହା ଭିତରେ ବାଲେନ ସରକାରଙ୍କ ବିରୋଧରେ କଷ୍ଟମ ନୀତି ସଂଶୋଧନ କରିବାକୁ ପ୍ରତିବାଦ ହୋଇଛି। ଦ୍ୱିତୀୟ ବିବାଦ ରହିଛି ଛାତ୍ର ସଂଗଠନକୁ ନେଇ। ଛାତ୍ରନେତାଙ୍କ କହିବା କଥା ସରକାର ଆଲୋଚନା କରିବା ବଦଳରେ ଏକତରଫା ନିଷ୍ପତ୍ତି ନେଉଛନ୍ତି। ଯାହାକୁ ନେଇ ଅନେକ ହଜାର ଛାତ୍ର ରାସ୍ତାରେ ଆନ୍ଦୋଳନ ଜାରି ରଖିଛନ୍ତି। ସେପଟେ ଗୃହମନ୍ତ୍ରୀ ସୁଦନ ଗୁରଙ୍ଗଙ୍କ ନାମରେ ଆୟଠାରୁ ଅଧିକ ସମ୍ପତ୍ତି ରହିବା ଦାବିରେ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି।

ଚାଇନା ସହ ବାଣିଜ୍ୟିକ ଅଭାବୀ ପ୍ରାୟ ୧୫ ପ୍ରତିଶତ, ୩୪୦ ବିଲିଅନ ଡଲାରର ଅଭାବୀ ବାଣିଜ୍ୟରୁ ଉଠିବାକୁ ହେଲେ ନେପାଳକୁ ନିଜର ବୈଦ୍ୟୁତିକ ଯନ୍ତ୍ରାଂଶ ଓ କଳକବ୍ଜା ଉତ୍ପାଦ



ବଢାଇବାକୁ ପଡିବ। ନଚେତ୍ ଚାଇନାକୁ ଆବଶ୍ୟକ କଞ୍ଚାମାଲ ଦେବାକୁ ପଡିବ। ସେପର୍ଯ୍ୟନ୍ତ ବାଲେନ ଶାହଙ୍କୁ ପରିଶ୍ରମ କରିବାକୁ ହେବ। ଭାରତ ସହ ନେପାଳର ସାଂସ୍କୃତିକ ପର୍ଯ୍ୟଟନ ସହଯୋଗ ରହିଛି। ହିନ୍ଦୁ ବହୁଳ ରାଷ୍ଟ୍ର ଭାବରେ ଭାରତୀୟ ପର୍ଯ୍ୟଟକଙ୍କ ପ୍ରଥମ ଆକର୍ଷଣ ନେପାଳ। ୨୦୨୫ରେ ପାଖାପାଖି ୧୫ ଲକ୍ଷ ଭାରତୀୟ ପର୍ଯ୍ୟଟକଙ୍କ ଅବଦାନ ସମୁଦାୟ ପର୍ଯ୍ୟଟକଙ୍କ ୩୫.୨ ପ୍ରତିଶତ, ଯାହା ୬ ପ୍ରତିଶତ ଜିଡିପିକୁ ଯୋଗଦାନ। ଭାରତ କେବେ ନେପାଳକୁ 'ବଫର ଷ୍ଟେଟ' ଭାବେ ନାହିଁ। ପେଟ୍ରୋଲିୟମ ଉତ୍ପାଦ, ବାସମତି ଚାଉଳ, ଷ୍ଟିଲ୍, ଖାଇବା ତେଲ ଆଦି ପାଇଁ ନେପାଳର ପ୍ରଥମ ପସନ୍ଦ ଭାରତ। ଭାରତୀୟ ବାଣିଜ୍ୟ ବିନିମୟରେ ନେପାଳୀ ଯୋଗଦାନ ୫:୧ ଭାଗ। ନେପାଳ– ଭାରତ ବାଣିଜ୍ୟିକ ଅସମାନତା ଆଳ 'ଆମେରିକା ଫାଷ୍ଟ' ଭଳି କଥା ନୁହେଁ। ଭାରତୀୟ ମାନବ ସମ୍ବଳ ନେପାଳ ପରି ଅଣବିକଶିତ ଦେଶ ଉପରେ ନିର୍ଭରଶୀଳ ନୁହେଁ।

ନେପାଳର ପୂର୍ବତନ ବୈଦେଶିକ ମନ୍ତ୍ରୀ ଓ ବିଶେଷଜ୍ଞମାନେ ବାଲେନଙ୍କ ଉକ୍ତିକୁ ଉପନିବେଶବାଦୀ ମାନସିକତା ଏବଂ ନେପାଳର ସାର୍ବଭୌମତ୍ୱକୁ ଦୁର୍ବଳ କରିବା ଭଳି ଏକ ପଦକ୍ଷେପ କହି ସମାଲୋଚନା କରିଛନ୍ତି। ବିଶେଷକରି ରାଜା ବୀରେନ୍ଦ୍ରଙ୍କ ଭଳି ପୂର୍ବତନ ଶାସକମାନେ ନେପାଳକୁ ଏକ 'ସେତୁ' ଭାବରେ ଚିତ୍ରଣ କରିବାକୁ ଚାହୁଁଥିବା ବେଳେ ବାଲେନ ଶାହଙ୍କ ଏହି 'ବଫର ରାଜ୍ୟ' ଶବ୍ଦ ପ୍ରୟୋଗ ନେପାଳର ଅନ୍ତର୍ଜାତୀୟ ମର୍ଯ୍ୟାଦା ହ୍ରାସ କରୁଥିବା ଅଭିଯୋଗ ହୋଇଛି। ଭାରତ–ନେପାଳ ଦ୍ୱିପାକ୍ଷିକ ଚୁକ୍ତି 'ଟ୍ରିଟି ଅଫ୍ ପିସ୍ ଆଣ୍ଡ ଫ୍ରେଣ୍ଡଶିପ୍–୧୯୫୦'କୁ 'ରୋଟି ବେଟି କି ରିସ୍ତା' କୁହାଯିବାର କାରଣ ଥିଲା ଶାନ୍ତି–ମୈତ୍ରୀ ସ୍ଥାପନା ସହ ବ୍ୟକ୍ତି ସ୍ତରରେ ବୌଦ୍ଧ ଓ ହିନ୍ଦୁ ସାଂସ୍କୃତିକ ମିଳନସ୍ଥଳୀ ତିଆରି କରିବା। ପ୍ରଧାନମନ୍ତ୍ରୀ କୃଷ୍ଣ ପ୍ରସାଦ ଓଲି ଯେଉଁଥିରେ ବିଷମଞ୍ଜି ବୁଣିବା ଆରମ୍ଭ କରିଥିଲେ, ଦେଶର ଅର୍ଥନୀତିକୁ ବିଗାଡି ଏବେ ଜେଲରେ। ନେପାଳକୁ ପ୍ରତିରକ୍ଷା ସରଞ୍ଜାମ, ସାଞ୍ଜୁଆ ଯାନ ଓ ଯୁଦ୍ଧ କୌଶଳ 'ସୂର୍ଯ୍ୟ କିରନ–୨୦୨୫' ଆଦି ସହଯୋଗରୁ ଭାରତ ସମ୍ପର୍କ ବୃଦ୍ଧି କରିବା ଚେଷ୍ଟା କରିଆସିଛି। ପ୍ରତିବଦଳରେ ନେପାଳ ଚାଇନା ସମ୍ପର୍କ ଆଡକୁ ଅଧିକ କେନ୍ଦ୍ରୀଭୂତ ହୋଇଛି।

ଗୋଟିଏ ପଟରେ ଚାଇନା ଋଣ ଜାଲରୁ ବାହାରିବା ନେପାଳ ପାଇଁ କଷ୍ଟସାଧ୍ୟ । ସରକାରୀ ବିମାନ ଚଳାଚଳ ସଂସ୍ଥା ଋଣ ଭାରରେ ଉବୁଟୁବୁ। ତାକୁ ଶୁଝିବାର ବାଟ କରିବା ପରିବର୍ତ୍ତେ ନେପାଳ 'ବଫର ରାଜ୍ୟ' କହି ନିଜକୁ ନିଜେ ଅସମ୍ମାନ କରିବାର କିଛି କାରଣ ନାହିଁ। ନେପାଳର ପୂର୍ବତନ ବୈଦେଶିକ ମନ୍ତ୍ରୀ ପ୍ରଦୀପ ଗ୍ୟାୱାଲିଙ୍କ କହିବା କଥା, ନେପାଳ ନିଜକୁ କେବେ ବି ଏକ ମଧ୍ୟବର୍ତ୍ତୀ ଅସ୍ଥିର କ୍ଷେତ୍ର ବା ବଫର ରାଜ୍ୟ ଭାବେ ଗ୍ରହଣ କରିନାହିଁ କିମ୍ବା ଭାବିବା ଉଚିତ ନୁହେଁ। କାଳାପାନୀ–ଲିମ୍ପିଆଧୁରା–ଲିପୁଲେଖ ସଂଯୋଗିତ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଭାରତର ବାଣିଜ୍ୟିକ ଗତିବିଧିକୁ ନେପାଳ ବିରୋଧ କରେ। ବିରୋଧାଭାଷ ବଢ଼ିବାରୁ ଭାରତର ଜଳବିଦ୍ୟୁତ୍ ଯୋଜନା ପ୍ରସ୍ତାବ ଆଗକୁ ବଢିପାରୁନି। ଚାଇନାର ପ୍ରସ୍ତାବ ଭାରତ–ଚାଇନା–ନେପାଳ ତ୍ରିପାକ୍ଷିକ ସହଯୋଗ ଚୁକ୍ତି କାଗଜରେ ସୀମିତ, ନେପାଳର ସନ୍ଦେହ ଯୋଗୁ ଆଗକୁ ବଢିପାରୁନି। ଚାଇନା–ନେପାଳ ଅର୍ଥନୈତିକ କରିଡର ଟିକେ ଅଧିକ କ୍ରିୟାଶୀଳ ହୋଇଛି। ବାଣିଜ୍ୟିକ ଅଭିବୃଦ୍ଧି ଚାଇନାକୁ ଲାଭ ହୋଇଛି।

ବଫର ରାଜ୍ୟ ତାକୁ କୁହାଯାଏ, ଯିଏ ଭୌଗୋଳିକ ଭାବରେ ଦୁଇ ସମୃଦ୍ଧ ରାଜ୍ୟର ମଧ୍ୟଭାଗରେ ଥାଏ। ଯେମିତି ପୋଲାଣ୍ଡ ଦେଶଟି ରୁଷିଆ ଆଉ ଫ୍ରାନ୍ସ ମଧ୍ୟରେ। ଗୋଟିଏ ଦେଶ ଆଉ ଗୋଟିଏ ଦେଶ ଉପରେ ଆକ୍ରମଣ କଲେ ପ୍ରଥମେ ମଝି ଦେଶଟିକୁ ଅକ୍ତିଆର କରିବ। ହେଲେ ନେପାଳର ପର୍ବତଘେରା ଅଞ୍ଚଳ ଭାରତ କିମ୍ବା ଚାଇନା କାହା ପାଇଁ ଏତେ ସହଜ ନୁହେଁ ଅନୁପ୍ରବେଶ କରିବା। ସେ ଦୃଷ୍ଟିରୁ ନେପାଳ ନିଜକୁ ବଫର ଷ୍ଟେଟ କହିବା ନିଜ ଲୋକଙ୍କ ପାଖରେ ଶୁଖିଲା ଦେଶଭକ୍ତି ବାଣ୍ଟିବା। ନେପାଳ, ନେପାଳୀ ପ୍ରଥମ କଥାଟି ବାଲେନଙ୍କ ଟ୍ରମ୍ପ ମସ୍ତିଷ୍କ କଥା। 'ଆମେରିକା ଫାଷ୍ଟ' ନାରା ଦେଇ ୨୦୨୪ରେ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଟ୍ରମ୍ପ୍ ଏବେ ଲୋକଙ୍କ ଆଗରେ ମୁଣ୍ଡ ନୁଆଇଁ ଠିଆ ହେଉଛନ୍ତି। ଅସହିଷ୍ଣୁତାରେ ଦେଶର ପ୍ରଗତି ଦେଖିବା ବୃଥା।

ଜର୍ମାନୀ ଆଉ ରୁଷିଆ ମଝିରେ ପୋଲାଣ୍ଡ, ରୁଷିଆ ଆଉ ଚାଇନା ମଝିରେ ମଙ୍ଗୋଲିଆ, ସିରିଆ ଆଉ ଇସ୍ରାଏଲ ମଝିରେ ଲେବାନନ ପୁଣି ଏକଦା ବ୍ରିଟିଶ ସାମ୍ରାଜ୍ୟ ଆଉ ରୁଷିଆ ମଝିରେ ଆଫଗାନିସ୍ତାନକୁ ବଫର ରାଜ୍ୟ କୁହାଯାଏ। ପ୍ରତିଦ୍ୱନ୍ଦ୍ୱୀ ଦେଶ ମଝିରେ ଶାନ୍ତିଦୂତ ଭଳି ଆଉ ଗୋଟିଏ ଦେଶ ଛିଡା ହୋଇଥାଏ। କିନ୍ତୁ ଚାଇନା ଆଉ ଭାରତ ଭିତରେ ନେପାଳ ଶାନ୍ତିଦୂତ ହେବା ସମ୍ଭବ ନୁହେଁ। ପର୍ବତମାଳା ମଧ୍ୟରେ ନିଜେ ସୁରକ୍ଷିତ, ଈଶ୍ୱରଙ୍କ କୃପା। ଏକଥା ନେପାଳର ଆଧୁନିକ ନିର୍ମାତା ଜାଣିବା ଉଚିତ। ବେଜିଂ ପୂର୍ବରୁ ତ୍ରିପାକ୍ଷିକ ସହଯୋଗର ପ୍ରସ୍ତାବ ଦେଇଥିଲେ ମଧ ଭାରତ ଏଥିରେ ବିଶେଷ ଆଗ୍ରହ ଦେଖାଇ ନ ଥିଲା। ଏଭଳି ସ୍ଥିତିରେ ବାଲେନ ସରକାରଙ୍କ ଏହି ନୂତନ କୂଟନୈତିକ ଆଭିମୁଖ୍ୟ ପଡ଼ୋଶୀ ରାଷ୍ଟ୍ରଙ୍କ ସହ ଥିବା ସମ୍ପର୍କକୁ ଆଗାମୀ ଦିନରେ ଆହୁରି ଜଟିଳ କରିପାରେ ବୋଲି ଆଶଙ୍କା କରାଯାଉଛି।

ମୋ: ୮୨୪୯୮୨୭୧୪୮

# ଓଡ଼ିଶାର ପ୍ରଥମ ରାଜନୈତିକ ପୁରୁଷ ମଧୁବାବୁ



ସୀତାଂଶୁ ମୋହନ ଦ୍ୱିବେଦୀ

ଉତ୍କଳଗୌରବ ମଧୁସୂଦନ ଦାସ ହେଉଛନ୍ତି ଓଡ଼ିଶାର ସର୍ବପ୍ରଥମ ଓଡ଼ିଆ ରାଜନୈତିକ ପୁରୁଷ। ତାଙ୍କଠାରୁ ପ୍ରଥମେ ଓଡ଼ିଆଙ୍କୁ ମିଳିଥିଲା ରାଜନୀତି କ୍ଷେତ୍ରରେ ପ୍ରବେଶ କରିବାରେ ମୁକ୍ତ ଅଧିକାର। ମଧୁବାବୁ ୧୯୦୩ରେ ଜାତୀୟ କଂଗ୍ରେସରୁ ଅଲଗା ହୋଇ 'ଉତ୍କଳ ସମ୍ମିଳନୀ' ଗଠନକରି ଏକ ନୂତନ ଓଡ଼ିଶା ରାଜ୍ୟ ଗଠନ ନିମନ୍ତେ ଚେଷ୍ଟା କରିଥିଲେ। ସେତେବେଳେ ଉତ୍କଳର ସ୍ୱତନ୍ତ୍ର ସ୍ଥିତି ନ ଥିଲା। ଏହା ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜ ସହ ମିଶିକରି ରହିଥିଲା। ତେଣୁ ଏସବୁ ଅଞ୍ଚଳକୁ ମିଶାଇ ଏକ ଶାସନାଧୀନ କରିବା ପାଇଁ ଉତ୍କଳରେ ଯେଉଁ ଆନ୍ଦୋଳନ ହୋଇଆସୁଥିଲା, ତାହା 'ଓଡ଼ିଆ ଆନ୍ଦୋଳନ'ନାମରେ ପରିଚିତ। ଓଡ଼ିଆ ଜାତିର ସାମଗ୍ରିକ ବିକାଶ ଏହି ଆନ୍ଦୋଳନ ସହ ସଂଶ୍ଳିଷ୍ଟ ଥିଲା। ମଧୁବାବୁଙ୍କ ପ୍ରଚେଷ୍ଟା ଫଳରେ ୧୯୦୩ରେ ସମ୍ବଲପୁରର ଉତ୍କଳ ସହ ମିଶ୍ରଣ ହୋଇଥିଲା। ଉତ୍କଳ ସମ୍ମିଳନୀ ଓ ଓଡ଼ିଆ ପତ୍ରିକା ମାଧ୍ୟମରେ ଉତ୍କଳର ମାନ ଫେରାଇ ଆଣିବା ପାଇଁ ସେ ଆନ୍ଦୋଳନ ଚଳାଇ ଆସିଥିଲେ। ସେ ସାଇମନ କମିଶନ, ଓଡନେଲ କମିଟି ଓ ହବାକ୍ କମିଟି ଆଗରେ ସାକ୍ଷ୍ୟ ଦେଇଥିଲେ। ଏହିପରି ଭାବରେ ଓଡ଼ିଆ ଆନ୍ଦୋଳନକୁ ସେ ଉଜ୍ଜୀବିତ କରି ରଖୁଥିଲେ। ବଙ୍ଗାଳିଙ୍କର ଖଣ୍ଡ ବିଖଣ୍ଡିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳରୁ ଓଡ଼ିଆ ଭାଷା ଲୋପକରିବାର ଉଦ୍ୟମକୁ ପଣ୍ଡକରିବା ପାଇଁ 'ଉତ୍କଳ ଦୀପିକା' ପ୍ରକାଶ ପାଇବା ପରେ ଇଂରେଜ ସରକାରଙ୍କ ହୀନ ଉଦ୍ୟମ ପଣ୍ଡ ହୋଇଥିଲା। ୧୯୨୭ରେ ସାଇମନ କମିଶନ ଆଗରେ ମଧୁବାବୁ ତାଙ୍କର ଅନ୍ୟ ସହଯୋଗୀ ବନ୍ଧୁମାନଙ୍କ ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଯଥାର୍ଥତା ଜଣାଇଥିଲେ। ଓଡନେଲ କମିଟି ସୁପାରିସ ଅନୁଯାୟୀ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇପାରିଲା। ୧୯୩୬ ଏପ୍ରିଲ ପହିଲାରେ ମଧୁବାବୁଙ୍କର ସ୍ୱପ୍ନର ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ହାସଲକଲା। କିନ୍ତୁ ଏହା ପୂର୍ବରୁ ମଧୁବାବୁ ମୃତ୍ୟୁବରଣ କରିଥିଲେ।

ମଧୁସୂଦନ ଜଣେ ରାଜନୀତିଜ୍ଞ, ଓକିଲ, ବାଗ୍ମୀ ଓ ସଂଗଠକ ଥିଲେ। ମଧୁବାବୁଙ୍କ ସମ୍ପାଦନରେ 'ଓଡ଼ିଆ' ନାମକ ଏକ ଇଂରାଜୀ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା। ଏହା ଥିଲା ସେତେବେଳେ ଓଡ଼ିଶାର ଜନଜୀବନ, ସାମାଜିକ ଓ ରାଜନୈତିକ ଇତିହାସର ମୁଖପାତ୍ର। ବିଶେଷତଃ ସ୍ତ୍ରୀଲୋକଙ୍କୁ କୋର୍ଟ କଚେରିରେ ସାହାଯ୍ୟ କରିବା ନିମନ୍ତେ ଶୈଳବାଳାଙ୍କ ସାନଭଉଣୀ ସୁଧାଂଶୁବାଳାଙ୍କୁ ମଧୁବାବୁ 'ଲ' ପଢ଼ାଇଥିଲେ ଓକିଲ କରିବାକୁ। କିନ୍ତୁ 'LEGAL PRACTIONER'S ACT' ରେ ମହିଳାମାନେ ଓକିଲ ହେବାର ଆଇନ ନ ଥିବାରୁ ସୁଧାଂଶୁବାଳାଙ୍କୁ ଓକିଲ ଲାଇସେନ୍ସ ପାଇଁ ଦରଖାସ୍ତକୁ ନାକଚ କରିଦିଆଗଲା। ମଧୁବାବୁ ସେଥିପାଇଁ ମକଦ୍ଦମା କରି ପ୍ରିଭି କାଉନସିଲ୍ ପର୍ଯ୍ୟନ୍ତ



ମକଦ୍ଦମା ଲଢ଼ିଥିଲେ। ଡିଗ୍ରୀ ହାସଲକରି 'ଭାରତରେ ମହିଳାମାନେ ଓକିଲ ହୋଇପାରିବେ'ବୋଲି ଭାରତ ସରକାରଙ୍କ ଦ୍ୱାରା ଆଇନ ପ୍ରଣୟନ କରାଇଥିଲେ।

ମଧୁବାବୁ ଜଣେ ବିଚକ୍ଷଣ ଆଇନ ବିଶାରଦ ଥିଲେ। ସେ ମନ୍ତ୍ରୀ ଥିଲାବେଳେ 'LOCAL SELF GOVERNMENT ACT' (ମୁନିସିପାଲିଟି ଆକ୍ଟ) ପ୍ରଣୟନ କରିଥିଲେ। ସେହି ଆକ୍ଟ ଏଯାବତ ବଳବତ୍ତର ରହିଛି, ଯାହା ପ୍ରମାଣ କରେ ସେ ଜଣେ ଉଚ୍ଚକୋଟୀର ରାଷ୍ଟ୍ର ନେତା ଥିଲେ। ସେ ହେଉଛନ୍ତି ସ୍ୱଦେଶୀ ଶିଳ୍ପ ଆନ୍ଦୋଳନର ପ୍ରଥମ ପ୍ରବର୍ତ୍ତକ। ସେ ଉପଲବ୍ଧି କରିଥିଲେ, ଶିଳ୍ପ ବିକାଶ ବିନା କୃଷି ଉପରେ କେବଳ ନିର୍ଭରକରି ଦେଶର ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବପର ନୁହେଁ। ତେଣୁ ସେ ତାରକସି ଶିଳ୍ପର ବିକାଶ ପ୍ରତି ଦୃଷ୍ଟି ଦେଇଥିଲେ। ମଧୁବାବୁ ଓଡ଼ିଶାର ଚମଡ଼ା କାରିଗରଙ୍କ ଉନ୍ନତି ପାଇଁ କଟକରେ 'ଉତ୍କଳ ଟ୍ୟାନେରି' ଚମଡ଼ା କାରଖାନା ଗଢ଼ିଥିଲେ। ସେଠାରେ ଯେଉଁ ଜୋତା ତିଆରି ହେଉଥିଲା ତାହାର ଉଚ୍ଚମାନ ଯେପରି ରକ୍ଷା କରାଯାଏ ସେଥିପ୍ରତି ସେ ସଚେତନ ଥିଲେ। ସେ ମନେକରୁଥିଲେ, ଯଦି ଓଡ଼ିଶା ନିର୍ମିତ ଜୋତା ତା'ର ଉଚ୍ଚମାନ ରକ୍ଷାକରି ନ ପାରେ ତା'ହେଲେ ତାହା ଓଡ଼ିଆ ଜାତି ପ୍ରତି ଲଜ୍ଜାକର ହେବ।

୧୯୨୪ରୁ ମଧୁବାବୁଙ୍କ ସ୍ୱଦେଶୀ ଶିଳ୍ପ ଆନ୍ଦୋଳନ ହରିଜନ ସଂସ୍ଥାପନ ଗ୍ରାମ୍ୟ ଉନ୍ନୟନର ପରିକଳ୍ପନା, ମୌଳିକ ଶିକ୍ଷାର ପ୍ରବର୍ତ୍ତନ ପାଇଁ ଜନଜାଗରଣ ଅନେକାଂଶରେ ମହାତ୍ମାଗାନ୍ଧୀଙ୍କ ଚିନ୍ତାଧାରାକୁ ଆଲୋଡ଼ିତ କରିଥିଲା। ହରିଜନଙ୍କ ପ୍ରତି ମଧୁବାବୁ ଯେଉଁ ଚିନ୍ତାଧାରା ପୋଷଣ କରିଥିଲେ, ତାହା ଦେଖି ମହାତ୍ମାଗାନ୍ଧୀ କହୁଥିଲେ, ସମାଜର ଏକ ଅଂଶ ପ୍ରତି ଆମେ ଯେଉଁ ଅପରାଧ କରିଚାଲିଛେ, ମଧୁସୂଦନ ଦାସ ସେସମ୍ପର୍କରେ ମୋ ଆଖି ଖୋଲିଦେଇଥିଲେ।

ଓଡ଼ିଶାବାସୀଙ୍କ ପାଇଁ ଆଇନଜୀବୀ ଭାବରେ ମଧୁସୂଦନ ଦାସଙ୍କ ଅବଦାନ ହେଲା ବ୍ରିଟିଶ ସରକାରଙ୍କ ଚକ୍ରାନ୍ତମୂଳକ ଆକ୍ରମଣରୁ ଶ୍ରୀଜଗନ୍ନାଥ ମନ୍ଦିରକୁ ସୁରକ୍ଷା ପ୍ରଦାନ ସହ ଗଜପତି ପରମ୍ପରାକୁ ସ୍ୱୀକୃତି ପ୍ରଦାନର ବ୍ୟବସ୍ଥା ଗ୍ରହଣ। ମଧୁବାବୁଙ୍କ ଜୀବନ ଇତିହାସରୁ ଜଣାପଡ଼େ, ଜଣେ ଆଇନଜୀବୀର ଭୂମିକା କେବଳ କୋର୍ଟ କଚେରି ପରିସରରେ ସୀମାବଦ୍ଧ ନୁହେଁ, ବରଂ ଜଣେ ଆଇନଜୀବୀଙ୍କ କର୍ତ୍ତବ୍ୟ ଓ ଉତ୍ତରଦାୟିତ୍ୱ ସମାଜ ତଥା ଦେଶର ଉନ୍ନତି ଓ ଅଗ୍ରଗତି ପାଇଁ ପରିବ୍ୟାପ୍ତ। ମଧୁବାବୁ ଏକାଧାରରେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ, ପ୍ରଥମ ଓଡ଼ିଆ ଏମ୍.ଏ.। ସେ ଥିଲେ ପ୍ରଥମ ବିଲାତଯାତ୍ରୀ, ପ୍ରଥମ ଓଡ଼ିଆ ଓକିଲ, ପ୍ରଥମ ଓଡ଼ିଆ ମନ୍ତ୍ରୀ ଏବଂ ମନ୍ତ୍ରୀପଦ ଅବୈତନିକ ଦାବିକରି ଇସ୍ତଫା ଦେବାରେ ଭାରତର ପ୍ରଥମ ମନ୍ତ୍ରୀ। ଛୋଟଲାଟ୍ ଏବଂ ବଡ଼ଲାଟ୍ ସଭାରେ ମଧୁବାବୁ ଥିଲେ ପ୍ରଥମ ଓଡ଼ିଆ ସଦସ୍ୟ। ଜଣେ ଆଇନଜୀବୀ, ଆଇନଜ୍ଞ ତଥା ଦେଶବତ୍ସଳ ନେତା ରୂପେ ମଧୁସୂଦନ ଦାସଙ୍କର ଭୂମିକା ପ୍ରେରଣାଦାୟକ। ତେବେ ମଧୁସୂଦନଙ୍କର ଓଡ଼ିଶା ପ୍ରତି ଅତୁଳନୀୟ ଅବଦାନ ଥିଲେ ମଧ ରାଷ୍ଟ୍ର ମର୍ଯ୍ୟାଦା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି। ସେଥିପାଇଁ ପ୍ରତ୍ୟେକ ଓଡ଼ିଆ ମଧୁବାବୁଙ୍କ ଜନ୍ମଦିବସକୁ ଓକିଲ ଦିବସରେ ସୀମିତ ନ ରଖି ରାଷ୍ଟ୍ର ଦିବସ ରୂପେ ପାଳନକଲେ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ।

**ଆଇନଜୀବୀ ତଥା**
**ଅଧ୍ୟକ୍ଷ, ରାଜ୍ୟ ଆଇନଜୀବୀ, ପରିଷଦ**
**ମୋ:୯୯୩୭୦୮୦୦୦୧**

## ଏଇ ଭାରତରେ

ପିଲାମାନେ ଦେଶର ଭବିଷ୍ୟତ, ସେମାନଙ୍କ ଶିକ୍ଷା ଉପରେ ଦେଶର ବିକାଶ ସମ୍ଭବ । ଏହି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଭଲ ଭାବେ ହୃଦୟଙ୍ଗମ କରିଛନ୍ତି ଆସାମର ଉତ୍ତମ ଟେରୋନ। ତାଙ୍କର ବୟସ ଏବେ ୪୭। ସେ ପାରିଜାତ ଏକାଡେମୀ ପ୍ରତିଷ୍ଠା କରି ୨୦ ଗାଁର ପିଲାଙ୍କୁ ମାଗଣାରେ ଶିକ୍ଷା ଦେଉଛନ୍ତି। ଉତ୍ତମ ବିଏସ୍‌ସି ପାସ୍ କରିଛନ୍ତି। ତାଙ୍କୁ ୨୧ ବର୍ଷ ବୟସ ହୋଇଥିବାବେଳେ ସେ ଲକ୍ଷ୍ୟ କରିଥିଲେ ତାଙ୍କ ଗାଁ ଓ ଆଖପାଖ ଗାଁର ପିଲାମାନେ ସ୍କୁଲକୁ ନ ଯାଇ ବାହାରେ ବୁଲୁଛନ୍ତି ଏବଂ ସେହି ପିଲାଙ୍କୁ ନିଜେ ପଢ଼ାଇବା ଲାଗି ସେତେବେଳେ ନିଷ୍ପତ୍ତି ନେଇଥିଲେ। ଉତ୍ତମ ପ୍ରଥମେ ତାଙ୍କ ଗୁହାଳକୁ ସ୍କୁଲରେ ପରିଣତ କରି ମାଗଣାରେ ପଢ଼ାଇବା ଆରମ୍ଭ କରିଥିଲେ। ଧୀରେ ଧୀରେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ ସେ ୨୦୦୩ରେ ପାରିଜାତ ଏକାଡେମୀ ପ୍ରତିଷ୍ଠା କରିଥିଲେ, ଯାହା ଏଯାବତ ସଫଳତାର ସହ ଚାଲିଛି। ଏଥିପାଇଁ ଉତ୍ତମ ପ୍ରଥମେ ୮୦୦ ଟଙ୍କା ଖର୍ଚ୍ଚ କରିଥିଲେ। ଏହି ଏକାଡେମୀ ଆସାମ ଷ୍ଟେଟ୍ ବୋର୍ଡ ଦ୍ୱାରା ପଞ୍ଜୀକୃତ ହୋଇଛି। ଏବେ ଏହି ଏକାଡେମୀରେ ୨୦ ଜଣ ପ୍ରଶିକ୍ଷଣପ୍ରାପ୍ତ ଶିକ୍ଷକ ଅଛନ୍ତି ଏବଂ ୪୦୦ ପିଲା ନର୍ସରିଠାରୁ ଦଶମ ଯାଏ ପଢୁଛନ୍ତି। ପିଲାଙ୍କୁ ଆସାମିଜ୍, ହିନ୍ଦୀ, ଇଂଲିଶ, ସାମାଜିକ ବିଜ୍ଞାନ ଏବଂ ଗଣିତ ପଢ଼ାଯାଉଛି। ସେମାନଙ୍କୁ କମ୍ପ୍ୟୁଟର ଲର୍ଣ୍ଣିଂ, ହସ୍ତତନ୍ତ, ଖେଳ ଏବଂ ନୃତ୍ୟ ଶିକ୍ଷା ଦିଆଯାଉଛି। ଯେଉଁପିଲା ଦୁର୍ଗମ ଅଞ୍ଚଳରୁ ଆସିଛନ୍ତି ସେମାନଙ୍କ ପାଇଁ ହଷ୍ଟେଲରେ ରହିବାର ବ୍ୟବସ୍ଥା କରାଯାଇଛି। ବ୍ୟକ୍ତିବିଶେଷ ଓ ବିଭିନ୍ନ ସଂସ୍ଥାରୁ ଦାନ ସୂତ୍ରରେ ମିଳୁଥିବା ଅର୍ଥରେ ଉତ୍ତମ ଏହି ସ୍କୁଲ ଚଳାଉଛନ୍ତି।

## ଚିରନ୍ତନୀ

ଧୀରେ ଧରା ଲଭଇ ଚେତନା
ବହେ କାହୁଁ ମନ୍ଦ ମଳୟ
ଜୀବନର ଗଉରବ ଗୀତ
ହରିଥିଲା କାଲି ଜଡ଼ ଶୀତ
ଆଜି ଆଣେ ପରାଣେ ପ୍ରଳୟ
ପଉଷର ମନ୍ଦ ମଳୟ !
–(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶବ୍ଦ ଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଉ

ମହାଶୟ,

ଆଜିକାଲି ମାତୃଭୂମି, ମାତୃଭାଷା ଓ ଓଡ଼ିଆ ଅସ୍ମିତା ନେଇ ବିଭିନ୍ନ ସ୍ତରରେ ଆଲୋଚନା ହେଉଛି। ବିଶେଷକରି ସଭାସମିତି, ରାଜନୈତିକ ଉଦ୍‌ଘାଟନ ଓ ଉନ୍ମୋଚନ ଉତ୍ସବରେ ଏହାର ପ୍ରଚାର ପ୍ରସାର ବେଶି ଚାଲିଛି। ପରିତାପର ବିଷୟ, ଆମ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଶବ୍ଦ ଜ୍ଞାନ ଉପରେ ଆଦୌ ଗୁରୁତ୍ୱ ଦିଆଯାଉ ନାହିଁ। ତେଣୁ ବର୍ଣ୍ଣ ଅଶୁଦ୍ଧି ବହୁମାତ୍ରାରେ ଦୃଷ୍ଟିଗୋଚର ହେଉଛି। ପୁନଶ୍ଚ ଆଗଧାଡ଼ିର ସମ୍ବାଦପତ୍ରରେ ଉଦୁଉଦିଆ ସକାଳ, ଗରିମା, ବିଶିଷ୍ଟ ଇତ୍ୟାଦି ଶବ୍ଦ ବ୍ୟବହାର ଦେଖିବାକୁ ମିଳିଥାଏ। ସୁତରାଂ ଏହି ଅବସରରେ ଶିକ୍ଷାବିଭାଗ ଯଦି ଭାଷା ବିଶେଷଜ୍ଞଙ୍କ ଦ୍ୱାରା ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ କର୍ମଶାଳା ଆୟୋଜନ କରନ୍ତା, ତେବେ ଛାତ୍ରୀଛାତ୍ର ଉପକୃତ ହେବା ସହ ଭାଷା ସାହିତ୍ୟର ହିତ ସାଧନ ହୋଇପାରନ୍ତା ।

–ରବୀନ୍ଦ୍ର କୁମାର ମହାପାତ୍ର, କଲ୍ୟାଣ ବିହାର, ସୁନ୍ଦରପଦା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

# ଡେବ୍ରିଗଡ଼ ଅଭୟାରଣ୍ୟରୁ ମୟୂର ମାଂସ ସହ ଦମ୍ପତି ଗିରଫ

■ଶିକାର ସରଞ୍ଜାମ ଜବତ
■ସୂଚନାଦାତା ହେବେ ପୁରସ୍କୃତ

ସମ୍ବଲପୁର,୨୭।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଡେବ୍ରିଗଡ଼ ଅଭୟାରଣ୍ୟର ସୁରକ୍ଷାବଳୟ ମଧ୍ୟକୁ ଅନୁପ୍ରବେଶ କରି ବନ୍ୟପ୍ରାଣୀ ଶିକାର କରୁଥିବା ଅଭିଯୋଗରେ ବନ ବିଭାଗର ରାତ୍ରିକାଳୀନ ପାଟ୍ରୋଲିଂ ସ୍କ୍ୱାଡ୍ ରବିବାର ଶିକାରୀ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ଲବଣଟିକ୍ରା ଗ୍ରାମର ସୁରେନ୍ଦ୍ର ଖଡ଼ିଆ (୪୦) ଓ ରଶ୍ମି ଖଡ଼ିଆ(୩୦)। ସେମାନଙ୍କ ନିକଟରୁ ବିପୁଳ ପରିମାଣର ମୟୂର ମାଂସ ସମେତ ବହୁସଂଖ୍ୟକ ଫାଶ, ଶିକାର ପାଇଁ ବ୍ୟବହୃତ ମାଟି ଗୁଳି, ଯନ୍ତା, କୁରାଢ଼ି ଏବଂ ଲୁହାଛୁରି ଜବତ କରାଯାଇଛି। ଦମ୍ପତିଙ୍କୁ ବନ ବିଭାଗ ପକ୍ଷରୁ ସୋମବାର କୋର୍ଟ ଚାଲାଣ କରାଯାଇଛି।


ବନ ବିଭାଗ ଦ୍ୱାରା ଗିରଫ ଡେବ୍ରିଗଡ଼ ଅଭୟାରଣ୍ୟ ମଧ୍ୟରେ ବେଆଇନ୍ ଭାବେ ମୟୂର ଶିକାର କରିଥିବା ଦମ୍ପତି।

ଏ ସମ୍ପର୍କରେ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସଙ୍କ ସୂଚନା ଅନୁସାରେ ବନ ବିଭାଗର ପାଟ୍ରୋଲିଂ ସ୍କ୍ୱାଡ୍ ଅଭୟାରଣ୍ୟ ମଧ୍ୟରେ ମୟୂର ଶିକାର ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇଥିଲା। ଉକ୍ତ ସୂଚନା ଅନୁସାରେ ବନ ବିଭାଗ ପାଟ୍ରୋଲିଂ ସ୍କ୍ୱାଡ୍ ରବିବାର ବିଳମ୍ବିତ ରାତିରେ ଅଭୟାରଣ୍ୟର ପାଦଦେଶସ୍ଥିତ ଲବଣଟିକ୍ରା ଗ୍ରାମରେ ଚଢ଼ାଉ କରି ଶିକାରୀ ଦମ୍ପତିଙ୍କୁ ଧରିଥିଲେ। ସେମାନଙ୍କୁ ପ୍ରଥମେ ଡେବ୍ରିଗଡ଼ସ୍ଥିତ ବନ ବିଭାଗ କାର୍ଯ୍ୟାଳୟକୁ ଆଣି ଜେରା କରିଥିଲେ। ଜେରା ବେଳେ ଅଭିଯୁକ୍ତଦ୍ୱୟ ମୟୂର ଶିକାର କରିଥିବା ସ୍ୱୀକାର କରିଥିଲେ। ସେମାନେ ନିଜ ସ୍ୱୀକାରୋକ୍ତିରେ କହିଥିଲେ, ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ଯାଇଥିବାବେଳେ ସେମାନେ ଏକ ମୟୂର ବସା ଦେଖିବାକୁ ପାଇଥିଲେ। ମାଂସ ଖାଇବା ସହ ଏହାର ପର ବିକ୍ରି କରିବା ଉଦ୍ଦେଶ୍ୟରେ ସେମାନେ ସେଠାରେ ସିନ୍ଥେଟିକ ସୂତାର ଏକ ଫାଶ ଲଗାଇ ମୟୂର ଶିକାର କରିଥିଲେ। ସୂଚନାଯୋଗ୍ୟ, ମୟୂର ଭୂମିରେ ବସା ବାନ୍ଧୁଥିବା ପକ୍ଷୀ ହୋଇଥିବାରୁ ଖରାଦିନେ ଅଣ୍ଡା ଦେବା ସମୟରେ ଏମାନେ ସହଜରେ ଶିକାରୀଙ୍କ ଶିକାର ହୋଇଥାନ୍ତି। ଡେବ୍ରିଗଡ଼ ପରିସୀମା ମଧ୍ୟରେ ମୟୂର ସମେତ କୋଇଲି, ଗୁଣ୍ଡୁରି ଓ ବଣକୁକୁଡ଼ା ଭଳି ପକ୍ଷୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଇକୋ-ଡେଭଲପମେଣ୍ଟ ବା ପରିବେଶ ବିକାଶ କମିଟିକୁ ସତର୍କ କରାଯିବା ସହ ସୂଚନାଦାତା ନେଟୱର୍କକୁ ଅଧିକ ସକ୍ରିୟ କରାଯାଇଛି। ଏହି ସଫଳ ଅଭିଯାନ ପାଇଁ ସୂଚନା ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରାଯିବ ବୋଲି ବନଖଣ୍ଡ ଅଧିକାରୀ ଦାସ ସୂଚନା ଦେଇଛନ୍ତି।

## ନାବାଳିକା ଗଣବଳାତ୍କାର ମାମଲା
# ୨ ବଳାତ୍କାରୀଙ୍କୁ ଆଜୀବନ ଜେଲ

ବାରିପଦା,୨୭।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ସ୍ପେଶାଲ ପୋକ୍ସୋ କୋର୍ଟରେ ସୋମବାର ଏକ ନାବାଳିକା ଗଣବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଭିନ୍ନ ଭିନ୍ନ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମୁଖ୍ୟ ୨ଅଭିଯୁକ୍ତ ବାଡୁଣିଆ ଗ୍ରାମର ରୋହିଦାସ ସିଂ ଓ ନାରାୟଣ ହେମ୍ବ୍ରମଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ପ୍ରତ୍ୟେକଙ୍କୁ ୧୦ହଜାର ଟଙ୍କା ଲେଖାଏ ଜରିମାନା ଓ ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇ ସହଯୋଗୀ ଅଭିଯୁକ୍ତ ପ୍ରକାଶ ସୋରେନ ଓ ସାଇବୁ ସୋରେନଙ୍କୁ ୩ବର୍ଷ ଲେଖାଏ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ପ୍ରତ୍ୟେକଙ୍କୁ ୩ହଜାର ଟଙ୍କା ଲେଖାଏ ଜରିମାନା ଓ ଅନାଦାୟେ ଅଧିକ ୩ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୨ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ,୨୦୨୧ ଅଗଷ୍ଟ ୬ରେ ବିଶୋଇ ଥାନା ଅଞ୍ଚଳର ଏକ କନ୍ୟା ଆଶ୍ରମରେ ନିର୍ମାଣ କାର୍ଯ୍ୟ ଚାଲୁରହିଥିଲା।ଏଥିରେ ମୁଖ୍ୟ ଦୁଇ ଅଭିଯୁକ୍ତ ରୋହିଦାସ ଓ ନାରାୟଣ କାମ କରୁଥିବା ବେଳେ ପୀଡ଼ିତା ନାବାଳିକା ଜଣକ ମଧ ସେଠାରେ କାର୍ଯ୍ୟ କରୁଥିଲେ। ତେବେ ଘଟଣା ଦିନ ନାବାଳିକା ସିମେଣ୍ଟ ଆଣିବା ପାଇଁ ଗୋଦାମ ଘରକୁ ଯାଇଥିବା ବେଳେ ନାରାୟଣ ଓ ରୋହିଦାସ ତାଙ୍କୁ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ ପୀଡ଼ିତା ପରିବାର ଲୋକଙ୍କୁ ଜଣାଇବା ପରେ ଗ୍ରାମରେ ବୈଠକ ବସିଥିଲା। ଘଟଣାକୁ ଚପାଇବା ସହ ମିଥ୍ୟା ଅଭିଯୋଗ ଆଣିଥିବା କହି ପୀଡ଼ିତାଙ୍କ ପରିବାରକୁ ୨୯ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ପ୍ରକାଶ ଓ ସାଇବୁ ବାଧ କରିଥିଲେ। ଜରିମାନା ଅର୍ଥ ପ୍ରଦାନ ନ କଲେ ସାମାଜିକ ବାସନ୍ଦ କରାଯିବ ବୋଲି ଧମକଚମକ ଦେଇଥିଲେ। ତେବେ ଗ୍ରାମବାସୀଙ୍କ ନିଷ୍ପତ୍ତିକୁ ମାନିନେଇ ପରିବାର ଲୋକେ ଟଙ୍କା ପ୍ରଦାନ କରିବା ପରେ ମଧ ନିଆଁପାଣି ବାସନ୍ଦ କରାଯାଇଥିଲା। ଏଥିରେ ଅତିଷ୍ଟ ହୋଇ ୨୦୨୧ ଅଗଷ୍ଟ ୨୦ରେ ପୀଡ଼ିତାଙ୍କ ମାଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୦୮/୨୧) ରୁଜୁ କରିଥିଲା। ସରକାରୀ ଆଇନଜୀବୀ ପ୍ରଭାତ କୁମାର ବେହେରା ମାମଲା ପରିଚାଳନା କରୁଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-AMC-MSDAC-561, ତା.22.04.2026ରିଖ

**କାର୍ଯ୍ୟର ନାମ :** 36 ମାସ ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ପୁରୀ ଷ୍ଟେସନ ଠାରେ SIMENS ଦ୍ୱାରା ନିର୍ମିତ ମଲ୍ଟି ସେକ୍ସନ ଡିଜିଟାଲ ଏକ୍ସିଲ କାଉଣ୍ଟର ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

**ଟେଣ୍ଡର ମୂଲ୍ୟ(₹):** 40,32,529.92, EMD (₹) : 80,700.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 3,540.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.30.04.2026 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.05.2026 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-80/R/26-27


# ଗ୍ୟାସ୍ କଳାବଜାର ବେଳେ ଚଢ଼ାଉ, ଅଭିଯୁକ୍ତ ଗିରଫ

## ୧୮ ସିଲିଣ୍ଡର, ଗ୍ୟାସ୍ ବୁକିଂ ବହି ଓ ରସିଦ୍ ଜବତ

ଭୁବନେଶ୍ୱର, ୨୭।୪ (ପ୍ରସନଜିତ୍ ସାହୁ)



ମଧ୍ୟପ୍ରାଚ୍ୟରେ ଯୁଦ୍ଧ କାରଣରୁ ଦେଶରେ ଏଲ୍‌ପିଜି ସଙ୍କଟ ଦେଖା ଦେଇଛି। ଏହାକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ କେତେକ ମୁନାଫାକାରୀ ବ୍ୟବସାୟୀ ଗ୍ୟାସ୍ ସିଲିଣ୍ଡରର କଳାବଜାରି କରୁଥିବା ଅଭିଯୋଗ ହେବା ପରେ ଯୋଗାଣ ବିଭାଗ ତରଫରୁ ଚଢ଼ାଉ ଜାରି ରହିଛି। ସୋମବାର ଗ୍ୟାସ୍ କଳାବଜାରୀ ଅଭିଯୋଗରେ ଚନ୍ଦ୍ରଶେଖରପୁର ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ସାଲେପୁର ଅଞ୍ଚଳର ମନୋଜ କୁମାର ସାହୁ। ସେ ଶିଖରଚଣ୍ଡୀ ଅଞ୍ଚଳରେ ରହୁଥିବାବେଳେ ତାଙ୍କ ନିକଟରୁ ପୋଲିସ ମୋଟ ୧୯ ସିଲିଣ୍ଡର ଜବତ କରିଛି। ସେଥିମଧ୍ୟରୁ ୧୧ ଟି ସିଲିଣ୍ଡରରେ ଗ୍ୟାସ୍ ଥିବାବେଳେ ୭ଟି ଫାଙ୍କା ରହିଛି। ଏଥିସହିତ ତାଙ୍କ ନିକଟରୁ କିଛି ରସିଦ୍ ଓ ଗ୍ୟାସ୍ ବୁକିଂ ବହି ମଧ୍ୟ ଜବତ କରାଯାଇଛି। ପୋଲିସ ଏହି ଘଟଣାରେ ଏକ ମାମଲା (ନଂ.୪୧୮/୨୦୨୬) ରୁଜୁ କରି ମନୋଜଙ୍କୁ କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନାନୁସାରେ, ମନୋଜ ପୂର୍ବରୁ ଏକ ଗ୍ୟାସ୍ ଏଜେନ୍ସିରେ ମ୍ୟାନେଜର ଭାବରେ କାମ କରୁଥିଲେ। ସେହିସମୟରେ ସେ କେତେଜଣ ଲୋକଙ୍କ ଗ୍ୟାସ୍ ବୁକିଂ ବହି ରଖି ଏପରି କଳାବଜାରି କରିଥାନ୍ତି। ସେ ଗ୍ୟାସ୍ ଏଜେନ୍ସିରୁ ସିଲିଣ୍ଡର ପିଛା ୯୩୯ ଟଙ୍କାରେ କିଣି ୩,୫୦୦ ଟଙ୍କାରେ ବିକ୍ରି କରନ୍ତି। ଯେଉଁ ବ୍ୟକ୍ତିଙ୍କ ନାମରେ ସେ ବୁକିଂ କରିଥାନ୍ତି, ତାଙ୍କୁ ୫୦୦ ଟଙ୍କା ଦେଇ ବାକି ସମସ୍ତ ଟଙ୍କା ନିଜେ ରଖିଥାନ୍ତି। ଗ୍ୟାସ୍ ବୁକିଂ କରିବାକୁ ଲୋକମାନଙ୍କୁ ୨୨ରୁ ୨୫ ଦିନ ସମୟ ଲାଗୁଥିବାବେଳେ ଅନ୍ୟମାନଙ୍କ ନାଁ ରେ ବୁକିଂ କରି ସେ ଚଢ଼ା ଦରରେ ବିକ୍ରି କରୁଥିବା ପୋଲିସ କହିଛି।

## ମହିଳାଙ୍କ ମୃତଦେହ ଜବତ

ବନ୍ତଳା,୨୭।୪
(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଳା ଥାନା ଅନ୍ତର୍ଗତ ଗଡ଼ତରାସ ଗାଁରୁ ରବିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ବନ୍ତଳା ପୋଲିସ ଜବତ କରିଛି। ମୃତା ଗଡ଼ତରାସ ଗାଁର ଅଜୟ ନାଏକଙ୍କ ସ୍ତ୍ରୀ ପୂଜା ନାଏକ(୨୩) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଅନୁଗୋଳ ବ୍ଲକ ଶରଧାପୁର ପଞ୍ଚାୟତ ରାମିମୁଣ୍ଡା ଗାଁର ପୂଜାଙ୍କୁ ୧ବର୍ଷ ତଳେ ଅଜୟ ଦ୍ୱିତୀୟ ବିବାହ କରିଥିଲେ। ବିବାହର ମାସକ ପରେ ଅଜୟ କାମ କରିବାକୁ ବାହାରକୁ ଚାଲିଯାଇଥିଲାବେଳେ ପୂଜା ବାପଘରେ ରହୁଥିଲେ। କିଛିଦିନ ତଳେ ଅଜୟ ଗାଁକୁ ଆସିଥିବାବେଳେ ଶ୍ୱଶୁରଘରକୁ ଯାଇ ପୂଜାଙ୍କୁ ଘରକୁ ଆଣିଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ରବିବାର ଝଗଡ଼ା ହୋଇଥିଲା। ଫଳରେ ପୂଜା ଏକ ଚୁନୁରିରେ ଘର ଭିତରେ ଥିବା ତାଳକଡ଼ିରେ ଝୁଲି ପଡ଼ିଥିଲେ। ଏସମ୍ପର୍କରେ ଅଜୟ ପୂଜାଙ୍କ ଘରଲୋକ ଓ ବନ୍ତଳା ପୋଲିସକୁ ଖବର ଦେଇଥିଲେ।

# ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଏନ୍‌ଏଚ୍‌ଆର୍‌ସିରେ ମାମଲା

## ଭୁଲ୍ ଇଞ୍ଜେକ୍ସନ ଯୋଗୁ ନାବାଳକ ମୃତ୍ୟୁ ଘଟଣା

ଭଦ୍ରକ,୨୭।୪(ସନାତନ ରାଉତ)

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ପଦ୍ମପୁର ପଞ୍ଚାୟତ ମେଲକସାହିର ଦେବକାନ୍ତ ବାରିକଙ୍କ ପୁଅ ମୁକେଶ(୧୪)ଙ୍କ ରବିବାର ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭୁଲ୍ ଇଞ୍ଜେକ୍ସନ ଯୋଗୁ ମୃତ୍ୟୁ ଘଟିଥିଲା। ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ମୃତ ନାବାଳକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇଦେବା ପାଇଁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଏକ ମାମଲା (ନଂ.୯୨୫୬/୨୦୨୬) ରୁଜୁ ହୋଇଛି। ନ୍ୟାୟ ପାଇଁ ଲଢ଼େଇ ପରିବାର ସଙ୍ଗଠନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶଙ୍କ ଅଭିଯୋଗ ଆଧାରରେ ଏହି ମାମଲା ରୁଜୁ ହୋଇଛି। ଏହି ମାମଲାରେ ଭଦ୍ରକ ସିଡିଏମ୍‌ଓ, ଜିଲାପାଳ, ଏସ୍‌ପି, ଓଡ଼ିଶା ସ୍ୱାସ୍ଥ୍ୟ ସଚିବ, ପୋଲିସ ଡିଜି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରାଯାଇଥିବା ସଭାପତି ଦାଶ ସୋମବାର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ମୁକେଶ କ୍ରିକେଟ ଖେଳୁଥିବା ବେଳେ ତାଙ୍କ ଗୋଡ଼ରେ ବାଉଁଶ ପଶି ରକ୍ତସ୍ରାବ ହୋଇଥିଲା। ବାସୁଦେବପୁର ଡାକ୍ତରଖାନାରେ ଡା. ଦଶରଥ ଟୁଡୁ ତାଙ୍କ ଚିକିତ୍ସା କରିବା ସହ ୩ଟି ଇଞ୍ଜେକ୍ସନ ଦେଇଥିଲେ। ଏହି ଇଞ୍ଜେକ୍ସନ ଯୋଗୁ ମୁକେଶଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା।


No.34001/122/2627

**OFFICE OF THE CHIEF CONSTRUCTION ENGINEER BALANGIR (R&B) CIRCLE, BALANGIR**

Email - sepwdbalangir@gmail.com

Bid Identification No.:CCE (R&B) BGR/15/2025-26

Letter No.1283 //Dtd.24.04.2026

**CANCELLATION OF BID**

The Bid for the works :- **CONSTRUCTION OF BAR ASSOCIATION FOR DISTRICT COURT AT BALANGIR (TENDER ID : 2025_EICCL_123711_2).**

The above 1 No. tender invited vide BID Identification No. : CCE (R&B) BGR/15/2025-26 (SL-2) is hereby cancelled due to technical ground.

Sd./- Chief Engineer, Balangir (R&B) Circle, Balangir

OIPR-34001/34131/1/26-27/0003


# ପାହାଡ଼ ଶିଖର ମାଟିତଳୁ ଗଞ୍ଜେଇ ଜବତ


ଆର. ଉଦୟଗିରି ପୋଲିସ ଗଞ୍ଜେଇ ଜବତ କରୁଛି।

ପାରଳାଖେମୁଣ୍ଡି,୨୭।୪
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଆର୍.ଉଦୟଗିରି ଏସ୍‌ଡିପିଓ ରାକେଶ ସାହୁଙ୍କ ନେତୃତ୍ୱରେ ପାହାଡ ଶିଖର ମାଟିତଳେ ଚୋରାଚାଲାଣ ପାଇଁ ଲୁଚାଇ ରଖାଯାଇଥିବା ୪ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇକୁ ପୋଲିସ ସୋମବାର ଜବତ କରିଛି। ଗୁପ୍ତ ସୂଚନାକୁ ଆଧାର କରି ଆର. ଉଦୟଗିରି ପୋଲିସ ମାଣିକପୁର ଏବଂ ଡାଲିମ୍ବପୁର ଗାଁରେ ଚଢାଉ କରି ପାହାଡ଼ ଶିଖର ମାଟିତଳେ ଲୁଚାଇ ରଖାଯାଇଥିବା ୪କୁଇଣ୍ଟାଲ ୧୩ କିଲୋ ଗଞ୍ଜେଇ ଜବତ କରିଥିଲା। ଏ ସମ୍ପର୍କରେ, ଆର୍. ଉଦୟଗିରି ଥାନାରେ ୬୨/୨୬ରେ ଏକ ମାମଲା ରୁଜୁ ହୋଇଛି। ଏଥିରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ଗିରଫ କରାଯିବ ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି।

# ଚାକିରି କରାଇ ଦେବାକୁ କହି ଠକେଇ: ଆକାଉଣ୍ଟ୍ସ ମ୍ୟାନେଜର ଗିରଫ

ଦେବଗଡ଼,୨୭।୪
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାକିରି କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଠକି ନେବା ଅଭିଯୋଗରେ ସ୍ଥାନୀୟ ପୋଲିସ ଜଣେ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଚିକିତ୍ସାଳୟର ତତ୍କାଳୀନ ଆକାଉଣ୍ଟ୍ସ ମ୍ୟାନେଜର ପରମେଶ୍ୱର ନାଏକ। ଅଭିଯୋଗ ଅନୁଯାୟୀ, ଉକ୍ତ ଚିକିତ୍ସାଳୟରେ ଆଟେଣ୍ଡାଣ୍ଟ, ଝାଡୁଦାର, ସୁପରଭାଇଜର ପଦବୀରେ ଚାକିରି କରାଇ ଦେବା ପାଇଁ ପରମେଶ୍ୱର ୧୨ ଜଣ ଆଶାୟୀଙ୍କଠାରୁ ୨୦୨୫ ଜୁଲାଇରେ ୧୫ ଲକ୍ଷ ୬୦ ହଜାର ଟଙ୍କା ନେଇଥିଲେ। ହେଲେ ଚାକିରି କରାଇଦେବା ବଦଳରେ ଦିନ ଗଡାଇ ଚାଲିଥିଲେ। ଗତବର୍ଷ ନଭେମ୍ବରରେ କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ତାଙ୍କର ବଦଳି ହେବା ପରେ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଏନେଇ କେତେଜଣ ଆଶାୟୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୪୩/୨୬) ରୁଜୁ କରିଛି। ତେବେ ଏହି ଠକେଇ ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ ସେ ଦିଗରେ ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ସବ୍ୟସାଚୀ ଶତପଥୀ କହିଛନ୍ତି।


No.34001/126/2627

**OFFICE OF THE CHIEF CONSTRUCTION ENGINEER BALANGIR (R&B) CIRCLE, BALANGIR**

Email - sepwdbalangir@gmail.com

Bid Identification No.:CCE (R&B) BGR/15/2025-26

Letter No.1287 //Dtd.24.04.2026

**CANCELLATION OF BID**

The Bid for the works :- **CONSTRUCTION OF 6 NOS. OF F-TYPE FLAT QUARTER AT CHC, ULLUNDA IN THE DISTRICT OF SUBARNAPUR (TENDER ID : 2025_EICCL_115469_2).**

The above 1 no. tender invited vide BID Identification No. : CCE (R&B) BGR/06/2025-26 (SL-2) is hereby cancelled due to non renewal of Bid Validity after lottery drawal.

Sd./- Chief Engineer, Balangir (R&B) Circle, Balangir

OIPR-34001/34131/1/26-27/0004

**ଭାରତୀୟ କ୍ରୀଡ଼ା ପ୍ରାଧିକରଣ**
**SPORTS AUTHORITY OF INDIA**
ଭାରତ ସରକାର / GOVERNMENT OF INDIA
କ୍ରୀଡ଼ା ବିଭାଗ / DEPARTMENT OF SPORTS
(An Autonomous Body under Ministry of Youth Affairs and Sports)
(ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ଏକ ସ୍ୱୟଂଶାସିତ ନିକାୟ)
(ମାନବ ସମ୍ବଳ ମଣ୍ଡଳ)
ଏସ୍‌ଏଆଇ-ମୁଖ୍ୟ କାର୍ଯ୍ୟାଳୟ ବିଲ୍ଡିଂ, ଏସ୍‌ଏଆଇ-ମୁଖ୍ୟାଳୟ, ଜବାହରଲାଲ ନେହରୁ ଷ୍ଟାଡିୟମ୍ କମ୍ପ୍ଲେକ୍ସ (ଇଷ୍ଟ ଗେଟ୍ ନଂ. ୧୦), ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩

ଏଫ୍.ନଂ.:୦୧-୦୪୦୦୧(୦୧)/୧୩/୨୦୨୪-ଏଚ୍‌ଓ- ପର୍ସୋନେଲ ଡିଭିଜନ/୨୫୬ ତାରିଖ: ୨୧।୦୪।୨୦୨୬

**ଭ୍ରମ ସଂଶୋଧନ**

**ବିଷୟ: ନିୟମିତ ଭିତ୍ତିରେ ସହକାରୀ କୋଚ୍ ପଦବୀ ନିମନ୍ତେ ଦରଖାସ୍ତ ଦାଖଲର ଶେଷ ତାରିଖ ବୃଦ୍ଧି**

**ଏଫ୍.ନଂ.୦୧-୦୪୦୦୧(୦୧)/୧୩/୨୦୨୪-ଏଚ୍‌ଓ-ପର୍ସୋନେଲ ଡିଭିଜନ/୨୩୭ ତାରିଖ: ୨୫।୦୩।୨୦୨୬** ଜରିଆରେ ଜାରି ହୋଇଥିବା ଯୋଗପତ୍ରର ଆଂଶିକ ସଂଶୋଧନ ଅନୁଯାୟୀ ନିୟମିତ ଭିତ୍ତିରେ ସହକାରୀ କୋଚ୍ ପଦବୀ ନିମନ୍ତେ ଅନ୍‌ଲାଇନ୍ ଦରଖାସ୍ତ ଦାଖଲର ଶେଷ ତାରିଖକୁ **ଏତଦ୍ୱାରା ତା୦୫।୦୫।୨୦୨୬ରିଖ (ଅପରାହ୍ନ ୦୫.୦୦ ଘଟିକା) ପର୍ଯ୍ୟନ୍ତ ବୃଦ୍ଧି କରାଯାଉଛି ।** ଅବଶିଷ୍ଟ ସର୍ତ୍ତାବଳୀ ବୈଧ ରହିବ ।
୨. ବିବରଣୀ ଏବଂ ଆବେଦନ ଲିଙ୍କ୍ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ୱେବ୍‌ସାଇଟ୍ www.yas.nic.in ଏବଂ ଏସ୍‌ଏଆଇ ୱେବ୍‌ସାଇଟ୍ www.sportsauthorityofindia.nic.inରେ ଉପଲବ୍ଧ ।

ସ୍ୱା./– କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ ମଣ୍ଡଳ) ଭାରତୀୟ କ୍ରୀଡ଼ା ପ୍ରାଧିକରଣ

cbc 47103/11/0005/2627

GOVERNMENT OF ODISHA, DEPARTMENT OF WATER RESOURCES
INVITATION FOR BIDS (IFB)
**OFFICE OF THE EXECUTIVE ENGINEER BOUDH IRRIGATION DIVISION, BOUDH, PIN-762014**
e-mail i.d - eebidboudh@gmail.com
**"e"-Procurement Notice No.-02/2026-27**
Bid Identification No. EE BOD-02/2026-27

**No.32001/122/2627** : The **Executive Engineer, Boudh Irrigation Division, Boudh,** on behalf of Governor of Odisha invites online **Percentage rate** tenders in **Double cover system** to be received in online mode only for the works as detailed below. Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the Work | River Protection Embankment Work |
| 2 | No. of Works | **11 Nos.** |
| 3 | Class of Contractor | **"B" Class only (Odisha PWD or relevant class of other licensing Authority)** |
| 4 | Bid Identification No. | EEBOD-02/2026-27 |
| 5 | Estimated Cost | Varies Approximately from 79.83 lakhs to 82.37 lakhs |
| 6 | Period of Completion | 11 (Eleven) Calendar Months |
| 7 | Date & time of availability of bid documents in the Portal | **From 27.04.2026 (11.00 A.M.) to 13.05.2026 (05.30 P.M.)** |
| 8 | Last date/time for receipt of bids through online | **13.05.2026 upto 05.30 P.M.** |
| 9 | Date of Opening of Bid through online | **14.05.2026 (11.00 A.M. onwards in the Office of the undersigned)** |
| 10 | Name of the Officer inviting Bid | **Executive Engineer, Boudh Irrigation Division, Boudh (Dist.-Boudh)** |

Further details can be seen from the e-Procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

Sd./- Executive Engineer, Boudh Irrigation Division, Boudh

OIPR-32001/32111/1/26-27/0002

**OFFICE OF THE NOTIFIED AREA COUNCIL : PATNAGARH**
No.-864 // Dt.24.04.2026//
e Procurement Notice
BID REFERENCE NO : NACPTG/02(01)/2026-27

**No.13001/306/2627** : Bid Documents consisting of work, estimated cost, Cost of Tender paper, EMD, Time of completion, Class of Contractor and the set of terms and conditions of contract and other necessary documents can be seen in Govt. Website i.e. www.tendersorissa.gov.in.

1. Name of the Work : **Desilting, Dewatering, Deweeding and Beautification of Menar Bandh weekly market in Ward No.1 under N.A.C. Patnagarh as mentioned in DTCN**
2. No. of works : **01 (One) No.**
3. Estimated Cost : **Rs.42,33,015/- (Excluding GST)**
4. Period of Completion : **3 (Three) Calendar Months**
5. Date and Time of on line Bidding : **From 05.00 P.M. of Dt.27.04.2026 to 5.00 P.M. of Dt.18.05.2026**
6. Online Bids shall be open on : **Dt.19.05.2026 on 11.00 A.M.**
7. Name & Address of the Officer Inviting Bid : **Executive Officer, NAC Patnagarh**
8. Further details can be seen from the website https://tendersodisha.gov.in

Further any addendum/corrigendum/clarification issued in connection with the tenders shall be uploaded in the above website and no news paper advertisement shall be given. Bidders are advised to visit the website regularly for obtaining all such details.

Sd./- Executive Officer, NAC, Patnagarh

OIPR-13001/13102/1/26-27/0004

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha
**QUOTATION CALL NOTICE**

Registrar, National Law University Odisha invites sealed quotations in prescribed format from eligible bidders for the following repair & maintenance works at NLUO Cuttack.

| Sl. No. | Name of the Work |
|---|---|
| 1 | Repair of Aluminium door & window |
| 2 | Painting of Cupboard & Bookshelf |
| 3 | Repair of hostel chairs |
| 4 | Provision of Paver Blocks at Girls Hostel |
| 5 | Supply of Manpower & Machinery |
| 6 | Rate contract for carpentry works |
| 7 | Rate contract for civil and plumbing work |
| 8 | Repair of sewage chambers |
| 9 | Provision of Shop & Toilet at Boys Hostel 2 |
| 10 | Provision of UPVC ventilators |

Last date & time of receipt of the quotation is **11 May 2026** at **11.00 A.M.**
For details, please visit website- www.nluo.ac.in/tenders

Sd/- Registrar

**OFFICE OF THE MUNICIPAL COUNCIL : KHORDHA**
H & UD Department, Govt. of Odisha, Khordha - 752055
e-Mail : khurda_municipality@yahoo.co.in, Phone No. 06755-220674
**"e" Procurement Notice**
**No.1388 / Date : 24.04.2026**

**No.13001/316/2627** : Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

1. Tender Reference No. : KMPLTY/01/2026-27
2. Name of the Work : Civil Construction works as mentioned in DTCN
3. No. of works : 35 Nos.
4. Eastimated Cost : As per DTCN
5. Earnest Money Deposit (EMD) : As per DTCN
6. Period of Completion : As per DTCN
7. Date & Time of Bidding : From Date. **28.04.2026** at **11:00 A.M.**
8. Last date & time for receipt of bids in the portal : Date. **11.05.2026** up to **05:30 P.M.**
9. Bids received online shall be opened on : Date. **13.05.2026** from **10:00 A.M.**
10. Name and address of the Officer inviting Bid : O/o-Executive Officer, Khordha Municipality

Further amendments, corrigendum or other communication regarding this notice will be available only on https://tendersodisha.gov.in/nicgep/app and will not be published in print media.

Sd./- Executive Officer, Khordha Municipality

OIPR-13001/13082/1/26-27/0001

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel- MD 0674-2340573, E-Mail : mdossclt d456@gmail.com

**Short e-Tender Call Notice for Procurement of Certified Seed Potato for Kharif-2026**
**NIT No. - OSSC/Mktg (Hort)-07/2026**

**No.1001/25/2627** : Interested bidders may visit the e-tender portal i.e. www.tendersodisha.gov.in for downloading the document for Procurement of Certified Seed Potato for Kharif-2026.
Last date of receipt of tender in portal - **04.05.2026 upto 11.00 A.M.**

Sd./- Managing Director, OSSC Ltd.

OIPR-1001/1045/1/26-27/0006

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.-CHEP/TW-102 (Vol.-V)/1654 Date: 24.04.2026

No. 4001/44/2627

**TENDER CALL NOTICE NO.-CHEP-05/2026-27**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from Reputed Firms / Agencies for the following work as mentioned below;

| Description | Cost of Tender Paper (Non-refundable) | Estimated Cost / EMD (Refundable) |
|---|---|---|
| Providing Under water diving & salvage works at Chiplima Power House | Rs.7,080.00 (Rs.6,000.00 + GST @18%) | Rs.10,31,800.00 / EMD=Rs.10,320.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.28.04.2026 up to 11:00 AM of dtd.11.05.2026.

Sd/- C & P Head, CHEP, Chiplima

OIPR-4001/4006/1/26-27/0004

No.34001/125/2627

**WORKS DEPARTMENT**
**OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE**
e-mail : seec_bls@rediffmail.com
Government of Odisha "e" Procurement Notice
**Bid Identification No.CCEEC-03/2026-27**

**No : 3269** **Dt : 23.04.2026**
Nature of work : **Road Works**
Number of works : **1 No Road**
Amount put to Tender : **Rs.259.79 lakh**
Class of Contractor : **"B" & "A" Class.**
Date & Time of availability of bid document in the portal : **Dt.30.04.2026 at 10:00 A.M.**
Last Date / Time of receipt of bid in the portal : **Dt.14.05.2026 up to 05:00 P.M.**
Date of opening of bid : **Dt.15.05.2026 at 11:00 A.M.**
Name & address of the Office inviting bid : **Chief Construction Engineer, Eastern Circle (R&B), Balasore**
The bidders have to participate in **ONLINE** bidding only. Further details can be seen from the e-Procurement portal **"http//tendersodisha.gov.in."** All future corrigendum will be available on ONLINE mode only.

Sd./- Chief Construction Engineer, Eastern Circle (R&B) Balasore

OIPR-34001/34026/1/26-27/0004

# ଜଳ ସଙ୍କଟ ଭୋଗୁଛନ୍ତି ଶୀତଳପଡା ବସ୍ତିବାସୀ

## ୭ ଦିନ ଧରି ଆସିନି ପାଣି: ବସ୍ତି ଭିତରେ ନଳକୂପ ଭରସା

**ରାଉରକେଲା,୨୭।୪(ଦିନେଶ ମିଶ୍ର):** ଷ୍ଟିଲସିଟି ରାଉରକେଲା ସହରରେ ଗ୍ରୀଷ୍ମର ପ୍ରଭାବ ଜାରି ରହିଛି। ସହରରେ ସକାଳ ୯ଟା ବାଜିବା ମାତ୍ରେ ଗୁଳିଗୁଳି ଗରମ ସାଙ୍ଗକୁ ପ୍ରଚଣ୍ଡ ଖରା ଲୋକଙ୍କୁ କଲବଲ କରୁଛି। ଏହିଭଳି ପରିସ୍ଥିତିରେ ଉଦିତନଗର ସ୍ଥିତ ଶୀତଳପଡା ବସ୍ତି ଭିତରେ ପାନୀୟ ଜଳ ସଙ୍କଟ ଦେଖିବାକୁ ମିଳିଛି। ଉଦିତନଗର ସ୍ଥିତ ଶୀତଳପଡା ଅଞ୍ଚଳରେ ଥିବା ମଙ୍ଗଳାବସ୍ତିରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ରାତି ପାହିଲେ ଏହି ବସ୍ତିବାସୀମାନେ ପ୍ରତିଦିନ ପାନୀୟ ଜଳ ପାଇଁ ସଂଘର୍ଷ କରୁଛନ୍ତି। ଖରାଦିନ ହୋଇଥିବା ହେତୁ ବର୍ତ୍ତମାନ ବସ୍ତି ଭିତରକୁ ଟ୍ୟାପଯୋଗେ ଆଉ ପାଣି ଆସୁନାହିଁ। ଫଳରେ ସ୍ଥାନୀୟ ବସ୍ତିବାସୀମାନେ ବସ୍ତି ଭିତରେ ଥିବା ଏକ ନଳକୂପ ଉପରେ ନିର୍ଭର କରୁଛନ୍ତି। ଏହି ନଳକୂପଟିରେ ଅଧିକାଂଶ ସମୟ ଗୋଳିଆ ଓ ଲୁହାଳିଆ ପାଣି ଆସୁଥିବାରୁ ଲୋକେ ଏହାକୁ ପିଇବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଶୀତଳପଡା ବସ୍ତିଟି ଆରଏସ୍‌ପିର ଡମ୍ପିଙ୍ଗୟାର୍ଡରେ ଗଢି ଉଠିଥିବାରୁ ଏଠାରେ ନଳକୂପରେ ମଧୁର ଜଳ ବାହାରିବାରେ ଅସୁବିଧା ହେଉଛି। ଫଳରେ ବସ୍ତିବାସୀ ରାତି ପାହିଲେ ଘର ପାଖରେ ଥିବା ଏକ ଫଟାପାଇପ୍‌ରୁ ପାଣି ସଂଗ୍ରହ କରୁଛନ୍ତି। ନଚେତ ଆରଏମ୍‌ସି ସମ୍ମୁଖରେ ଥିବା ୱାଟର ଟ୍ୟାପରୁ ବୋତଲ ନଚେତ ଗଗରା ନେଇ ପାଣି ଭର୍ତ୍ତି କରି ଆଣି ବ୍ୟବହାର କରୁଥିବା ବସ୍ତିରେ ମାଳତୀ ଚୌହାନ ଅଭିଯୋଗ କରିଥିଲେ। ଶୀତଳପଡା ସ୍ଥିତ ମଙ୍ଗଳାବସ୍ତିକୁ ୨୦୨୧ ମସିହାରେ ଅମୃତ ଯୋଜନାରେ ଘରେ ଘରେ ପାଣିପାଇପ୍ ସୁବିଧା ପହଞ୍ଚା ଯାଇଥିଲା। ମାତ୍ର ଖରାଦିନ ହେତୁ ବର୍ତ୍ତମାନ ଏହି ବସ୍ତିକୁ ଆଜିକୁ ୭ ଦିନ ଧରି ପାଣି ଆସୁନଥିବାରୁ ବସ୍ତିବାସୀ ଉଦିତନଗର ସ୍ଥିତ ୱାଟକୋ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଆଜିଯାଏଁ କୌଣସି ଲାଭ ମିଳିନାହିଁ। ଫଳରେ ପ୍ରତିଦିନ ବସ୍ତିବାସୀ ପାନୀୟ ଜଳ ପାଇଁ ବାରଦୁଆର ଘୁଣ୍ଟିପିଣ୍ଟା ହେଉଛନ୍ତି। ଏଥିପ୍ରତି ସ୍ଥାନୀୟ ୱାଟକୋ ବିଭାଗୀୟ ଅଧିକାରୀ ଦୃଷ୍ଟିଦେବା ଲାଗି ସାଧାରଣରେ ଦାବି ହୋଇଛି। ଏନେଇ ୱାଟକୋ କନିଷ୍ଠଯନ୍ତ୍ରୀ ଦୁଷ୍ମନ୍ତ ତରେଇଙ୍କୁ ପଚାରିବାରୁ ସେ କହିଥିଲେ, ଶୀତଳପଡା ବସ୍ତିକୁ ସଂଯୋଗ ହୋଇଥିବା ପାଣି ପାଇପ୍‌ରେ କୌଣସି ପ୍ରେସରଯୋଗୁ ପାଣି ଆସୁନାହିଁ। ଏହାକୁ ଆମ କର୍ମଚାରୀ ପଠାଇ ବସ୍ତିକୁ ସଂଯୋଗ ହୋଇଥିବା ମୁଖ୍ୟ ପାଇପ୍‌ର ଚାବି ପଏଣ୍ଟକୁ ଯାଞ୍ଚ କରିବା ପରେ ଏହି ସମସ୍ୟା ଆସନ୍ତା ୨ ଦିନ ଭିତରେ ସମାଧାନ ହୋଇଯିବ ବୋଲି ତରେଇ କହିଥିଲେ ।

# ରାସ୍ତାରେ ଶୋଇ ବିକ୍ଷୋଭ କଲେ ଶ୍ରମ ସଙ୍ଗଠନ ସଦସ୍ୟ

ରାଉରକେଲା, ୨୭।୪(ସଙ୍ଗୀତା ଜେନା)

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଇସ୍ପାତ ସଚିବଙ୍କ ଶ୍ରମିକ ବିରୋଧୀ ମନମୁଖୀ କାର୍ଯ୍ୟ ବିରୋଧରେ ରାଉରକେଲା ଶ୍ରମିକ ସଂଘ(ଆରଏସ୍‌ଏସ୍) ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଛି। ସୋମବାର ସକାଳ ୭ଟାରେ ଇଣ୍ଡିଆନ୍ ନ୍ୟାଶନାଲ୍ ଟ୍ରେଡ୍ ୟୁନିଅନ୍ କଂଗ୍ରେସ(ଆଇଏନ୍‌ଟିୟୁସି) ସହବନ୍ଧିତ ଆରଏସ୍‌ଏସ୍ ର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଇସ୍ପାତ କାରଖାନା ମେନ୍‌ଗେଟ୍ ଠାରେ ପହଞ୍ଚି ବିଭିନ୍ନ ଦାବି ଉପସ୍ଥାପନା କରିବା ସହ ପ୍ରତିବାଦ ସ୍ୱରୂପ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଇସ୍ପାତ ସଚିବଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଉକ୍ତ ବିକ୍ଷୋଭରେ ସଂଘର ସାଧାରଣ ସମ୍ପାଦକ ବେହେରା ଇସ୍ପାତ ସଚିବଙ୍କ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରି କହିଥିଲେ, ୨୦୨୫-୨୬ ଆର୍ଥିକ ବର୍ଷରେ ସେଲ୍ ୪ ହଜାର କୋଟିରୁ ଊର୍ଦ୍ଧ୍ୱ ଲାଭ ଅର୍ଜନ କରିଥିବାବେଳେ କର୍ମଚାରୀମାନଙ୍କୁ ୩୯ ମାସର ଏରିଅର ପ୍ରଦାନ କରା ନ ଯିବା ଏବଂ ୯ ବର୍ଷ ୬ ମାସ ବିତିଯାଇଥିଲେ ମଧ୍ୟ ପୂର୍ଣ୍ଣାଙ୍ଗ ମଜୁରି ଚୁକ୍ତିନାମା ସ୍ୱାକ୍ଷର ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ। ଏହି ପ୍ରମୁଖ ସମସ୍ୟାକୁ ନେଇ ଇସ୍ପାତସଚିବ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏନ୍‌ଜେସିଏସ୍ ବୈଠକ ମଧ୍ୟ ଡକାଯାଉନାହିଁ। ଫଳରେ ଦିନକୁ ଦିନ ଉତ୍ପାଦନ ବଢୁଛି। କର୍ମଚାରୀ ସଂଖ୍ୟା ହ୍ରସ ପାଇବାରେ ଲାଗିଛି। ଏଭଳି ସ୍ଥିତିରେ କର୍ମଚାରୀମାନେ ଅସହ୍ୟ ଚାପରେ ରହୁଛନ୍ତି। ବିଗତ ୨ ଦଶନ୍ଧି ବ୍ୟାପୀ ଇସ୍ପାତ କର୍ମଚାରୀଙ୍କ ଇନସେଣ୍ଟିଭ୍ ,ରିୱାର୍ଡ଼ ସ୍କିମ୍ ପରିବର୍ତ୍ତନ କରାଯାଉନାହିଁ। ଆରଏସ୍‌ଏସ୍ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଏକାଧିକ ଥର ଆଲୋଚନା କରି ଇନ୍‌ସେଣ୍ଟିଭ୍ ଆଦି ପରିବର୍ତ୍ତନ କରିଥିଲେ ମଧ୍ୟ ଅନୁମୋଦନ ନାମରେ ଦୀର୍ଘ ସମୟଧରି କର୍ପୋରେଟ୍ ଅଫିସ୍‌ରେ ପଡିରହିଛି। ହେଲେ ଏବେ ବୋଝ ଉପରେ ନଳିତା ବିଡ଼ା ସଦୃଶ ଇସ୍ପାତ ସଚିବଙ୍କ ପକ୍ଷରୁ ୪୦ ପ୍ରତିଶତ ମାନବ ସମ୍ବଳ(ମ୍ୟାନ ପାୱାର) ହ୍ରାସ ପାଇଁ ସମସ୍ତ ୟୁନିଟ୍ କୁ ନିର୍ଦ୍ଦେଶ ଦିଆଯାଇଛି। ଯାହାକି ଅତ୍ୟନ୍ତ ଚିନ୍ତାଜନକ ଏବଂ ଶ୍ରମିକ ବିରୋଧୀ ଅଟେ। ଏଥି ସହିତ ଆଇଜିଏଚ୍‌କୁ ଘରୋଇକରଣ କରିବା, ଶିଳ୍ପାଞ୍ଚଳର ଇଲେକ୍ଟ୍ରିକାଲ, ସିଭିଲ, ହର୍ଟିକଲଚର ବିଭାଗକୁ ବନ୍ଦ କରିବା ଓ ସ୍ଥାନୀୟ ସ୍ତରରେ ସ୍ଥାନାନ୍ତର ଭଳି ପଦକ୍ଷେପ ଗୁଡ଼ିକ କର୍ମଚାରୀମାନଙ୍କ ମଧ୍ୟରେ ଅଶାନ୍ତି, ଅନିଶ୍ଚିତତା ସୃଷ୍ଟି କରିଛି। ଏଭଳିକି ସେଲ୍ ସବୁ ନିଷ୍ପତ୍ତି ପ୍ରଥମେ ସେଲ ବୋର୍ଡରେ ପାସ ହେବା କଥା। କିନ୍ତୁ ଇସ୍ପାତ ସଚିବ ଘରୋଇ ସଂସ୍ଥା ଭଳି ସେ ସବୁକୁ ବେଖାତିର କରି ନିଜ ଇଚ୍ଛା ମୁତାବକ ନିର୍ଦ୍ଦେଶ ଦେଉଛନ୍ତି। ଠିକା ଶ୍ରମିକଙ୍କୁ ଟ୍ରେନିଂଦେବା ପରିବର୍ତ୍ତେ ସ୍ଥାୟୀ କର୍ମଚାରୀମାନେ କାମ କରୁ ନ ଥିବା ଇସ୍ପାତ ସଚିବ କହୁଛନ୍ତି। କର୍ମଚାରୀମାନଙ୍କ ମନୋବଳ ବଢ଼ାଇବା ପରିବର୍ତ୍ତେ ଇସ୍ପାତ କର୍ତ୍ତୃପକ୍ଷ ମେନ୍‌ଗେଟ୍‌ରେ ବାୟୋମେଟ୍ରିକ୍ ମେସିନ୍ ଲଗାଇଛନ୍ତି। ଯାହାଦ୍ୱାରା କର୍ମଚାରୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି। ଅନୁପସ୍ଥିତି ଦର୍ଶାଇ ଚାକିରିରୁ ବାହାର କରିବାକୁ ଉଦ୍ୟମ କରାଯାଉଛି। ଏଭଳି ନିଷ୍ପତ୍ତିକୁ କେବେ ବରଦାସ୍ତ କରାଯିବ ନାହିଁ। ଆବଶ୍ୟକତା ସ୍ଥଳେ ଆରଏସ୍‌ଏସ୍ ତୀବ୍ର ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବ। ଏଥିରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଲେ ଇସ୍ପାତ ସଚିବ ଓ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ବେହେରା ଚେତାବନୀ ଦେଇଥିଲେ। ପରେ ଇସ୍ପାତ ସଚିବଙ୍କୁ କୁଶପୁତ୍ତଳିକା ଦାହ କରାଯାଇଥିଲା।


ମେନଗେଟ୍ ଛକରେ ବିକ୍ଷୋଭ କରାଯାଉଛି।

# ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ମାମଲା: ୪ ଗିରଫ

ରାଉରକେଲା, ୨୭।୪(ସଙ୍ଗୀତା ଜେନା)

ରବିବାର ଅପରାହ୍ନରେ ଝିରପାଣି ଥାନା ଅନ୍ତର୍ଗତ ଝିରପାଣି ଶେଷ ବସ୍ ଷ୍ଟପେଜ୍ ଅଞ୍ଚଳରେ ଏକ ସ୍ଥାନରେ ଗୋମାଂସ ବିକ୍ରୟ ଅଭିଯୋଗକୁ କେନ୍ଦ୍ରକରି ତୁମୁଳ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଘଟଣାରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେବା ସହ ଉକ୍ତ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ବ୍ୟାପକ ପୋଲିସ ମୁତୟନ କରାଇଥିଲେ। ବିଳମ୍ବିତ ରାତିରେ ଏତଲା ଅନୁଯାୟୀ ମାମଲା(ନଂ .୭୬/୨୬) ରୁଜୁ ହୋଇଥିଲା। ଉକ୍ତ ମାମଲାରେ ସୋମବାର ପୂର୍ବାହ୍ନ ୧୧ଟାରେ ୪ଜଣ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଜାକିର ମିଆଁ, ଏମ୍‌ଡ଼ି ଅମିମ୍ ଆଲାମ୍, ଏମ୍‌ଡ଼ି ଆକବର, ଏମ୍‌ଡ଼ି ଐନୁଲ୍। ଉକ୍ତ ଗଣ୍ଡଗୋଳ ଓ ମାଡ଼ପିଟ୍‌ର ଶିକାର ନାବାଳକଙ୍କ ଅବସ୍ଥା ସ୍ଥିର ରହିଛି। ସୂଚନାଅନୁଯାୟୀ,

### ଝିରପାଣିରେ ଉତ୍ତେଜନା: ଗୋମାଂସ ବିକ୍ରୟ ଅଭିଯୋଗ

ରବିବାର ଅପରାହ୍ନ ୧ଟାରେ କିଛି ସ୍ଥାନୀୟ ଯୁବକ କୋଏଲନଦୀକୁ ଗାଧୋଇବାକୁ ଯାଇଥିଲେ। ସେମାନେ ଫେରିବା ସମୟରେ ଝିରପାଣି ଅଞ୍ଚଳର ଜଣେ ଯୁବକ ଉକ୍ତ ବସ୍ ଷ୍ଟପେଜ୍ ଅଞ୍ଚଳରେ ଗୋମାଂସ ବିକ୍ରୟ ହେଉଥିବା କୁଆଡେ କହିଥିଲେ। ଏହି ଯୁବକମାନେ ଗ୍ରାହକ ହୋଇ ଉକ୍ତ ଗୋମାଂସ ଟଙ୍କା ଦେଇ କିଣିଥିଲେ। ପରେ ଥାନାରେ ଏହାକୁ ଅଭିଯୋଗ ସହ ଜମା କରିଥିଲେ। ମାମଲାର ତଦନ୍ତ ପାଇଁ ପୋଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପୋଲିସ ସହ ଏହି ଯୁବକମାନେ ମଧ୍ୟ ଯାଇଥିଲେ। ପୋଲିସ ଉପସ୍ଥିତିରେ ଯୁବକମାନଙ୍କ ଉପରେ କୁଆଡେ କିଛି ଲୋକ ବାଡି,ଠେଙ୍ଗାରେ ଆକ୍ରମଣ କରିଥିଲେ। ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ୨ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲା।

# ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ



ଜୟନ୍ତୀ ସଭାରେ ଉପସ୍ଥିତ ଅତିଥି।

ରାଉରକେଲା,୨୭।୪(ଦିନେଶ ମିଶ୍ର)

ସେକ୍ଟର-୨୦ସ୍ଥିତ ଏ-୨୫୨ କାର୍ଯ୍ୟାଳୟ ପରିସରରେ ବାସୁଦେବ ପୁର ଜନ କଲ୍ୟାଣ ସମିତି ପକ୍ଷରୁ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୯ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ବରିଷ୍ଠ ଉପସଭାପତି ଡା. ରବୀନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମଣନାଥ ଦାସ ସ୍ୱାଗତ ଭାଷର ପ୍ରଦାନ କରିବା ସହ କବିଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ବାଞ୍ଛାନିଧି ମହାନ୍ତି ଜଣେ କବି ନଥିଲେ। ସେ ଥିଲେ ଜଣେ ଯୁଗସ୍ରଷ୍ଟା ସଂଗ୍ରାମୀ । ତାଙ୍କୁ ଜାତୀୟ କବି ଉପାଧିରେ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ସ୍ୱାଧୀନତା ଇତିହାସରେ ତାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ସଭାରେ ଉପସ୍ଥିତ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ସମିତିର ଉପସଭାପତି ଉଦୟ କୁମାର ସାହୁ, କୋଷାଧ୍ୟକ୍ଷ ବିଶ୍ୱନାଥ ସାହୁ, ସହ ସମ୍ପାଦକ ସନାତନ ପତି, ଉପନ୍ଦ୍ରେ ପ୍ରସାଦ ଦାଶ, ସତ୍ୟଜିତ ସାହୁ, ପ୍ରବୀର କୁମାର ପାଢୀ ପ୍ରମୁଖ କବିଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଯୁଗ୍ମ ସମ୍ପାଦକ ଶରତ କୁମାର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ।

# ଯୋଗ ହେଉଛି ନୀରୋଗ ରଖିବାର ମୂଳମନ୍ତ୍ର

### ଜାତୀୟ ଯୋଗାସନ ଚାମ୍ପିୟନଶିପ ଉଦ୍‌ଯାପିତ

ରାଉରକେଲା,୨୭।୪(ଦିନେଶ ମିଶ୍ର)

ସୁନ୍ଦରଗଡ ଯୋଗାସନ ସ୍ପୋର୍ଟସ ଆସୋସିଏଶନ ଓ ଜୟ ପ୍ରକାଶ ହସ୍ପିଟାଲ ରାଉରକେଲାର ମିଳିତ ଆନୁକୂଲ୍ୟରେ ଦ୍ୱିତୀୟ ଜାତୀୟ ଯୋଗାସନ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏଭି ସ୍କୁଲର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଲୋକନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗ ହେଉଛି ନୀରୋଗ ରଖିବାର ମୂଳମନ୍ତ୍ର ବୋଲି ଅତିଥି ପ୍ରଧାନ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ସମେତ ରାଉରକେଲା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଭଳି ବିଭିନ୍ନ ରାଜ୍ୟରୁ ପ୍ରାୟ ୪ଶହ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ଯୋଗ ପ୍ରତିଯୋଗିତାରେ ୫ ବର୍ଷରୁ ନେଇ ୭୫ ବର୍ଷ ପର୍ଯ୍ୟନ୍ତ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରି ଯୋଗର ବିଭିନ୍ନ ଆସନ ଓ କେଉଁ ଯୋଗ ମାଧ୍ୟମରେ କେଉଁ ରୋଗ ନିୟନ୍ତ୍ରଣ କରାଯାଇ ପାରିବ ସେନେଇ ଯୋଗପ୍ରଦର୍ଶନ କରିଥିଲେ। ଏହି ଦୁଇଦିନିଆ ଉତ୍ସବରେ ଡ.ସୁଚିତ୍ରା ମିଶ୍ର, ଦେବେନ୍ଦ୍ର କୁମାର ମିଶ୍ର, ରାଉଣ୍ଡ ଟେବୁଲ ଇଣ୍ଡିଆର ଅଧ୍ୟକ୍ଷ ଅଭିଜିତ ମହାନ୍ତି, ସାମାଜିକ କର୍ମୀ ସୁରେଶ ଅଗ୍ରୱାଲ ଉପସ୍ଥିତ ଥିଲେ। ଏହି ଯୋଗାସନକୁ ଆସୋସିଏଶନର ପରିଚାଳନା ସମ୍ପାଦକ ଜିତେନ୍ଦ୍ର କୁମାର, ସଭାପତି ହର୍ମାନ ଲାକ୍ରା, ଉପସଭାପତି ଶରତ କୁମାର ଦାସ ପରିଚାଳନାରେ ସହଯୋଗ କରିଥିଲେ।




# ହରିହର ମନ୍ଦିରରେ ମୋହନି ଏକାଦଶୀ ପାଳିତ

ରାଉରକେଲା,୨୭।୪(ଦିନେଶ ମିଶ୍ର)

ଛେଣ୍ଡ କଳିଙ୍ଗ ବିହାର ସ୍ଥିତ ହରିହର ପୀଠରେ ମୋହନି ଏକାଦଶୀ ସୋମବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ମନ୍ଦିରର ମୁଖ୍ୟ ପୂଜକ ରୋସନ ନନ୍ଦ ପ୍ରାତଃ ସମୟରେ ସୂର୍ଯ୍ୟପୂଜା, ସକାଳ ଧୂପ ଅର୍ପଣ କରିବା ପରେ ହରିହରଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ସକାଳ ସାଢେ ୧୦ଟାରେ ହରିହରଙ୍କୁ ପୁଷ୍ପମାଲ୍ୟରେ ସୁସଜ୍ଜିତ କରାଯାଇ ଭକ୍ତଙ୍କ ଦର୍ଶନ ଲାଗି ଛଡାଯାଇଥିଲା । ଏହି ଅବସରରେ ମନ୍ଦିର କମିଟି ପକ୍ଷରୁ ମୋହନି ଏକାଦଶୀ ପାଳନ କରିଥିବା ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ପୂଜା ସାଙ୍ଗକୁ ଶ୍ରୀମଦ ଭାଗବତ କଥା ପାରାୟଣ କରାଯାଇଥିଲା। ପଣ୍ଡିତ ଶ୍ରୀନନ୍ଦ ଏହି ଏକାଦଶୀ ପାଳନର ତାତ୍ପର୍ଯ୍ୟ ଉପରେ ଭକ୍ତଗଣଙ୍କୁ ଅବଗତ କରିଥିଲେ। ସନ୍ଧ୍ୟା ସମୟରେ ସାମୁହିକ କୀର୍ତ୍ତନ ସାଙ୍ଗକୁ ଆଳତୀ ପ୍ରଦାନ କରାଯାଇଥିଲା।

# ସ୍ୱଚ୍ଛ ଥଣ୍ଡାପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ରାଉରକେଲା,୨୭।୪(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍) ପରିସରରେ 'ସେବା ସେତୁ ହେଲପିଙ୍ଗ ହ୍ୟାଣ୍ଡସ୍ ପକ୍ଷରୁ' ଏକ ସ୍ୱଚ୍ଛ ଥଣ୍ଡାପାନୀୟ ଜଳ ପ୍ରକଳ୍ପର ସୋମବାର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏଥିରେ ଡାକ୍ତରଖାନାର ନିର୍ଦ୍ଦେଶକ ଡାକ୍ତର ଆନନ୍ଦ ଗୋପାଳ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାଜପାର ବରିଷ୍ଠ ନେତା ରାସିଦ ଅସ୍‌ଲମ୍ ଓ ସୁପରିଣ୍ଟେଣ୍ଡାଣ୍ଟ ଡା. ପଣ୍ଡିତ ସାହୁ ଉପସ୍ଥିତ ଥିଲେ। ଆର୍‌ଜିଏଚ୍ ସହରର ଏକ ପ୍ରମୁଖ ଡାକ୍ତରଖାନା ହୋଇଥିବାବେଳେ ରାତି ପାହିଲେ ଏଠାକୁ ବହୁ ସଂଖ୍ୟାରେ ରୋଗୀ ଆସୁଛନ୍ତି। ତେଣୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହ ଡାକ୍ତରଖାନା କର୍ମଚାରୀମାନେ ସ୍ୱଚ୍ଛପାନୀୟ ଜଳ ବ୍ୟବହାର କରିବା ଉଦ୍ଦେଶ୍ୟରେ ଏହାକୁ ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଛି ବୋଲି ସଭାପତି ହିମାଂଶୁ ଶେଖର ନାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଅଙ୍କିତ ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର କୋଷାଧ୍ୟକ୍ଷ ପ୍ରିନ୍ସ ପ୍ରଜାପତି, ମାନନ ଅଗ୍ରୱାଲ, ବାଲ୍ମିକୀ, ଅଙ୍କିତ ସାହୁ, ଆର.କେ ରାଉତଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।


ଗୋ-ସମ୍ମାନ ପଦଯାତ୍ରା ରାଉରକେଲା ସହର ପରିକ୍ରମା କରୁଛି।

# ଷ୍ଟିଲସିଟିରେ ଗୋ-ସମ୍ମାନ ପଦଯାତ୍ରା

**ରାଉରକେଲା,୨୭।୪(ଦିନେଶ ମିଶ୍ର):** ରାଉରକେଲା ବେଦବ୍ୟାସ ଗୋଶାଳା ସମିତି ରାଉରକେଲା ଆନୁକୂଲ୍ୟରେ ଗୋ ସମ୍ମାନ ଦିବସ ପାଳନ ଅବସରରେ ଏକ ବ୍ୟାପକ ଜନଜାଗରଣ ଅଭିଯାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଦିତନଗର ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ଏକ ଗୋ-ସମ୍ମାନ ପଦଯାତ୍ରା ବାହାରି ରାଉରକେଲା ମେନ୍‌ରୋଡ ହୋଇ ଗୋଶାଳାରେ ପହଞ୍ଚିଥିଲା। ଏଥିରେ ରାଉରକେଲା ସହରରେ ବସବାସ କରୁଥିବା ବହୁ ଗୋସେବା ଭକ୍ତ ସାମିଲ ହୋଇଥିଲେ। ଗୋ-ମାତାଙ୍କ ସେବା, ସୁରକ୍ଷା, ସଂରକ୍ଷଣ ଓ ସମ୍ମାନକୁ ମୌଳିକ ଅଧିକାର ଦେବା, ଗୋ-ହତ୍ୟା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବା ଓ ସମ୍ବାଧାନିକ ଭାବେ ରାଷ୍ଟ୍ରମାତା ଘୋଷଣା କରିବା ଦାବିକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବାକୁ ଏହି ପଦଯାତ୍ରା ଅଭିଯାନର ମୂଳ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମ ଶେଷରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ବେଦବ୍ୟାସ କଲ୍ୟାଣ ଆଶ୍ରମର ଅଗ୍ନିବାବା, ସମିତିର ସଭାପତି ଅଶୋକ ଅଗ୍ରୱାଲ, ସୁରେଶ ମିତ୍ତଲ, କୈଳାସ ମାରୋଠିଆ, ପୁରନମଲ ଅଗ୍ରୱାଲ, ସୁରେଶ କେଡ୍ରିୱାଲ, ରାଧେଶ୍ୟାମ ବେରଲିଆ, ରାଜୁ ସିଂହ, ବିନୋଦ ବାଲ୍ଟିୱାଲା, ପ୍ରଦୀପ ମୋଦି, କେଦାର ମହାନ୍ତି, ବିନୟମ ପାଣ୍ଡେ, ହରିଓମ୍ ବଂସଲ, ରାଜକୁମାର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ଝିରପାଣିରେ ଫୁଟବଲ୍ କୋଚିଂ କ୍ୟାମ୍ପ ଆରମ୍ଭ

ରାଉରକେଲା,୨୭।୪(ସଙ୍ଗୀତା ଜେନା)

ବିଶ୍ରା ବ୍ଲକ୍ ଅଧୀନ ଝିରପାଣିସ୍ଥିତ ଯୁବ ଆଦିବାସୀ କ୍ଲବ୍ ଖେଳପଡ଼ିଆଠାରେ ସୋମବାର ଫୁଟବଲ୍ କୋଚିଂ କ୍ୟାମ୍ପର ଶୁଭାରମ୍ଭ ହେଇଯାଇଛି। ଏହିକ୍ୟାମ୍ପ୍‌ର ଲକ୍ଷ୍ୟ ହେଉଛି ଅଞ୍ଚଳର ଯୁବକମାନଙ୍କୁ ଖେଳ ପ୍ରତି ସଚେତନ କରିବା ସହିତ ଦକ୍ଷତାକୁ ଉନ୍ନତ କରିବା। ଏହି କ୍ୟାମ୍ପ୍‌ରେ ଫୁଟବଲ୍ ପ୍ରଶିକ୍ଷଣ ସହିତ ଯୋଗ, ଫିଟ୍‌ନେସ୍ ତାଲିମ, ସେଲ୍ଫ ଡିଫେନ୍ସ, ସ୍ପୋକନ୍ ଇଂଲିଶ ଓ ଚିତ୍ରାଙ୍କନ ପରି ବିଭିନ୍ନ ସହାୟକ କାର୍ଯ୍ୟକ୍ରମକୁ ସମ୍ମିଳିତ କରାଯାଇଛି, ଯାହା ମାଧ୍ୟମରେ ଅଂଶଗ୍ରହଣକାରୀଙ୍କ ସମଗ୍ର ବିକାଶ ନିଶ୍ଚିତ କରାଯାଇପାରିବ। ଫୁଟ୍‌ବଲ୍ କୋଚ୍ କିଶୋର ତନ୍ତୀ, କିଶୋର କୁମାର ଲାକ୍ରା ଓ ରଞ୍ଜିତ୍ କେରକେଟ୍ଟାଙ୍କ ଦ୍ୱାରା ଖେଳାଳିଙ୍କୁ ଖେଳର ନୂତନ ପ୍ରଯୁକ୍ତି ଓ କୌଶଳ ଶିଖାଯିବ। ଏନେଇ କୋଚ୍ କିଶୋର ତନ୍ତୀ କହିଛନ୍ତି, ଆଜିକାଲିର ଯୁବକମାନେ ଦିନକୁ ଦିନ ଖେଳରୁ ଦୂରେଇ ଯାଉଛନ୍ତି ଏବଂ ମୋବାଇଲ୍ ଗେମ୍ ପ୍ରଭାବରେ ପଡୁଛନ୍ତି। ଏଭଳି ପରିସ୍ଥିତିରେ ସମାଜର ଦାୟିତ୍ୱ ହେଉଛି ଯୁବକମାନଙ୍କୁ ଠିକ୍ ପଥ ଦେଖାଇ ଖେଳ ପ୍ରତି ଆକର୍ଷିତ କରିବା। ଏହି କ୍ୟାମ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଝିରପାଣି ସରପଞ୍ଚ ଅଜିତ୍ ତିର୍କି, ସମିତି ସଦସ୍ୟା ପ୍ରତିମା ପାତ୍ର, ଶିଶିର କୁମାର ସୋୟ, ବିଜୟ କୁମାର ବେକ, ମନୋଜ ବେକ, ହୀରା କଂସାରୀ, ଜଗନ୍ନାଥ ମୁଣ୍ଡାରୀ, ପ୍ରହଲ୍ଲାଦ କୁମାର ତନ୍ତୀ, କିଶୋର ଲାକ୍ରା, ରାଜେଶ କୁମାର ଲୁହା, ଅର୍ଜୁନ ଖଡ଼ିଆଙ୍କ ସହିତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି କ୍ୟାମ୍ପରେ ବହୁ ସଂଖ୍ୟକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଖେଳ ସଂସ୍କୃତିକୁ ଉତ୍ସାହିତ କରିବାରେ ଏହା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି।


ଫୁଟବଲ୍ କୋଚିଂ କ୍ୟାମ୍ପର ଖେଳାଳିମାନେ।

# ସଚେତନ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ରାଉରକେଲା,୨୭।୪(ସଙ୍ଗୀତା ଜେନା)

ସାମାଜିକ ଅନୁଷ୍ଠାନ ସଚେତନ ନାଗରିକ ମଞ୍ଚର ତ୍ରୟୋଦଶ ତମ ବାର୍ଷିକ ଉତ୍ସବ ସେକ୍ଟର ୧୯ ସିଭିକ ସେଣ୍ଟର ଠାରେ ରବିବାର ପାଳିତ ହୋଇଯାଇଛି। ମଞ୍ଚର ସଭାପତି ଇଂ. ଅଭୟ କୁମାର ଦାସଙ୍କ ଅଧ୍ୟକ୍ଷତା, ସାଧାରଣ ସମ୍ପାଦକ ପିପି ରାୟଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶ୍ରମିକନେତା ବୈଦ୍ୟନାଥ ଦାସ, ସାମାଜିକ କର୍ମୀ ତଥା ଉପଦେଷ୍ଟା ଚିତ୍ତରଞ୍ଜନ ଦାସ, ଉପଦେଷ୍ଟା ଡାକ୍ତର ଉତ୍ତମ ଚରଣ ଜେନା, ପ୍ରାକ୍ତନ ସଭାପତି ଡାକ୍ତର ଫକୀର ଚରଣ ହୋତା, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର କୁମାର ନାୟକ, ପ୍ରତିଷ୍ଠାତା ସଦସ୍ୟ ତଥା ଶିକ୍ଷାବିତ ଜଗବନ୍ଧୁ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଜନସଭାକୁ ସମ୍ବୋଧିତ ସହ ଆଲୋଚ୍ୟ ପ୍ରସଙ୍ଗ ସୁନ୍ଦରଗଡ ଜିଲା ଓ ରାଉରକେଲା ବିକାଶରେ ଅବହେଳା ତଥା ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ନଳିନୀକାନ୍ତ ଧର ଓ ଶ୍ରମିକନେତା ଦିଗମ୍ବର ମହାନ୍ତି ଆଲୋଚନାରେ ସୁଚିନ୍ତିତ ମତାମତ ରଖିଥିଲେ। ସମସ୍ତ ଅତିଥି ସେମାନଙ୍କ ବକ୍ତବ୍ୟରେ ରାଉରକେଲାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ସ୍ୱାସ୍ଥ୍ୟ ସେବା, ଗମନାଗମନ ତଥା ରେଳ ଡିଭିଜନ, ପୂର୍ଣ୍ଣାଙ୍ଗ ବିମାନ ବନ୍ଦର, ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ, ଉତ୍ପାଦନ ବୃଦ୍ଧି ଓ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସୁଯୋଗ, ଓଡ଼ିଆ ଭାଷାର ପ୍ରଚଳନ, ରାଉରକେଲାରୁ ବାଲେଶ୍ୱରକୁ ଭାୟା କେଉଁଝର ଦେଇ ରେଳ ଚଳାଚଳ, ଦ୍ୱିତୀୟ ଇଣ୍ଟରସିଟି, ଶ୍ରମିକଙ୍କ ସମସ୍ୟା, ସହରର ଆର୍ଥିକ ବୃଦ୍ଧି ଉପରେ ଗୁରୁତ୍ୱାରୋପ, ଇଏସଆଇସି ମେଡିକାଲ କଲେଜ, ରାଉରକେଲା ସରକାରୀ ଡାକ୍ତରଖାନାକୁ ସୁପର ସ୍ପେସିଆଲିଷ୍ଟ ତଥା ପିଜି କଲେଜ କରିବା, ଏଥିପାଇଁ ଆବଶ୍ୟକ ହେଉଥିବା ୪୦ ଏକର ଜମିକୁ ଆରଏସପି ଓ ରାଜ୍ୟସରକାର ଯୋଗାଇଦେବା, ସର୍ବୋପରି ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ସରକାର ଯଦି ସୁନ୍ଦରଗଡ ଜିଲା ଓ ରାଉରକେଲା ବିକାଶରେ ଯଦି ଅବହେଳା କରାଯାଏ ତେବେ ଆସନ୍ତା ୨୦୨୭ ମଇ ଶ୍ରମିକ ଦିବସରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ସାଧାରଣ ସମ୍ପାଦକ ରାୟ ଆମରଣ ଅନଶନ କରିବେ ବୋଲି ଚେତାଇ ଦେଇଥିଲେ। ଏହି ଅବସରରେ ମଞ୍ଚର ମୁଖପତ୍ର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ସାମାଜିକ ପ୍ରତିବଦ୍ଧତା ଥିବା ଡ଼ାକ୍ତର ଫକୀର ଚରଣ ହୋତା ଓ ଅମୂଲ୍ୟ ଚରଣ ବରାଳଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସମସ୍ତ ଅତିଥି ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସାଧାରଣ ସମ୍ପାଦକ ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ, ପ୍ରତିଷ୍ଠାତା ସଦସ୍ୟ ଜଗବନ୍ଧୁ ଜେନା ସ୍ୱାଗତ ଅଭିଭାଷଣ ରଖିଥିଲେ। ଗୁରୁ ଜ୍ୟୋତିର୍ମୟ ଆଚାର୍ଯ୍ୟ ଓ ସାଥୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଆନନ୍ଦ ଚନ୍ଦ୍ର ମହାନ୍ତି, ସତ୍ୟପ୍ରିୟ ମହାନ୍ତିତଥା ଅନ୍ୟ ଦିବଙ୍ଗତଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ କୋଷାଧ୍ୟକ୍ଷ ଶଶଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅକ୍ଷୟ କୁମାର ଦାସ, ଜଗନ୍ନାଥ ରାଉତ, ପ୍ରଭାତ କୁମାର ବେହୁରା, ଶ୍ରୀମନ୍ତ କୁମାର ବର୍ମା, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ବିଜୟ ବରାଳ, ବିଷ୍ଣୁଚରଣ ସାମଲ, ମାମୁନୀ ଦାସ ପ୍ରମୁଖ ସହଯୋଗ କରିଥିଲେ।



ସିଭିକ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି।

# ଗ୍ରୀଷ୍ମ ପ୍ରକୋପ: ପୋଡୁଛି ମୁହଁ, ସିଝୁଛି ଦେହ

- ସକାଳ ୯ଟାରୁ ରାସ୍ତାଘାଟ ଶୂନ୍‌ଶାନ
- ବଲାଙ୍ଗୀରରେ ୪୩.୩, ଟିଟିଲାଗଡ଼ରେ ୪୩ ଡିଗ୍ରୀ ତାପମାତ୍ରା

**ବଲାଙ୍ଗୀର,୨୭।୪ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲାରେ ପ୍ରଚଣ୍ଡ ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ସୋମବାର ଦିନ ବଲାଙ୍ଗୀରରେ ୪୩.୩ ଡିଗ୍ରୀ ଓ ଟିଟିଲାଗଡରେ ୪୩ ଡିଗ୍ରୀ ତାପମାତ୍ର ରେକର୍ଡ କରାଯାଇଛି। ଜିଲାର ଅନ୍ୟ ସହରାଞ୍ଚଳ ଯଥା କଣ୍ଟାବାଞ୍ଜି, ପାଟଣାଗଡ, ତୁଷରା ଏବଂ ସମସ୍ତ ଗ୍ରାମାଞ୍ଚଳରେ ତାପମାତ୍ରା ବୃଦ୍ଧି ଲୋକଙ୍କୁ ଆଉଟୁପାଉଟୁ କରି ପକାଇଛି। ସକାଳ ୯ଟାରୁ ଘରୁ ବାହାରିଲେ ମୁହଁ ପୋଡିଯାଉଛି। ବିଶେଷକରି ପଥଚାରୀ ଓ ଯାତ୍ରୀମାନେ କୌଣସି ସ୍ଥାନକୁ ଯିବା ଆସିବା ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବାହ୍ନ ୧୧ଟାରୁ ବଲାଙ୍ଗୀର ସହର ସମେତ ଅନ୍ୟ ସହର ଏବଂ ଗାଁ ଗହଳିର ରାସ୍ତାଘାଟ ଶୂନଶାନ୍ ହୋଇପଡୁଛି। ଅତି ଜରୁରୀ ନ ହେଲେ ଲୋକେ ଘରୁ ବାହାରୁ ନଥିବା ଲକ୍ଷ୍ୟ କରାଯାଉଛି। ଯେଉଁମାନେ ମୋଟର ସାଇକେଲ, ଯାତ୍ରୀବାହୀ ବସ୍ ଏବଂ ଅନ୍ୟ ଯାନବାହନରେ ଯିବା ଆସିବା କରୁଛନ୍ତି ସେମାନେ ମୁହଁରେ ଗାମୁଛା ଘୋଡେଇ ଯିବା ଆସିବା କରୁଥିବା ଦେଖିବାକୁ ମିଳୁଛି। ଦୂରଦୂରାନ୍ତରୁ ଆସୁଥିବା ଲୋକେ ଖରା ସମୟରେ ରାସ୍ତାକଡ ଗଛ ଛାଇରେ କିଛି ସମୟ ଅଟକି ରହୁଥିବା ଦେଖାଯାଉଛି। ଅପରାହ୍ଣ ୫ଟା ପରେ ଲୋକେ ଘରୁ ବାହାରୁଥିବା ଦେଖିବାକୁ ମିଳୁଛି। ବଲାଙ୍ଗୀର ସହରରେ ଚଳିତବର୍ଷ ଟ୍ରାଫିକ୍ ପୋଷ୍ଟଗୁଡିକରେ ଅଟକି ରହୁଥିବା ପଥଚାରୀ ଏବଂ ଯାନବାହନ ଚାଳକଙ୍କ ପାଇଁ ଛାଇ ସକାଶେ ଅସ୍ଥାୟୀ ସେଡ୍ ତିଆରି କରାଯାଇଥିଲେ ମଧ୍ୟ ଏହା ଅତ୍ୟନ୍ତ ଦୁର୍ବଳ ହୋଇଥିବା ଅଭିଯୋଗ ହେଉଛି। ସହର ଭିତରେ ଗଛ ସଂଖ୍ୟା କମି ଯାଉଥିବାରୁ ଖରାଦିନରେ ଅତ୍ୟଧିକ ଗରମ ଅନୁଭୂତ ହେଉଛି। ବଲାଙ୍ଗୀର ଡେଲିମାର୍କେଟ ମୁଖ୍ୟ ରାସ୍ତାରେ ଗଛ ନ ଥିବାରୁ ବହୁ ଉଠାଦୋକାନୀ ରାସ୍ତା ଉପରେ ଛତା ଲଗାଇ ପନିପରିବା ବିକ୍ରି କରୁଛନ୍ତି। କେତେଜଣଙ୍କ ପାଖରେ ଛତା ନ ଥିବାରୁ ସେମାନେ ଖରାରେ ବସୁଥିବା ଦେଖାଯାଉଛି। ଫଳରେ ଅଂଶୁଘାତ ଭୟ ଲାଗିରହିଛି। ସହର ସମେତ ବିଭିନ୍ନ ବ୍ୟସ୍ତବହୁଳ ରାସ୍ତାକଡରେ ନିର୍ଦ୍ଧାରିତ ଦୂରତାରେ ଅଂଶୁଘାତ ନିରୋଧୀ ସେଡ୍ ତିଆରି କରିବାକୁ ଲୋକେ ଦାବି କରୁଛନ୍ତି। ସେଠାରେ ପିଇବା ପାଣି ତଥା ଜରୁରୀକାଳୀନ ବିଶ୍ରାମ ବ୍ୟବସ୍ଥା କରିବାକୁ ଦାବି କରାଯାଉଛି।


ପ୍ରଚଣ୍ଡ ଖରା ଯୋଗୁ ବାଇକ୍ ଆରୋହୀମାନେ ମୁହଁରେ ଗାମୁଛା ବାନ୍ଧି ଯିବାଆସିବା କରୁଛନ୍ତି।

# ବିଡିଓଙ୍କୁ ଫେରାଦ ହେଲେ ପଡ଼ାବାସୀ


ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ଭଞ୍ଜପଡ଼ାବାସୀ ବିଡିଓଙ୍କ ନିକଟରେ ଫେରାଦ ହେଉଛନ୍ତି।

- ଦେଓଗାଁ ଭଞ୍ଜପଡ଼ାରେ ପାନୀୟ ଜଳ ସଙ୍କଟ
- ଦାବି ପୂରଣ ନ ହେଲେ ଆନ୍ଦୋଳନ

**ଦେଓଗାଁ,୨୭।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଭଞ୍ଜପଡ଼ାରେ ବର୍ତ୍ତମାନ ଉତ୍କଟ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏ ନେଇ ସୋମବାର ପଡ଼ାବାସୀ ସ୍ଥାନୀୟ ବିଡିଓ ପ୍ରିୟରଞ୍ଜନ କୁମାରଙ୍କ ନିକଟରେ ଫେରାଦ ହୋଇ ପଡ଼ାରେ ଏକ ନଳକୂପ ଖୋଲିବା ପାଇଁ ଦାବି ଜଣାଇଥିଲେ।

ସୋନଗଡ ନଦୀ କୂଳରେ ଆଜକୁ ପ୍ରାୟ ୩୫ବର୍ଷ ତଳେ ହୋଇଥିବା ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରକଳ୍ପରୁ ଦେଓଗାଁ ଓ କଛାରପାଲି ଗାଁକୁ ପାନୀୟଜଳ ଯୋଗାଣ ହୋଇଆସୁଛି। ଏହି ପ୍ରକଳ୍ପ ଅତି ପୁରାତନ ହୋଇଥିବା ବେଳେ ଏହାର ପୁନରୁଦ୍ଧାର କରାଯାଉ ନ ଥିବାରୁ ନଦୀରେ ରହିଥିବା କୂଅ ପୋତି ହେବାକୁ ବସିଛି। ପ୍ରଚଣ୍ଡ ଖରାରେ କୂଅର ଜଳସ୍ତର ଏବେ ହ୍ରାସ ପାଇବାରେ ଲାଗିଥିବାରୁ ଦେଓଗାଁ ଓ କଛାରପାଲିକୁ ୨-୩ ଦିନରେ ଥରେ ପାଣି ଯୋଗାଣ ହେଉଛି , ତାହା ପୁଣି ମାତ୍ର ଅଧଘଣ୍ଟା। ଏଣୁ ଗାଁ ମୁଣ୍ଡରେ ରହିଥିବା ଭଞ୍ଜପଡାକୁ ପାନୀୟଜଳ ପହଞ୍ଚି ପାରୁନାହିଁ। ପଡାରେ ଥିବା ଏକମାତ୍ର ନଳକୂପ ପ୍ରାୟ ୩ ବର୍ଷ ହେଲା ନଷ୍ଟ ହୋଇ ପୋତି ହୋଇଯାଇଛି। ଫଳରେ ପଡାବାସୀ ସ୍ଥାନୀୟ ଯୋଗୀସାଗର ତଥା ୧ କିଲୋମିଟରରୁ ଅଧିକ ଦୂରରେ ଥିବା ଅନ୍ୟ ଜଳ ଉତ୍ସଗୁଡିକ ଉପରେ ନିର୍ଭର କରୁଥିବା ପଡାର ମହିଳାମାନେ ବିଡିଓଙ୍କୁ ଜଣାଇଥିଲେ। ଗତବର୍ଷଠାରୁ ପଡାବାସୀ ପଡାରେ ଏକ ନଳକୂପ ଖନନ ପାଇଁ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ବନୀତା ବେହେରାଙ୍କୁ ଲିଖିତ ଭାବେ ଜଣାଇଥିଲେ ହେଁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ପଡାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କିଛି ଦିନ ମଧ୍ୟରେ ପଡାରେ ନଳକୂପ ଖନନ ପାଇଁ ପଦକ୍ଷେପ ଗ୍ରହଣ କରା ନ ଗଲେ ପଡାବାସୀ ବ୍ଲକ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

**ପାଟଣାଗଡ଼,୨୭।୪ (ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଅଧୀନ ଡୁମେରପଦର ଗ୍ରାମଠାରୁ ଅଳ୍ପ ଦୂରରେ ଥିବା ଏକ ଜଙ୍ଗଲ ଭିତରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ସୋମବାର ଜବତ ହୋଇଛି। ମୃତ ଯୁବତୀ ଜଣକ ହେଲେ ପାଢେଲ ଗ୍ରାମର ଅନିତା କଠାର (୧୭)। ତାଙ୍କୁ ହତ୍ୟା କରି କେହି ଟାଙ୍ଗି ଦେଇଥିବା ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଉକ୍ତ ଗାଁ ପାଖ ଜଙ୍ଗଲରେ ଥିବା ଏକ ଗଛରେ ମୃତଦେହ ଝୁଲୁଥିବାର ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇ ମୃତହେଦ ଜବତ ହୋଇ ବ୍ୟବଚ୍ଛେଦ ପାଇଁ ପାଟଣାଗଡ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ନଂ ୧୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ତେବେ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ଅନିତାଙ୍କୁ ରବିବାର କେତେଜଣ ଯୁବକ ଅପହରଣ କରି ନେଇଥିଲେ। ସେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ସୋମବାର ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ହେବା ପରେ ଏହା ଆତ୍ମହତ୍ୟା ନୁହେଁ ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଲୋକେ ଦାବି କରିଛନ୍ତି ।

# ଭାଜପାର ଜନ ଆକ୍ରୋଶ ମହିଳା ପଦଯାତ୍ରା



ଶୋଭାଯାତ୍ରାରେ ମହିଳାମାନେ ସହର ପରିକ୍ରମା କରୁଛନ୍ତି।

## ବିରୋଧୀ ଦଳ ବିରୋଧରେ ଗର୍ଜିଲେ

**ବଲାଙ୍ଗୀର,୨୭।୪ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆଠାରେ ସୋମବାର ଜନ ଆକ୍ରୋଶ ମହିଳା ପଦଯାତ୍ରା ଓ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ବଲାଙ୍ଗୀର ଜିଲାର ଶତାଧିକ ମହିଳା ଯୋଗ ଦେଇଥିଲେ। କୋଶଳ କଳାମଣ୍ଡଳ ପଡିଆରୁ ମହିଳାମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ସେଠାରୁ ପୁଣି କୋଶଳ କଳାମଣ୍ଡଳ ପଡିଆକୁ ଫେରି ଆସିଥିଲେ। ଏହାପରେ ସେଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟା ସବିତା ନନ୍ଦ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଭାଜପା ନେତ୍ରୀ ପଙ୍କଜିନୀ ପଣ୍ଡା, ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ରଞ୍ଜିତା ପାଣିଗ୍ରାହୀ, ପୂର୍ବତନ ଜିଲା ପରିଷଦ ସଭାପତି ଭାରତୀ ମହାନନ୍ଦ, ପୂର୍ବତନ ମହିଳା କମିଶନ ଅଧକ୍ଷା ଜ୍ୟୋତି ପାଣିଗ୍ରାହୀ, ଅଞ୍ଜନା ଦାଶ, ଶ୍ରଦ୍ଧାରାଣୀ ନାୟକ, ସବିତା ବାର୍ଲା ଯୋଗଦାନ କରିଥିଲେ। ଜିଲା ଭାଜପା ସଭାପତି ଶ୍ରୀବତ୍ସ ବେହେରା ଓ ବରିଷ୍ଠ ନେତା ଗୋପାଳଜୀ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅତିଥିମାନେ ନାରୀ ଶକ୍ତି ବନ୍ଦନ ବିଲ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟଅତିଥି ନନ୍ଦ କହିଥିଲେ, ଭାଜପା ଦେଶର ନାରୀମାନଙ୍କ ସାମ୍ବିଧାନିକ ଅଧିକାର ସୁରକ୍ଷା ପାଇଁ ନାରୀ ବନ୍ଦନ ବିଲ୍ ଆଗତ କରିଥିଲା। ମାତ୍ର କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ଏହାକୁ ବିରୋଧ କରିବାରୁ ପାର୍ଲାମେଣ୍ଟରେ ଏହା କାଟ୍ ଖାଇଯାଇଛି। ବିରୋଧୀ ଦଳଗୁଡିକର ମହିଳା ବିରୋଧୀ ଆଭିମୁଖ୍ୟକୁ ତୃଣମୂଳ ସ୍ତରରେ ପହଞ୍ଚାଇ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜିର ସମାବେଶ କରାଯାଇଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ମହିଳା ମୋର୍ଚ୍ଚାର ବହୁ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗଦାନ କରିଥିଲେ।

# ହରିଶଙ୍କର ମହୋତ୍ସବ ଉଦ୍‌ଘାଟିତ


ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଓ ମହୋତ୍ସବ ଉଦ୍‌ଘାଟନ ଅବସରରେ କଳସ ଶୋଭାଯାତ୍ରା।

**ଖପ୍ରାଖୋଲ,୨୭।୪(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା ପାପ ନାଶିନୀ ଝରଣା ରୁ ବାହାରି ବେଦ ମନ୍ତ୍ର, ଘଣ୍ଟ ଘଣ୍ଟା ସହ ପୂଜାସ୍ଥଳରେ ପହଞ୍ଚି ଥିଲା। ପରେ ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିଲା। ସେହିପରି ସନ୍ଧ୍ୟାରେ ହରିଶଙ୍କର ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା। ପାଟଣାଗଡ ଉପ ଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ମୁଖ୍ୟ ଉନ୍ନୟନ କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ,ପାଟଣାଗଡ଼ ତହସିଲଦାର ରୁଦ୍ର ମୋହନ ନାଏକ , ବେଲପଡା ତହସିଲଦାର ଅଭିଷେକ କିଷାନ ଯୋଗଦେଇଥିଲେ। ଅତିଥିମାନେ ହରିଶଙ୍କର ମହାପ୍ରଭୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବ ଉଦ୍‌ଘାଟନ କରିଥିଲେ।। କାର୍ଯ୍ୟକ୍ରମକୁ ଡ. ଅଭୟ ତ୍ରିପାଠୀ ପରିଚାଳନା କରୁଥିବା ବେଳେ ବିପ୍ର ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ମଞ୍ଚରେ ସୁର ଝଙ୍କାର ବଲାଙ୍ଗୀର (ଭଜନ,ଓଡ଼ିଶୀ), ନଟରାଜ ଡ୍ୟାନ୍ସ ଏକାଡେମୀ, କଟକ , ପଲ୍ଲବୀ ମେହେର ପାଟଣାଗଡ (ଓଡ଼ିଶୀ) ଓ ରାମଲୀଳା (ରାମଜୀ କଳା ପରିଷଦ , ରେଙ୍ଗାଲି, ଲୋଇସିଂହା) ଏବଂ ଦ୍ୱିତୀୟ ମଞ୍ଚରେ ମା’ ଅଁଳେଇ ପାଇକ ଆଖଡ଼ା, ଖୋର୍ଦ୍ଧା, ଢାପ ପଏଁରୀ କଳା ପରିଷଦ, ଟିଟିଲାଗଡର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାରପତି ଓ ଅନ୍ୟମାନେ ।

**ଦେଓଗାଁ,୨୭।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାକକ୍ଷରେ ସୋମବାର ଜିଲା ଆଇନସେବା ପ୍ରାଧିକରଣ ଓ ବନ ବିଭାଗ ତରଫରୁ ପୋଶ୍ ଆକ୍ଟ ଓ ବନ୍ୟଜନ୍ତୁଙ୍କ ଦ୍ୱାରା କ୍ଷୟକ୍ଷତି ଉପରେ ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଡିଓ ପ୍ରିୟ ରଞ୍ଜନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚାର ବିଭାଗୀୟ ବିଚାରପତି ରାଜଶ୍ରୀ ପ୍ରିୟଦର୍ଶିନୀ, ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ପବିତ୍ରାନନ୍ଦ ପ୍ରଧାନ, ଜିଲା ବନବିଭାଗର ଏସିଏଫ ମୁରାରୀ ପ୍ରସାଦ ପଣ୍ଡା, ଦେଓଗାଁ ରେଞ୍ଜର ନବୀନ କୁମାର ପଣ୍ଡା, ସିଡିପିଓ ମିନତୀ ମିଶ୍ର, ଓଡିଶା ଜୀବିକା ମିଶନର ବିପିଏମ ସବ୍ୟାରାଣୀ ମହାଲିଙ୍ଗ, ଯନ୍ତ୍ରୀ ଦିଲିପ କୁମାର ସାହୁ , ବନବିଭାଗର ଡିଇଓ ନରେନ୍ଦ୍ର କୁମାର ବିଶ୍ୱାଳ ଯୋଗଦେଇଥିଲେ । ଜିଲା ଆଇନସେବା ପ୍ରାଧିକରଣ ତରଫରୁ ବିଭିନ୍ନ ଆଇନ ତଥା ପୋଶ୍ ଆକ୍ଟ ଉପରେ ସଚେତନ କରାଯାଇଥିବା ବେଳେ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ନେଇ ରହିଥିବା ଆଇନ ବିଷୟରେ ଦିଗଦର୍ଶନ ଦେଇଥିଲେ । ସେହିପରି ଏସିଏଫ ପଣ୍ଡା ବନ୍ୟଜନ୍ତୁ ଦ୍ୱାରା ହେଉଥିବା କ୍ଷୟକ୍ଷତି ନେଇ ମିଳୁଥିବା ସହାୟତାର ବିଭିନ୍ନ ନିୟମ ଉପରେ ଆଲୋକପାତ କରିଥିଲେ । ଅଙ୍ଗନୱାଡି କର୍ମୀ, ସିଆରପି ପ୍ରମୁଖ ଉପସ୍ଥିତ ଥିଲେ ।

# ଦଳ ଭର୍ତ୍ତି ଝିମିରିକଟା ପୋଖରୀ: ଲୋକେ ହନ୍ତସନ୍ତ


ଦଳ ଭର୍ତ୍ତି ହୋଇଥିବା ଝିମିରିକଟା ପୋଖରୀ।

## ସଫେଇ ପାଇଁ ଗ୍ରାମବାସୀଙ୍କ ଦାବି

**ସଇଁତଲା,୨୭।୪ (ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅନ୍ତର୍ଗତ ଘୁନସର ଗ୍ରାମ ପଞ୍ଚାୟତ ଘୁନସର ଗ୍ରାମରେ ଥିବା ଝିମିରିକଟା ପୋଖରିରେ ବର୍ତ୍ତମାନ ଦଳ ଭର୍ତ୍ତି ହୋଇ ରହିଛି । ଫଳରେ ଗ୍ରାମବାସୀ ପୋଖରୀରେ କାରବାର କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ପ୍ରକାଶ ଯେ, ଘୁନସର ଗ୍ରାମର ପ୍ରାୟ ୧୫୦୦ ଜନସାଧାରଣ ଶୌଚ, ସ୍ନାନ ଓ ବିଭିନ୍ନ କାମ ପାଇଁ ପ୍ରତ୍ୟହ ଉକ୍ତ ପୋଖରି ଉପରେ ନିର୍ଭର କରିଥାନ୍ତି। ଉକ୍ତ ପୋଖରି ଗ୍ରାମବାସୀଙ୍କ ଜୀବନରେଖା ହୋଇଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଦୀର୍ଘ ଦିନ ହେବ ଦଳ ଭର୍ତ୍ତି ହୋଇ ରହିଛି । ଏପରି କି ଗତ ୩ ବର୍ଷ ହେବ ଏହା ସଫେଇ କରାଯାଇ ନ ଥିବାରୁ ସେତେଟା କାର୍ଯ୍ୟକୁ ଆସୁନାହିଁ । ଅନ୍ୟପକ୍ଷରେ ଗ୍ରାମର ଅଳିଆ ଆବର୍ଜନା ସହ ଡ୍ରେନର ଦୂଷିତ ପାଣି ପୋଖରୀରେ ପଡୁଛି । ଫଳରେ ପାଣି ଦୁର୍ଗନ୍ଧ ହେବା ସହ ଅପରିଷ୍କାର ହେଉଛି । ଗତ କିଛି ଦିନ ହେବ ପ୍ରଚଣ୍ଡ ଖରାଯୋଗୁ ପୋଖରୀର ଜଳ ସ୍ତର ବହୁତ କମିଯାଇଛି। ଏହି ପାଣିରେ ଗାଧୋଇଲେ ଚର୍ମ ରୋଗ ବ୍ୟାପିବାର ଆଶଙ୍କା ରହୁଛି । ଏ ନେଇ ଗ୍ରାମବାସୀ ନିକଟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ଯଥାଶୀଘ୍ର ପୋଖରୀ ସଫେଇ କରାଯିବାକୁ ଗ୍ରାମର ନାରାୟଣ ସାହୁ, ସତ୍ୟ ସାହୁ, ଲକ୍ଷ୍ମୀ ସାହୁ, ବିପିନ ସାହୁ, ଓମ ସାହୁଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି । ବ୍ଲକ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଦେଓଗାଁରେ ଗୋ-ସମ୍ମାନ ଅଭିଯାନ

**ଦେଓଗାଁ,୨୭।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁରେ ସୋମବାର ପୂର୍ବାହ୍ନରେ ଗୋ-ସୁରକ୍ଷା କମିଟି ତରଫରୁ ଗୋ ସମ୍ମାନ ଦିବସ ଅବସରରେ ଗୋ ସମ୍ମାନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଡା. ଶଶୀ ଭୂଷଣ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତାମାନେ ଦେଓଗାଁ ଦୁର୍ଗାମଣ୍ଡପ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ଗୋ ମାତାଙ୍କୁ ରାଷ୍ଟ୍ର ସମ୍ମାନ ଦେବା, ଗୋ ହତ୍ୟା ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଆଦି ନାରା ଦେଇ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଗୋ- ହତ୍ୟାକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ଗୋ- ମାତାଙ୍କୁ ରାଷ୍ଟ୍ର ସମ୍ମାନ ଓ ସୁରକ୍ଷା ଦିଗରେ ପଦକ୍ଷେପ ନେବା ପାଇଁ ତହସିଲଦାର ନର୍ମଦା ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସୁବଳ ରଣା, ତନ୍ମୟ କୁମାର ମିଶ୍ର, ବେଣୁଧର ନାଏକ, ଚିନ୍ତାମଣି ମାହାକୁର, ରାଜାରାମ ନାଏକ, ରମେଶ ଚନ୍ଦ୍ର ସାହୁ, ଦୀନବନ୍ଧୁ ସାହୁ, ଶୁଶିଳ ବଗର୍ତ୍ତି, ଠାକୁର ସିଂ ଭୋଇ, ଦେବରାଜ ଥନାପତି ତଥା ଅନ୍ୟମାନେ ଉପସ୍ଥିତ ଥିଲେ।



ଗୋ ସୁରକ୍ଷା କମିଟିର କାର୍ଯ୍ୟକର୍ତ୍ତାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ଉତ୍ତରପ୍ରଦେଶ ଗସ୍ତରେ ଯିବେ ଲୋଇସିଂହାର ୭ ପ୍ରତିଯୋଗୀ

## ଜାତୀୟ କରାଟେ ଚାମ୍ପିୟନଶିପ୍

**ଲୋଇସିଂହା,୨୭।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ରାଇଜିଂ କ୍ଲବର ପ୍ରଶିକ୍ଷାର୍ଥୀମାନେ ଆସନ୍ତା ୨ ଓ ୩ ତାରିଖରେ ଉତ୍ତରପ୍ରଦେଶର ଗାଜିଆବାଦରେ ହେବାକୁ ଥିବା ଜାତୀୟ ଓପନ କରାଟେ ଚାମ୍ପିୟନଶିପରେ ଅଂଶଗ୍ରହଣ କରିବେ। ଖୁବଶୀଘ୍ର ପ୍ରଶିକ୍ଷକ ଅଲେଖ ଛତରଙ୍କ ନେତୃତ୍ୱରେ ୭ ଜଣିଆ ଦଳ ଏହି ପ୍ରତିଯୋଗିତା ପାଇଁ ଲୋଇସିଂହାରୁ ଯାତ୍ରା କରିବେ ବୋଲି ଜଣାଯାଇଛି। ଏଥିରେ ୭ରୁ ୧୨ ବର୍ଷ ବର୍ଗର ପ୍ରତିଯୋଗୀ ରହିଛନ୍ତି। ସେମାନେ ହେଲେ ଲିଟିଲ ମିସ୍ ଗ୍ଲୋବାଲ ଇଣ୍ଟରନ୍ୟାଶନାଲ ଏଫ୍ରାତା ଜୋଏଲ, ଅରମାନ ବାରିକ, ଆୟୁଷ୍ମାନ ବାରିକ, ପ୍ରତ୍ୟୁଷ ସାହୁ, ପ୍ରତିମ ସାହୁ, ଦିପ୍ତୀମୟୀ ଛତର ଓ ଶକ୍ତିମୟୀ ଛତର। ପ୍ରତିଯୋଗିତାକୁ ଯିବା ପୂର୍ବରୁ କ୍ଲବ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ କ୍ଲବ ସଭାପତି ଗୁରୁଚରଣ ଧୀର, ସମ୍ପାଦକ ଗୋପାଳ ପ୍ରଧାନ, କୋଷାଧ୍ୟକ୍ଷ କିଶୋର ସୁନା ଏବଂ ପରାମର୍ଶଦାତା ଭୋଳାନାଥ ମିର୍ଦ୍ଧା ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହିତ ସଫଳତା କାମନା କରି ସମ୍ବର୍ଦ୍ଧନା ଜଣାଇଥିଲେ। ଲୋଇସିଂହା ଅଞ୍ଚଳର ଏହି କୁନି ପ୍ରତିଭାମାନେ ଜାତୀୟ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି ଗୌରବ ଆଣିବେ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି।


କରାଟେ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଥିବା ୭ ଜଣ ପ୍ରତିଯୋଗୀ।

## ଗୋ-ମାତାଙ୍କୁ 'ରାଷ୍ଟ୍ର ମାତା' ଘୋଷଣା କର

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ସୋନପୁର,୨୭।୪ (ମୃତ୍ୟୁଞ୍ଜୟ ଶତପଥୀ)**

ସାରା ଭାରତରେ ଗୋ-ହତ୍ୟାକୁ ସମ୍ପୂର୍ଣ୍ଣ ନିଷେଧ କରିବା ଏବଂ ଗୋ-ମାତାଙ୍କୁ 'ରାଷ୍ଟ୍ର ମାତା'ର ମାନ୍ୟତା ପ୍ରଦାନ କରିବା ଦାବିରେ ସୁବର୍ଣ୍ଣପୁରଠାରେ 'ଗୋ ସମ୍ମାନ ଆହ୍ୱାନ ଅଭିଯାନ' ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ ଅଭିଯାନର ଅଂଶସ୍ୱରୂପ ଜିଲାର ଗୋ-ରକ୍ଷକ ଓ ସେବକମାନେ ଏକଜୁଟ ହୋଇ ପୂର୍ବାହ୍ନରେ ସୋନପୁର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସରକାର ଦେଶରେ ଗୋ ହତ୍ୟା ବନ୍ଦ କରିବା ଓ ଗୋ ମାତାଙ୍କୁ ରାଷ୍ଟ୍ର ମାତା ଘୋଷଣା ପାଇଁ ଗୋ ସେବକମାନେ ନାରାବାଜି କରିଥିଲେ। ପରେ ସୋନପୁର ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।


ସୋନପୁର ତହସିଲ ଅଫିସ ସମ୍ମୁଖରେ ଗୋ ସେବକମାନେ।

ସୂଚନା ଅନୁଯାୟୀ, ଦେଶର ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ତହସିଲ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗୋ ସେବକମାନଙ୍କ କହିବା ଅନୁଯାୟୀ, ଗୋ-ସଂରକ୍ଷଣ କେବଳ ଧାର୍ମିକ ନୁହେଁ ବରଂ ସାଂସ୍କୃତିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଣୁ ଭାରତରେ ଗୋ-ହତ୍ୟା ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଉ। ଗୋ-ମାତାଙ୍କୁ ବିଧିବଦ୍ଧ ଭାବେ 'ରାଷ୍ଟ୍ର ମାତା' ଘୋଷଣା କରାଯାଉ। ଏହି ଅଭିଯାନରେ ଯୁବ ସାମାଜିକ କର୍ମୀ ଶିବ ଶଙ୍କର ନାଏକଙ୍କ ନେତୃତ୍ୱରେ ଅଞ୍ଚଳର ବହୁ ସଂଖ୍ୟାରେ ଗୋ-ପ୍ରେମୀ ଓ ସ୍ୱେଚ୍ଛାସେବୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସାରା ଦେଶରେ ଗୋ-ସୁରକ୍ଷା ପାଇଁ ଜନଜାଗରଣ ସୃଷ୍ଟି କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ଚରଦାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**ବିନିକା ୨୭।୪ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଚରଦା ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବୃନ୍ଦାବତୀ ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ପଞ୍ଚାୟତ ଉନ୍ନୟନ ଅଧିକାରୀ ଶରତ ମିଶ୍ର ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅପତ୍ତି ଅଭିଯୋଗ ଶୁଣିଥିଲେ। ଶିବିରରେ ୧୬ ଅଭିଯୋଗ ଗ୍ରହଣ କରଯାଇଥିଲା। ସେଥିମଧ୍ୟରୁ ୧୫ ବ୍ୟକ୍ତିଗତ ଏବଂ ଗୋଟିଏ ସାମୂହିକ ଅଭିଯୋଗ ଥିଲା। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ବିଜୟ ପୂର୍ତ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କ ମନେ ଯୋଗଦେଇଥିଲେ। ପିଇଓ ଶିବରାମ ମିଶ୍ର ଶିବିରକୁ ପରିଚାଳନା କରିଥିଲେ।

## ୪୮ ଅଭିଯୋଗରୁ ୭ ସାମୂହିକ



ଉଲୁଣ୍ଡାରେ ଅତିରିକ୍ତ ଜିଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

### ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ସୋନପୁର,୨୭।୪ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟଠାରେ ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ. କେ. ହରିପ୍ରସାଦ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ସର୍ବମୋଟ ୪୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୪୧ ବ୍ୟକ୍ତିଗତ ଥିବାବେଳେ ୭ ସାମୂହିକ ଅଭିଯୋଗ ରହିଥିଲା। ଏଥିରୁ ୨ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ସମସ୍ତ ଅଭିଯୋଗକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉଲୁଣ୍ଡା ବିଡିଓ ଦିଲୀପ କୁମାର ବାରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ କାଳିଆ ମଲ୍ଲିକ, ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରଣୀ ଦାଶ, ଡେପୁଟି କଲେକ୍ଟର ଅଭିଯୋଗ ଶୁଣାଣି ପ୍ରିୟଦର୍ଶିନୀ ସାହୁଙ୍କ ସହିତ ସମସ୍ତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର




**ତରଭା, ୨୭।୪ (ମାନଭଞ୍ଜନ ମିଶ୍ର)**

ତରଭା ବ୍ଲକ କୁମ୍ଭାରମୁଣ୍ଡା ପଞ୍ଚାୟତ ସଭା ଗୃହରେ ସରପଞ୍ଚ ସବିତା ପାତ୍ରଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ଜଳଯୋଗାଣକୁ ନେଇ ୪ ଅଭିଯୋଗ ଥିବାବେଳେ ରୋଷେଇ ଘର ନିର୍ମାଣକୁ ନେଇ ଗୋଟିଏ ଦରଖାସ୍ତ ଗ୍ରହଣ ହୋଇଥିଲା। ଏଥିରେ ବ୍ଲକ ହିସାବ ରକ୍ଷକ ପଦ୍ମାଳୟା ମେହେର ଉପସ୍ଥିତ ରହି ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରିଥିବା ଜଣାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ତରଭା ତହସିଲଦାର ଶ୍ୱେତାଲିନା ମାହାଣା, କନିଷ୍ଠ ଯନ୍ତ୍ରୀ ସହଦେବ ପଧାନ, ଭିଏଡବ୍ଲୁ ସନ୍ଧ୍ୟାରାଣୀ କିଡୋ, ସୁଭଦ୍ରା ସହାୟିକା ପଦ୍ମିନୀ ପୁରୋହିତ, ଅଙ୍ଗନୱାଡି ମୁଖ୍ୟ ସେବିକା ରୀନା ପଣ୍ଡା, ସାରଙ୍ଗ ପଧାନ, ବିଏସଏସଓ ପ୍ରଭାସ କର୍ଣ୍ଣ, ୱାର୍ଡସଭ୍ୟା ରଜନୀ ସାହୁ, ଉର୍ବଶୀ ଖାଙ୍କର, ଜଦୁ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ସୁନା, କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

## ୨ବର୍ଷ ବିତିଲା, ଏମ୍‌ସିଏଚ୍‌ର ଲିଫ୍ଟ ଅଚଳ

### ପ୍ରଶାସନ ନିଦାବିଷ୍ଟ

**ସୋନପୁର,୨୭।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏମ୍‌ସିଏଚ୍ (ପ୍ରସୂତିକାଳୀନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର)ର ଲିଫ୍ଟ କାମ କରୁନି। ଦୀର୍ଘ ୨ ବର୍ଷ ହେଲା ଏମ୍‌ସିଏଚ୍‌ର ୨ଟି ଯାକ ଲିଫ୍ଟ ଅଚଳ ହୋଇପଡିଛି। ଏଥିପ୍ରତି ଜିଲା ପ୍ରଶାସନ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ କି ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳକ କାହାରି ଦୃଷ୍ଟି ନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଥିବା ପ୍ରସୂତି ମହିଳାମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ସିଡିରେ ଚଢ଼ି ଉପର ମହଲାକୁ ଯିବାକୁ ପଡୁଛି। ରୋଗୀଙ୍କ ଚିକିତ୍ସା ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସରକାରଙ୍କ ପକ୍ଷରୁ ୫୦ ଶଯ୍ୟା ବିଶିଷ୍ଟ ଏମସିଏଚ୍ ପ୍ରତିଷ୍ଠା ହୋଇଛି। ପ୍ରସୂତିକାଳୀନ ମାତୃ ଓ ଶିଶୁଙ୍କୁ ଚିକିତ୍ସା ପାଇଁ ୩ ମହଲା ବିଶିଷ୍ଟ କୋଠାରେ ସମସ୍ତ ପ୍ରକାର ସୁବିଧା ରହିଛି। ଅଧିକାରୀ, ପରିଚାଳକ ନିଯୁକ୍ତ ହୋଇଛନ୍ତି। ଏଥିପାଇଁ ପ୍ରତିମାସ ଲକ୍ଷାଧିକ ଟଙ୍କା ଦରମା ଆକାରରେ ଖର୍ଚ୍ଚ ହେଉଛି। କିନ୍ତୁ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ରହୁନି। ପ୍ରଶାସନିକ ଅବ୍ୟବସ୍ଥା ପାଇଁ ରୋଗୀ ଓ ପରିଜନଙ୍କୁ ସୁବିଧା ମିଳୁନି। ପ୍ରଥମ ଓ ଦ୍ୱିତୀୟ ମହଲାକୁ ଯାଇ ଚିକିତ୍ସିତ ହେବାକୁ ପ୍ରସୂତି ମହିଳାଙ୍କୁ ଅସୁବିଧା ହେଉଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



ସୁବର୍ଣ୍ଣପୁର ପ୍ରସୂତିକାଳୀନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରର ୨ଟିଯାକ ଲିଫ୍ଟ ଅଚଳ।

## କୁହିବାହାଲରେ କଳା ସାଧକ ସମ୍ବର୍ଦ୍ଧନା ସମାରୋହ

**ବିନିକା, ୨୭।୪ (ରାମ ଗୋପାଳ ବାଘ)**

ବିନିକା ବ୍ଲକ କୁହିବାହାଲ ଉଚ୍ଚ ବିଦ୍ୟାଳୟଠାରେ ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତ ସୁବର୍ଣ୍ଣପୁର ଜିଲା ପକ୍ଷରୁ କଳା ସାଧକ ସମ୍ବର୍ଦ୍ଧନା ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ନାଟ୍ୟଭୀଷ୍ମ ଗଦାଧର ବାରିକଙ୍କ ସଭାପତିତ୍ୱ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଉତ୍କଳ ପଶ୍ଚିମ ପ୍ରାନ୍ତ ସଭାପତି ହରେକୃଷ୍ଣ ଭୋଇ, ସମ୍ମାନିତ ଅତିଥି ଭାବେ ଲୋକ କଳା ସଂଯୋଜକ ରଞ୍ଜନ କୁମାର ସାହୁ(ସମ୍ବଲପୁର), ପ୍ରାନ୍ତ ଦୃଶ୍ୟ କଳା ସଂଯୋଜକ ପଞ୍ଚାନନ ବାରିକ (ବରଗଡ଼), ସମ୍ବଲପୁର ଜିଲା ସଭାପତି ମୋହିତ ସ୍ୱାଇଁ, ସମ୍ପାଦକ ମହେଶ ପୁଟେଲ, ମାତୃଶକ୍ତି ପ୍ରମୁଖ ଦିପାଳୀ ଚୌଧୁରୀ, ସୁବର୍ଣ୍ଣପୁର ଜିଲା କାର୍ଯ୍ୟକର୍ତ୍ତା ଶ୍ରଦ୍ଧାଞ୍ଜଳି ମିଶ୍ର, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ଉପସଭାପତି ରମେଶ ପଧାନ, କୋଷାଧ୍ୟକ୍ଷ ଆରତୀ ଖମାରୀ ପ୍ରମୁଖ ଯୋଗଦେଇଥିଲେ। ଦଣ୍ଡ ସମ୍ରାଟ ରସିକ ସାହୁଙ୍କ ପ୍ରାରମ୍ଭିକ ସଙ୍ଗୀତ ପରେ ବୈଠକ ଆରମ୍ଭ ହୋଇଥିଲା। ଏହି ଅବସରରେ ସୁନା, ରୁପା, କଂସାବଳା ପାଇଁ ତରଭା ଗ୍ରାମର ମହେଶ ଆଚାରୀ, ଟେରାକୋଟା ମାଟିକଳା ପାଇଁ କୁହିବାହାଲ ଗ୍ରାମର ମୁକୁନ୍ଦ ରଣା, ପଥର ଖୋଦେଇ ଓ ଫାଇଭର ହସ୍ତ କଳା ପାଇଁ ଲକର୍ମା ଗ୍ରାମର ଅଶୋକ କୁମାର ରଣା, ବାଉଁଶ ହସ୍ତକଳା ପାଇଁ କୁହିବାହାଲ ଗ୍ରାମର ପ୍ରେମଲାଲ ପଧାନ, ଶସ୍ୟ ହସ୍ତକଳା ପାଇଁ ଚିଙ୍ଗେରକଟା ଗ୍ରାମର ଉପାସୀ ଭୁଏ ଓ ଚିତ୍ରକଳା ପାଇଁ ସାଗରପାଲି ଗ୍ରାମର ଦୁର୍ଯ୍ୟୋଧନ ମେହେର ପ୍ରମୁଖଙ୍କୁ ଉତ୍କଳ ପଶ୍ଚିମ ପ୍ରାନ୍ତ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାନ୍ତ ସଭାପତି ଭୋଇ ସଂସ୍କାର ଭାରତୀର ଲକ୍ଷ୍ୟ ଉଦେଶ୍ୟ ବ୍ୟକ୍ତ କରିଥିବା ବେଳେ ପଞ୍ଚାନନ ବାରିକ ଲୁପ୍ତ ଓ ସୁପ୍ତ ପ୍ରାୟ କଳାକାରମାନଙ୍କୁ ତଳସ୍ତରରୁ ଚିହ୍ନଟ କରି ଲୋକଲୋଚନକୁ ଅଣାଯାଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତଥ୍ୟ ପ୍ରଦାନ କରାଯିବା ବିଷୟ ଉଲ୍ଲେଖ କରିଥିଲେ। ତରଭା ହାଇସ୍କୁଲର ପ୍ରଧାନ ଶିକ୍ଷକ ଡ. ମୁରଲୀଧର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ କୁହିବାହାଲ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଡୋଳାମଣି ପଧାନ ଧନ୍ୟବାଦ ଦେଇଥିଲେ।

## ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୩ ଗୁରୁତର

**ଡୁଙ୍ଗୁରିପାଲି, ୨୭।୪ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ କପାସିରା-ଜୁଲୁଣ୍ଡା ରାସ୍ତାର ଉପ ବଜାର ପ୍ରାଙ୍ଗଣ ପଞ୍ଚାୟତ ଅଫିସ ନିକଟ ରାସ୍ତାରେ ସୋମବାର ସନ୍ଧ୍ୟାରେ ୨ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩ ଜଣଗୁରୁତର ହୋଇଛନ୍ତି। ମୃତକ ହେଲେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ ପଞ୍ଚାୟତ ଛେଲଖାଇ ଗ୍ରାମର ଶାଶ୍ୱତ ବେହେରା (୨୭)। ଗୁରୁତରମାନେ ହେଲେ ତରଭା ବ୍ଲକ ମେଣ୍ଡା ଗ୍ରାମର ୨ ଭାଇ ଟିଙ୍କୁ ଦଳବେହେରା, ରିଙ୍କୁ ଦଳବେହେରା ଓ କପାସିରା ଗ୍ରାମର ସାହିଲ ପୁଟେଲ।

ପୋଲିସ ସୂଚନା ଅନୁଯାୟୀ, ସନ୍ଧ୍ୟା ୭ ଟାରେ ଛେଲଖାଇ ଗ୍ରାମର ଶାଶ୍ୱତ ବାଇକ୍‌ରେ ସୁବର୍ଣ୍ଣପୁର ଜିଲା ଛଡାଇ ପଏକ ଇଚ୍ଛାପୁର ଶ୍ୱଶୁର ଘରୁ ଗାଁକୁ ଫେରୁଥିଲାବେଳେ କପାସିରା-ଜୁଲୁଣ୍ଡା ରାସ୍ତାର ଉପବଜାର ପ୍ରାଙ୍ଗଣ-କପାସିରା ପଞ୍ଚାୟତ ଅଫିସ ରାସ୍ତା ମଝିରେ କପାସିରା ପଟୁ ବାଇକ୍‌ରେ ଟିଙ୍କୁ, ରିଙ୍କୁ ଓ ସାହିଲ ଗୁରହାଣ୍ଡି ଯୋରକୁ ଗାଧୋଇ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ୨ ବାଇକରେ ଥିବା ୪ ଜଣ ଯାକ ଛିଟିକି ରାସ୍ତାରେ ପଡିଥିଲେ। ଗୁରୁତର ଥିବା ସମସ୍ତଙ୍କୁ ସ୍ଥାନୀୟ ଲୋକେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଛେଲଖାଇ ଗ୍ରାମର ଶାଶ୍ୱତ ବେହେରାଙ୍କୁ ଡାକ୍ତର ପ୍ରାଥମିକ ଚିକିତ୍ସା କଲା ପରେ ମୃତ ଘୋଷଣା କରିଛନ୍ତି। ଗୁରୁତର ଥିବା ୩ ଜଣଙ୍କୁ ବୁର୍ଲା ଭୀମସାର ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହ ଜବତ କରିଛି। ଅନ୍ୟପକ୍ଷେ ଦୁର୍ଘଟଣାଗ୍ରସ୍ତ ୨ ବାଇକ୍‌କୁ ପୋଲିସ ଜବତ କରିଛି। ଦୁର୍ଘଟଣା ସମୟରେ ଆଉ ଏକ ବାଇକ ଆସି ପିଟି ହେବାରୁ ସେହି ବାଇକ୍‌ଟି ମଧ୍ୟ ଚୁରମାର ହୋଇଛି। ବାଇକ୍ ଚାଳକ ସୁରକ୍ଷିତ ଅଛନ୍ତି ବୋଲି ଆଇଆଇସି ରୋଜାଲିନ ପଟେଲ କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ଆହତ

**ରେଢ଼ାଖୋଲ, ୨୭।୪ (ସନ୍ତୋଷ ବଘାର)**

ରେଢ଼ାଖୋଲ ୫୫ ନମ୍ବର ଜାତୀୟ ରାଜପଥ ବର୍ଷକିଆ ନିକଟରେ ସ ଦୁର୍ଘଟଣାରେ ଜଣେ ଯୁବକ ଆହତ ହୋଇଥିବା ଜଣା ପଡିଛି। ଆହତ ଯୁବକ ଜଣକ ହେଉଛନ୍ତି ତାଳଚେର ଅଞ୍ଚଳର ଅଭିଷେକ ବେହେରା (୨୮)। ସେ ନିଜ ବାଇକ୍‌ରେ ସମ୍ବଲପୁରରୁ ତାଳଚେର ଅଭିମୁଖେ ଯାଉଥିବାବେଳେ ରେଢ଼ାଖୋଲ ଥାନା ଅନ୍ତର୍ଗତ ବର୍ଷକିଆ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରୁ ପୋଲିସ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ବର୍ତ୍ତମାନ ସେ ଚିକିତ୍ସା ଧୀନ ଥିବା ଜଣାପଡିଛି।

## ସମ୍ବିଧାନ ପ୍ରସ୍ତୁତିରେ ଆମ୍ବେଡକରଙ୍କ ଅବଦାନ ଅତୁଳନୀୟ



ଜୟନ୍ତୀ ପାଳନରେ ମୁଖ୍ୟ ଅତିଥି ଗଣ୍ଡା ସମାଜ ବ୍ଲକ ସଭାପତି ନୀତେଇ ପାଳ ଓ ଅନ୍ୟ ଅତିଥିବୃନ୍ଦ।

### ଡୁଙ୍ଗୁରିପାଲି ଆମ୍ବେଡକର ସ୍ମୃତି କମିଟି ପକ୍ଷରୁ ଜୟନ୍ତୀ ପାଳନ

**ଡୁଙ୍ଗୁରିପାଲି, ୨୭।୪ (ଦୀନବନ୍ଧୁ ସୁନା )**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିସ୍ଥିତ ଆରଏମ୍‌ସି ପରିସରରେ ଭାରତୀୟ ସମ୍ବିଧାନ ପ୍ରଣେତା, ଭାରତରତ୍ନ ଡ. ଭୀମରାଓ ରାମଜୀ ଆମ୍ବେଡକରଙ୍କ ୧୩୫ତମ ଜୟନ୍ତୀ ରବିବାର ଆମ୍ବେଦକର ସ୍ମୃତି କମିଟିର ପକ୍ଷରୁ ଅନୁଷ୍ଠିତ ହୋଯାଇଛି। କମିଟି ଉପଦେଷ୍ଟା ଚଉତୁରା ଦୀପଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଲକ୍ଷେଘର ଗଣ୍ଡା ସମାଜର ସଭାପତି ନୀତେଇ ପାଳ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲିର ସେବା ଫାଉଣ୍ଡେଶନର ପ୍ରତିଷ୍ଠାତା ବିଭୁଦତ୍ତ ବିଶ୍ୱାଳ, ଭୀମଟିକିରା ଆମ୍ବେଡକର ସ୍ମୃତି କମିଟି ତଥା ଭୀମଟିକିରା ପୂର୍ବତନ ସରପଞ୍ଚ ଜେହେରୁ ବାଗ, ବରିଷ୍ଠ ସାମ୍ବାଦିକ ପବିତ୍ରମୋହନ ପାଣ୍ଡିଆ, ଜିଲା ବାମସେଦ ସଂଯୋଜକ ଖଗେଶ୍ୱର କୁମ୍ଭାର, ଏସ୍‌ସି ମହିଳା ସଭାନେତ୍ରୀ ରେଣୁକା ଦୀପ, ଆମ୍ବେଡକରଙ୍କ ପ୍ରଚାରକ ପ୍ରଭାରୀ ଅନି ଦୀପ ଯୋଗଦେଇଥିଲେ। ସମାଜିକ ସମରସତା ପଶ୍ଚିମପ୍ରାନ୍ତ ସମିତିସଭ୍ୟ ରାଧାବଲ୍ଲଭ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଥମେ ଅତିଥି ବୃନ୍ଦ ଡ. ଆମ୍ବେଡକରଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ସଭା କାର୍ଯ୍ୟ କମିଟି ସଭାପତି ଦୀନବନ୍ଧୁ ସୁନା କରିଥିଲେ। ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ପଶ୍ଚିମ ପ୍ରାନ୍ତ ସମିତିସଭ୍ୟ ଷଡ଼ଙ୍ଗୀ କହିଥିଲେ, ସମ୍ବିଧାନ ପ୍ରସ୍ତୁତି ବାବା ସାହେବ ଡ. ଆମ୍ବେଡକର ଅବଦାନ ଅତୁଳନୀୟ। କାର୍ଯ୍ୟକ୍ରମକୁ କମିଟିର ସମ୍ପାଦକ ସୁରେଶ ବାଗ ସଂଯୋଜନା କରିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କବି ବୀରବର ବିଶ୍ୱାଳ, ସେବା ଫାଉଣ୍ଡେଶନର ନିତା ପଟେଲ, ଝରଣା ତ୍ରିପାଠୀ, ଶ୍ରଦ୍ଧା ପଟେଲ, କଲିମ ଖାଁ, ଅନ୍ୟମାନଙ୍କ ମଧ୍ୟରେ ମହେଶ୍ୱର ସୁନା, ଗଣ୍ଡା ସମାଜ ବ୍ଲକ ସଭାପତି ନୀତେଇ ପାଳ ପ୍ରମୁଖଙ୍କୁ ଅତିଥିମାନେ ଉପଢ଼ୌକନ, ପ୍ରଶଂସା ପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କମିଟିର ସୁରେନ ବାଗ, ଜଗା ସୁନା, ମନୋଜ ସୁନା, ଦୀନବନ୍ଧୁ ନାଗ, ସୁଦାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପ ଉପସଭାପତି ମହେଶ୍ୱର ସୁନା ଧନ୍ୟବାଦ ଦେଇଥିଲେ।

## ଗୋମାତାଙ୍କୁ ରାଷ୍ଟ୍ରୀୟ ମାତା ଘୋଷଣା ପାଇଁ ଦାବି

**ବିନିକା, ୨୭।୪ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକାରେ ସୋମବାର ଗୋମାତାଙ୍କୁ ରାଷ୍ଟ୍ରୀୟ ମାତା ଦାବିରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଗାଁକୁ ଗାଁ ଯାଇ ଲୋକଙ୍କଠାରୁ ଦସ୍ତଖତ କରି ତହସିଲଦାର ରମ୍ଭା ଭୋଇଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହାସହ ରାସାୟନିକ ସାର ବନ୍ଦ କରି ଗୋବର ଖତର ବହୁଳ ବ୍ୟବହାର, ଦୁଗ୍ଧର ଠିକ୍ ମୂଲ୍ୟ ପ୍ରଦାନ, ପ୍ରତି ପଞ୍ଚାୟତରେ ଗୋଶାଳା ତିଆରି କରିବା, ମନ୍ଦିରରେ ଚର୍ବି ମିଶା ଘିଅ ସମ୍ପୂର୍ଣ୍ଣ ବନ୍ଦ କରି ଗୁଆ ଘିଅ ବ୍ୟବହାର, ଗୋମାତାଙ୍କୁ ରାଷ୍ଟ୍ର ମାତାର ସମ୍ମାନ ଦେବା, ଭାରତରେ ଗୋ ହତ୍ୟା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଆଦି ବିଷୟ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବିନିକାର ଗୋ ସୁରକ୍ଷା ସଦସ୍ୟ ଆନନ୍ଦ ବଜରଙ୍ଗୀ, ରିକୁନାଥ, ରମେଶ, ଦୀପନନତା ମାହାଣା, ଗୋବିନ୍ଦ, ସୁନୀଲ, ବିଶାଳ, ଶଙ୍କର, ଶକ୍ତି, କାହ୍ନ, ରାଜକିଶୋର ଓ ଲବୋଦାର ଆଦି ଅନେକ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞର ପୂର୍ଣ୍ଣାହୁତି

**ସୋନପୁର ୨୭।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଅଲେଖ ମହିମା ମଠରେ ରବିବାର ସକାଳଠାରୁ ଆରମ୍ଭ ହୋଇଥିବା ୪୦ତମ ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ସୋମବାର ପୂର୍ଣ୍ଣାହୁତି ହୋଇଯାଇଛି। ରବିବାର ପ୍ରାତଃ ସମୟରେ ଶତାଧିକ ମହିମା ଧର୍ମାବଲମ୍ବୀ ମହିଳାମାନେ ମହିମା ମଠରୁ ବାହାରି ମହାନଦୀର ତେନ୍ତୁଳି ଘାଟ ପର୍ଯ୍ୟନ୍ତ ଯାଇଥିଲେ। ମହାନଦୀରୁ କଳସରେ ଜଳ ଆଣି ପ୍ରଭୁଙ୍କଠାରେ ଲାଗି କରିଥିଲେ। ପରେ ଦିନ ରାତି ମହିମା ଭଜନ ଗାନ କରାଯାଇଥିଲା। ଏଥିରେ ୧୮ ଭଜନ ପାର୍ଟି ଅଂଶଗ୍ରହଣ କରିଥିଲେ। ଟିଟିଲାଗଡ଼ର ଅନ୍ଧୁଣି ରୋହିଣୀଙ୍କ ଭଜନ ପାର୍ଟି ଓ ବ୍ରାହ୍ମଣୀ ପାର୍ଟିର ଭଜନ ବେଶ ଆକର୍ଷଣୀୟ ହୋଇଥିଲା। ଉଭୟଙ୍କ ଭକ୍ତି ଭରା ଗୀତ ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଥିଲା। ଯଜ୍ଞ ପାଇଁ ଅଖଣ୍ଡ ବତୀ ଓ ହୋମରେ ଖଲିଆପାଲି ମଠାଧୀଶ ବାବା ସନ୍ନ୍ୟାସୀ ଦାସ, ଭୀମଭୋଇଙ୍କ ଜନ୍ମପୀଠ ଜଟେସିଂଘା ମଠର ମଠାଧୀଶ ଜଗଦୀଶ ଦାସ, ସୋନପୁର ମହିମା ମଠର ମଠାଧୀଶ ମାଧବ ଦାସ ଯୋଗଦେଇ ଘୃତାହୁତି ଓ ଅଖଣ୍ଡ ବତୀ ଲାଗି କରିଥିଲେ। ବିନିକା ସ୍ମୃତି କମିଟିର ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଥଣ୍ଡା ଦହି ପାଣି ଓ ଉରକୁଲି ମେହେର ସ୍ମୃତି କମିଟି ପକ୍ଷରୁ ମିଷ୍ଟାନ ଅନ୍ନପ୍ରସାଦ ବିତରଣ କରାଯାଇଥିଲା। ଏହି ଅବସରରେ ରାତିରେ ଏକ ଧର୍ମ ସଭାର ଅୟୋଜନ ହୋଇଥିଲା। ମଠର ସଭାପତି ରାମ ଗୋପାଳ ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସାନନ୍ଦ ବାରିକ ଯୋଗଦାନ କରି ସନ୍ଥ କବି ଭୀମଭୋଇଙ୍କ ଜୀବନି ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଭୀମଭୋଇଙ୍କ ବାର୍ତ୍ତା ପ୍ରଚାରକ ମୋହନ ମହାନନ୍ଦ, ସମ୍ମାନୀତ ଅତିଥି ଭାବେ ଭକ୍ତ ମିଲୁ ତାଣ୍ଡି, କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ଭୋଇ, ଦୁଃଖୀରାମ ବାଘ ଓ ଖଲିଆପାଲି ମାତାମଠ ସାନ୍ନ୍ୟାସିନୀ ବିନୋଦିନୀ ଦାସ ପ୍ରମୁଖ ଯୋଗଦେଇ ମହିମା ଗୋସାଇଁଙ୍କ ମହିମା ଧର୍ମର ମହିମା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ବାରିକ ଗରିବ ଛାତ୍ରୀଛାତ୍ରଙ୍କୁ ନିଜ ମହାବିଦ୍ୟାଳୟରେ ମାଗଣାରେ ନାମ ଲେଖାଇବା ପାଇଁ ଘୋଷଣା କରିଥିଲେ। ରାଧେଶ୍ୟାମ ବାଦୀ ମଞ୍ଚ ପରିଚାଳନା କରିଥିଲେ। ଏହି ଧାର୍ମିକ କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ।


ଅଖଣ୍ଡ ବ୍ରହ୍ମଯଜ୍ଞରେ ଉପସ୍ଥିତ ମହିମା ସାଧୁ ସନ୍ଥ।

## କଠିନ ପରିଶ୍ରମ, ନୀରବଚ୍ଛିନ୍ନ ସାଧନା ହିଁ ସଫଳତାର ଚାବିକାଠି

### ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର ଚତୁର୍ଦ୍ଦଶତମ ବାର୍ଷିକୋତ୍ସବ

**ବୀରମହାରାଜପୁର ୨୭।୪ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଗାୟତ୍ରୀ ଆବାସିକ ସ୍କୁଲର ଚତୁର୍ଦ୍ଦଶତମ ବାର୍ଷିକୋତ୍ସବ ଅନୁଷ୍ଠିତ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବିଧାୟକ ତଥା ସୋନପୁର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଇଂ. ରଘୁନାଥ ଜଗଦଲା ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବେ ଲୋକ କବିରତ୍ନ ପଦ୍ମଶ୍ରୀ ଡ. ହଳଧର ନାଗ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ଭାଜପା ସଭାପତି ବେଣୁଧର ଦାସ, ଏମ୍‌ପିଙ୍କ ପ୍ରତିନିଧି ତଥା ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟା ନଳିନୀ ପଣ୍ଡା ଯୋଗଦେଇଥିଲେ। ଅତିଥିମାନେ ପିଲାମାନଙ୍କୁ କଠିନ ପରିଶ୍ରମ ଓ ନୀରବଚ୍ଛିନ୍ନ ସାଧନା ହିଁ ସଫଳତାର ଚାବିକାଠି ବୋଲି କହିଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀଛାତ୍ରମାନଙ୍କ ଦାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ପଙ୍କଜ ଖମାରୀ ବାର୍ଷିକ ବିବରଣୀ ପାଠ ପରେ ଅତିଥିମାନେ ମାର୍ଗଦର୍ଶକ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ପଦ୍ମଶ୍ରୀ ଡ. ନାଗ ତାଙ୍କ ସଂଘର୍ଷମୟ ଜୀବନର ଅନୁଭୂତି ବର୍ଣ୍ଣନା କରିବା ସହିତ ଛାତ୍ରୀଛାତ୍ରଙ୍କୁ ତାଙ୍କର ସ୍ୱରଚିତ କବିତା ଶୁଣେଇଥିଲେ। ମଞ୍ଚରେ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୧୫ଜଣ ପ୍ରତିଭା ମୁନ୍ନା ମାହାଣା, ଉଦ୍ଧବ ପଧାନ, ମଦନ ଭୋଇ, ପ୍ରଭାତ ଦାସ, ମୋନାଲିସା ନନ୍ଦ, କାର୍ତ୍ତିକ ଭୋକ୍ତା, ପୃଥ୍ୱୀରାଜ ଜଗଦଲା, ରାଜେଶ ଶତପଥୀ, ଭକ୍ତି ମହାନନ୍ଦ, ସୁଧୀର ବଡଚାଟ, ଗିରିଧାରୀ ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ମଞ୍ଚ ପରିଚାଳନା କରିଥିବା ବେଳେ ଗାୟତ୍ରୀ ଆବାସିକ ହାଇଜର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଯୁଧିଷ୍ଠିର ଖମାରୀ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅନୁଷ୍ଠାନର ସମସ୍ତ ଗୁରୁମାଗୁରୁଜୀ ସହଯୋଗ କରିଥିଲେ। କୋଶଳୀ ସ୍ୱାଗତ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଯୁଧିଷ୍ଠିର ଖମାରୀ ଓ ସୁଦର୍ଶନ ବିଶାଲ, ନୃତ୍ୟ ନିର୍ଦ୍ଦେଶନା ଅନୁଭବ ପଣ୍ଡା ଓ ଲଳିତ କୁମାର ନାୟକ ଦେଇଥିଲେ।


ଗାୟତ୍ରୀ ଆବାସିକ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ବାହାର ଜିଲାର ଠିକାଦାରଙ୍କ ପ୍ରବେଶ ଉପରେ କଟକଣା ନିଷ୍ପତ୍ତି

- ଜିଲା ଠିକାଦାର ସଂଘର ସାଧାରଣ ପରିଷଦ ବୈଠକ
- ସଂଘର କର୍ମକର୍ତ୍ତା ଚୟନ
- ସଭାପତି ପଦ ବଜାୟ ରଖିଲେ ପ୍ରଦୀପ ପଣ୍ଡା



ସମ୍ବଲପୁର ଜିଲା ଠିକାଦାର ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା ବୃନ୍ଦ।

**ସମ୍ବଲପୁର,୨୭।୪ (ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଠିକାଦାର ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ ସୋମବାର ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ସମସ୍ତ ବର୍ଗର ପ୍ରାୟ ୪ ଶହରୁ ଅଧିକ ଠିକାଦାର ସାମିଲ ହୋଇ ବିଭିନ୍ନ ସମସ୍ୟା ଓ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରିବା ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନେଇଥିଲେ। ସେଥିମଧ୍ୟରେ ସମ୍ବଲପୁର ଜିଲାରେ ବାହାର ଜିଲାର ଠିକାଦାରଙ୍କୁ କାମ ନ କରାଇ ଦେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସେହିପରି ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ପାଇଁ ଧାର୍ଯ୍ୟ ମୂଲ୍ୟଠାରୁ ଶୂନ୍ୟ ପ୍ରତିଶତ କମ୍‌ରେ ଟେଣ୍ଡର ପକାଇବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ତେବେ କେତେଜଣ ଠିକାଦାର ନିର୍ମାଣ କାର୍ଯ୍ୟର ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ପ୍ରତିଶତ କମରେ ଟେଣ୍ଡର ପକାଇ ସଂଘକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଥିବାରୁ ଏହାକୁ ରୋକିବା ପାଇଁ ଏକ କୋର କମିଟି ଗଠନ କରାଯିବ। ସେହିପରି ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ପାଇଁ ବାହାର ଜିଲାର ଠିକାଦାରମାନଙ୍କୁ ସମ୍ବଲପୁରରେ ପ୍ରବେଶ କରିବାକୁ ଦିଆଯିବ ନାହିଁ। ଏହି କାର୍ଯ୍ୟରେ କେବଳ ସ୍ଥାନୀୟ ଠିକାଦାରମାନେ ହିଁ କାମ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାବ୍ୟତିତ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ପାଇଁ ସୋସିଆଲ ଅଡିଟ୍ କରାଯିବ ଏବଂ କୌଣସି ପ୍ରକାରର ଦୁର୍ନୀତିକୁ ସହ୍ୟ କରାଯିବ ନାହିଁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ପ୍ରଦୀପ ପଣ୍ଡାଙ୍କୁ ପୁନର୍ବାର ସଭାପତି ଭାବେ ମନୋନୀତ କରାଯାଇଛି। ସେହିପରି ଉପସଭାପତି ଭାବେ ଶିବସମ୍ଭୁ ନନ୍ଦ, ସୁଧାଂଶୁ ମହାନ୍ତି ଓ ସତ୍ୟସ୍ୱରୂପ ସିଥୁ, ସମ୍ପାଦକ ଭାବେ ତୁଷାରକାନ୍ତି ପ୍ରଧାନ, ସହସମ୍ପାଦକ ଭାବେ ସମ୍ପିତ ମହାପାତ୍ର, ପରାଗ ଅଗ୍ରୱାଲ ଓ ଜ୍ୟୋତି ମହାରଣାଙ୍କୁ ମନୋନୀତ କରାଯାଇଛି। ସୁବିନ ବେହେରା କୋଷାଧ୍ୟକ୍ଷ ଓ କୃପାସିନ୍ଧୁ ପ୍ରଧାନ ସହକୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ଏହା ସହିତ ଜିଲାର ବିଭିନ୍ନ ବ୍ଲକ୍, ପୌରପରିଷଦ ଓ ବିଜ୍ଞାପିତ ଅଞ୍ଚଳରୁ ୨୦ ଜଣ ସଦସ୍ୟଙ୍କୁ କାର୍ଯ୍ୟକାରୀ କମିଟିକୁ ମନୋନୀତ କରାଯାଇଛି। ପ୍ରାରମ୍ଭରେ ମା’ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା। ବିଗତ ବର୍ଷ ମୃତ୍ୟୁବରଣ କରିଥିବା ସଂଘର ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଶିଷ୍ଟ କଳାକାର ଦିଲୀପ କୁମାର ଦେବ ଅତିଥି ପରିଚୟ ପ୍ରଦାନ ଓ ସଭା ପରିଚାଳନା କରିଥିଲେ। ସଂଘର ସଭାପତି ପ୍ରଦୀପ ପଣ୍ଡା, ସମ୍ପାଦକ ତୁଷାରକାନ୍ତି ପ୍ରଧାନଙ୍କ ସମେତ ରେଢାଖୋଲ ସବ୍-ଡିଭିଜନ ସଭାପତି ରାଜୀବ ଲୋଚନ ପ୍ରଧାନ, ସମ୍ପାଦକ ବିକାଶ ଦାସ, ଶିବସମ୍ଭୁ ନନ୍ଦ ଏବଂ କୁଚିଣ୍ଡା ସବ୍-ଡିଭିଜନ ସଭାପତି ସୁଶିଲ କୁମାର ନାୟକ ଓ ସୁଧାଂଶୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅରୁଣ କୁମାର ଦେହୁରୀ ଧନ୍ୟବାଦ ଦେଇଥିଲେ।

# ଏମ୍‌ସିଏଲ୍ ପକ୍ଷରୁ ସମ୍ମାନ ସମାରୋହ



ବୁର୍ଲାସ୍ଥିତ ଏମ୍‌ସିଏଲ୍ ଜାଗୃତି ବିହାର ମୁଖ୍ୟାଳୟଠାରେ ଆୟୋଜିତ ସମ୍ମାନ ସମାରୋହରେ ପ୍ରଣବ କୁମାର ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସମ୍ବଲପୁର,୨୭।୪(ବି.ଶଙ୍କର)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ପକ୍ଷରୁ ସମ୍ମାନ ସମାରୋହ ସୋମବାର ବୁର୍ଲାସ୍ଥିତ ଜାଗୃତି ବିହାର ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି।ଏମ୍‌ସିଏଲ୍ ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ପ୍ରଣବ କୁମାର ପଟେଲଙ୍କୁ ତାଙ୍କର ସଫଳ କାର୍ଯ୍ୟକାଳ ସମ୍ପନ୍ନ ହେବା ଅବସରରେ ସମ୍ମାନଜନକ ତଥା ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଉଦୟ ଅନନ୍ତ କାଓଲେ କହିଥିଲେ, କମ୍ପାନୀରେ ଭିଜିଲାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ସିଭିଓ ପଟେଲଙ୍କ ବୃତ୍ତିଗତ ମନୋଭାବ, ସଚ୍ଚୋଟତା ଏବଂ ନିଷ୍ଠାପର ଉଦ୍ୟମ ପ୍ରଶଂସନୀୟ ଅଟେ। ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ ନିଜେ ରଚନା କରିଥିବା ଏକ କବିତା ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଅର୍ଥ ନିର୍ଦ୍ଦେଶକ ଏ.କେ. ବେହୁରା, ବୈଷୟିକ ନିର୍ଦ୍ଦେଶକ ଏସ୍.କେ. ଝାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ତାଙ୍କୁ ଆଗାମୀ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ। କାର୍ଯ୍ୟକାଳ ସମୟରେ ମିଳିଥିବା ସହଯୋଗ ପାଇଁ ଏମ୍‌ସିଏଲ୍ ପରିଚାଳନା କମିଟି ଏବଂ ସମସ୍ତ କର୍ମଚାରୀଙ୍କୁ ସିଭିଓ ପଟେଲ କୃତଜ୍ଞତା ଜଣାଇଥିଲେ।

# ବାଜପେୟୀ ଭାରତବର୍ଷର ପ୍ରକୃତ ରତ୍ନ ଥିଲେ

## ସମ୍ପର୍କ ସେତୁ ତୃତୀୟ ସଂସ୍କରଣ ଉନ୍ମୋଚିତ

**ସମ୍ବଲପୁର,୨୭।୪ (ବି.ଶଙ୍କର)**

ସମ୍ପର୍କ ଫାଉଣ୍ଡେଶନ ଟ୍ରଷ୍ଟ ସମ୍ବଲପୁର ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ରବିବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ଜନ୍ମ ଶତବର୍ଷିକୀ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟର ସଭାପତି ଅଶୋକ ପଣ୍ଡା ଅଧ୍ୟକ୍ଷତା କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥି, ଡା. ଜୟଦେବ ମେହେର, ସମ୍ବଲପୁର ଜିଲା ସାମ୍ବାଦିକ ସଂଘର ସଭାପତି ସୁବାସ ପାଣିଗ୍ରାହୀ ଓ ଜନମୁଖ ମୁଖ୍ୟ ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସାହିତ୍ୟିକ ଡ. ପ୍ରଦୀପ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଭା ପ୍ରାରମ୍ଭରେ ଇଷ୍ଟଦେବୀ ମା’ ସମଲେଶ୍ୱରୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଫାଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଯୁଗ ପୁରୁଷ ଅଟଳଜୀଙ୍କର ସ୍ମୃତିରେ ସ୍ମରଣିକା ସମ୍ପର୍କ ସେତୁର ତୃତୀୟ ସଂସ୍କରଣ ସମଦର୍ଶୀ ଅଟଳଜୀ ନାମରେ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ମୁଖ୍ୟ ଅତିଥି ପ୍ରଫେସର ପାଢ଼ୀ କହିଥିଲେ, ଭାରତ ରତ୍ନ ବାଜପେୟୀ ଜଣେ ଭାରତ ବର୍ଷର ପ୍ରକୃତ ରତ୍ନ ଥିଲେ। ଜଣେ ନିର୍ବିବାଦୀୟ ବ୍ୟକ୍ତିତ୍ୱ, ସ୍ପଷ୍ଟବାଦୀ, ସୁଶାସକ ତଥା ସୁବକ୍ତା ଥିଲେ। ଦେଶକୁ ଏକ ନୂତନ ଦିଗ ଦେବାରେ ତାଙ୍କର ଅବଦାନ ଅତୁଳନୀୟ। ସମ୍ମାନିତ ଅତିଥି ଡା. ମେହେର କହିଥିଲେ ଯେ, ଅଟଳଜୀ ପ୍ରକୃତରେ ଜଣେ ସମଦର୍ଶୀ ବ୍ୟକ୍ତିତ୍ୱ ଥିଲେ। ତାଙ୍କର ବିଦେଶନୀତିରେ ସମ୍ପର୍କର ଭାବ ସ୍ପଷ୍ଟ ବାରି ହେଉଥିଲା। ଅନ୍ୟତମ ଅତିଥି ବରିଷ୍ଠ ଖବରଦାତା ପଟ୍ଟନାୟକ ସ୍ମରଣିକାରେ ସ୍ଥାନିତ ହୋଇଥିବା ଉଚ୍ଚକୋଟିର ବିଷୟ ବସ୍ତୁଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ସାମ୍ବାଦିକ ସଂଘର ସଭାପତି ପାଣିଗ୍ରାହୀ ବାଜପେୟୀଙ୍କ ବ୍ୟକ୍ତିତ୍ୱ ବିଷୟରେ ଆଲୋଚନା କରିଥିଲେ। ଏହି ବିଶେଷ କାର୍ଯ୍ୟକ୍ରମରେ ସାହିତ୍ୟିକ ପ୍ରଦୀପ ପଣ୍ଡାଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭାଜପା ନେତା ସୂର୍ଯ୍ୟ ପାଣିଗ୍ରାହୀ, ସଙ୍ଗୀତଜ୍ଞ ମୋତିଲାଲ ଦୋରା, କବି ମମତା ନାଥ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ୟାମସୁନ୍ଦର ଶର୍ମା, ରିତା ପଣ୍ଡା, ଡ. ପରେଶ ଚନ୍ଦ୍ର ଦାନୀ, ଦୀନବନ୍ଧୁ ପଣ୍ଡା, ଜୟକୃଷ୍ଣ ବେହେରା, କୈଳାସ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବର୍ଷିକୀ ଶୀର୍ଷକ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ।

# ଭୁବନେଶ୍ୱର ସମ୍ଭାଗର ୧୨୬ କ୍ରୀଡ଼ା ପ୍ରତିଭାଗୀ ସାମିଲ



କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ସମ୍ଭାଗ ପକ୍ଷରୁ ଆୟୋଜିତ ସମ୍ଭାଗସ୍ତରୀୟ ବାସ୍କେଟବଲ କ୍ରୀଡ଼ା ଉତ୍ସବରେ ଅତିଥି ଓ ଖେଳାଳିମାନେ।

## ସମ୍ଭାଗସ୍ତରୀୟ ବାସ୍କେଟବଲ କ୍ରୀଡା ଉତ୍ସବ ଉଦ୍‌ଘାଟିତ

**ସମ୍ବଲପୁର,୨୭।୪(ବି.ଶଙ୍କର)**

କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ସମ୍ଭାଗର ସମ୍ଭାଗସ୍ତରୀୟ ବାସ୍କେଟବଲ କ୍ରୀଡା ଉତ୍ସବ ସୋମବାର ଶୁଭାରମ୍ଭ ହୋଇଛି। ସମ୍ବଲପୁର ଶିକ୍ଷାଞ୍ଚଳସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୧ ଠାରେ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ପ୍ରାଚାର୍ଯ୍ୟ ରଣରଞ୍ଜୟ ସିଂହ ଉତ୍ସବରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଉପ ପ୍ରାଚାର୍ଯ୍ୟ ବଳରାମ ମିଶ୍ର, ପ୍ରଧାନ ଶିକ୍ଷକ ଚକ୍ରଧର ଦେହୁରୀ, ସେକେଣ୍ଡାରୀ ବିଭାଗର ଖେଳ ପ୍ରଭାରୀ ସୋନାଲି କିସ୍କୋଟ୍ଟା, ପ୍ରାଥମିକ ବିଭାଗର ଖେଳ ପ୍ରଭାରୀ ସୁଦାମ ଚରଣ ଭୋଇ ଏବଂ ପ୍ରାଥମିକ ବିଭାଗ ଶିକ୍ଷକ ଅରକ୍ଷିତ କୁମ୍ଭାର, ଖୁଦିରାମ ବେହେରା, ଅବିନାଶ ଦାସ, ଚିତ୍ତରଞ୍ଜନ ଭୋଇ, ଶିକ୍ଷୟିତ୍ରୀ ଗୀତାରାଣୀ ସେଠ, ବେବୀ ଦାସ, କିରଣ କୁମାର (ନର୍ସ) ସାହାଯ୍ୟ କରିଥିଲେ। କ୍ରୀଡା ଉତ୍ସବରେ ଭୁବନେଶ୍ୱର ସମ୍ଭାଗର ୧୨ଟି କେନ୍ଦ୍ରୀୟ ବିଦ୍ୟାଳୟରୁ ୧୨୬ କ୍ରୀଡା ପ୍ରତିଭାଗୀ ଏବଂ ୧୩ ଜଣ ଅନୁରକ୍ଷଣ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଏହି କ୍ରୀଡ଼ା ପାଇ ଅଫିସିଆଲ ଭାବେ ସୁକାନ୍ତ ଧର (ବିଏଫଆଇ- ଏ ପ୍ୟାନେଲ ରେଫରୀ) ଓ ଗୌତମ ଗଜପତି, ଆର୍ୟନ ସିଂହ, ନିଖିଲ ଟପ୍ପୋ ଓ ଚିରଞ୍ଜିତ କରନ (ବିଏଫଆଇ -ବି ପ୍ୟାନେଲ ରେଫରୀ) ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ୧୭ ବର୍ଷରୁ କମ ବାଳିକା ବିଭାଗରେ କେନ୍ଦ୍ରୀୟ ବିଦ୍ୟାଳୟ ପୁରୀ ଓ ସମ୍ବଲପୁର-୧ ଏବଂ ୧୪ ବର୍ଷରୁ କମ ବିଭାଗରେ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୧ ଓ କଟକ – ୧ ଖେଳାଳିମାନଙ୍କ ବାସ୍କେଟ ବଲ ଲିଗ ମ୍ୟାଚ ହୋଇଥିଲା। ସେହିପରି ସନ୍ଧ୍ୟାରେ ୧୭ ବର୍ଷରୁ କମ ବାଳକ ବିଭାଗରେ କେନ୍ଦ୍ରୀୟ ବିଦ୍ୟାଳୟ ପୁରୀ ଓ କେନ୍ଦ୍ରୀୟ ବିଦ୍ୟାଳୟ ଭୁବନେଶ୍ୱର-୨, ବାଳିକାରେ ପୁରୀ ଓ ସମ୍ବଲପୁର-୨ ବାଳିକା, ବାଳକରେ ବ୍ରହ୍ମପୁର ଓ ସମ୍ବଲପୁର-୨, ବାଳକରେ ଭବାନୀପାଟଣା ଓ ସମ୍ବଲପୁର-୧ ଏବଂ ବାଳିକାରେ ସମ୍ବଲପୁର- ୧ ଓ ସମ୍ବଲପୁର-୨ ଖେଳାଳିମାନଙ୍କ ମଧ୍ୟରେ ଲିଗ ମ୍ୟାଚ ହୋଇଥିଲା। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୧ ସମ୍ବଲପୁରଠାରେ ସମସ୍ତ ଖେଳାଳି ଓ ଅଫିସିଆଲମାନଙ୍କ ସକାଶେ ବ୍ୟବସ୍ଥା କରାଯାଇଛି ବୋଲି ଆୟୋଜକ ବିଦ୍ୟାଳୟ ପକ୍ଷରୁ ସୂଚିତ କରାଯାଇଛି ।

# ବାଇକ୍ ଦୁର୍ଘଟଣାରେ ଯୁବକ ଆହତ

**ରେଢ଼ାଖୋଲ, ୨୭।୪ (ସନ୍ତୋଷ ବଘାର)**

ରେଢ଼ାଖୋଲ ୫୫ ନମ୍ବର ଜାତୀୟ ରାଜପଥ ବର୍ଷକିଆ ନିକଟରେ ସ ଦୁର୍ଘଟଣାରେ ଜଣେ ଯୁବକ ଆହତ ହୋଇଥିବା ଜଣା ପଡିଛି। ଆହତ ଯୁବକ ଜଣକ ହେଉଛନ୍ତି ତାଳଚେର ଅଞ୍ଚଳର ଅଭିଷେକ ବେହେରା (୨୮)। ସେ ନିଜ ବାଇକ୍‌ରେ ସମ୍ବଲପୁରରୁ ତାଳଚେର ଅଭିମୁଖେ ଯାଉଥିବାବେଳେ ରେଢ଼ାଖୋଲ ଥାନା ଅନ୍ତର୍ଗତ ବର୍ଷକିଆ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରୁ ପୋଲିସ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ବର୍ତ୍ତମାନ ସେ ଚିକିତ୍ସା ଧୀନ ଥିବା ଜଣାପଡିଛି।

# ଅଜଣା ଭିକାରିଙ୍କୁ ହତ୍ୟା ଘଟଣା, ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ସମ୍ବଲପୁର,୨୭।୪ (ପ୍ରମୋଦ ବହିଦାର)**

ସମ୍ବଲପୁର ଅଇଁଠାପାଲିରେ ୨୦୨୪ ମସିହାରେ ସଂଘଟିତ ଜଣେ ଅଜଣା ଭିକାରି ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ କାରଦଣ୍ଡରେ ଜିଲା ଦୌରା ଜଜ୍ ପ୍ରଜ୍ଞା ପାଣିଗ୍ରାହୀ ଦଣ୍ଡିତ କରିଛନ୍ତି। ସୋମବାର ଏହି ମାମଲାର ରାୟ ପ୍ରକାଶ କରି ଦୌରା ଜଜ୍ ପାଣିଗ୍ରାହୀ ୧୪ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟ ତଥ୍ୟ ପ୍ରମାଣକୁ ଅନୁଧ୍ୟାନ କରି ଅଭିଯୁକ୍ତ ଅଇଁଠାପାଲି ଥାନା ଅନ୍ତର୍ଗତ ମହାନଦୀବିହାରର ଆୟୁଶ ମୁଣ୍ଡା(୨୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ଦଫା ୩୦୨ରେ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅର୍ଥ ଅନାଦେୟ ଅଧିକ ୨ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୨୪ ଏପ୍ରିଲ ୨୦ରେ ଅଇଁଠାପାଲି ଛକ ନିକଟସ୍ଥ ଦୁର୍ଗା ମଣ୍ଡପ ପାଖରେ ଅଭିଯୁକ୍ତ ଆୟୁଶ ଶୋଇଥିବା ଅବସ୍ଥାରେ ଅଜଣା ଭିକାରୀଙ୍କ ମୁଣ୍ଡକୁ ଏକପଥରେ ଛେଚି ଦେଇଥିଲେ। ଫଳରେ ଭିକାରିଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇ ସେ ସେଠାରେ ଅଚେତ ହୋଇପଡ଼ିଥିଲେ। ଏହା ଦେଖି ସେଠାରେ ଉପସ୍ଥିତ କରମଟୋଲିର ଜୟ ପଟେଲ ନାମକ ଜଣେ ଯୁବକ ତାଙ୍କ ଅନ୍ୟ ସହଯୋଗୀଙ୍କ ସହିତ ଭିକାରୀଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ଭିମ୍‌ସାରକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଅଭିଯୁକ୍ତ ଆୟୁଶ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହାକୁ ନେଇ ସୁରଥ ରାଉତ ନାମକ ଜଣେ ସ୍ଥାନୀୟ ଯୁବକଙ୍କ ଏତଲା କ୍ରମେ ଅଇଁଠାପାଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୧୩୨/୨୦୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୋଲିସର ଚାର୍ଜସିଟ୍ ଦାଖଲ ପରେ ଅଦାଲତରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇ ସୋମବାର ରାୟ ପ୍ରକାଶ ପାଇଛି। ସରକାରୀ ଓକିଲ ସୁବାସ ଚନ୍ଦ୍ର ମହାନ୍ତ ସରକାରୀଙ୍କ ପକ୍ଷରୁ ଅଦାଲତରେ ଏହି ମାମଲାକୁ ପରିଚାଳନା କରିଥିଲେ।

# ରାଉରକେଲା ଓପନ୍ ଜାତୀୟ ଯୋଗାସନ ପ୍ରତିଯୋଗିତାରେ ୨ ଭଉଣୀଙ୍କ କୃତିତ୍ୱ

**ସମ୍ବଲପୁର,୨୭।୪ (ପ୍ରମୋଦ ବହିଦାର)**

ଜେପି ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର, ରାଉରକେଲାରେ ଅନୁଷ୍ଠିତ ଦ୍ୱିତୀୟ ଓପନ ନ୍ୟାଶନାଲ ଯୋଗାସନ ସ୍ପୋର୍ଟସ ଚାମ୍ପିୟନ ସିପ-୨୦୨୬ରେ ଦୁଇ ପ୍ରତିଭାବାନ ଭଉଣୀ ରାଧିକା ଜୋଷୀ ଓ ଅଦିତି ଜୋଷୀ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି। ରବିବାର ଆୟୋଜିତ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଗୁରୁନାନକ ପବ୍ଲିକ ସ୍କୁଲର ଦ୍ୱାଦଶ ଶ୍ରେଣୀର ଛାତ୍ରୀ ରାଧିକା ୧୭ରୁ ୧୮ ବର୍ଷ ବୟସ୍କ ବର୍ଗରେ ନିଜର ଯୋଗ କୌଶଳ ପ୍ରଦର୍ଶନ କରି ତୃତୀୟ ସ୍ଥାନ ଅଧିକାର କରିବା ସହ ବ୍ରୋଞ୍ଜ ପଦକ ହାସଲ କରି ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେହିପରି ତାଙ୍କ ସାନ ଭଉଣୀ ସେଣ୍ଟ ଜୋନ୍ସ ସ୍କୁଲର ସପ୍ତମ ଶ୍ରେଣୀର ଛାତ୍ରୀ ଅଦିତି ମଧ୍ୟ ୧୨ରୁ ୧୩ ବର୍ଷ ବୟସ୍କ ବର୍ଗରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ଉଚ୍ଚକୋଟୀର ପ୍ରଦର୍ଶନ ଜରିଆରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉଭୟ ପ୍ରତିଭା ସମ୍ପର୍ଣ୍ଣ ଭଗିନୀଙ୍କ ସଫଳତା ପାଇଁ ପରିବାର ସହିତ ସ୍ଥାନୀୟ ଖେଳପ୍ରେମୀ ଏବଂ ଉଭୟଙ୍କ ଶିକ୍ଷାନୁଷ୍ଠାନରେ ଖୁସିର ଲହରି ଖେଳିଯାଇଛି।

# ପିଣ୍ଡାପଥରକୁ ହରାଇଲା ଲମତିବାହାଲ

## ବାମରା ରାତ୍ରି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**କୁଚିଣ୍ଡା,୨୭।୪(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ବାମରାଠାରେ ଚାଲିଥିବା ଫାୟାର କ୍ଲବ ରାତ୍ରି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବ୍ରଜରାଜନଗରର ଲମତିବାହାଲ ଟିମ ପିଣ୍ଡାପଥରକୁ ୭ ରନରେ ହରାଇ ଚାମ୍ପିୟନ ହୋଇଥିଲା। ୫ ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରେ ସମ୍ବଲପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲାରୁ ୧୬ ଟିମ ଅଂଶଗ୍ରହଣ କରିଥିଲେ। ଲମତିବାହାଲ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮୬ ରନ କରିଥିଲା। ଜବାବରେ ପିଣ୍ଡାପଥର ୧୦ ଓଭରରେ ୭୯ ରନ କରି ପରାଜୟ ବରଣ କରିଥିଲା। ଖେଳରେ ଲମତିବାହାଲ ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଆଗ୍ନିକ ବିଜୟ ରାଉତ ମୁଖ୍ୟଅତିଥି, ବରିଷ୍ଠ ଖେଳାଳି ବସନ୍ତ ଦାସ, ବିଜୟ ନାୟକ, ଦିନେଶ ଚୌଧରୀ,ରାଜେନ୍ଦ୍ର ଆଚାର୍ଯ୍ୟ, ସେକ ଇସାକ ଓ ରାଜା ଖାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଲମତିବାହାଲକୁ ଚାମ୍ପିୟନ ଟ୍ରଫି ଓ ପିଣ୍ଡାପଥରକୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ। ଲମତିବାହାଲ ଟିମର ଦେବାଶିଷ ମ୍ୟାନ ଅଫ ଦି ସିରିଜ ସହ ବେଷ୍ଟ ବୋଲର ଭାବେ ସମ୍ମାନିତ ହୋଇଥିବା ବେଳେ ସଞ୍ଜୀବ ବେଷ୍ଟ ବ୍ୟାଟସ ମ୍ୟାନ ଓ ବୁବୁନ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ସୁଧାଂଶୁ ସିଂ, ବୁଲୁ ମହାପାତ୍ର, ଶ୍ରବଣ ନାଏକ, ଏମ୍‌ଡି ଫାରୁକ, ଏମ୍‌ଡି କୈଫ, ସୁଶାନ୍ତ ଭଇଁସାଲ, ଏମ୍‌ଡି ଆଦିଲ, ଗଣେଶ ମିଶ୍ର, ଭାବିକ ଅଗ୍ରୱାଲ, ଏମ୍‌ଡି ସଲୁ ଓ ଏମ୍‌ଡି ଅକ୍ତର ପ୍ରମୁଖ ସହଯୋଗ କରିଥିଲେ।


ଅତିଥିମାନେ ଲମତିବାହାଲ ଟିମକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

# ସମଲେଶ୍ୱରୀ ଷ୍ଟ୍ରାଇକର ଚାମ୍ପିୟନ

## ସମ୍ବଲପୁର କବାଡ଼ି ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ସମ୍ବଲପୁର,୨୭।୪ (ବି.ଶଙ୍କର)**

ସମ୍ବଲପୁର କବାଡି କ୍ଲବ ଏବଂ ସମ୍ବଲପୁର ବୟଜ୍ ଆୟୋଜିତ ସମ୍ବଲପୁର କବାଡି ପ୍ରିମିୟର ଲିଗ (ଏସ୍‌କେପିଏଲ)ର ତୃତୀୟ ସଂସ୍କରଣ ସୋମବାର ପ୍ରାତଃ ୩ଟାରେ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଗଙ୍ଗାଧର ମଣ୍ଡପ ପଡିଆରେ ଫାଇନାଲ ମ୍ୟାଚ ସମଲେଶ୍ୱରୀ ଷ୍ଟ୍ରାଇକର ଏବଂ ପଶ୍ଚିମାଞ୍ଚଳ ପେନ୍ଥର ମଧ୍ୟରେ ହୋଇଥିଲା। ଫାଇନାଲ ମ୍ୟାଚଟି ସମ୍ପୂର୍ଣ୍ଣ ଭାବେ ସମଲେଶ୍ୱରୀ ଷ୍ଟ୍ରାଇକର ସପକ୍ଷରେ ଏକତାରଫା ହୋଇଥିଲା। ଏହି ମ୍ୟାଚରେ ସମଲେଶ୍ୱରୀ ଷ୍ଟ୍ରାଇକର ୩୬ ପଏଣ୍ଟ ଏବଂ ପଶ୍ଚିମାଞ୍ଚଳ ପେନ୍ଥର ୧୮ ପଏଣ୍ଟ ହାସଲ କରିଥିଲେ। ଫଳରେ ସମଲେଶ୍ୱରୀ ଷ୍ଟ୍ରାଇକର ୧୮ ପଏଣ୍ଟରେ ସହଜ ଭାବେ ବିଜୟୀ ହୋଇ ଚଳିତ ବର୍ଷ ସମ୍ବଲପୁର କବାଡି ପ୍ରିମିୟର ଲିଗର ତୃତୀୟ ସଂସ୍କରଣ ଭାବେ ଚାମ୍ପିୟନ ଟ୍ରଫି ହାସଲ କରିଛି। ଅପରପକ୍ଷେ ପଶ୍ଚିମାଞ୍ଚଳ ପେନ୍ଥର ଉପବିଜେତା ହୋଇ ସନ୍ତୁଷ୍ଟି ହୋଇଛି। ଫାଇନାଲ ମ୍ୟାଚକୁ ରେଫାରି ମୁକେଶ ସାହୁ ପରିଚାଳନା କରିଥିବାବେଳେ ପିଲୁ ପାର୍କର, ହେମନ୍ତ ବାରିକ, ସ୍କୋର ଆନନ୍ଦଚନ୍ଦ୍ର ପତି ସହଯୋଗ କରିଥିଲେ। ସେହିପରି ସ୍କୋର ଭାବେ ଗୀତା କଂସାରୀ, ରମେଶ ବେରିହା, ଭାରତ ପ୍ରଧାନ, ଲୀଳାବତୀ ମୁଣ୍ଡା, ମଣ୍ଡନଲାଲ ତନସନା, ସରୋଜ ପ୍ରଧାନ ସହଯୋଗ କରିଥିଲେ। ଜଗବନ୍ଧୁ ବେହେରା ମ୍ୟାଚ କମିଶନର ଥିଲେ। ଏସ୍‌କେପିଏଲ ସଭାପତି ସିଦ୍ଧାର୍ଥ ସାହାଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ସମ୍ବଲପୁର କବାଡି ପ୍ରିମିୟର ଲିଗର ସାଧାରଣ ସମ୍ପାଦକ ସୁଧିର ରଞ୍ଜନ ବହିଦାର ଟୁର୍ନାମେଣ୍ଟ ବିଷୟରେ ସୂଚନା ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତାବିରା ବିଧାୟକ ନିହାର ମହାନନ୍ଦ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ବଲପୁର ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ , ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବତନ ପଶ୍ଚିମ ପ୍ରାନ୍ତ ସଂଘ ଚାଳକ ବିପିନ ନନ୍ଦ, ସାମାଜିକ କର୍ମୀ ଶତ୍ରୁଘ୍ନଲାଲ ଶାହା, ବୁଲୁ ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଉପଦେଷ୍ଟା ଉମାପତି ତ୍ରିପାଠୀ ଏବଂ ଯୁଗ୍ମ ସମ୍ପାଦକ ଦୀପକ ବରାଡ, ଅଭିନାଶ ମିତ୍ର, ରବି ମୁଖି, ସୁମନ୍ତ ବାଗ, ବଚ୍ଚନ ବରିହା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଟୁର୍ନମେଣ୍ଟରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୨ଟି ଫ୍ରାଞ୍ଚାଇଜ ଦଳର ଖେଳାଳି ସାମିଲ ହୋଇଥିଲେ। ଗତ ୨୩ ତାରିଖରୁ ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ସମ୍ବଲପୁରରେ ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ଆୟୋଜକଙ୍କ ପକ୍ଷରୁ ପ୍ରତିଦିନ ସକାଳ ଓ ରାତିରେ ମ୍ୟାଚଗୁଡିକ ହୋଇଥିଲା।



ସମ୍ବଲପୁର କବାଡ଼ି ପ୍ରିମିୟର ଲିଗ୍‌ର ଚାମ୍ପିୟନ ସମଲେଶ୍ୱରୀ ଷ୍ଟ୍ରାଇକର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

**ଦୁର୍ଘଟଣାରେ ପାୟଲ ନାଗଙ୍କ ମା', ଭାଇ ଗୁରୁତର**

**ବଲାଙ୍ଗୀର, (ବୀରେନ୍ଦ୍ର କୁମାର ଖଙ୍କର):** ନିକଟରେ ସମାପ୍ତ ବିଶ୍ୱ ପାରା ତୀରନ୍ଦାଜୀ ସିରିଜ୍ ୨୦୨୬ରେ ଚାମ୍ପିୟନ ହୋଇଥିବା ବଲାଙ୍ଗୀର ଜିଲାର ବିସ୍ମୟ କ୍ରୀଡାବିତ୍ ପାୟଲ ନାଗଙ୍କ ମା' ଜନତା ନାଗ ଏବଂ ଭାଇ ଆକାଶ ସୋମବାର ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମୁରିବାହାଲ ବ୍ଲକର ଯମୁନାବାହାଲ ଗାଁରୁ ସକାଳେ କଣ୍ଟାବାଞ୍ଜି ବଜାରକୁ ଏକ ବାଇକ୍‌ରେ ଉଭୟ ଯାଇଥିଲେ। ଅପରାହ୍ନରେ ଦୁହେଁ ଗାଁକୁ ଫେରୁଥିବାବେଳେ ଯମୁନାବାହାଲ ଗାଁ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ।



# ଧାରଣାକୁ ୫୦ଦିନ ପୂରିଲା, ଉଠିଲାନି ଧାନ

**ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)**


ଜିଲାପାଳଙ୍କୁ ବ୍ୟକ୍ତିଗତ ଭେଟିବାକୁ ଚାଷୀମାନେ ଧାଡ଼ିରେ ରହିଛନ୍ତି।

ବରଗଡ଼ ଜିଲାରେ ଆଉମାତ୍ର ୨ସପ୍ତାହ ପରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। କିନ୍ତୁ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁ ପଞ୍ଜୀକରଣରୁ ବାଦ୍ ପଡ଼ି ଏପର୍ଯ୍ୟନ୍ତ ଜିଲାର ଅନେକ ଚାଷୀ ଗତବର୍ଷ ଖରିଫ୍‌ରେ ଅମଳ ଧାନକୁ ବିକ୍ରି କରିପାରି ନାହାନ୍ତି। ସ୍ଥାନୀୟ ଜନ ପ୍ରତିନିଧି, ଜିଲା ପ୍ରଶାସନଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ନ ମିଳିବାରୁ ସମ୍ପୃକ୍ତ ଚାଷୀମାନେ ଗତମାସ ୯ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ସୋମବାର ଧାରଣା ୫୦ଦିନରେ ପହଞ୍ଚି ଥିବାବେଳେ ଗତ ଶୁକ୍ରବାର ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଶାସକ ଦଳର ବିଧାୟକମାନେ ଦେଇଥିବା ପରାମର୍ଶକ୍ରମେ ସମ୍ପୃକ୍ତ ଚାଷୀମାନେ ବ୍ୟକ୍ତିଗତଭାବେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟି ନିଜ ଧାନ ବିକ୍ରିବଟା ସମସ୍ୟା ଲେଖି ଜଣାଇଛନ୍ତି। ଏଭଳିଭାବେ ଅମ୍ବାଭୋନା ଏବଂ ଭେଡେନ ବ୍ଲକର ଶତାଧିକ ଚାଷୀ ଜିଲାପାଳଙ୍କୁ ବ୍ୟକ୍ତିଗତ ଭେଟି ଖରିଫ୍‌ରେ ଅମଳ ହୋଇଥିବା ସେମାନଙ୍କ ଧାନକୁ ତୁରନ୍ତ କିଣିବା ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି।

ଭେଡ଼େନ ବ୍ଲକ ରେମଣ୍ଡା ଗ୍ରାମର ଚାଷୀ ଶ୍ରଦ୍ଧାକର ପ୍ରଧାନ ବ୍ୟକ୍ତିଗତ ଭାବେ ଜିଲାପାଳଙ୍କୁ ଭେଟି ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଖରିଫ ଧାନବିକ୍ରି ପାଇଁ ସେ ଗତବର୍ଷ ଅଗଷ୍ଟ ମାସ ୨୫ତାରିଖ ମଧ୍ୟରେ ସରକାରଙ୍କ ନିୟମ ମୁତାବକ ଉଦ୍ଦିଷ୍ଟ ସମସ୍ତ କାଗଜାତ୍ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ପ୍ରଦାନ କରିଥିଲେ। ହେଲେ ବ୍ୟବସ୍ଥାର ଜଟିଳତା, ସର୍ଭର ଡାଉନ ଏବଂ ପଞ୍ଜୀକରଣ ପାଇଁ ଖୋଲିଥିବା ସାଇଟ୍ ଗତବର୍ଷ ଅଗଷ୍ଟ ୨୫ତାରିଖ ବନ୍ଦ ହୋଇଯିବାରୁ ତାଙ୍କ ପଞ୍ଜୀକରଣ ହୋଇପାରି ନଥିଲା। ପଞ୍ଜୀକରଣରୁ ଏଭଳି ବାଦ୍ ପଡ଼ିଥିବା ଚାଷୀଙ୍କ ସହିତ ସେ ମଧ୍ୟ ଜିଲାପାଳ, ଯୋଗାଣ ମନ୍ତ୍ରୀ, ବିଧାୟକ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତଭାବେ ଏହି ସମସ୍ୟା ଜଣାଇଥିଲେ। ମାତ୍ର କିଛି ସୁଫଳ ମିଳି ନଥିଲା। ଫଳରେ ସେତେବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୧୧ଦିନ ଧାରଣା ଦିଆଯିବା ପରେ ଗତବର୍ଷ ନଭେମ୍ବର ୨୦ତାରିଖ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଧାରଣାସ୍ଥଳକୁ ପହଞ୍ଚିଥିଲେ ଏବଂ ସେହି ସମସ୍ୟାର ସମାଧାନ ସହିତ ଧାନକିଣା ତାଙ୍କ ଦାୟିତ୍ୱ ତାଙ୍କର ବୋଲି ବିଧାୟକ ମହାନନ୍ଦ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ତାଙ୍କ ୭ଏକର ୮ଡେସିମିଲ ଜମିରୁ ଗତ ଖରିଫ୍‌ରେ ଅମଳ ହୋଇଥିବା ୩୩୦ ପ୍ୟାକେଟ୍ ଧାନ ବିକ୍ରି ଅପେକ୍ଷାରେ ସହରାଟିକ୍ରା ମଣ୍ଡିରେ ପଡ଼ି ରହିଛି ଏବଂ ଏଥିପାଇଁ ସେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଚାଷୀ ଶ୍ରଦ୍ଧାକର ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

ଶ୍ରଦ୍ଧାକରଙ୍କ ଭଳି ଶତାଧିକ ଚାଷୀ ଅନୁରୂପଭାବେ ସେମାନଙ୍କ ଧାନବିକ୍ରି ସମସ୍ୟା ବ୍ୟକ୍ତିଗତଭାବେ ଜିଲାପାଳଙ୍କୁ ଜଣାଇଛନ୍ତି ଏବଂ ବିକ୍ରି ଅପେକ୍ଷାରେ ରହିଥିବା ସେମାନଙ୍କ ଧାନ କିଣିବା ବ୍ୟବସ୍ଥା କରିବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଜିଲାପାଳ ସେଥିପାଇଁ ୧୫ଦିନ ସମୟ ମାଗିଛନ୍ତି ଏବଂ ଯାଞ୍ଚ ପରେ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

## ବିଧାୟକଙ୍କ କଥା ରଖିଲେ, ସମସ୍ୟା ବ୍ୟକ୍ତିଗତ ଜଣାଇଲେ

ପ୍ରକାଶଥାଉକି, ଗତ ଶୁକ୍ରବାର ରବି ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବସିଥିଲା। ଉକ୍ତ ବୈଠକ ଆରମ୍ଭରୁ ଖରିଫ୍‌ରେ ଅମଳ ଧାନବିକ୍ରି ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଲିଥିବା ଧାରଣା ପ୍ରସଙ୍ଗକୁ ଉପସ୍ଥିତ ଚାଷୀ ପ୍ରତିନିଧି ବିରେନ କର ବୈଠକରେ ଉପସ୍ଥାପନ କରିଥିଲେ। ତାକୁ ନେଇ ଚାଷୀ ପ୍ରତିନିଧି କର ଏବଂ ଉପସ୍ଥିତ ଶାସକ ଦଳର ବିଧାୟକଙ୍କ ମଧ୍ୟରେ କଥା କଟାକଟି ମଧ୍ୟ ହୋଇଥିଲା। ତେବେ ଚାଷୀମାନେ ବ୍ୟକ୍ତିଗତଭାବେ ଭେଟି ସେମାନଙ୍କ ଧାନବିକ୍ରି ସମସ୍ୟା ଜଣାଇଲେ ନିଶ୍ଚିତଭାବେ ତାର ତୁରନ୍ତ ସମାଧାନ ହେବ ଏବଂ ଯାଞ୍ଚ ପରେ ଧାନ କିଣାଯିବ ବୋଲି ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଓ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ କହିଥିଲେ। ଏହି କ୍ରମରେ ଚାଷୀମାନେ ବ୍ୟକ୍ତିଗତଭାବେ ସେମାନଙ୍କ ସମସ୍ୟା ଜିଲାପାଳଙ୍କୁ ଲେଖି ଜଣାଇଛନ୍ତି।

# ଇସ୍ପାତ ସହରରେ କାଳବୈଶାଖୀ: ଭାଙ୍ଗିଲା ଗଛ, ହୋର୍ଡିଂ


ଉଦିତନଗର ଅଞ୍ଚଳରେ ଗଛ ଭାଙ୍ଗିଛି।

**ରାଉରକେଲା, ୨୭।୪(ସଙ୍ଗୀତା ଜେନା)**

ଇସ୍ପାତ ସହରରେ ତାପମାତ୍ରା ୪୨ଡିଗ୍ରୀରୁ ଉର୍ଦ୍ଧ୍ୱ ରହିବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ସୋମବାର ବର୍ଷା ଯୋଗୁ ଗରମରୁ ଆଶ୍ୱସ୍ତି ମିଳିଛି। ଅପରାହ୍ନ ୪ଟା୩୦ରୁ କାଳବୈଶାଖୀ ପ୍ରକୋପ ଦେଖିବାକୁ ମିଳିଥିଲା। ପ୍ରବଳ ବେଗରେ ପବନ ବୋହିବା ସହ ବର୍ଷା ହୋଇଥିଲା। ମାତ୍ର ଅଧଘଣ୍ଟା କାଳବୈଶାଖୀ ତାଣ୍ଡବ ଫଳରେ ସହରର ବିଭିନ୍ନ ସ୍ଥାନରେ ଗଛ, ବିଜୁଳି ଖୁଣ୍ଟ, ବିରାଟ ହୋର୍ଡିଂ ଭାଙ୍ଗିଯିବା ଯୋଗୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ରାଉରକେଲା ଉଦିତନଗରସ୍ଥିତ ମହାନଗର ନିଗମ ଛକରେ ବିଶାଳ ବୃକ୍ଷ ଭାଙ୍ଗିଯାଇଥିଲା। ସେହିପରି ବିଶ୍ରାଡାହାର ଛକରେ ଜୈନମୁନୀମାନଙ୍କ ପାଇଁ ସ୍ୱାଗତ ଉପଲକ୍ଷେ ଲଗାଯାଇଥିବା ହୋର୍ଡିଂ ଭାଙ୍ଗି ଧରାଶାୟୀ ହୋଇଥିଲା। ଅନୁରୂପଭାବେ ହନୁମାନ ବାଟିକା, ଉଦିତନଗର ଟିନ୍ କଲୋନୀ, ସେକ୍ଟର-୨, ସେକ୍ଟର-୪, ଝିରପାଣି ଆଦି ସ୍ଥାନରେ ଗଛଭାଙ୍ଗିଥିବା ସୂଚନା ମିଳିଛି। ଅନେକ ସ୍ଥାନରେ ବିଜୁଳି ଖୁଣ୍ଟ ଭାଙ୍ଗିଛି। ବିଜୁଳି ସରବରାହ ବନ୍ଦ କରାଯାଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ବୃକ୍ଷ କାଟି ସଡ଼କ ଯାତାୟାତ ସ୍ୱାଭାବିକ କରାଯାଇଥିଲା। କାଳବୈଶାଖୀ ବର୍ଷା ଓ ପବନ ଯୋଗୁ ତାପମାତ୍ରା ହ୍ରାସ ପାଇଛି। ଲୋକେ ଆଶ୍ୱସ୍ତ ହୋଇଥିଲେ।

# ଜୟନ୍ତୀ ହେଲେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ

**ଲୋଇସିଂହା,୨୭।୪(ସୁଶାନ୍ତ ବାରିକ)**


ଜୟନ୍ତୀ ପଟେଲ

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ପଟେଲଙ୍କୁ ବଲାଙ୍ଗୀର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ନିଯୁକ୍ତ କରାଯାଇଛି। ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ପକ୍ଷରୁ ତାଙ୍କୁ ମନୋନୀତ କରାଯାଇଛି। ଏହି ନିଯୁକ୍ତି ନେଇ ଜିଲା କଂଗ୍ରେସ କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଦଳର ନେତା, କର୍ମୀ ଓ ବିଭିନ୍ନ ବ୍ୟକ୍ତିବିଶେଷଙ୍କଠାରୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

ସୂଚନା ଅନୁଯାୟୀ, ଜୟନ୍ତୀ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ବ୍ଲକ ଅଧ୍ୟକ୍ଷା ଥିଲେ। ସେହିପରି ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ବେନ୍ଦ୍ରା ପଞ୍ଚାୟତର ସମିତି ସଭ୍ୟା ଥିଲେ। ଦଳ ସଂଗଠନରେ ତାଙ୍କର ଦୀର୍ଘଦିନର ସକ୍ରିୟ ଭୂମିକା ଏବଂ ନିରନ୍ତର ଭାବରେ ସାମାଜିକ କାର୍ଯ୍ୟରେ ସାମିଲ ଥିବାରୁ ତାଙ୍କୁ ଏହି ପଦବୀ ମିଳିଥିବା ଆଲୋଚନା ହେଉଛି। ନୂତନ ଦାୟିତ୍ୱ ମିଳିବା ପରେ ସେ ଦଳକୁ ସଶକ୍ତ କରିବା ସହିତ ମହିଳାମାନଙ୍କୁ ସଂଗଠିତ କରି ଆଗକୁ ନେବାକୁ ପ୍ରତିବଦ୍ଧ ବୋଲି ପ୍ରତିକ୍ରିୟାରେ କହିଛନ୍ତି। ଏହାଛଡ଼ା ମହିଳାଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜିଲା ପ୍ରଶାସନ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣିବେ ବୋଲି ଜୟନ୍ତୀ କହିଛନ୍ତି। ଏହି ନୂଆ ଦାୟିତ୍ୱ ମିଳିଥିବାରୁ ସେ ରାଜ୍ୟ ମହିଳା ସଭାନେତ୍ରୀ ବାହିନୀପତି ଏବଂ ପୂର୍ବତନ ଆଇନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଶିଶୁକନ୍ୟା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ

**ସୁନ୍ଦରଗଡ଼,୨୭।୪**
**(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍‌ସୋ କୋର୍ଟର ପ୍ରିଜାଇଡିଂ ଅଫିସର ଜ୍ଞାନରଞ୍ଜନ ପଟ୍ଟନାୟକ ସୋମବାର ୬ବର୍ଷ ଶିଶୁକନ୍ୟା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ଲବ ଖଡିଆ(୨୬)ଙ୍କୁ ୨୦ବର୍ଷ ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ଅଭିଯୁକ୍ତଙ୍କୁ ୫୦ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ଏକବର୍ଷ ସଶ୍ରମ ଜେଲ ଦଣ୍ଡ ପାଇଁ କୋର୍ଟ ତାଙ୍କ ରାୟରେ ଆଦେଶ କରିଛନ୍ତି। ମାମଲାର ରାୟର ବିବରଣୀରୁ ପ୍ରକାଶ, ୨୦୨୨ମାର୍ଚ୍ଚ ୧୭ରେ ହେମଗିର ଥାନା ଅଞ୍ଚଳର ଏହି ପୀଡ଼ିତାଙ୍କ ମାଆବାପା ମଧ୍ୟାହ୍ନରେ ବଜାରରୁ ଘରକୁ ଫେରିଥିଲେ। ଏହା ପରେ ମାଆ ବାପା ଝିଅକୁ ଗାଁରେ ଥିବା ଏକ ଦୋକାନରୁ ଆଇସକ୍ରିମ ଆଣିବାକୁ ପଠାଇଥିଲେ। ଝିଅ ଘରକୁ ପ୍ରାୟ ଅଧଘଣ୍ଟା ବିଳମ୍ବରେ କାନ୍ଦି କାନ୍ଦି ଫେରିଥିଲେ। ଅଭିଯୁକ୍ତ ଶିଶୁକନ୍ୟାଙ୍କୁ ଟେକି ନେଇ ଘରର ଏକ ଗଳିରେ ବଳାତ୍କାର କରିଥିବା କଥା ଶିଶୁ କନ୍ୟା ତହିଁ ପରଦିନ ସକାଳେ ମାଆଙ୍କ ଆଗରେ କହିଥିଲେ। ଏହା ପରେ ପୀଡ଼ିତାଙ୍କ ବାପା ଏ ସମ୍ପର୍କରେ ହେମଗିର ଥାନାରେ ଲିଖିତ ରିପୋର୍ଟ କରିଥିଲେ। ରିପୋର୍ଟ ପରେ ପୋଲିସ ହେମଗିର ଥାନାରେ ଏକ ମାମଲା (ନଂ.୮୫/୨୦୨୨) ରୁଜୁ କରି ତଦନ୍ତ କରିଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରଙ୍କ ତରଫରୁ ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଭାତ କୁମାର ନନ୍ଦ ପରିଚାଳନା କରିଥିଲେ।

# ଦ୍ରୁତ, ଠିକ୍ ମସଲା ମିଶ୍ରଣ ବିଶ୍ଳେଷଣ ପାଇଁ ପେଟେଣ୍ଟ ସୁରକ୍ଷିତ


ଏନ୍ଆଇଟି ରାଉରକେଲାର ଗବେଷକମାନେ।

**ରାଉରକେଲା,୨୭।୪(ସଙ୍ଗୀତା ଜେନା)**

ପ୍ରାୟତଃ ମୂଲ୍ୟ ହ୍ରାସ ଅଭ୍ୟାସ ଦ୍ୱାରା ପରିଚାଳିତ, ମସଲା ମିଶ୍ରଣ ଖାଦ୍ୟର ଗୁଣବତ୍ତା ଏବଂ ସମ୍ଭାବ୍ୟ ସ୍ୱାସ୍ଥ୍ୟ ବିପଦକୁ କ୍ଷତି ପହଞ୍ଚାଏ। ପାରମ୍ପରିକ ପଦ୍ଧତି ଯାହା କେବଳ ଖାଦ୍ୟ ଉତ୍ପାଦ ମିଶ୍ରଣ ହୋଇଛି କି ନାହିଁ ତାହା ଦର୍ଶାଏ। ବିକଶିତ ପ୍ରଯୁକ୍ତି କିଛି ସେକେଣ୍ଡ ମଧ୍ୟରେ ଖାଦ୍ୟ ମିଶ୍ରଣରସ୍ତର ମାପ କରି ପାରିବ। ପେଟେଣ୍ଟ ହୋଇଥିବା ସିଷ୍ଟମ ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର ଏବଂ ଶିଳ୍ପ ପ୍ରକ୍ରିୟାକରଣ ୟୁନିଟରେ ବାସ୍ତବ-ସମୟ ନିୟୋଜନ ପାଇଁ ଉପଯୁକ୍ତ। ଏହିଭଳି ଉନ୍ନତ ଜ୍ଞାନ କୌଶଳକୁ ବିକଶିତ କରିଛନ୍ତି ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନଆଇଟି)ରାଉରକେଲା ଗବେଷକମାନେ। ମସଲା ଏବଂ ଅନ୍ୟାନ୍ୟ ଖାଦ୍ୟ ଉତ୍ପାଦରେ ମିଶ୍ରଣକୁ ଦ୍ରୁତ ଭାବରେ ଚିହ୍ନଟ ଏବଂ ମାପ କରିବାକୁ ସକ୍ଷମ ଏକ ସିଷ୍ଟମ ପାଇଁ ଏକ ପେଟେଣ୍ଟ ହାସଲ କରିଛନ୍ତି। ବିଶ୍ୱ ଖାଦ୍ୟ ସୁରକ୍ଷା ଚ୍ୟାଲେଞ୍ଜକୁ ଆଧାର କରି, ବିକଶିତ ପ୍ରଯୁକ୍ତି ଠିକ୍ ଫଳାଫଳ ପ୍ରଦାନ କରିବା ପାଇଁ ଫୋରିୟର ଟ୍ରାନ୍ସଫର୍ମଇନଫ୍ରାରେଡ (ଏଫଟିଆଇଆର) ସ୍ପେକ୍ଟ୍ରୋସ୍କୋପିକୁ ଉନ୍ନତ ମେସିନ୍ ଲର୍ଣ୍ଣିଂ ମଡେଲ ସହିତ ମିଶ୍ରଣ କରିଛନ୍ତି। ଭାରତୀୟ ପରିପ୍ରେକ୍ଷୀରେ, ଖାଦ୍ୟ ଏବଂ ମସଲା ମିଶ୍ରଣ ଏକ ଗମ୍ଭୀର ସ୍ୱାସ୍ଥ୍ୟ ଏବଂ ଆର୍ଥିକ ବିପଦ ସୃଷ୍ଟି କରେ। ଏହା ପ୍ରାୟତଃ ଖର୍ଚ୍ଚ ହ୍ରାସ ଅଭ୍ୟାସ ଏବଂ ଅପର୍ଯ୍ୟାପ୍ତ ଖାଦ୍ୟ ସୁରକ୍ଷା ମାନକ ଯାଞ୍ଚ ଦ୍ୱାରା ଚାଳିତ ହୋଇଥାଏ। ପାରମ୍ପରିକ ଖାଦ୍ୟ ମିଶ୍ରଣ ଚିହ୍ନଟ ପଦ୍ଧତି ଯେପରିକି କ୍ରୋମାଟୋଗ୍ରାଫି, କିମ୍ବା ଆଣବିକ କୌଶଳ, ସମ୍ବଳ-ସଘନ ଏବଂ ଫଳାଫଳ ପ୍ରଦାନ କରିବାକୁ ବହୁତ ସମୟ ଲାଗେ, ଯାହା ସେମାନଙ୍କୁ ଦ୍ରୁତ, ନିୟମିତ ପରୀକ୍ଷଣ ପାଇଁ କମ୍ ଉପଯୁକ୍ତ କରିଥାଏ। ଏହି ସୀମାବଦ୍ଧତାକୁ ଦୂର କରିବା ପାଇଁ ଏନ୍ଆଇଟି ରାଉରକେଲା ଗବେଷକମାନଙ୍କ ଦ୍ୱାରା ବିକଶିତ ସିଷ୍ଟମ ଗୁଣବତ୍ତା ନିୟନ୍ତ୍ରଣ ପରୀକ୍ଷାଗାର ଏବଂ ଶିଳ୍ପ ପ୍ରକ୍ରିୟାକରଣ ୟୁନିଟ୍ ଗୁଡ଼ିକରେ ବାସ୍ତବ-ସମୟ ନିୟୋଜନ ପାଇଁ ଉପଯୁକ୍ତ ଏକ ଦ୍ରୁତ, ବିନାଶକାରୀ ଏବଂ ମୂଲ୍ୟ-ପ୍ରଭାବଶାଳୀ ବିକଳ୍ପ ପ୍ରଦାନ କରିଛନ୍ତି। ସ୍ପେକ୍ଟ୍ରୋସ୍କୋପି ହେଉଛି ଏକ କୌଶଳ ଯାହା ଜୈବିକ ଏବଂ କିଛି ଅଜୈବିକ ସାମଗ୍ରୀକୁ ଚିହ୍ନଟ କରିବା ପାଇଁ ବ୍ୟବହୃତ ହୁଏ। ଯାହା ଇନଫ୍ରାରେଡ୍ ଆଲୋକ କିପରି ଶୋଷଣ କରେ ତାହା ମାପିଥାଏ। ଖାଦ୍ୟ ଯାଞ୍ଚ ସମୟରେ, ବିକଶିତ ସିଷ୍ଟମ ଏହି ପ୍ୟାଟର୍ଣ୍ଣଗୁଡ଼ିକୁ ସଂଗ୍ରହ କରେ ଏବଂ ମେସିନ୍ ଲର୍ଣ୍ଣିଂ ମଡେଲ୍ ବ୍ୟବହାର କରି ସେଗୁଡ଼ିକୁ ପ୍ରକ୍ରିୟାକରଣ କରେ। ଏହି ମଡେଲ୍‌ଗୁଡ଼ିକ ଅସାଧାରଣତା ଚିହ୍ନଟ କରିବା ଏବଂ ଭେଜାଲ ସ୍ତର ଉପରେ ଠିକ୍ ଫଳାଫଳ ଦେବା ପାଇଁ ନମୁନାରେ ଜଟିଳ, ଅଣ-ରେଖୀୟ ପ୍ୟାଟର୍ଣ୍ଣଗୁଡ଼ିକୁ ଦେଖେ। ପାରମ୍ପରିକ ପଦ୍ଧତିଗୁଡ଼ିକ ପରି ନୁହେଁ ଯାହା କେବଳ ଖାଦ୍ୟ ଉତ୍ପାଦ ମିଶ୍ରଣ ହୋଇଛି କି ନାହିଁ ତାହା ଦର୍ଶାଏ। ବିକଶିତ ପ୍ରଯୁକ୍ତି କିଛି ସେକେଣ୍ଡ ମଧ୍ୟରେ ଖାଦ୍ୟ ମିଶ୍ରଣର ସ୍ତର ମାପ କରେ। ପ୍ରତିଷ୍ଠିତ ଖାଦ୍ୟ ରସାୟନ ବିଜ୍ଞାନ ପତ୍ରିକାରେ ପ୍ରକାଶିତ ଏହି ଗବେଷଣା ପ୍ରଫେସର ସୁଶୀଲ କୁମାର ସିଂହ (ସହାୟକ ପ୍ରଫେସର), ଏନଆଇଟି

## ଏନ୍ଆଇଟିର କୃତିତ୍ୱ

ରାଉରକେଲାର ଖାଦ୍ୟ ପ୍ରକ୍ରିୟା ଇଞ୍ଜିନିୟରିଂ ବିଭାଗରୁ ଏମ୍. ଟେକ୍ ସ୍ନାତକ ରିଷଭ ଗୋୟଲ ଦ୍ୱାରା ପରିଚାଳିତ ହୋଇଛି। ଗବେଷଣା ଦଳ ବିକଶିତ ପ୍ରଯୁକ୍ତିବିଦ୍ୟା ପାଇଁ 'ଖାଦ୍ୟ ପଦାର୍ଥରେ ମିଶ୍ରଣ ଚିହ୍ନଟ ଏବଂ ପରିମାଣୀକରଣ ପଦ୍ଧତି ଏବଂ ପ୍ରଣାଳୀ' ଶୀର୍ଷକ ଏକ ପେଟେଣ୍ଟ ମଧ୍ୟ ହାସଲ କରିଛନ୍ତି। ଏ ନେଇ ଏନଆଇଟି ରାଉରକେଲାର ଖାଦ୍ୟ ପ୍ରକ୍ରିୟା ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରଫେସର ସୁଶୀଲ କୁମାର ସିଂହ କହିଛନ୍ତି, 'ଆମର ଉଦ୍ଭାବନ ଖାଦ୍ୟ ଶିଳ୍ପରେ ଏକ ଦୀର୍ଘକାଳୀନ ଚ୍ୟାଲେଞ୍ଜର ସମାଧାନ ଉପରେ ଧ୍ୟାନ କେନ୍ଦ୍ରିତ କରେ। ଯାହା ହେଉଛି ଏକ ଦ୍ରୁତ ଏବଂ ନିର୍ଭରଯୋଗ୍ୟ ମସଲା ମିଶ୍ରଣ ଚିହ୍ନଟ ବ୍ୟବସ୍ଥାର ଅନୁପସ୍ଥିତି। ଆମେ ପ୍ରଭାବଶାଳୀ ନିଷ୍ପତ୍ତି ନେବା କ୍ଷମତା ସହିତ ଏକ ସମନ୍ୱିତ ପ୍ରଣାଳୀ ବିକଶିତ କରିବା ପାଇଁ ନୂତନ ମେଶିନ୍ ଲର୍ଣ୍ଣିଂ ପଦ୍ଧତି ସହିତ ବିଦ୍ୟମାନ ଦ୍ରୁତ ଚିହ୍ନଟ ଉପକରଣକୁ ମିଶ୍ରଣ କରିଛୁ। ଏହି ଉଦ୍ଭାବନ କେବଳ ଖାଦ୍ୟ ସୁରକ୍ଷା ଏବଂ ନିୟାମକ ଅନୁପାଳନ ସୁନିଶ୍ଚିତ କରିବ ନାହିଁ ବରଂ ଯୋଗାଣ ଶୃଙ୍ଖଳାରେ ଗ୍ରାହକଙ୍କ ବିଶ୍ୱାସକୁ ମଧ୍ୟ ମଜବୁତ କରିବ। ଧନିଆ ପାଉଡର ମିଶ୍ରଣ ଚିହ୍ନଟ କରିବା ଉପରେ ଅଧ୍ୟୟନ ବିକଶିତ ସିଷ୍ଟମର ପ୍ରାରମ୍ଭିକ ବୈଧତା ବ୍ୟତୀତ, ଗବେଷଣା ଦଳ ଏକ ସାଧାରଣ ଏବଂ ସମ୍ବନ୍ଧୀୟ ମିଶାଣ ଅଭ୍ୟାସ ସମ୍ପର୍କରେ ସିଂ କହିଥିଲେ, ଧନିଆ ମିଶ୍ରଣ ପାଇଁ ସିଷ୍ଟମର ପ୍ରଭାବଶାଳୀତାକୁ ବୈଧ କରିବା ସହିତ, ପ୍ରକାଶିତ ଗବେଷଣା ବିଭିନ୍ନ ଖାଦ୍ୟ ଉତ୍ପାଦରେ ବହୁ ପ୍ରକାରର ମିଶାଣ ଚିହ୍ନଟ କରିବା ପାଇଁ ଏକ ପଦ୍ଧତିଗତ ପଥ ମଧ୍ୟ ସ୍ଥାପନ କରେ। ବିକଶିତ ସିଷ୍ଟମର ବାସ୍ତବ ପ୍ରୟୋଗ ବିଷୟରେ ପ୍ରଫେସର ସୁଶୀଲ କୁମାର ସିଂହ ଆହୁରି କହିଛନ୍ତି, 'କଞ୍ଚାମାଲଠାରୁ ଆରମ୍ଭ କରି ପ୍ରସ୍ତୁତ ଉତ୍ପାଦ ପର୍ଯ୍ୟନ୍ତ ଯେକୌଣସି ପର୍ଯ୍ୟାୟରେ ମସଲା ପ୍ରକ୍ରିୟାକରଣ କରୁଥିବା ଯେକୌଣସି ଖାଦ୍ୟ କମ୍ପାନୀକୁ ଦ୍ରୁତ ମିଶ୍ରଣ ଚିହ୍ନଟ ଆବଶ୍ୟକ।

# ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହେଲ୍‌ପର ଆହତ

**ଲୋଇସିଂହା,୨୭।୪(ସୁଶାନ୍ତ ବାରିକ)**

ଲୋଇସିଂହା ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ହେଲପର ସୋମବାର ସନ୍ଧ୍ୟାରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ଆହତ କର୍ମଚାରୀ ହେଉଛନ୍ତି ଲୋଇସିଂହାର ଅଭିଲାଷ ବେହେରା। ଲୋଇସିଂହା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଲୋଇସିଂହା ସମ୍ବଲପୁରିଆ ପଡ଼ା ଅଞ୍ଚଳକୁ କେତେକ କର୍ମଚାରୀଙ୍କ ସହ ଅଭିଲାଷ ମରାମତି କାମରେ ଯାଇଥିଲେ। ସେ ଜଣେ ହେଲପର । କିନ୍ତୁ ତାଙ୍କୁ ଖୁଣ୍ଟ ଉପରକୁ ଚଢ଼ାଯାଇ କାମ କରାଯାଉଥିଲା। ଅଭିଲାଷ କାମ କରୁଥିବା ବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ବିଦ୍ୟୁତ୍ ଆଘାତ ପାଇ ସେ ଖୁଣ୍ଟ ଉପରୁ ତଳେ ପଡ଼ିଯାଇଥିଲେ। ତାଙ୍କର ଦୁଇ ହାତ ପୋଡ଼ି ଯିବା ସହ ବାମ ଜଂଘରେ ସାମାନ୍ୟ ଆଘାତ ଲାଗିଛି। ଦୁର୍ଘଟଣା ପରେ ସଙ୍ଗେ ସଙ୍ଗେ ଅନ୍ୟ କର୍ମଚାରୀମାନେ ତାଙ୍କୁ ଲୋଇସିଂହା ଡ଼ାକ୍ତରଖାନାକୁ ଆଣିଥିଲେ। ଲୋଇସିଂହା ଡ଼ାକ୍ତରଖାନାରେ ଆମ୍ବୁଲାନ୍ସ ସୁବିଧା ନାହିଁ। ୪୦ ମିନିଟ ପରେ ଅନ୍ୟ ସ୍ଥାନରୁ ଆସିଲା ପରେ ତାଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା। ଲାଇନ ମ୍ୟାନ ଥାଇ ହେଲପରଙ୍କୁ କିପରି ଖୁଣ୍ଟକୁ ଚଢ଼ାଯାଇଥିଲା ଓ ମରାମତି କାମ ବେଳେ କାହିଁକି ଶଟଡାଉନ ନିଆଯାଇ ନ ଥିଲା ତାକୁ ନେଇ ଲୋକେ ପ୍ରଶ୍ନ କରିଛନ୍ତି।

# ଡ୍ରେନ୍ ସଫା କଲା ପୌର ପ୍ରଶାସନ

**ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ ନଂ-୨ ଓ ୪ର ଲୋକେ ନିର୍ଭର କରୁଥିବା ସ୍ଥାନୀୟ ଲମ୍ବା ବିଲଡ଼ିଂ ଛକରୁ ସମଲେଶ୍ୱରୀ ମନ୍ଦିର ପଟକୁ ଯାଇଥିବା ରାସ୍ତାପାର୍ଶ୍ୱରେ ରହିଥିବା ଡ୍ରେନ୍ ମଇଳା ଆବର୍ଜନାରେ ପୋତି ହୋଇଥିଲା। ଫଳରେ ଡ୍ରେନ୍ ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତା ଉପରେ ବହୁଥିଲା। ଏହାକୁ ନେଇ ସୋମବାର ଧରିତ୍ରୀରେ ଖରାଦିନେ ରାସ୍ତାରେ ବହୁଛି ଡ୍ରେନ୍ ପାଣି ଶୀର୍ଷକ ସଚିତ୍ର ଖବର ପ୍ରକାଶ ପାଇଥିଲା। ଏହାପରେ ସକାଳୁ ପୌର କର୍ମଚାରୀମାନେ ସମ୍ପୃକ୍ତ ସ୍ଥାନକୁ ପହଞ୍ଚି ଡ୍ରେନ୍ ସଫା କରିଛନ୍ତି। ଫଳରେ ସେଠାରେ ଦେଖାଯାଇଥିବା ସମସ୍ୟାର ଆପାତତଃ ସମାଧାନ ହୋଇଛି। ପ୍ରକାଶଥାଉକି, ଦୀର୍ଘ ୩ ମାସ ହେଲା, ସେଠାରେ ସେହି ସମସ୍ୟା ଲାଗି ରହିଥିଲା। ଫଳରେ ମଶା, ମାଛି ସମେତ ଆଦି ରୋଗ ଜୀବାଣୁ ଉପଦ୍ରବ ସହିତ ପାରିପାର୍ଶ୍ୱିକ ଅଞ୍ଚଳରେ ଦୁର୍ଗନ୍ଧ ହେଉଥିଲା। ଏହା ସହିତ ସଂକ୍ରାମକ ରୋଗର ଆଶଙ୍କା ମଧ୍ୟ ରହିଥିଲା। ଆଗକୁ ଯେଭଳି ସେଠାରେ ସେହି ସମସ୍ୟାର ପୁନରାବୃତ୍ତି ନ ହୁଏ, ତାର ସ୍ଥାୟୀ ସମାଧାନ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

**IN THE COURT OF ADDL. PRINCIPAL JUDGE, ADDL. FAMILY COURT-I, EAST SINGHBHUM, AT JAMSHEDPUR**
**ORIGINAL SUIT NO.861/2025**
SWETA DAS................ PETITIONER
-VERSUS-
RAJEEV DAS ............ RESPONDENT
To,
Rajeev Das
S/o- Shakti Ranjan Das
R/o- Ranibandha, New Colony
Dist-Sundargarh
Presently resident at Rental house of Basudev Raut, Swadhin Colony, Near Ranibandha Post Office,
Dist- Sundargarh, Orissa
Whereas, the Applicant Sweta Das has filed the case in this Court U/S- 13 (1) (ia) of Hindu Marriage Act, and notice has been issued through the speed post as well as Nazarat but you have failed to appear before this Court.
You are hereby directed to appear before this Court physically on 02.06.2026 at 7.30 A.M. to answer the same failing which the case shall be heard Ex-Parte in your absence in accordance with law.
**Give under my hand and seal of this Court 25th Day of April 2026.**
Sd./- Addl. Principal Judge
Addl. Family Court-I
East Singhbhum, Jamshedpur

# ଆର୍‌ଏମ୍‌ସି ପରିସରରେ ଅଗ୍ନିକାଣ୍ଡ

**ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ପରିସରରେ ସୋମବାର ଅଗ୍ନିକାଣ୍ଡ ଘଟିଥିଲା। ସେଠାକାର ପଡ଼ିଆରେ ଟମାଟର ରଖିବା ପାଇଁ ଉଦ୍ଦିଷ୍ଟ ଖାଲି କ୍ୟାରେଟ୍ ରଖାଯାଇଥିଲା। କୌଣସି କାରଣରୁ ସେଠାରେ ନିଆଁ ଲାଗି ଯାଇଥିଲା। ଫଳରେ ଦୀର୍ଘ ସମୟ ଧରି ଆର୍‌ଏମ୍‌ସି ପରିସର ଧୂଆଁମୟ ହୋଇଯାଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ସେଠାକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



# ସିଜିମାଳି ପରେ କୁଟ୍ରୁମାଳି

**ଥୁଆମୂଳ ରାମପୁର,୨୭।୪ (ଦୁର୍ଗା କୀର୍ତ୍ତି)**


କୁଟ୍ରୁମାଳି ଗାଁର ଦୃଶ୍ୟ।

ସିଜିମାଳି ପରେ ଏବେ କୁଟ୍ରୁମାଳି। କଳାହାଣ୍ଡି ଓ ରାୟଗଡ଼ା ଜିଲା ସୀମାନ୍ତରେ ଥିବା କୁଟ୍ରୁମାଳି ପାହାଡ଼କୁ ନେଇ ଏବେ ସଂଘର୍ଷର ଆଶଙ୍କା ଘନେଇବାରେ ଲାଗିଛି। ମେସର୍ସ କଳିଙ୍ଗ ଆଲୁମିନା ଲିମିଟେଡ (ଆଦାନୀ ଏଣ୍ଟରପ୍ରାଇଜେସ) ପକ୍ଷରୁ ପ୍ରସ୍ତାବିତ ବକ୍ସାଇଟ ଖଣି ପ୍ରକଳ୍ପ ପାଇଁ ଜନଶୁଣାଣି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ପ୍ରଶାସନର ଏହି ପଦକ୍ଷେପକୁ ସ୍ଥାନୀୟ ଆଦିବାସୀ ଓ ଦଳିତ ସମୁଦାୟ 'ଜଳ-ଜମି-ଜଙ୍ଗଲ' ଉପରେ ସିଧାସଳଖ ଆକ୍ରମଣ ବୋଲି ଅଭିହିତ କରିଛନ୍ତି। କୁଟ୍ରୁମାଳି ବକ୍ସାଇଟ ବ୍ଲକରୁ ବାର୍ଷିକ ୪୦ ଲକ୍ଷ ଟନ ଖଣିଜ ଉତ୍ତୋଳନ ଏବଂ ୮୦୦ ଟିପିଏଚ୍ କ୍ରସିଂ ୟୁନିଟ ସ୍ଥାପନ ପାଇଁ ଲକ୍ଷ୍ୟ ରଖାଯାଇଛି। ଥୁଆମୂଳ ରାମପୁର ଓ କାଶୀପୁର ତହସିଲ ଅଧୀନରେ ଥିବା କୁଟ୍ରୁମାଳି, ଲେଲିଙ୍ଗପଦର, ରାଖିଗୁଡ଼ା ଓ ଭିକାପଙ୍ଗା ଭଳି ଗ୍ରାମଗୁଡ଼ିକ ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବା ଆଶଙ୍କା ରହିଛି। ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ୨୦୦୬ ବିଜ୍ଞପ୍ତିକୁ ଆଧାର କରି ଓଏସ୍‌ପିସିବି ପକ୍ଷରୁ ମେ ୧୨ରେ ଜନଶୁଣାଣି ଧାର୍ଯ୍ୟ କରାଯାଇଛି, ଯାହାକୁ ନେଇ ଏବେ ବିରୋଧର ସ୍ୱର ଉଠିଛି। ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଜନଶୁଣାଣିର ସ୍ଥାନକୁ ନେଇ। ପ୍ରଭାବିତ ଗ୍ରାମଗୁଡ଼ିକରେ ଶୁଣାଣି ନକରି, ବ୍ଲକ ମୁଖ୍ୟାଳୟରେ ପୋଲିସ ଛାଉଣୀ ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରିବାକୁ ପ୍ରଶାସନିକ ପ୍ରୟାସକୁ 'ଲୋକତାନ୍ତ୍ରିକ ମୂଲ୍ୟବୋଧର ହତ୍ୟା' ବୋଲି କୁହାଯାଉଛି। ଡବଲ ଇଞ୍ଜିନ ସରକାର ବିକାଶର ନାରା ଦେଉଥିବା ବେଳେ ଗ୍ରାମସଭାର ଅନୁମତି ନ ନେଇ କର୍ପୋରେଟ ସ୍ୱାର୍ଥ ରକ୍ଷା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ସ୍ଥାନୀୟ ଲୋକେ ଓ ପରିବେଶବିତ୍ ଅଭିଯୋଗ କରିଛନ୍ତି। ପରିବେଶବିତ୍‌ଙ୍କ ମତରେ କୁଟ୍ରୁମାଳି ପାହାଡ଼ ହେଉଛି ଅନେକ ପ୍ରାକୃତିକ ଝରଣାର ଉତ୍ସ। ଖଣି ଖନନ ଫଳରେ ଏହି ଜଳସ୍ରୋତଗୁଡ଼ିକ ଶୁଷ୍କ ହୋଇଯିବ। ଯାହା ଫଳରେ ତଳି ଅଞ୍ଚଳର କୃଷି ଓ ପାରିପାର୍ଶ୍ୱିକ ଜୈବ-ବିବିଧତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ଯଦି ପ୍ରଶାସନ ଲୋକଙ୍କ ଆପତ୍ତିକୁ ଅଣଦେଖା କରି ଏକପାଖିଆ ଭାବେ ଜନଶୁଣାଣି କରେ, ତେବେ ଏହା ଆଗାମୀ ଦିନରେ ଏକ ଭୟଙ୍କର ଜନଆନ୍ଦୋଳନର ରୂପ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ଏବେ ସରକାର ଲୋକଙ୍କ ସ୍ୱର ଶୁଣିବେ ନା କର୍ପୋରେଟଙ୍କ ପାଇଁ ରାସ୍ତା ସଫା କରିବେ ତାହାକୁ ନେଇ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି।

**DISTRICT PROJECT OFFICE**
**SAMAGRA SHIKSHA, SUNDARGARH, ODISHA**
**In front of B.S. High School,**
**At/Po/Dist- Sundargarh, Pin- 770001**
**Email- dpcsndgssa.opepa@nic.in, Phone No- 06622-273718**

**ADVERTISEMENT FOR ENGAGEMENT OF CRC COORDINATORS (CRCCs) ON DEPLOYMENT BASIS**

Applications are invited from the academically sound and competent level-IV & level-V regular Elementary teachers working in Govt.PS & UPS of Sundargarh district for engagement as CRC Coordinators on deployment basis in different clusters of Sundargarh district. The details of eligibility criteria, mode of application, application form and vacancy can be downloaded from district website https://www.sundargarh.odisha.gov.in.The interested Teachers/ Headmaster/Mistress may apply in the prescribed format and submit it through **Registered or Speed post on or before 14th May 2026** in the Office address of "District Project Coordinator, SS , Sundargarh , In front of B.S High School, Sundargarh-770001. Applications received in any other mode and after the due date shall not be taken into consideration. The selection of CRCCs among the applicants will be done through Visioning Test. The CRCCs who have already completed 5 years of service as CRCC are not eligible and need not apply.

**Sd./- DEO-cum-DPC,**
**SS, Sundargarh**

# ଧାରଣାକୁ ୫୦ଦିନ ପୂରିଲା, ଉଠିଲାନି ଧାନ

**ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଆଉମାତ୍ର ୨ସପ୍ତାହ ପରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। କିନ୍ତୁ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁ ପଞ୍ଜୀକରଣରୁ ବାଦ୍ ପଡ଼ି ଏପର୍ଯ୍ୟନ୍ତ ଜିଲାର ଅନେକ ଚାଷୀ ଗତବର୍ଷ ଖରିଫ୍‌ରେ ଅମଳ ଧାନକୁ ବିକ୍ରି କରିପାରି ନାହାନ୍ତି। ସ୍ଥାନୀୟ ଜନ ପ୍ରତିନିଧି, ଜିଲା ପ୍ରଶାସନଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ନ ମିଳିବାରୁ ସମ୍ପୃକ୍ତ ଚାଷୀମାନେ ଗତମାସ ୯ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ସୋମବାର ଧାରଣା ୫୦ଦିନରେ ପହଞ୍ଚି ଥିବାବେଳେ ଗତ ଶୁକ୍ରବାର ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଶାସକ ଦଳର ବିଧାୟକମାନେ ଦେଇଥିବା ପରାମର୍ଶକ୍ରମେ ସମ୍ପୃକ୍ତ ଚାଷୀମାନେ ବ୍ୟକ୍ତିଗତଭାବେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟି ନିଜ ଧାନ ବିକ୍ରିବଟା ସମସ୍ୟା ଲେଖି ଜଣାଇଛନ୍ତି। ଏଭଳିଭାବେ ଅମ୍ବାଭୋନା ଏବଂ ଭେଡେନ ବ୍ଲକର ଶତାଧିକ ଚାଷୀ ଜିଲାପାଳଙ୍କୁ ବ୍ୟକ୍ତିଗତ ଭେଟି ଖରିଫ୍‌ରେ ଅମଳ ହୋଇଥିବା ସେମାନଙ୍କ ଧାନକୁ ତୁରନ୍ତ କିଣିବା ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି।

ଭେଡ଼େନ ବ୍ଲକ ରେମଣ୍ଡା ଗ୍ରାମର ଚାଷୀ ଶ୍ରଦ୍ଧାକର ପ୍ରଧାନ ବ୍ୟକ୍ତିଗତ ଭାବେ ଜିଲାପାଳଙ୍କୁ ଭେଟି ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଖରିଫ ଧାନବିକ୍ରି ପାଇଁ ସେ ଗତବର୍ଷ ଅଗଷ୍ଟ ମାସ ୨୫ତାରିଖ ମଧ୍ୟରେ ସରକାରଙ୍କ ନିୟମ ମୁତାବକ ଉଦ୍ଦିଷ୍ଟ ସମସ୍ତ କାଗଜାତ୍ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ପ୍ରଦାନ କରିଥିଲେ। ହେଲେ ବ୍ୟବସ୍ଥାର ଜଟିଳତା, ସର୍ଭର ଡାଉନ ଏବଂ ପଞ୍ଜୀକରଣ ପାଇଁ ଖୋଲିଥିବା ସାଇଟ୍ ଗତବର୍ଷ ଅଗଷ୍ଟ ୨୫ତାରିଖ ବନ୍ଦ ହୋଇଯିବାରୁ ତାଙ୍କ ପଞ୍ଜୀକରଣ ହୋଇପାରି ନଥିଲା। ପଞ୍ଜୀକରଣରୁ ଏଭଳି ବାଦ୍ ପଡ଼ିଥିବା ଚାଷୀଙ୍କ ସହିତ ସେ ମଧ୍ୟ ଜିଲାପାଳ, ଯୋଗାଣ ମନ୍ତ୍ରୀ, ବିଧାୟକ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତଭାବେ ଏହି ସମସ୍ୟା ଜଣାଇଥିଲେ। ମାତ୍ର କିଛି ସୁଫଳ ମିଳି ନଥିଲା। ଫଳରେ ସେତେବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୧୧ଦିନ ଧାରଣା ଦିଆଯିବା ପରେ ଗତବର୍ଷ ନଭେମ୍ବର ୨୦ତାରିଖ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଧାରଣାସ୍ଥଳକୁ ପହଞ୍ଚିଥିଲେ ଏବଂ ସେହି ସମସ୍ୟାର ସମାଧାନ ସହିତ ଧାନକିଣା ତାଙ୍କ ଦାୟିତ୍ୱ ତାଙ୍କର ବୋଲି ବିଧାୟକ ମହାନନ୍ଦ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ତାଙ୍କ ୭ଏକର ୮ଡେସିମିଲ ଜମିରୁ ଗତ ଖରିଫ୍‌ରେ ଅମଳ ହୋଇଥିବା ୩୩୦ ପ୍ୟାକେଟ୍ ଧାନ ବିକ୍ରି ଅପେକ୍ଷାରେ ସହରାଟିକ୍ରା ମଣ୍ଡିରେ ପଡ଼ି ରହିଛି ଏବଂ ଏଥିପାଇଁ ସେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଚାଷୀ ଶ୍ରଦ୍ଧାକର ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

ଶ୍ରଦ୍ଧାକରଙ୍କ ଭଳି ଶତାଧିକ ଚାଷୀ ଅନୁରୂପଭାବେ ସେମାନଙ୍କ ଧାନବିକ୍ରି ସମସ୍ୟା ବ୍ୟକ୍ତିଗତଭାବେ ଜିଲାପାଳଙ୍କୁ ଜଣାଇଛନ୍ତି ଏବଂ ବିକ୍ରି ଅପେକ୍ଷାରେ ରହିଥିବା ସେମାନଙ୍କ ଧାନ କିଣିବା ବ୍ୟବସ୍ଥା କରିବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଜିଲାପାଳ ସେଥିପାଇଁ ୧୫ଦିନ ସମୟ ମାଗିଛନ୍ତି ଏବଂ ଯାଞ୍ଚ ପରେ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି


ଜିଲାପାଳଙ୍କୁ ବ୍ୟକ୍ତିଗତ ଭେଟିବାକୁ ଚାଷୀମାନେ ଧାଡ଼ିରେ ରହିଛନ୍ତି।

### ବିଧାୟକଙ୍କ କଥା ରଖିଲେ, ସମସ୍ୟା ବ୍ୟକ୍ତିଗତ ଜଣାଇଲେ

କହିଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ପ୍ରକାଶଥାଉକି, ଗତ ଶୁକ୍ରବାର ରବି ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବସିଥିଲା। ଉକ୍ତ ବୈଠକ ଆରମ୍ଭରୁ ଖରିଫ୍‌ରେ ଅମଳ ଧାନବିକ୍ରି ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଲିଥିବା ଧାରଣା ପ୍ରସଙ୍ଗକୁ ଉପସ୍ଥିତ ଚାଷୀ ପ୍ରତିନିଧି ବିରେନ କର ବୈଠକରେ ଉପସ୍ଥାପନ କରିଥିଲେ। ତାକୁ ନେଇ ଚାଷୀ ପ୍ରତିନିଧି କର ଏବଂ ଉପସ୍ଥିତ ଶାସକ ଦଳର ବିଧାୟକଙ୍କ ମଧ୍ୟରେ କଥା କଟାକଟି ମଧ୍ୟ ହୋଇଥିଲା। ତେବେ ଚାଷୀମାନେ ବ୍ୟକ୍ତିଗତଭାବେ ଭେଟି ସେମାନଙ୍କ ଧାନବିକ୍ରି ସମସ୍ୟା ଜଣାଇଲେ ନିଶ୍ଚିତଭାବେ ତାର ତୁରନ୍ତ ସମାଧାନ ହେବ ଏବଂ ଯାଞ୍ଚ ପରେ ଧାନ କିଣାଯିବ ବୋଲି ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଓ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ କହିଥିଲେ। ଏହି କ୍ରମରେ ଚାଷୀମାନେ ବ୍ୟକ୍ତିଗତଭାବେ ସେମାନଙ୍କ ସମସ୍ୟା ଜିଲାପାଳଙ୍କୁ ଲେଖି ଜଣାଇଛନ୍ତି।

# ସମ୍ବଲପୁର ରେଳ ମଣ୍ଡଳ ଅଧୀନ ୩ ଷ୍ଟେଶନକୁ 'ଇଟ୍ ରାଇଟ୍ ଷ୍ଟେଶନ' ମାନ୍ୟତା



ଏଫ୍‌ଏସ୍‌ଏସ୍‌ଏଆଇ ଦ୍ୱାରା 'ଇଟ୍ ରାଇଟ୍ ଷ୍ଟେଶନ'ର ମାନ୍ୟତା ପାଇଥିବା ୩ ଷ୍ଟେଶନ ମାଷ୍ଟରଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ।

**ସମ୍ବଲପୁର,୨୭।୪ (ପ୍ରମୋଦ ବହିଦାର)**

ରେଳ ଯାତ୍ରୀମାନଙ୍କୁ ସୁରକ୍ଷିତ, ସ୍ୱଚ୍ଛ ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା କ୍ଷେତ୍ରରେ ସମ୍ବଲପୁର ରେଳ ମଣ୍ଡଳ ଏକ ବଡ଼ ସଫଳତା ହାସଲ କରିଛି। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ ସମ୍ବଲପୁର ରେଳ ମଣ୍ଡଳ ଅଧୀନ ସମ୍ବଲପୁର, ଟିଟିଲାଗଡ଼ ଓ ବରଗଡ଼ ରୋଡ୍ ରେଳ ଷ୍ଟେଶନକୁ 'ଇଟ୍ ରାଇଟ୍ ଷ୍ଟେଶନ' ଭାବେ ମାନ୍ୟତା ଦିଆଯାଇଛି। ଏଫ୍‌ଏସ୍‌ଏସ୍‌ଏଆଇ ଦ୍ୱାରା ପ୍ରତିଷ୍ଠିତ ମାର୍ଗଦର୍ଶିକା ଅନୁସାରେ ପ୍ରଦତ୍ତ ଏହି ପ୍ରମାଣପତ୍ର ୨୦୨୬ ମାର୍ଚ୍ଚ ୩୦ରୁ ୨୦୨୮ ମାର୍ଚ୍ଚ ୨୯ ପର୍ଯ୍ୟନ୍ତ ବୈଧ ରହିବ। ଏହି ଉପଲକ୍ଷେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ସମ୍ପୃକ୍ତ ଷ୍ଟେଶନ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ୩ ରେଳ ଷ୍ଟେଶନର ଷ୍ଟେଶନ ମାଷ୍ଟରଙ୍କୁ ଏହି ପ୍ରମାଣପତ୍ର ହସ୍ତାନ୍ତର କରିଛନ୍ତି। ଷ୍ଟେଶନ ପରିସରରେ ଥିବା କ୍ୟାଟରିଂ ୟୁନିଟଗୁଡ଼ିକରେ ଖାଦ୍ୟ ପ୍ରସ୍ତୁତି, ଖାଦ୍ୟ ସାଇତି ରଖିବା ପ୍ରକ୍ରିୟା, ସ୍ୱଚ୍ଛତା ଏବଂ ପରିବେଶର ଗୁଣବତ୍ତାକୁ ଭିତ୍ତିକରି ଏହି ସମ୍ମାନଜନକ ମାନ୍ୟତା ପ୍ରଦାନ କରାଯାଇଛି। ଯାହା ରେଳଯାତ୍ରୀମାନଙ୍କୁ ସୁରକ୍ଷିତ, ପୁଷ୍ଟିକର ଓ ସ୍ୱଚ୍ଛ ଖାଦ୍ୟ ଉପଲବ୍ଧ ନିଶ୍ଚିତ କରିବା ଦିଗରେ ସମ୍ବଲପୁର ରେଳ ମଣ୍ଡଳର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି । ସମ୍ବଲପୁର ରେଳ ମଣ୍ଡଳର ଏହି ସଫଳତା ଯାତ୍ରୀମାନଙ୍କୁ ଉନ୍ନତ ସେବା ଯୋଗାଇଦେବା ସହ ଏକ ସୁସ୍ଥ ଯାତ୍ରା ପରିବେଶ ସୃଷ୍ଟି କରିବାରେ ସହାୟକ ହେବ ବୋଲି ମଣ୍ଡଳ ପ୍ରବନ୍ଧକ ଚୌଧୁରୀ କହିଛନ୍ତି।

# ସନ୍ତରଣ, କ୍ରସ୍‌କଣ୍ଟ୍ରିରେ ଭାଗ ନେଲେ ୧୪୦ ପ୍ରତିଯୋଗୀ

- ସମ୍ବଲପୁରରେ ତୃତୀୟ ଜାତୀୟ ରାଜ୍ୟସ୍ତରୀୟ ପୋଲିସ କ୍ରୀଡ଼ା ଉଦ୍‌ଘାଟିତ
- ରାଜ୍ୟସ୍ତରୀୟ କ୍ରୀଡ଼ା ପୋଲିସ ବାହିନୀର ଅନୁଶାସନ ବଜାୟ ରଖିବ

**ସମ୍ବଲପୁର, ୨୭।୪(ପ୍ରମୋଦ ବହିଦାର)**

ରାଜ୍ୟସ୍ତରୀୟ ପୋଲିସ କ୍ରୀଡ଼ା ବାହିନୀରେ ଅନୁଶାସନ ବଜାୟ ରଖିବା ଏବଂ କର୍ତ୍ତବ୍ୟ ସମ୍ପାଦନ କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି କହିଛନ୍ତି ସମ୍ବଲପୁର ଆଇଜିଙ୍କ ଦାୟିତ୍ୱରେ ଥିବା ରାଉରକେଲା ପଶ୍ଚିମାଞ୍ଚଳ ଡିଆଇଜି ବ୍ରଜେଶ କୁମାର ରାୟ। ସମ୍ବଲପୁର ରିଜର୍ଭ ପୋଲିସ ପଡ଼ିଆରେ ତୃତୀୟ ରାଜ୍ୟସ୍ତରୀୟ ପୋଲିସ ୩ ଦିନିଆ ସନ୍ତରଣ ଓ କ୍ରସକଣ୍ଟ୍ରି ପ୍ରତିଯୋଗିତାର ସୋମବାର ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଡିଆଇଜି ରାୟ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ କହିଥିଲେ, ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୋଲିସ ବାହିନୀ ମଧ୍ୟରେ ଭାତୃଭାବ ବୃଦ୍ଧି କରିବା ଏବଂ କ୍ରୀଡ଼ା ପ୍ରତି ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା। ଡିଜିପିଙ୍କ ମାର୍ଗଦର୍ଶନ ଓ ପ୍ରେରଣାରେ ରାଜ୍ୟର ବିଭିନ୍ନସ୍ଥାନରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହେଉଛି। ସମ୍ବଲପୁରରେ ସୋମବାର ୩ ଦିନିଆ ରାଜ୍ୟସ୍ତରୀୟ ସନ୍ତରଣ ଓ କ୍ରସକଣ୍ଟ୍ରି ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି। ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ସେ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କୁ ଧନ୍ୟବାଦ ଜଣାଇବା ସହ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ଭାମୁ କହିଥିଲେ, ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ। ଶେଷ ଦିନରେ ଏକ ସ୍ୱତନ୍ତ୍ର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ରାଜ୍ୟ ତଥା ଜାତୀୟସ୍ତରରେ ପୋଲିସ କ୍ରୀଡାବିତମାନଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏହା ଏକ ଉପଯୁକ୍ତ ମଞ୍ଚ। ଏହି ପ୍ରତିଯୋଗିତାରେ ରାଜ୍ୟର ୨୦ଟି ଦଳର ୧୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୮୨ ଜଣ କ୍ରସକଣ୍ଟ୍ରି ଏବଂ ୫୯ ଜଣ ସନ୍ତରଣ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରଦର୍ଶନ କରିବେ। ଉଦ୍‌ଘାଟନୀ ଉତ୍ସବରେ ବରଗଡ଼, ଝାରସୁଗୁଡ଼ା, ସୋନପୁର ଏବଂ ବଲାଙ୍ଗୀର ଆଦି ବିଭିନ୍ନ ଜିଲାର ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# କୃଷକଙ୍କ ଉନ୍ନତି ହେଲେ ଅର୍ଥନୀତି ସୁଦୃଢ଼ ହେବ


ମନ୍ତ୍ରୀ ରବିନାରାୟଣ ନାଏକ ଗଭୀର ନଳକୂପ ଉଦ୍‌ଘାଟନ କରୁଛନ୍ତି।

### ଅର୍ଡାବାହାଲରେ ଗଭୀର ନଳକୂପ ଉଦ୍‌ଘାଟିତ

**କୁଚିଣ୍ଡା,୨୭।୪ (ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ଅର୍ଡାବାହାଲ୍‌ଠାରେ ଓଡ଼ିଶା ସରକାରଙ୍କ ଉଠାଜଳସେଚନ ନିଗମ ଦ୍ୱାରା ସ୍ଥାପିତ ଗଭୀର ନଳକୂପକୁ ସୋମବାର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଉଦ୍‌ଘାଟନ କରି ଲୋକାର୍ପଣ କରିଥିଲେ। ଆୟୋଜିତ ସାଧାରଣ ସଭାରେ ମନ୍ତ୍ରୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ କୁଚିଣ୍ଡା ଉପଖଣ୍ଡରେ ଗତ ଡିସେମ୍ବର ମାସରୁ କାମ ଆରମ୍ଭ ହୋଇ ମୋଟ ୧୩୦୦ଟି ଗଭୀର ନଳକୂପ ଖୋଳାଯାଇଥିଲା। ତନ୍ମଧ୍ୟରୁ ୩୦୦ ଟି ବିଫଳ ହୋଇଥିବା ବେଳେ,ବାକି ୧୦୦୦ ଟି ସଫଳ ହୋଇଛି। ସେଥିରୁ ୧୦୮ ଟିରେ ବିଦ୍ୟୁତ ସଂଯୋଗ ସରିଥିବା ବେଳେ, ଅନ୍ୟଗୁଡିକ ଆସନ୍ତା ଜୁନ ମାସ ସୁଦ୍ଧା ବିଦ୍ୟୁତ ସଂଯୋଗ କାମ ସମ୍ପାଦନ କରାଯିବ ବୋଲି କହିଥିଲେ। ଏହାଛଡା ଏହି ଗଭୀର ନଳକୂପ ଦ୍ୱାରା କୃଷି ଓ କୃଷକଙ୍କ ଯଥେଷ୍ଟ ଉନ୍ନତି ହେବ। ଫଳରେ ଦେଶର ଅର୍ଥନୀତି ସୁଦୃଢ଼ ହେବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗିନ୍ଦ୍ର କିଷାନ, ଏମ୍‌ପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ସମ୍ବଲପୁର ଉତ୍ତରାଞ୍ଚଳ ମଣ୍ଡଳର ଅଧୀକ୍ଷଣ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ସମ୍ବଲପୁର ଉଠାଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ଚିତ୍ତରଞ୍ଜନ ପ୍ରଧାନ, ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର ଟିପି ରଞ୍ଜିତ ପ୍ରଧାନ, କୁଚିଣ୍ଡା ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ ବାଘ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଫଣୀଭୂଷଣ ମିଶ୍ର ସଭାପତି, ପ୍ରଭୁଦତ୍ତ ପଣ୍ଡା ସମ୍ପାଦକ

### ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ଗଠିତ

**ସମ୍ବଲପୁର,୨୭।୪(ବି.ଶଙ୍କର)**

ସମ୍ବଲପୁର ସହରର ସର୍ବପୁରାତନ ନନ୍ଦପଡା ଶୀତଳଷଷ୍ଠୀ ଯାତ୍ରା-୨୦୨୬ ପାଇଁ ନୂତନ କମିଟି ଗଠିତ ହୋଇଯାଇଛି। ରବିବାର ରାତି ୮ଟାରେ ନନ୍ଦପଡାସ୍ଥିତ ଶ୍ରୀଶ୍ରୀ ବମ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ପୀଠ ପରିସରରେ ସ୍ୱତନ୍ତ୍ର ବୈଠକ ହୋଇଥିଲା। ଅମୂଲ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ନୂତନ କମିଟି ଗଠନ ହୋଇଥିଲା। ସର୍ବସମ୍ମିତି କ୍ରମେ ସଭାପତି ଫଣୀଭୂଷଣ ମିଶ୍ର ଓ ସାଧାରଣ ସମ୍ପାଦକ ଭାବେ ପ୍ରଭୁଦତ୍ତ ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା। ଏଥିସହ ଉପସଭାପତି ଆଶିଷ ବାବୁ ଓ ରାଜୀବ ମାଝୀ, ସହସମ୍ପାଦକ ବାଲଗୋପାଳ ନନ୍ଦ ଓ ଭବାନୀ ମିଶ୍ର, କୋଷାଧ୍ୟକ୍ଷ ଭୁବନ ମୋହନ ମିଶ୍ର ଏବଂ ସହ କୋଷାଧ୍ୟକ୍ଷ ଅଭାଶିଷ ମିଶ୍ର ଓ ସ୍ୱରୂପ ପାଢ଼ୀ, ସାଂସ୍କୃତିକ ସମ୍ପାଦକ ସୁମନ ସାଗର ମିଶ୍ର, ସହ ସାଂସ୍କୃତିକ ସମ୍ପାଦକ ନିହାର ମିଶ୍ର, ଗଣମାଧ୍ୟମ ସଂଯୋଜକ ବିରାଜ କୁମାର ମିଶ୍ର, ସହ ଗଣମାଧ୍ୟମ ସଂଯୋଜକ ଭାବେ ସନତ ନନ୍ଦଙ୍କୁ ଚୟନ କରାଯାଇଛି। ସେହିପରି ମୁଖ୍ୟ ସଂଯୋଜକ ଦାୟିତ୍ୱରେ ଦିଲୀପ ମିଶ୍ର ଏବଂ ସଂଯୋଜକ ସନ୍ତୋଷ ମିଶ୍ର ରହିଛନ୍ତି। ସେହିଭଳି ପରାମର୍ଶଦାତା କମିଟିରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଗୋପାଳ ପୃଷେଠ, ନିଗମାନନ୍ଦ ମିଶ୍ର, ଚକ୍ରଧର ମିଶ୍ର, ଅମୂଲ୍ୟ ମିଶ୍ର, ପ୍ରଶାନ୍ତ ବରାଇ, ପ୍ରଫୁଲ୍ଲ କୁମାର ହୋତା, ସନ୍ତୋଷ ମିଶ୍ର, ରଞ୍ଜିତ ମିଶ୍ର, ଶିବ ମିଶ୍ର, ସୁନୀଲ ତ୍ରିପାଠୀ, ବିବେକା ମିଶ୍ର, ସୁରେଶ୍ୱର ମିଶ୍ର, ଆଶିଷ ବରାଇ ଏବଂ ସଞ୍ଜୀବ ମାଝୀଙ୍କୁ ଦାୟିତ୍ୱ ଦିଆଯାଇଛି। ନୂତନ କମିଟି ଗଠନ ପରେ ଆଗାମୀ ଶୀତଳଷଷ୍ଠୀ ଯାତ୍ରା ନିମନ୍ତେ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ବୋଲି ସୋମବାର ସନ୍ଧ୍ୟାରେ ସଭାପତି ମିଶ୍ର ପ୍ରେସ୍ ବିବୃତିରେ ସୂଚିତ କରିଛନ୍ତି।

# ରାଜ୍ୟସ୍ତରୀୟ ଭୀମଭୋଇ ଜୟନ୍ତୀ ପ୍ରସ୍ତୁତି ବୈଠକ

**ରେଢ଼ାଖୋଲ, ୨୭।୪ (ସନ୍ତୋଷ ବଘାର)**

ସମ୍ବଲପୁର ଜିଲା ରେଢ଼ାଖୋଲଠାରେ ରାଜ୍ୟସ୍ତରୀୟ ଭୀମ ଭୋଇ ଜୟନ୍ତୀ ପାଳନ କରିବା ପାଇଁ ସୋମବାର ରେଢ଼ାଖୋଲରେ ଏକ ପ୍ରସ୍ତୁତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ବୈଶାଖ ପୂର୍ଣ୍ଣିମା ମେ ୧ରେ ରେଢ଼ାଖୋଲ ପଞ୍ଚଖଣ୍ଡା କଳା ପରିଷଦ ଏବଂ ଓଡ଼ିଆ ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ପ୍ରତିବର୍ଷ ପରି ଚଳିତବର୍ଷ ଭୀମଭୋଇ କଳା ମଣ୍ଡପ କଦମ୍ବ ପଡିଆଠାରେ ଅନୁଷ୍ଠିତ ହେବ। ଏ ନେଇ ରେଢ଼ାଖୋଲ ଉପଜିଲାପାଳ ଏବଂ ରାଜ୍ୟସ୍ତରୀୟ ସାହିତ୍ୟିକ, ବୁଦ୍ଧିଜୀବୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମହାବୀର ସିଂ ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ରଞ୍ଜିତ ଦେହୁରୀ, ଜେନାମଣୀ ଯୋଗ ଜନ୍ମ ଦାଶଶର୍ମା, ସାମ୍ବାଦିକ ସୁଶାନ୍ତ ପ୍ରଧାନ, ବୁବୁ ରାଉତ ଏବଂ କମିଟି ସଦସ୍ୟ ବୃନ୍ଦ ଯୋଗଦେଇ ସୁଚାରୁ ରୂପେ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ପାଇଁ ରୂପ ରେଖ ଚୂଡାନ୍ତ କରିଥିଲେ।

# ଡ୍ରେନ୍ ସଫା କଲା ପୌର ପ୍ରଶାସନ

**ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ ନଂ-୨ ଓ ୪ର ଲୋକେ ନିର୍ଭର କରୁଥିବା ସ୍ଥାନୀୟ ଲମ୍ବା ବିଲଡ଼ିଂ ଛକରୁ ସମଲେଶ୍ୱରୀ ମନ୍ଦିର ପଟକୁ ଯାଇଥିବା ରାସ୍ତାପାର୍ଶ୍ୱରେ ରହିଥିବା ଡ୍ରେନ୍ ମଇଲା ଆବର୍ଜନାରେ ପୋତି ହୋଇଥିଲା। ଫଳରେ ଡ୍ରେନ୍ ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତା ଉପରେ ବହୁଥିଲା। ଏହାକୁ ନେଇ ସୋମବାର ଧରିତ୍ରୀରେ ଖରାଦିନେ ରାସ୍ତାରେ ବହୁଛି ଡ୍ରେନ୍ ପାଣି ଶୀର୍ଷକ ସଚିତ୍ର ଖବର ପ୍ରକାଶ ପାଇଥିଲା। ଏହାପରେ ସକାଳୁ ପୌର କର୍ମଚାରୀମାନେ ସମ୍ପୃକ୍ତ ସ୍ଥାନକୁ ପହଞ୍ଚି ଡ୍ରେନ୍ ସଫା କରିଛନ୍ତି। ଫଳରେ ସେଠାରେ ଦେଖାଯାଇଥିବା ସମସ୍ୟାର ଆପାତତଃ ସମାଧାନ ହୋଇଛି। ପ୍ରକାଶଥାଉକି, ଦୀର୍ଘ ୩ ମାସ ହେଲା, ସେଠାରେ ସେହି ସମସ୍ୟା ଲାଗି ରହିଥିଲା। ଫଳରେ ମଶା, ମାଛି ସମେତ ଆଦି ରୋଗ ଜୀବାଣୁ ଉପଦ୍ରବ ସହିତ ପାରିପାର୍ଶ୍ୱିକ ଅଞ୍ଚଳରେ ଦୁର୍ଗନ୍ଧ ହେଉଥିଲା। ଏହା ସହିତ ସଂକ୍ରାମକ ରୋଗର ଆଶଙ୍କା ମଧ୍ୟ ରହିଥିଲା। ଆଗକୁ ଯେଭଳି ସେଠାରେ ସେହି ସମସ୍ୟାର ପୁନରାବୃତ୍ତି ନ ହୁଏ, ତାର ସ୍ଥାୟୀ ସମାଧାନ କରିବା ପାଇଁ ସ୍ଥାନୀୟ ଲୋକେ ଦାବିକରିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର: ଯୁବକଙ୍କୁ କୋର୍ଟ ଚାଲାଣ

**ରେଢ଼ାଖୋଲ, ୨୭।୪ (ସନ୍ତୋଷ ବଘାର)**

ରେଢ଼ାଖୋଲ ଥାନା ଅଞ୍ଚଳରେ ଜଣେ ୧୫ ବର୍ଷୀୟା ନାବାଳିକା ସହ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଜଣେ ଯୁବକଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ଥାନା ଅଞ୍ଚଳର ପ୍ରକାଶ ମୁଣ୍ଡା (୨୬)। ପ୍ରକାଶ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ନଂ. ୬୫/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

**IN THE COURT OF ADDL. PRINCIPAL JUDGE, ADDL. FAMILY COURT-I, EAST SINGHBHUM, AT JAMSHEDPUR**
**ORIGINAL SUIT NO.861/2025**
SWETA DAS................ PETITIONER
-VERSUS-
RAJEEV DAS ........... RESPONDENT
To,
Rajeev Das
S/o- Shakti Ranjan Das
R/o- Ranibandha, New Colony
Dist-Sundargarh
Presently resident at Rental house of Basudev Raut, Swadhin Colony, Near Ranibandha Post Office,
Dist- Sundargarh, Orissa
Whereas, the Applicant Sweta Das has filed the case in this Court U/S- 13 (1) (ia) of Hindu Marriage Act, and notice has been issued through the speed post as well as Nazarat but you have failed to appear before this Court.
You are hereby directed to appear before this Court physically on 02.06.2026 at 7.30 A.M. to answer the same failing which the case shall be heard Ex-Parte in your absence in accordance with law.
**Give under my hand and seal of this Court 25th Day of April 2026.**
Sd./- Addl. Principal Judge
Addl. Family Court-I
East Singhbhum, Jamshedpur

# ଆର୍‌ଏମ୍‌ସି ପରିସରରେ ଅଗ୍ନିକାଣ୍ଡ

**ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ପରିସରରେ ସୋମବାର ଅଗ୍ନିକାଣ୍ଡ ଘଟିଥିଲା। ସେଠାକାର ପଡ଼ିଆରେ ଟମାଟର ରଖିବା ପାଇଁ ଉଦ୍ଦିଷ୍ଟ ଖାଲି କ୍ୟାରେଟ୍ ରଖାଯାଇଥିଲା। କୌଣସି କାରଣରୁ ସେଠାରେ ନିଆଁ ଲାଗି ଯାଇଥିଲା। ଫଳରେ ଦୀର୍ଘ ସମୟ ଧରି ଆର୍‌ଏମ୍‌ସି ପରିସର ଧୂଆଁମୟ ହୋଇଯାଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ସେଠାକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



# ଆସୁନାହାନ୍ତି ଡାକ୍ତର, ରୋଗୀସେବା ବ୍ୟାହତ

### ଗୋଛରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

**କୁଚିଣ୍ଡା,୨୭।୪(ବିରଞ୍ଚି ଦର୍ଜୀ)**

ସ୍ୱାସ୍ଥ୍ୟସେବା ତ୍ରୁଟିକୁ ବରଦାସ୍ତ କରାଯିବ ନାହିଁ ବୋଲି ରାଜ୍ୟ ସରକାର କହୁଛନ୍ତି। ହେଲେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିନ୍ତୁ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଗୋଛରାଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ଆୟୁଷ୍ମାନ ଆରୋଗ୍ୟ ମନ୍ଦିର)୨ଜଣ ଡାକ୍ତରଙ୍କ ଅଧିକାଂଶ ଦିନ ଅନୁପସ୍ଥିତି ଯୋଗୁ ରୋଗୀ ସେବା ବ୍ୟାହତ ହେଉଥିବା ରୋଗୀ ଅଭିଯୋଗ କରିଛନ୍ତି। ଫାର୍ମାସିଷ୍ଟଙ୍କ ଭରସାରେ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି ବୋଲି ଗୋଛରା ଗ୍ରାମବାସୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ସମ୍ବଲପୁର ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି।




ଅଭିଯୋଗ ଅନୁଯାୟୀ, ଗୋଛରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧୀକ୍ଷକଙ୍କ ସହ ଜଣେ ଆୟୁଷ ଡାକ୍ତରଙ୍କୁ ରୋଗୀସେବା ପାଇଁ ନିଯୁକ୍ତି ଦିଆଯାଇଛି। ହେଲେ ମାସର ଅଧିକାଂଶ ଦିନ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ରୋଗୀ ସେବାରେ ଗୁରୁତର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କୁ ବାଧ୍ୟ ହୋଇ ଫାର୍ମାସିଷ୍ଟ ଚିକିତ୍ସା କରୁଛନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଗୋଛରା ପଞ୍ଚାୟତର ଗୋଛରା, କହ୍ଲେଇପାଲି, ଉଲୁଣ୍ଡା, କହ୍ଲାପଡା, ଲଇଗୁରା, ଗୁରୁଆଁ, ଅନ୍ଧାରିପାଲି ଓ ଜେନାପଡା, ବାଙ୍କେ ପଞ୍ଚାୟତର ବାଙ୍କେ, କଟୁପାଲି, ଗୋପାଳପାଲି, ତମନଗୋଡା ଓ ଖଲିଆମୁଣ୍ଡା, ମହୁଲପାଲି ପଞ୍ଚାୟତର ଲାଙ୍ଗପୋଷ ଓ ରାଜନ୍ଧ ଏବଂ ତେଲିଟିଲେଇମାଲ ପଞ୍ଚାୟତର ରାମନିକ୍ତିମାଲ ଓ ରାମଝାଲି ଆଦି ଗ୍ରାମର ଜନସାଧାରଣ ନିର୍ଭର କରନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଆଦର୍ଶ ସ୍ୱାଇଁଙ୍କୁ ପଚାରିବାରେ ମାସର ଅଧିକାଂଶ ଦିନ ସେକ୍ଟର ମିଟିଂ, କ୍ଷେତ୍ର ପରିଦର୍ଶନ ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବାରୁ ତାଙ୍କ ଅନୁପସ୍ଥିତିରେ ଆୟୁଷ ଡାକ୍ତର ଲଲାଟେନ୍ଦୁ ସେଠୀ ରୋଗୀ ଦେଖିବା କଥା। କିନ୍ତୁ ଏଥିରେ ସେ ଅବହେଳା କରୁଥିବା ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଏ ସମ୍ପର୍କରେ ଡା. ସେଠୀଙ୍କୁ ପଚାରିବାରେ ଅଭିଯୋଗ ଭିତ୍ତିହୀନ ବୋଲି କହି ବ୍ୟକ୍ତିଗତ ଅସୁବିଧା କାରଣରୁ ଛୁଟିରେ ରହିଥିବା ସେ କହିଛନ୍ତି।

**DISTRICT PROJECT OFFICE**
**SAMAGRA SHIKSHA, SUNDARGARH, ODISHA**
In front of B.S. High School,
At/Po/Dist- Sundargarh, Pin- 770001
Email- dpcsndgssa.opepa@nic.in, Phone No- 06622-273718

**ADVERTISEMENT FOR ENGAGEMENT OF CRC COORDINATORS (CRCCs) ON DEPLOYMENT BASIS**

Applications are invited from the academically sound and competent level-IV & level-V regular Elementary teachers working in Govt.PS & UPS of Sundargarh district for engagement as CRC Coordinators on deployment basis in different clusters of Sundargarh district. The details of eligibility criteria, mode of application, application form and vacancy can be downloaded from district website https://www.sundargarh.odisha.gov.in.The interested Teachers/ Headmaster/Mistress may apply in the prescribed format and submit it through **Registered or Speed post on or before 14th May 2026** in the Office address of "District Project Coordinator, SS , Sundargarh , In front of B.S High School, Sundargarh-770001. Applications received in any other mode and after the due date shall not be taken into consideration. The selection of CRCCs among the applicants will be done through Visioning Test. The CRCCs who have already completed 5 years of service as CRCC are not eligible and need not apply.

Sd./- DEO-cum-DPC,
SS, Sundargarh

## ସଂକ୍ଷେପରେ

### ଗୋ ସୁରକ୍ଷା ଅଭିଯାନ

ବୋଡ଼େନ,୨୭।୪ (ଟିକେଶ୍ୱର ନାଗ): ନୂଆପଡ଼ା ଜିଲା ବୋଡ଼େନ ବ୍ଲକରେ ସୋମବାର ଗୋ ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସାଧୁ ନରେଶ ବାବାଙ୍କ ନେତୃତ୍ୱରେ ବୋଡେନ ବସ୍‌ଷ୍ଟାଣ୍ଡରୁ ଅଭିଯାନ ଆରମ୍ଭ ହୋଇ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ପରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଥିଲା। ଏଥିରେ ଭାଜପା ଜିଲା ସାଧାରଣ ସମ୍ପାଦକ ଅଜିତ ଚଲାନ, କାଳିଆ କୃଷ୍ଣ ବାଗ, ସ୍ୱପ୍ନେଶ୍ୱର ମଣ୍ଡଳ, ସଭାପତି ରାଜ କିଶୋର ହେର୍ଣ୍ଡା, ପାତାଳ ଗଙ୍ଗା ମଣ୍ଡଳ ସଭାପତି ନିଳାମ୍ବର ମେହେର, ବଳଭଦ୍ର କଟା, ଅତିନ୍ଦ୍ର ଜିତ ସିଂ, ବେଣୁଧର ଜଗତ, ଅରବିନ୍ଦ ବେହେରା, କୃଷ୍ଣ ଚନ୍ଦ୍ର ନିଆଲ ପ୍ରମୁଖ ସାମିଲ ଥିଲେ।

### କେଗାଁ ମଣ୍ଡଳରେ 'ମନ୍ କୀ ବାତ' କାର୍ଯ୍ୟକ୍ରମର ସଫଳ ରୂପାୟନ

ଗୋଲାମୁଣ୍ଡା/କେଗାଁ,୨୭।୪ (ବଟକୃଷ୍ଣ ପଣ୍ଡା/ସ୍ୱରୂପ କୁମାର ବିଶି): ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କେଗାଁ ମଣ୍ଡଳରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ' କାର୍ଯ୍ୟକ୍ରମର ୧୩୩ତମ ଅଧ୍ୟାୟକୁ ଲୋକମାନେ ଉତ୍ସାହର ସହ ଶୁଣିଛନ୍ତି ଓ ଦେଖିଛନ୍ତି। ଭାଜପା କେଗାଁ ମଣ୍ଡଳ ପ୍ରଭାରୀ ଦାୟିତ୍ୱରେ ଥିବା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ଏହି ମଣ୍ଡଳର ୪୧ ବୁଥ୍‌ରେ ଶତ ପ୍ରତିଶତ କାର୍ଯ୍ୟକ୍ରମ ସଫଳ ହୋଇଥିବା କର୍ମକର୍ତ୍ତାମାନେ କହିଛନ୍ତି। ସୂଚନାମତେ, ଜିଲାରେ ପାଞ୍ଚଗୋଟି ନିର୍ବାଚନ ମଣ୍ଡଳୀ ରହିଥିବା ବେଳେ ଲାଞ୍ଜିଗଡ଼ ନର୍ବାଚନ ମଣ୍ଡଳୀରେ ୨୯୬ ବୁଥ ଓ ଜୁନାଗଡ଼ ୨୭୫, ଭବାନୀପାଟଣା ୨୬୯, ନର୍ଲା ୨୭୯, ଧର୍ମଗଡ଼ ୨୯୪ ସମୁଦାୟ ୧୪୧୩ଟି ବୁଥ ରହିଛି। ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ଗୋଲାମୁଣ୍ଡା ବ୍ଲକରେ ୧୧୩ଗୋଟି ବୁଥ୍ ରହିଛି। ଗୋଲାମୁଣ୍ଡା ବ୍ଲକ କେଗାଁ ମଣ୍ଡଳରେ ୧୦ଟି ଗ୍ରାମ ପଞ୍ଚାୟତ ଏବଂ ୪୧ଟି ବୁଥ୍ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୩ତମ 'ମନ କି ବାତ' କାର୍ଯ୍ୟକ୍ରମକୁ ୪୧ଟି ଯାକ ବୁଥରେ ଶହେ ପ୍ରତିଶତ କାର୍ଯ୍ୟକାରୀ କରାଯାଇଛି। ଏହି ଅଞ୍ଚଳର ସମସ୍ତ ଜନସାଧାରଣ କାର୍ଯ୍ୟକ୍ରମକୁ ଶୁଣିବା ସହ ଦେଖିଛନ୍ତି। ଏହି ସଫଳତା କାର୍ଯ୍ୟକର୍ତ୍ତାଙ୍କ ଉତ୍ସର୍ଗୀକୃତ ଭାବନାକୁ ପ୍ରତିଫଳିତ କରୁଛି ବୋଲି ମଣ୍ଡଳ ପ୍ରଭାରୀ ବିନ୍ଦୁ ମହାନନ୍ଦ, ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ଜୟନ୍ତ ସିଂ ଓ ମନୋଜ ଅଗ୍ରୱାଲ, ବରିଷ୍ଠ କାର୍ଯ୍ୟକର୍ତ୍ତା ବିଶିକେଶନ ଜ୍ୟୋତିଷ ପ୍ରମୁଖ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ତୁର୍କେଲ ବ୍ରିଜ୍ ନିର୍ମାଣ ଦାବି ତେଜିଲା

ଭବାନୀପାଟଣା,୨୭।୪(ଉତ୍ତମ କୁମାର ଦାଶ)



ଗଣଧାରଣାରେ ସାମିଲ ଦଳୀୟ ନେତୃବୃନ୍ଦ।

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ତୁର୍କେଲ ତେଲନଦୀ ବ୍ରିଜ୍ ନିର୍ମାଣ ଦାବି ତେଜିବାରେ ଲାଗିଛି। ତୁରନ୍ତ ବ୍ରିଜ୍ ନିର୍ମାଣ ଦାବିରେ ଗତ ଡିସେମ୍ବରରେ କଂଗ୍ରେସ ପକ୍ଷରୁ ୭ଦିନ ଧରି ଅହୋରାତ୍ର ଧାରଣା ଦିଆଯାଇଥିଲା। ସ୍ଥାନୀୟ ତହସିଲଦାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ପ୍ରତିଶ୍ରୁତିର ୪ ମାସ ପରେ ମଧ୍ୟ ଏ ଦିଗରେ ଜିଲା ପ୍ରଶାସନ ତଥା ପୂର୍ତ୍ତ ବିଭାଗ କୌଣସି ଆନ୍ତରିକତା ଦେଖାଉ ନ ଥିବାରୁ ପୁଣିଥରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇଛି। ସୋମବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଦଳ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦିଆଯାଇଛି। ଜିଲାପାଳ ଘଟଣାସ୍ଥଳକୁ ଆସି ବ୍ରିଜ୍ ନିର୍ମାଣର ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଭବାନୀପାଟଣା ବିଧାୟକ ସାଗର ଦାସଙ୍କ ଆହ୍ୱାନକ୍ରମେ ଜିଲା ସଭାପତି ଜଳନ୍ଧର ନାଏକଙ୍କ ନେତୃତ୍ୱରେ ଧାରଣା ଜାରି ରହିଛି। ଏଥିରେ ପୂର୍ବତନ ଜିଲା ସଭାପତି ଭାରତ ଭୂଷଣ ବେମାଲ, ଭବାନୀପାଟଣା ବ୍ଲକ ସଭାପତି ସୁବାସ ପ୍ରଧାନ, କେସିଙ୍ଗା ବ୍ଲକ ସଭାପତି ରାହସ ସାହୁ, ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ବରିଷ୍ଠ ନେତ୍ରୀ ସୁକାନ୍ତି ସରାଫ, ରାଜ୍ୟ ଯୁବକଂଗ୍ରେସ ସାଧାରଣ ସମ୍ପାଦିକା ମନ୍ଦାକିନୀ ବାଣୁଆ,କାଉନସିଲର ସଚିନ ନାଏକ, ତାରିଣୀ ନାଏକ, ବିଜୟ ଦୀପ, ବିକ୍ରମ ଭୋଇ, ଆଲୋକ ପଟେଲ, କାର୍ତ୍ତିକ ଜାନି, କୁନାଲ ଜୁଆଡ଼ ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ମାସରେ ପ୍ରବଳ ବର୍ଷା ଯୋଗୁ

**ଜିଲାପାଳଙ୍କ ଅଫିସ ଆଗରେ କଂଗ୍ରେସର ଧାରଣା**

ଭବାନୀପାଟଣାରୁ ନୂଆପଡ଼ା ଜିଲାକୁ ସଂଯୋଗ କରୁଥିବା ତୁର୍କେଲ ତେଲନଦୀ ବ୍ରିଜ୍ ଗୋଟିଏ ପଟେ ଦବି ଯାଇଥିଲା। ଏହାପରେ ଲୋକଙ୍କ ସୁରକ୍ଷା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଅକ୍ଟୋବର ୬ ତାରିଖରେ ବ୍ରିଜ୍ ଉପରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଫଳରେ ପ୍ରାୟ ୭ ମାସ ହେଲା ଏହି ପୋଲରେ ଯାତାୟାତ ବନ୍ଦ ରହିଥିଲେ ମଧ୍ୟ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରୁ ନ ଥିବା ରୁ ମିଳକୀ ଅଞ୍ଚଳବାସୀ ବିଚ୍ଛିନ୍ନ ହୋଇପଡ଼ିଛନ୍ତି। ଏହି ଅଞ୍ଚଳର ଚାଷୀ ସମେତ ଛାତ୍ରୀଛାତ୍ର ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅଞ୍ଚଳର ବ୍ୟବସାୟ ପୂରା ଠପ ହୋଇଯାଇଛି। ଏହି ସମସ୍ୟାକୁ ନେଇ ଗତ ଜାନୁଆରୀ ମାସରେ ସଦର ବିଧାୟକ ସାଗର ଚରଣ ଦାସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜିଲା ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଏହାପରେ ମଧ୍ୟ ପୋଲ ନିର୍ମାଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ମୁକ୍ତ ବିଚାର ମଞ୍ଚର ମାସିକ ଆଲୋଚନାଚକ୍ର

ଖଡ଼ିଆଳ,୨୭।୪ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ଭବନ ପରିସରରେ ଖଡ଼ିଆଳ ମୁକ୍ତ ବିଚାର ମଞ୍ଚର ୬୪ ତମ ମାସିକ ଆଲୋଚନା ଚକ୍ର ମଞ୍ଚ ଅଧ୍ୟକ୍ଷ ଅବସରପ୍ରାପ୍ତ ଆୟକର କମିଶନର ଶ୍ରୀକାନ୍ତ ଚାଟର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ମହେନ୍ଦ୍ର କୁମାର ଜଗତ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସଦରେ ମହିଳା ସଦସ୍ୟ ସଂରକ୍ଷଣ ପ୍ରୟାସ ୨୦୨୬ କ୍ଷମତା ରାଜନୀତିର ଶିକାର ହେଲା ଶୀର୍ଷକ ସପକ୍ଷରେ ଖବରଦାତା ପରମେଶ୍ୱର ବାରିକ ଓ ଆଇନଜୀବୀ କିଶୋର କୁମାର ବାଗ ଏବଂ ବିପକ୍ଷରେ ସାମାଜିକ କର୍ମୀ କାର୍ତ୍ତିକ ବାଗ ଓ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ମୀନା ଗୁଜୁରାଟୀ ନିଜ ମତପ୍ରକାଶ କରିଥିଲେ। ମଞ୍ଚର ଉଦ୍ୟୋକ୍ତା ସବିତା ଚାଟର୍ଜୀ, ସଂଯୋଜିକା ଯଶୋବନ୍ତୀ ବାଗ, ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ପ୍ରାଧ୍ୟାପକ ସାମୁଏଲ ଦାନି, ରୁଦ୍ର ପଦ୍ମିନୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଡ. ସୁଶାନ୍ତ କୁମାର ବିଶି, ସଙ୍ଗୀତଜ୍ଞ ନନ୍ଦଲାଲ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରାଧ୍ୟାପକ ସାମୁଏଲ ଦାନି ଧନ୍ୟବାଦ ଅର୍ପଣ କରିଥିଲେ।


ଆଲୋଚନାଚକ୍ରରେ ଉପସ୍ଥିତ ମଞ୍ଚ କର୍ମକର୍ତ୍ତା ଓ ଅନ୍ୟମାନେ।

# ନୂତନ ଅନୁଦାନ ନୀତି ଶୀଘ୍ର କାର୍ଯ୍ୟକାରୀ କରାଯାଉ

**ଓଏସ୍‌ଏନ୍‌ଏଲ୍‌ଇଏର 'ଅନୁଦାନ ସମ୍ପର୍କ ଅଭିଯାନ'**

■ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକଙ୍କୁ ସୁପାରିସ ପତ୍ର

ଭବାନୀପାଟଣା,୨୭।୪(ଉତ୍ତମ କୁମାର ଦାଶ)


ସଂଘ ପକ୍ଷରୁ ଧର୍ମଗଡ଼ ବିଧାୟକଙ୍କୁ ଦାବିପତ୍ର ଦିଆଯାଉଛି।

ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ (ଓଏସ୍‌ଏନ୍‌ଏଲ୍‌ଇଏ) ପକ୍ଷରୁ ନିଆରା କାର୍ଯ୍ୟକ୍ରମ 'ଅନୁଦାନ ସମ୍ପର୍କ ଅଭିଯାନ' ଜାରି ରହିଛି। ଏହି ପରିପ୍ରେକ୍ଷୀରେ ସଂଘର କଳାହାଣ୍ଡି ଜିଲା ଶାଖା କର୍ମକର୍ତ୍ତା ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀଙ୍କୁ ସାକ୍ଷାତ କରିଥିଲେ। ଏହି ସମୟରେ ସେମାନେ ବିଧାୟକ ପାଟଯୋଶୀଙ୍କ ସହ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରି ଏହି ଅଭିଯାନ ସମ୍ପର୍କିତ ଏକ ସୁପାରିଶପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଓ ଅଣଅନୁଦାନ ମହାବିଦ୍ୟାଳୟରେ ୧ଜୁନ ୨୦୦୮ରୁ ୧ ଜୁନ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ରାଜ୍ୟସରକାର ଅନୁଦାନ ପରିସରଭୁକ୍ତ କରନ୍ତୁ ବୋଲି ଦାବି କରାଯାଇଛି। ବିଗତ ଦିନରେ ଏହାକୁ ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏପରି କି ଗତ ୧୫।୧୦।୨୦୨୫ ରିଖରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀଙ୍କ ଦୁଇଜଣ ପ୍ରତିନିଧି ତଥା ଉଚ୍ଚଶିକ୍ଷା ବିଭାଗ ସଚିବ ଓ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନିଷ୍ପତ୍ତି ମୁତାବକ ନୂଆପଡା ଉପନିର୍ବାଚନ ପରେ ନୂତନ ଅନୁଦାନ ନୀତି ପ୍ରଣୟନ ନିମିତ୍ତ ପ୍ରତିଶ୍ରୁତି ମିଳିଥିଲା। ପୁନଶ୍ଚ ଡିସେମ୍ବର ପ୍ରଥମ ସପ୍ତାହରେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଶୋକ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ଘୋଷଣା କରିଥିଲେ। ଇତିମଧ୍ୟରେ ଉଚ୍ଚସ୍ତରୀୟ କମିଟି ସହିତ ସଂଘର ଦାବି ସମ୍ପର୍କିତ ଆଲୋଚନା ସରିଛି। କମିଟି ଗଠନର ଚାରି ମାସ ବିତିଯାଇଥିଲେ ମଧ୍ୟ ଏହାର କାର୍ଯ୍ୟକାରିତା ହୋଇନାହିଁ। ତେଣୁ ପୁଣି ଥରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ବିଧାୟକଙ୍କ ଜରିଆରେ ସୁପାରିଶ ପତ୍ର ପ୍ରଦାନ କରୁଛୁ। ତେଣୁ ଶୀଘ୍ର ନୂତନ ଅନୁଦାନ ନୀତି କାର୍ଯ୍ୟକାରୀ କରାଯାଉ ବୋଲି ସଂଘ ପକ୍ଷରୁ ନିବେଦନ କରାଯାଇଛି। ଜିଲା ସଂଯୋଜକ ଲକ୍ଷ୍ମୀକାନ୍ତ ବେହେରାଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା।

### ଭାଜପାର ଜନଆକ୍ରୋଶ ପଦଯାତ୍ରା ପ୍ରସ୍ତୁତି

ବୋଡ଼େନ,୨୭।୪ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ଭାଜପା ପକ୍ଷରୁ ମଙ୍ଗଳବାର ମହିଳା ଆରକ୍ଷଣକୁ ବିରୋଧ କରୁଥିବା ଦଳ ବିରୋଧରେ ଜନଆକ୍ରୋଶ ପଦଯାତ୍ରା ଅନୁଷ୍ଠିତ ହେବ। ଏଥିନେଇ ସୋମବାର ଦଳୀୟ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସକାଳ ୮ ଘଟିକା ସମୟରେ ବୋଡ଼େନ ବସ୍‌ଷ୍ଟାଣ୍ଡ ଛକଠାରୁ ଶିଶୁ ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରା ହେବ ବୋଲି ଆଲୋଚନା ହୋଇଥିଲା। ଏହି ସଭାରେ ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତି, ଭାଜପା ଜିଲା ସାଧାରଣ ସମ୍ପାଦକ ଅଜିତ କୁମାର ଚଲାନ, ପୂର୍ବତନ ଜିଲା ସଭାପତି ଅତିନ୍ଦ୍ରଜିତ ସିଂହ, ମଣ୍ଡଳ ସଭାପତି ଲିଲାମ୍ବର ମେହେର, ରାଜ କିଶୋର ହେର୍ଣ୍ଡା, ବରିଷ୍ଠ ସଦସ୍ୟ ମହେନ୍ଦ୍ର କୁମାର ଅଗ୍ରୱାଲଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦାନ କରିଥିଲେ।

# ନୃତତ୍ତ୍ୱ ବିଭାଗ ଛାତ୍ରୀଛାତ୍ରଙ୍କ ଆଦିବାସୀ ସଂଗ୍ରହାଳୟ ଭ୍ରମଣ

ଖରିଆଳ,୨୭।୪ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ଛାତ୍ରୀଛାତ୍ରଙ୍କ କୋରାପୁଟର ଆଦିବାସୀ ସଂଗ୍ରହାଳୟକୁ ଏକ ଶିକ୍ଷାମୂଳକ ଭ୍ରମଣ ସଫଳତାର ସହିତ ସମ୍ପନ୍ନ ହୋଇଛି। ବିଭାଗୀୟ ମୁଖ୍ୟ ଡ଼. ଶିବ କୁମାରଙ୍କ ସହିତ ସହଯୋଗୀ ଅଧ୍ୟାପକ ଡ. ଶିବ ବାବୁ ଓ ଆଶିଷ ଭୋଇଙ୍କ ଦିଗ୍‌ଦର୍ଶନରେ ଗତ ଦୁଇଦିନ ଧରି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ଆଦିବାସୀ ସମ୍ପ୍ରଦାୟର ଜୀବନ ଶୈଳୀ, ସଂସ୍କୃତି, ପରମ୍ପରା, ପୋଷାକ ଓ ଉପକରଣ ଇତ୍ୟାଦି ବିଷୟରେ ବିଶଦ ଜ୍ଞାନ ଆହରଣ କରିଥିଲେ। ସଂଗ୍ରହାଳୟରେ ପ୍ରଦର୍ଶିତ ବିଭିନ୍ନ ପାରମ୍ପରିକ ସାମଗ୍ରୀରୁ ଛାତ୍ରୀଛାତ୍ର ଅନେକ ତଥ୍ୟ ସଂଗ୍ରହ କରିଥିଲେ। ପୂର୍ବରୁ ୧୭ରୁ ୨୩ ଏପ୍ରିଲ ପର୍ଯ୍ୟନ୍ତ ବିରିଘାଟ ଏସ୍‌ଏସ୍‌ଡ଼ି ସ୍କୁଲରେ ଏକ କ୍ଷେତ୍ର ଅଧ୍ୟୟନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମରୁ ୫ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୫୦ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ, ପୋଷଣ ଓ କୁପୋଷଣ ସମ୍ବନ୍ଧୀୟ ବିଭିନ୍ନ ପରୀକ୍ଷଣ କରାଯାଇଥିଲା।


ଆଦିବାସୀ ସଂଗ୍ରହାଳୟ ଭ୍ରମଣରେ ଆସିଥିବା ଛାତ୍ରୀଛାତ୍ର।

### ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

କେସିଙ୍ଗା,୨୭।୪ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିର ପରିସରରେ ଚନ୍ଦନ ଯାତ୍ରା ଓ ଷୋହଳ ପ୍ରହର ନାମଯଜ୍ଞ ନିମନ୍ତେ ସୋମବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳକ ବୈଦ୍ୟରାଜ ସଦାନନ୍ଦ ପୁଟେଲଙ୍କ ନେତୃତ୍ୱରେ ମହିଳାମାନେ ନିକଟସ୍ଥ ଦେହେରେନ ଜୋରରୁ କଳସରେ ପାଣି ଆଣି ମନ୍ଦିର ପରିସରରେ ସ୍ଥାପନ କରିଥିଲେ। ସନ୍ଧ୍ୟାରେ ଅଧିବାସ ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କର୍ତ୍ତା ଭାବେ କାଣ୍ଡେଲ ଗ୍ରାମର ନୃସିଂହ ସାହୁ ଓ ତାଙ୍କର ଧର୍ମପତ୍ନୀ ଅନିତା ସାହୁ ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ୧ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି ମନ୍ଦିର ପରିଚାଳକ ବୈଦ୍ୟରାଜ ପୁଟେଲ ପ୍ରକାଶ କରିଛନ୍ତି।


କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିର ପରିସରରେ ଚନ୍ଦନ ଯାତ୍ରା ଓ ଷୋହଳ ପ୍ରହର ନାମଯଜ୍ଞ ନିମନ୍ତେ କଳସ ଯାତ୍ରାରେ ସାମିଲ ମହିଳାମାନେ।

# ଶିବମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି

ସିନାପାଲି,୨୭।୪(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲିଠାରେ ନବନିର୍ମିତ ଶିବମନ୍ଦିର ପ୍ରତିଷ୍ଠା ଉତ୍ସବର ସୋମବାର ପୂର୍ଣ୍ଣାହୁତି ପଡିଛି। ସକାଳୁ ଧ୍ୱଜାରୋହଣ, ବିଗ୍ରହଙ୍କ ନଗର ପରିକ୍ରମା ଓ ମନ୍ଦିର ପ୍ରବେଶ ନୀତି ସହ ଉତ୍ସବ ସମ୍ପନ୍ନ ହୋଇଛି। ଗତ ଗୁରୁବାର ଭବ୍ୟ କଳସ ଶୋଭାଯାତ୍ରା ସହ ଆରମ୍ଭ ହୋଇଥିବା ଏହି ଉତ୍ସବରେ ପ୍ରତ୍ୟହ ଘୃତଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ ଆଦି ସହ ନୂତନ ମନ୍ଦିରର ଗର୍ଭାଧାନ, ରୁଦ୍ରାଭିଷେକ, ଷୋଡଶ ଉପଚାର, ଚଣ୍ଡୀପାଠ, ସୂର୍ଯ୍ୟପୂଜା ଆଦି ରୀତିନୀତି ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ବୈଠକୀ କୀର୍ତ୍ତନ ମୁଖ୍ୟ ଆକର୍ଷଣ ଥିଲା। ପ୍ରତିଷ୍ଠା ଉତ୍ସବରେ ଅଞ୍ଚଳ ତଥା ଅଞ୍ଚଳ ବାହାରୁ ବହୁ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଉତ୍ସବ ପରିଚାଳନା କମିଟି ସଭାପତି ସୁବାସ ଅଗ୍ରୱାଲ, ଉପସଭାପତି ଈଶ୍ୱର ପ୍ରସାଦ ମେହେର, ସମ୍ପାଦକ ଚନ୍ଦ୍ରଶେଖର ମେହେର, ସହ ସମ୍ପାଦକ ଗଣେଶରାମ ମେହେର, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମେହେରଙ୍କ ସହ ଲୋକନାଥ ମେହେର, ଖଗେଶ୍ୱର ମେହେର, ଉଦ୍ଧବ ମେହେର ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଦଶ ଯୋଡ଼ା ଦମ୍ପତି କର୍ତ୍ତା ରହିଥିବା ବେଳେ ମୁଖ୍ୟ ପୂଜକ ଭାବରେ ହରିଶ୍ଚନ୍ଦ୍ର ଖମାରୀ ଦାୟିତ୍ୱ ନିର୍ବାହ କରିଥିଲେ।


ପ୍ରତିଷ୍ଠା ଉତ୍ସବରେ ସମବେତ ଶ୍ରଦ୍ଧାଳୁ।

# ସିନାପାଲିରେ ୪୨ ଅଭିଯୋଗ ଶୁଣାଣି କଲେ ଜିଲାପାଳ

ନୂଆପଡ଼ା,୨୭।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା ସିନାପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମି ସୋରେନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଦ୍ୱାରିକା ନାଥ ଶତପଥୀ, ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝି, ଉପାଧ୍ୟକ୍ଷା ମୀନା ଘିବେଲା,ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ, ବିଡିଓ ଓରାମ କର୍ମୀ, ତହସିଲଦାର ଉପାଞ୍ଜଳି ମାଝି ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କ ଅଭିଯୋଗର ଶୁଣାଣି କରିଥିଲେ । ଶିବିରରେ ବିଭିନ୍ନ ପଞ୍ଚାୟତ ତଥା ଗ୍ରାମରୁ ୩୧ ବ୍ୟକ୍ତିଗତ ଓ ୧୧ ଗୋଷ୍ଠୀଗତ ମୋଟ ୪୨ ଅଭିଯୋଗର ଶୁଣାଣି ହୋଇଥିଲା। କେନ୍ଦୁମୁଣ୍ଡା ଗାଁର ଖିଲେଶ୍ୱରୀ ମାଝିଙ୍କୁ ଉଚ୍ଚଶିକ୍ଷା ପାଇଁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା । ସେହିପରି ହେମନ୍ତି ମାଝି ଓ ମାଳତି ସତନାମୀଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏ ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଡେପୁଟି କଲେକ୍ଟର ଚିନ୍ମୟ ସାଗର ଶିବିର ପରିଚାଳନା କରିଥିଲେ।



ଅଭିଯୋଗ ଶୁଣାଣି କରୁଛନ୍ତି ଅଧିକାରୀ।

# ଗାଁରେ ରହି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ କରିବାକୁ ଆହ୍ୱାନ

ନୂଆପଡ଼ା,୨୭।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା ସିନାପାଲି ବ୍ଲକ କଇଟପଦର ପଞ୍ଚାୟତଠାରେ ସୋମବାର ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମି ସୋରେନ, ସିଡିଏମ୍‌ଓ ଡା. ଦ୍ୱାରିକାନାଥ ଶତପଥୀ, ବିଡ଼ିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳି ମାଝୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନା ଘିବେଲା, ସମିତି ସଭ୍ୟ ନରହରି ହଂସ ଓ ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି ଘିବେଲା ପ୍ରମୁଖ ଯୋଗଦେଇଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସଭା ପରିଚାଳନା କରିଥିଲେ। ଜିଲାସ୍ତରୀୟ ଅଧିକାରୀମାନେ ଶ୍ରମିକ, କୃଷକ, ମହିଳା ଓ ସାଧାରଣ ଲୋକଙ୍କ ପାଇଁ ଚାଲୁଥିବା ଜନକଲ୍ୟାଣମୂଳକ ଯୋଜନା ବିଷୟରେ ସଚେତନ କରିଥିଲେ। ଲୋକମାନେ ଅନ୍ୟ ରାଜ୍ୟକୁ ନ ଯାଇ ଗ୍ରାମରେ ରହି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ପୂର୍ବରୁ ପ୍ରବାସୀ ଶ୍ରମିକ ଭାବେ କାମ କରିଥିବା ଲୋକମାନଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଓ ପ୍ଲାଷ୍ଟିକ ମୁକ୍ତ ଜିଲାରେ ପରିଣତ କରିବା ପାଇଁ ସେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଆରମ୍ଭରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ନବଜାତ କନ୍ୟା ଶିଶୁ ପ୍ରୀୟାଂଶି ମାଝୀଙ୍କୁ କୋଳରେ ଧରି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ମାତାପିତାଙ୍କୁ ଉପହାର ସହ ବୃକ୍ଷ ଚାରା ପ୍ରଦାନ କରିଥିଲେ। ଏହାସହ ଗାଁର ଗର୍ଭବତୀ ମହିଳାମାନଙ୍କୁ ପୃଷ୍ଟିକର ଖାଦ୍ୟ ଓ ଉପହାର ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଜିଲା ସମାଜିକ ସୁରକ୍ଷା ବିଭାଗ ପକ୍ଷରୁ ହିତାଧିକାରୀଙ୍କୁ ପେନ୍‌ସନ ବଣ୍ଟନ କରାଯାଇଥିଲା। ସ୍ୱଚ୍ଛତା କ୍ଷେତ୍ରରେ ଉତ୍କୃଷ୍ଟ କାମ ପାଇଁ ଚାରିଜଣ ସ୍ୱଚ୍ଛତା ମିତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଟିମେନପୁର ପଞ୍ଚାୟତର କୃଷ୍ଣ ପାଣ୍ଡେ, କେନ୍ଦୁମୁଣ୍ଡାର ସନ୍ତୋଷ ଘିବେଲା, କଇଟପଦରର ଭଜନ ନାଏକ, ଖଇରପଦରର କେଶବ ମାଝୀ ଓ ହତିବନ୍ଧା ପଞ୍ଚାୟତର ପଞ୍ଚାନନ ମେହେର। ଶିବିରକୁ ସିନାପାଲି ବିଡ଼ିଓ, ଜିଲା ସମାଜ ମଙ୍ଗଳ ଅଧିକାରୀ ଏସ୍ ଗୀତା, ସ୍ଥାନୀୟ ସରପଞ୍ଚ, ବନ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ସମ୍ମିଳିତ ଭାବେ ଆୟୋଜନ କରିଥିଲେ। ଶିବିର ପରେ ଜିଲାପାଳ ପ୍ରବାସୀ ଶ୍ରମିକ ଚନ୍ଦ୍ର ଘିବେଲାଙ୍କ ଘରକୁ ଯାଇ ପରିବାର ସହ ଆଲୋଚନା କରି ବିଭିନ୍ନ ଯୋଜନା ବିଷୟରେ ଜଣାଇଥିଲେ ଏବଂ ପ୍ରବାସକୁ ନ ଯିବାକୁ ପରାମର୍ଶ ଦେଇଥିଲେ।


ନବଜାତ ଶିଶୁକୁ ଧରି ଜିଲାପାଳ ଆଶୀର୍ବାଦ କରୁଛନ୍ତି।

**କଇଟପଦର ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର**

## ସଂକ୍ଷେପରେ

### ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନାଚକ୍ର

ପଦ୍ମପୁର,୨୭।୪(ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଢୋଲବନ୍ଧ ଗ୍ରାମରେ ସଚେତନ ହେମା ନାଟ୍ୟ ଅନୁଷ୍ଠାନ ଆନୁକୂଲ୍ୟରେ 'ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତି ଏବଂ ଗୁରୁ ଭଗବାନ ସାହୁ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ କଳାକାର ଗୁରୁ ଆନନ୍ଦ ବାଗ, ମୁଖ୍ୟବକ୍ତା ଭାବେ ନାଟ୍ୟକାର ନିର୍ଦ୍ଦେଶକ ରାଜକୁମାର ସାହୁ ଏବଂ କଳାକାର ରସିକ ବରିହା ଯୋଗ ଦେଇଥିଲେ। ନାଟ୍ୟକାର ରାଜକୁମାର ସାହୁ ତାଙ୍କର ବକ୍ତବ୍ୟରେ ଗୁରୁ ଭଗବାନ ସାହୁଙ୍କୁ ବାଦ ଦେଇ ପଶ୍ଚିମ ଓଡ଼ିଶା କଳାସଂସ୍କୃତିର ଆଲୋଚନା ଅସମ୍ପୂର୍ଣ୍ଣ ବୋଲି କହିଥିଲେ। ସଚେତନ ହେମା ଅନୁଷ୍ଠାନ ତରଫରୁ ଗୁରୁଙ୍କ ଜୀବନୀ ଉପରେ ନାଟକ କରାଯିବ ବୋଲି ପ୍ରକାଶ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମହେନ୍ଦ୍ର ସାହୁ, ଜୟନ୍ତ ସାହୁ, କଙ୍କ ସାହୁ, ଘନଶ୍ୟାମ ଭୋଇ, ଆରାଧ ସାହୁ ସହଯୋଗ କରିଥିଲେ।

### ବୁଦ୍ଧ ଜୟନ୍ତୀ ପ୍ରସ୍ତୁତି ବୈଠକ

ବୌଦ୍ଧ,୨୭।୪(ଅଜିତ କୁମାର ବାରିକ): ବୁଦ୍ଧଙ୍କ ନାମରେ ବୌଦ୍ଧ ଜିଲ୍ଲା ରଖା ଯାଇଥିବା ବେଳେ ଜିଲାରେ ବହୁ ସଂଖ୍ୟାରେ ବୁଦ୍ଧ କୀର୍ତ୍ତିରାଜି ରହିଛି। ବୁଦ୍ଧଙ୍କ ଜନ୍ମତିଥି ବୁଦ୍ଧ ଜୟନ୍ତୀ ଭାବେ ପାଳନ କରାଯାଉଛି । ଚଳିତବର୍ଷ ମହା ସମାରୋହରେ ପାଳନ କରିବାକୁ ସୋମବାର ମହାନଦୀ ଆଳତି ଘାଟଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ଦେବାଶିଷ ପୁରୋହିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ବ୍ରହ୍ମଚାରୀ ଆଦିତ୍ୟ ଦାସ, ବିଶ୍ୱେଶ୍ୱର ପୃଷ୍ଟି, ଚିତ୍ତରଞ୍ଜନ ଦାଶ ନିଜ ନିଜ ମତପ୍ରକାଶ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ, ଐତିହାସିକ, ଶିକ୍ଷାବିତ୍ ଓ ସାମ୍ବାଦିକମାନଙ୍କୁ ସାମିଲ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ବୈଠକରେ ମିନୁପ୍ରସାଦ ମିଶ୍ର, ସୂର୍ଯ୍ୟନାରାୟଣ ପଣ୍ଡା, ଜିତେନ୍ଦ୍ର ବେହେରା, ବୀଣାପାଣି ମହାପାତ୍ର, ପ୍ରମୋଦିନୀ ଯୋଶୀ, ଗୀତାଞ୍ଜଳି ପଣ୍ଡା ଅଂଶ ଗ୍ରହଣ କରିଥିଲେ।

### ନବନିଯୁକ୍ତ ଏଲ୍.ଟି.ଆର. ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ପାଇକମାଳ,୨୭।୪(ବଡ଼ ଶତପଥୀ): ପାଇକମାଳ ବ୍ଲକ ଚେତଗାଁ ପଞ୍ଚାୟତ ଅନ୍ତର୍ଗତ ଘୁଚାପାଲୀ ଗ୍ରାମର ଦୁଇଭାଇ ଜୟନ୍ତ ଲୁହାର ଓ ଅଶ୍ୱିନୀ ଲୁହାର ସ୍କୁଲ ଓ ଗଣଶିକ୍ଷା ବିଭାଗରେ ଏଲ.ଟି.ଆର. ଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି। ସେମାନଙ୍କ ବାପା ଭାସ୍କର ଲୁହାର ଘୁଚାପାଲୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବେଳେ ମା' କୁନ୍ତି ବାଗ ନିକଟସ୍ଥ ଯୋଗେନ୍ଦ୍ରନାଥପୁର ଗ୍ରାମରେ ଅଙ୍ଗନୱାଡ଼ି କର୍ମୀ ଭାବେ କାର୍ଯ୍ୟରତ। ନିଯୁକ୍ତି ପାଇଥିବା ଦୁଇ ଭାଇ ଗାଁ ପାଇଁ ଗୌରବ ଆଣିଥିବାରୁ ଗ୍ରାମବାସୀ ଉଭୟଙ୍କୁ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଇଥିଲେ। ଶୋଭାଯାତ୍ରାରେ ବିଦ୍ୟାଳୟ କମିଟି ସଭ୍ୟା /ସଭ୍ୟ, ଏସ୍‌ଏଚ୍‌ଜି ସଭ୍ୟା/ସଭ୍ୟ, ଗାଁ ଲୋକ ସାମିଲ ଥିଲେ। ଦୁଇ ଭାଇଙ୍କୁ ସାନ ବାପା ଚମ୍ପୁଲାଲ ଲୁହାର ଓ ସାନ ମା' ସଂଯୁକ୍ତା ଲୁହାର ପୁଷ୍ପ ମାଲ୍ୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସଚ୍ଚିଦାନନ୍ଦ ସ୍ୱାଇଁ, ବିଦ୍ୟାଳୟ ଚେୟାରପର୍ସନ ପୁସ୍ତମ ପଟେଲ, ନାଏବ ସରପଞ୍ଚ ଗୁପ୍ତେଶ୍ୱର ପଟେଲ, ଶିକ୍ଷୟିତ୍ରୀ ସନ୍ତୋଷିନୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# କେନାଲ ପାଣି ଦାବିରେ ଚାଷୀଙ୍କ ବିକ୍ଷୋଭ

**୨୦ଦିନ ଅଧିକ ପାଣି ଛାଡ଼ିବାକୁ ଦାବି**

ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)



କେନାଲ ପାଣି ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଷୀଙ୍କ ବିକ୍ଷୋଭ।

ବରଗଡ଼ ମୁଖ୍ୟ କେନାଲରେ ଆସନ୍ତା ୩୦ତାରିଖ ସନ୍ଧ୍ୟାରୁ ଜୁନ ମାସ ୩୦ତାରିଖ ପର୍ଯ୍ୟନ୍ତ କେନାଲ ପାଣି ଯୋଗାଣ ବନ୍ଦ ରହିବ। କେନାଲ ବିଭାଗ ପକ୍ଷରୁ ଏହି ଘୋଷଣା କରାଯିବା ପରେ ଜିଲାର ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଏଥିପାଇଁ ମୁଖ୍ୟତଃ କେନାଲ ତଳିମୁଣ୍ଡ ଅଞ୍ଚଳ ସମେତ ଅନ୍ୟ ଅଞ୍ଚଳର ଚାଷୀଙ୍କ ମଧ୍ୟ ମାନସିକ ସ୍ଥିତି ଦୋହଲି ଯାଇଛି। ଏଭଳି ସ୍ଥିତିରେ ଏବେ ରବି ଫସଲ କିଭଳି ରକ୍ଷା କରିବେ, ଚାଷୀମାନଙ୍କୁ ସେହି ଚିନ୍ତା ଘାରିଛି। ଏହି କ୍ରମରେ ସୋମବାର ସଂଯୁକ୍ତ କୃଷକ ସଂଗଠନ ନେତୃତ୍ୱରେ ଜିଲାର ବିଭିନ୍ନ ଅଞ୍ଚଳର ଚାଷୀମାନେ ଜିଲାପାଳ ଏବଂ କେନାଲ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଫେରାଦ ହୋଇଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ରଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆହୁରି ଅଧିକ ୨୦ଦିନ କେନାଲ ପାଣି ଛାଡ଼ିବାକୁ ସଂଗଠନ ପକ୍ଷରୁ ଦାବି ହୋଇଛି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ରବି ଋତୁରେ ଅନେକ ଚାଷୀ ବୁଣା ଧାନ କରିଛନ୍ତି। ସେତେବେଳେ ମଧ୍ୟ ବିଳମ୍ବରେ କେନାଲ ପାଣି ଛଡ଼ାଯାଇ ଥିବାରୁ ରବି ଚାଷକାର୍ଯ୍ୟ ବିଳମ୍ବିତ ହୋଇଥିଲା। ସେହିପରି ଅନେକ ଚାଷୀ ମେଶିନ ବ୍ୟବହାର କରି ଧାନ ରୋଇଛନ୍ତି। ଜିଲାର ପ୍ରାୟ ୨୦ରୁ ୫୦ପ୍ରତିଶତ ମଧ୍ୟରେ ଧାନ ଫସଲ ପ୍ରାୟତଃ ଅମଳକ୍ଷମ ଅବସ୍ଥାକୁ ଆସିଥିବା ବେଳେ ଅଧିକାଂଶ ଧାନ ଫସଲ ବର୍ତ୍ତମାନ ଗର୍ଭ ଅବସ୍ଥାରେ ରହିଛି। ଏଭଳି ଅବସ୍ଥାରେ ଫସଲକୁ ଆହୁରି ୨୦ଦିନ ପାଣି ଦରକାର। ଫଳରେ ଆସନ୍ତା ୩୦ତାରିଖ ସନ୍ଧ୍ୟାରୁ କେନାଲ ପାଣି ଯୋଗାଣ ବନ୍ଦ କରାଗଲେ ବିଶେଷତଃ କେନାଲ ତଳିମୁଣ୍ଡରେ ରହିଥିବା ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯିବ।

ଏଭଳିଭାବେ ଜିଲାର ବରପାଲି ବ୍ଲକ ଅନ୍ତର୍ଗତ କାଇଁଶିର, ପାଟକୁଲୁଣ୍ଡା, ତୁଳଣ୍ଡି, ରେମତା, କୁମ୍ଭାରୀ, ସତଲମା, ଭେଡ଼େନ ବ୍ଲକର କୁବେଡ଼େଗା, ତାଳମେଣ୍ଡା, ଭେଡ଼େନ, ଅଇଁଲାପାଲି, ରେଶମ, ଅରେଇଗୁଡ଼ି, ଲୁହାଖଣ୍ଡି, ମାନପୁର, ଅର୍ଜୁଣ୍ଡା, ଦେଶଭଟଲି, ରୁଷୁଡ଼ା, ସିଆଲଖଣ୍ଡହଥା, ପପଙ୍ଗା, ଦେଶଭଟଲି, ସଂକ୍ରୀଡ଼ା ଆଦି ପଞ୍ଚାୟତରେ ଧାନ ଫସଲ ବହୁମାତ୍ରାରେ ପ୍ରଭାବିତ ହେବ। ଫଳରେ ଏଭଳି ସ୍ଥିତିରେ ବର୍ତ୍ତମାନ କେନାଲ ପାଣି ଯୋଗାଣ ବନ୍ଦ ନ କରିବା ପାଇଁ ସଂଗଠନ ପକ୍ଷରୁ ଦାବି ହୋଇଛି। ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ଉତ୍ପନ୍ନ କୁମାର ଭୋଇ, ସୁଦାମ ପାତ୍ର, ସୁରେଶ ନେକାଣ୍ଟିଙ୍କ ସମେତ ଅନେକ ଚାଷୀ ପ୍ରତିନିଧି ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ। ଅନୁରୂପଭାବେ ଭେଡ଼େନ ବ୍ଲକ ଉଦେପୁର ଅଞ୍ଚଳର ଚାଷୀ ପ୍ରତିନିଧିବୃନ୍ଦ କେନାଲ ପାଣି ବନ୍ଦ ନ କରିବା ଦାବି ନେଇ କେନାଲ ବିଭାଗର ଗୋଡ଼ଭଗା ଏସ୍‌ଡିଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। କେନାଲ ପାଣି ବନ୍ଦ ହେଲେ ୫୦ପ୍ରତିଶତରୁ ଅଧିକ ଫସଲ ଧୂଳିସାତ୍ ହୋଇଯିବ ବୋଲି ସେମାନେ ଦାବିପତ୍ରରେ ଉଲ୍ଲେଖ କରିବା ସହିତ ଅତିକମ୍‌ରେ ମେ ମାସ ୧୨ତାରିଖ ପର୍ଯ୍ୟନ୍ତ କେନାଲ ପାଣି ଛାଡ଼ିବାକୁ ଦାବି କରିଛନ୍ତି। ମଦନ ମୋହନ ଦାଶ, ରୋହିତ ଝାଙ୍କର, ମନୋରଞ୍ଜନ ଝାଙ୍କର ପ୍ରମୁଖଙ୍କ ସ୍ୱାକ୍ଷର ଦାବିପତ୍ରରେ ରହିଛି।

## ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ

ବୌଦ୍ଧ,୨୭।୪( ଅଜିତ କୁମାର ବାରିକ)

**ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି**

ବୌଦ୍ଧ ଜିଲା ବୌଦ୍ଧ ବ୍ଲକର ତାଳସରଡ଼ା ଗ୍ରାମପଞ୍ଚାୟତରେ ସୋମବାର ଜିଲାପାଳ ବିଭୂତି ଭୂଷଣ ନାୟକ ଓ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲାପାଳ ବିନୟ କୁମାର ଭୋଇ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମହେନ୍ଦ୍ର କୁମାର ସାହୁ, ସରପଞ୍ଚ ସସ୍ମିତା ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୩୮ଗୋଟି ବ୍ୟକ୍ତିଗତ ଓ ୮ଟି ଗୋଷ୍ଠୀଗତ ଏଭଳି ମୋଟ ୪୬ ଗୋଟି ଅଭିଯୋଗର ଶୁଣାଣି ଜିଲାପାଳ କରିଥିଲେ । ୧୮ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା । ସେହିପରି ଦୁଇ ଜଣ ଅସହାୟଙ୍କୁ ରେଡକ୍ରସ ପାଣ୍ଠିରୁ ୮ ହଜାର ଟଙ୍କାର ତତ୍କାଳ ସହାୟତା ଜିଲାପାଳ ପ୍ରଦାନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ତହସିଲଦାର ଅନିତା କୁମାରୀ ସାହୁ, ଜିଲା ଜରୁରିକାଳୀନ ଅଧିକାରୀ ଜ୍ୟୋତିରଞ୍ଜନ ଭୋଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲା ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।



ଶିବିରରେ ଅଭିଯୋଗର ଶୁଣାଣି ଚାଲିଛି।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ଗାଇସିଲେଟ,୨୭।୪(ଦୁର୍ଗା ପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଜାମୁଟପାଲିରେ ଚାଲିଥିବା ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ସମ୍ପନ୍ନ ହୋଇଯାଇଛି। ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ କଳସ ଯାତ୍ରା ହୋଇଥିଲା। ଏଥିରେ ଜାମୁଟପାଲି ଗ୍ରାମବାସୀ ଓ ଆଖ ପାଖ ଗ୍ରାମରୁ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷମାନେ ସାମିଲ ହୋଇଥିଲେ। ସଂକୀର୍ତ୍ତନ ମଣ୍ଡଳୀ ସହିତ ଭବ୍ୟ କଳସରେ ପାଣି ଆଣି ଜଗନ୍ନାଥ ମନ୍ଦିରରେ ସ୍ଥାପନ କରାଯାଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମରେ କର୍ତ୍ତାଭାବେ ଜାମୁଟପାଲି ଗ୍ରାମର ଗୌନ୍ତିଆ ବ୍ରହ୍ମାନନ୍ଦ ପ୍ରଧାନ, ଦେବାନନ୍ଦ ପ୍ରଧାନ ସସ୍ତ୍ରୀକ ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟ ପଣ୍ଡିତ ବିଶ୍ୱନ ପ୍ରସାଦ ମିଶ୍ର, ଆନନ୍ଦ ପାଣି, କୃଷ୍ଣଚନ୍ଦ୍ର ପାଣି ପୂଜାର୍ଚ୍ଚନା କରିଥିଲେ। ସମସ୍ତ କର୍ମକର୍ତ୍ତା ଓ ଜାମୁଟପାଲି ଗ୍ରାମର ଯୁବଗୋଷ୍ଠୀ ସହଯୋଗ କରିଥିଲେ। ପ୍ରତିଷ୍ଠା ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଶିଷ୍ଟ କଳାକାର ଯୋଗ ଦେବା ସହ ମୀନା ବଜାର, ଅପେରା, ନାମଯଜ୍ଞ, କୀର୍ତ୍ତନ, ପାରାୟଣ, ଅଘୋରୀ ନୃତ୍ୟ, ଲୋକ ଗୀତ, ଲୋକ ନୃତ୍ୟ, ଦଣ୍ଡ ନୃତ୍ୟ ଓ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲ। ବିଜେପୁର ବିଧାୟକ ସନତ କୁମାର ଗଡତିଆ' ଗାଇସିଲେଟ ବ୍ଲକ ଅଧକ୍ଷ ପ୍ରଣୟ କୁମାର ସାହୁ, ନାରଦ ବରିହା ପ୍ରମୁଖ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ।

## ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ରାଜବୋଡ଼ାସମ୍ବର ଇନପୁଟ ଡିଲର ୟୁନିୟନ ତରଫରୁ ଉପଜିଲାପାଳ କାର୍ଯ୍ୟାଳୟକୁ ଦାବିପତ୍ର ପ୍ରଦାନ ପାଇଁ ଆସୁଛନ୍ତି, ଦାବି ପତ୍ର ପ୍ରଦାନ କରୁଛନ୍ତି।

ପଦ୍ମପୁର,୨୭।୪(ପ୍ରଦୀପ୍ତ ଦାଶ)

**ସମସ୍ୟା ସମାଧାନ ପାଇଁ ଦାବି**

ରାଜବୋଡ଼ାସମ୍ବର ଇନପୁଟ ଡିଲର ୟୁନିୟନ ତରଫରୁ ସୋମବାର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଭେଡ଼ିଆଁ ଛକରୁ ୟୁନିୟନର କର୍ମକର୍ତ୍ତା ଗଣ ଏକ ବିରାଟ ବାଇକ୍ ରାଲିରେ ବାହାରି ପ୍ରଥମେ ବରିକେଲସ୍ଥିତ କୃଷି ଜିଲା ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡାଙ୍କଠାରେ ଦାବିପତ୍ର ଦେଇ ଆଲୋଚନା କରିଥିଲେ। ସେଠାରୁ ପଦ୍ମପୁର ଉପଜିଲାପାଳ କାର୍ଯ୍ୟାଳୟ ଆସି ପଦ୍ମପୁର ଉପଜିଲାପାଳଙ୍କ ଅନୁପସ୍ଥିତିରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲାପାଳ ନେପାଳ ଚନ୍ଦ୍ର ମୁଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ ଦାବିପତ୍ରରେ ଲେଖିଛନ୍ତି ଯେ, ସାର କମ୍ପାନୀ ଡିଲର ଗୋଦାମ ପର୍ଯ୍ୟନ୍ତ ପହଞ୍ଚାଇବା କମ୍ପାନୀର ଦାୟିତ୍ୱ ରହୁ, ଯାହା କି ଡିଲର କୁଇଣ୍ଟାଲ ପିଛା ୪୦/୫୦ଟଙ୍କା ଖର୍ଚ୍ଚ ବହନ କରୁଛି ଓ ତାହା ଚାଷୀ ଉପରେ ପଡୁଛି, କୌଣସି ପ୍ୟାକିଂର ସାମ୍ପୁଲ ଫେଲ୍ ହେଲେ ନିର୍ମାଣ କରିଥିବା କମ୍ପାନୀ ଦାୟୀ ରୁହନ୍ତୁ ଓ ଡିଲରକୁ ସାକ୍ଷୀ ରଖାଯାଉ, ସରକାର ଯେଉଁ ସାଥୀ ପୋର୍ଟାଲ ଖୋଲିଛନ୍ତି ତାହା ଅନେକ ଗ୍ରାମାଞ୍ଚଳରେ ନେଟୱର୍କ ନ ଥିବାରୁ ତାହା ଡିଲର ଓ କମ୍ପାନୀ ପର୍ଯ୍ୟନ୍ତ ସୀମିତ ରହୁ । ସେହିପରି ସାର ଔଷଧ ବିକ୍ରିରେ ହୋଲସେଲର ମାରଜିନ ୩ ପ୍ରତିଶତ ଓ ଡିଲର ମାରଜିନ ୫ ପ୍ରତିଶତ ରଖାଯାଉ ବୋଲି ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ରାଜବୋଡାସମ୍ବର ଇନପୁଟ ଡିଲର ସଂଘର ସଭାପତି ସପ୍ତସିନ୍ଧୁ ବଗର୍ତ୍ତୀଙ୍କ ନେତୃତ୍ୱରେ ପଦ୍ମପୁର, ପାଇକମାଳ ଓ ଝାରବନ୍ଧ ବ୍ଲକର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ବାଉଁଶୁଣୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ

ବାଉଁଶୁଣୀ,୨୭।୪(ଦେବାଶିଷ ନେପାକ)

ବୌଦ୍ଧ ଜିଲାପାଳ ବିଭୂତି ଭୂଷଣ ନାୟକ ସୋମବାର ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନ କରିଥିଲେ। ବୌଦ୍ଧ ବ୍ଲକ ତାଳସରଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବହିରା ଗ୍ରାମର ସାମାଜିକ କର୍ମୀ ତଥା ଜିଲା ଭାଜପା ଉପସଭାପତି ସୁଶାନ୍ତ ବାଘ, ବହିରା ମଣ୍ଡଳ ଭାଜପା ସଭାପତି ଝିଶୁ ପଧାନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ଶୁଣାଣି ଶିବିର ସରିବା ପରେ ଜିଲାପାଳ ବାଉଁଶୁଣୀ ଡାକ୍ତରଖାନା ପରିଦର୍ଶନ କରିଥିଲେ। ଡାକ୍ତରଖାନାରେ ବିଭିନ୍ନ ଉପକରଣ ଥିବା ସତ୍ତ୍ୱେ ରୋଗୀଙ୍କ କାମରେ ବ୍ୟବହାର ନ ହେବା, ବିପର୍ଯ୍ୟସ୍ତ ଜଳ ଯୋଗାଣ ଓ ପାନୀୟ ଜଳ ଅବ୍ୟବସ୍ଥା, ଅଂଶୁଘାତ ୱାର୍ଡରେ ଏସି ନ ଲାଗିବା ଆଦି ଦେଖି ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ। ଶୀଘ୍ର ବୈଠକ କରି ଏହି ସମସ୍ୟାର ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଆୟୁର୍ବେଦିକ ଔଷଧୀୟ ବୃକ୍ଷ ପ୍ରଦର୍ଶନୀ ଉଦ୍‌ଘାଟିତ


ଔଷଧୀୟ ଚାରା ବିତରଣ କେନ୍ଦ୍ରକୁ ଉଦ୍‌ଘାଟନ କରାଯାଉଛି।

ପାଇକମାଳ,୨୭।୪(ବଡ଼ ଶତପଥୀ)

ଓଡ଼ିଶା ତଥା ଭାରତ ପ୍ରସିଦ୍ଧ ପବିତ୍ର ନୃସିଂହନାଥ ପୀଠରେ ଅନୁଷ୍ଠିତ ହେଉଥିବା ବୈଶାଖ ମେଳା-୨୦୨୬ ଅବସରରେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ସୋମବାର ପଦ୍ମପୁର ଅତିରିକ୍ତ ଜିଲାପାଳ ସରୋଜିନୀ ପ୍ରସନ୍ନ କୁଲ୍ଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ଦିର ପରିସରରେ ଏକ 'ଆୟୁର୍ବେଦିକ ଓପିଡି' ଏବଂ ଔଷଧୀୟ ଚାରା ବିତରଣ କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ଅବସ୍ଥିତ ଏହି ଐତିହାସିକ ପୀଠରେ ଆୟୋଜିତ ଏହି ପ୍ରଦର୍ଶନୀ ମାଧ୍ୟମରେ ଆୟୁର୍ବେଦିକ ଚିକିତ୍ସା ଓ ଔଷଧ ରୋଗୀଙ୍କୁ ବିନା ମୂଲ୍ୟରେ ଡାକ୍ତରଙ୍କ ଦ୍ୱାରା ପ୍ରଦାନ କରାଯିବ। ଏହା ଛଡ଼ା ଔଷଧୀୟ ଚାରା ବିତରଣ କେନ୍ଦ୍ରରେ ଶୁକ୍ଳ ବିରଳ ଔଷଧୀୟ ଗୁଳ୍ମ ଓ ଚେରମୂଳିର ଚିହ୍ନଟ ତଥା ଏହାର ଉପକାରିତା ବିଷୟରେ ସାଧାରଣ ଜନତାଙ୍କୁ ଅବଗତ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ପାରମ୍ପରିକ ଆୟୁର୍ବେଦିକ ଜ୍ଞାନର ସଂରକ୍ଷଣ ସହ ଶ୍ରଦ୍ଧାଳୁମାନେ ସ୍ୱାସ୍ଥ୍ୟ ସେବା ପାଇପାରିବେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଆୟୁର୍ବେଦିକ ସ୍ୱାସ୍ଥ୍ୟ ଅଧିକାରୀ ଡ. ଲକ୍ଷ୍ମୀ ଶ୍ରୀୟା ବେହେରା, ପଦ୍ମପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନତ ପାଢ଼ୀ ଏବଂ ପଦ୍ମପୁର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ସିହ୍ନା, ଡା. ଶରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ବୈଶାଖ ମେଳା ସମୟ ମଧ୍ୟରେ ଶ୍ରଦ୍ଧାଳୁମାନେ ମାଗଣାରେ ଏହି ଆୟୁର୍ବେଦିକ ସେବା ତଥା ପ୍ରଦର୍ଶନୀର ଲାଭ ଉଠାଇବା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।

## ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

**ବରଗଡ଼ ଜିଲା**

ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)



ଶିବିରରେ ଜିଲାପାଳଙ୍କଠାରେ ଅଭିଯୋଗ କରୁଛନ୍ତି।

ବରଗଡ଼ ଜିଲା ବିଜେପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ପଦ୍ମପୁର ଉପ ଜିଲାପାଳ ହେମସାଗର ଭୋଇ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କୁବେର ମହନ୍ତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ ବିଶ୍ୱାଳ ଏବଂ ବ୍ଲକ ଅଧକ୍ଷ ଜୟକୃଷ୍ଣ ଡନସନା ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୭୫ ଅଭିଯୋଗ ପଞ୍ଜୀକୃତ ହୋଇଥିଲା ।ସେଥିମଧ୍ୟରୁ ୫୨ଟି ବ୍ୟକ୍ତିଗତ, ୨୩ଟି ସାମୁହିକ ଅଭିଯୋଗ ରହିଥିଲା। ସେହି ଅଭିଯୋଗ ଗୁଡ଼ିକର ଶୁଣାଣି କରି ସମସ୍ତ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପ୍ରଥମ ଦିବସରେ ୩୪ହଜାର ନୃସିଂହ ବୀଜମନ୍ତ୍ର ଜପ

ପାଇକମାଳ, ୨୭।୪(ବଡ଼ ଶତପଥୀ)

**ବୈଶାଖ ମେଳା ବିଶ୍ୱଶାନ୍ତି ମହାଯଜ୍ଞ**

ଓଡ଼ିଶାର ତଥା ଭାରତ ବର୍ଷର ପ୍ରସିଦ୍ଧ ପୁଣ୍ୟ ପୀଠ ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ଥିବା ନୃସିଂହନାଥ ପୀଠରେ ବୈଶାଖ ମେଳା ବିଶ୍ୱଶାନ୍ତି ମହାଯଜ୍ଞର ପ୍ରଥମ ଦିବସରେ ୩୪ହଜାର ୬୦୦ ନୃସିଂହ ବୀଜମନ୍ତ୍ର ଜପ ହୋଇଯାଇଛି। ପଣ୍ଡିତ ଡିଗ୍ରୀଧର ଦେବତାଙ୍କ ସହ ଲିଙ୍ଗରାଜ ଦେବତା, ରାମଚନ୍ଦ୍ର ତ୍ରିପାଠୀ, ଫକୀର ଶତପଥୀ, ବିକାଶ ଦେବତା, ମିତ୍ରଭାନୁ ଦେବତା, ଜୟନ୍ତ ପଣ୍ଡା, ମୁନା ଦେବତା, ସିଦ୍ଧେଶ୍ୱର ସାବତ, ଦେବରାଜ ପଣ୍ଡା, ରଙ୍କମଣି ଦେବତା, ହିମାଂଶୁ ପଣ୍ଡା, ଜିତେନ୍ଦ୍ର ତ୍ରିପାଠୀ ମୋଟ ୧୩ଜଣ ଦକ୍ଷ ପଣ୍ଡିତ ପୂଜାପାଠ ସହ ବିଶ୍ୱଶାନ୍ତି ମହାଯଜ୍ଞରେ ନୃସିଂହ ବୀଜମନ୍ତ୍ର ଜପ କରି ନିଜ ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତି। ବୈଶାଖ ମେଳାର ପ୍ରଥମ ଦିନରେ ଯଜ୍ଞ ପୀଠରେ ରୀତି ନୀତି ସହ ପୂଜା ପାଠ ହୋମ, ଆଳତି କରାଯାଇ ବିଶ୍ୱର ଶାନ୍ତି ଓ ମଙ୍ଗଳ ପାଇଁ ବିଶ୍ୱଶାନ୍ତି ମହାଯଜ୍ଞ ପୀଠରେ ପାର୍ଶ୍ୱ ଦେବଦେବୀଙ୍କୁ ଆବାହନ କରାଯାଇଛି। ଭୋର୍‌ରୁ ମନ୍ଦିର ବାଳ ବ୍ରହ୍ମଚାରୀ ପଣ୍ଡିତମାନେ ନୃସିଂହନାଥ ମହାପ୍ରଭୁଙ୍କୁ ଯଥା ରୀତି ପୂଜାର୍ଚ୍ଚନା କରି ହଜାର ହଜାର ଭକ୍ତ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିବାରୁ ତାଙ୍କ ଦର୍ଶନ କରାଉଛନ୍ତି ।

ବୈଶାଖ ମେଳାରେ ନୃସିଂହନାଥ ପୀଠରେ ମୋବାଇଲ ନେଟୱର୍କ ସମସ୍ୟା ଦେଖାଯାଇଛି। ଜରୁରୀ ସମୟରେ ଫୋନ ଲାଗୁନାହିଁ କି କୌଣସି ଗୁଗଲ ପେ, ଫୋନ ପେ ମଧ୍ୟ ଚଳାଇବାରେ ସମସ୍ୟା ଦେଖାଦେଉଛି। ଆଗକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଆଗମନ ହେବାର ସମ୍ଭାବନା ରହିଛି, ଯାହା କି ନେଟୱର୍କ ସମସ୍ୟା ଦେଖାଦେବା ସ୍ୱାଭାବିକ। ଏଥିପ୍ରତି ସରକାରୀ ବେସରକାରୀ ଟେଲିକମ ବିଭାଗରେ ଦୃଷ୍ଟିଦେଇ ନେଟୱର୍କ ସମସ୍ୟା ସମାଧାନ କରିବାକୁ ଜନସାଧାରଣ ଦାବି କରିଛନ୍ତି ।


ବୈଶାଖ ମେଳାରେ ଉପସ୍ଥିତ ପଣ୍ଡିତ ଓ ଭକ୍ତମାନେ।

## ସ୍ୱାକ୍ଷରିତ ସ୍ୱାବଲମ୍ବୀ କାରିଗରଙ୍କ ଧାରଣା

ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)

ରାଜ୍ୟରେ କାର୍ଯ୍ୟରତ ସ୍ୱାକ୍ଷରିତ ସ୍ୱାବଲମ୍ବୀ କାରିଗର(ଏସଇଏମ)ମାନଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି। ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ସ୍ୱାବଲମ୍ବୀ କାରିଗର ପରିବାର ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ଏପର୍ଯ୍ୟନ୍ତ ସେହି ଦାବି ସମୂହ ପୂରଣ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହାର ପ୍ରତିବାଦରେ ସୋମବାର ଓଡ଼ିଶା ରାଜ୍ୟ ସ୍ୱାବଲମ୍ବୀ କାରିଗର ପରିବାର ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦିଆଯାଇ ଥିବାବେଳେ ସାଧାରଣ ସମ୍ପାଦକ ତଥା ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ମାଝିପାଲି ବାସିନ୍ଦା ଈଶ୍ୱର ମେହେର ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେବାକୁ ନିବେଦନ କରିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସ୍ୱାକ୍ଷରିତ ସ୍ୱାବଲମ୍ବୀ କାରିଗରଙ୍କ ଧାରଣା।

ସାଧାରଣ ସମ୍ପାଦକ ମେହେର ଅଭିଯୋଗ କରି କହିଛନ୍ତି, ସେ ୨୦୦୩ ମେ ମାସ ୧ତାରିଖରୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥା(ଆରଡବ୍ଲ୍ୟୁଏସଏସ୍) ତରଫରୁ ସ୍ୱାବଲମ୍ବୀ କାରିଗର ଭାବେ ଚୁକ୍ତିନାମା ସ୍ୱାକ୍ଷରିତ କରି କାର୍ଯ୍ୟ କରି ଆସୁଛନ୍ତି। କିନ୍ତୁ ତାଙ୍କ ସମେତ କାର୍ଯ୍ୟରତ ସମସ୍ତ ସ୍ୱାବଲମ୍ବୀ କାରିଗରଙ୍କୁ ସରକାର ଅଣଦେଖା କରି ଚାଲିଛନ୍ତି। ସ୍ୱାବଲମ୍ବୀ କାରିଗରମାନଙ୍କୁ ୨୦୦୬ରୁ ରିମୁନେରେଶନ ପ୍ରଦାନ କରାଯାଉ ନାହିଁ।

**ଅଣଦେଖା ମନୋଭାବ ଅଭିଯୋଗ**

ସେହିପରି ଚୁକ୍ତିନାମା ନବୀକରଣ କରା ନ ଯାଇ ଠିକା ବ୍ୟବସ୍ଥାକୁ ବନ୍ଦ କରିବା, ଗ୍ରାମ୍ୟ ପାଇପଜଳ ଯୋଗାଣ ବ୍ୟବସ୍ଥାରେ ଜଳଯୋଗାଣ ସହିତ ପରିଚାଳନା, ରକ୍ଷଣାବେକ୍ଷଣ ନିମନ୍ତେ ନିୟୋଜିତ ଲୋକ ପମ୍ପ ଡ୍ରାଇଭର, ସହକାରୀ ପମ୍ପ ଡ୍ରାଇଭର, ଖଲାସୀମାନଙ୍କୁ ଦୈନିକ ଆଧାରିତ ମଜୁରି ପ୍ରଦାନ ସହିତ କର୍ମଚାରୀ ମାନ୍ୟତା ଦେବାକୁ ଦୀର୍ଘଦିନରୁ ଦାବି ହୋଇ ଆସୁଛି। ମାତ୍ର ତାକୁ ସରକାରୀ କଳ କର୍ଣ୍ଣପାତ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଏହି ଦାବି ସମୂହ ପୂରଣ ହୋଇ ନ ଥିବାରୁ ତାଙ୍କୁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦିଆଯାଉ ବୋଲି ସେ ନିବେଦନ କରିଛନ୍ତି। ଧାରଣାରେ ଓଡ଼ିଶା ରାଜ୍ୟ ସ୍ୱାବଲମ୍ବୀ କାରିଗର ପରିବାରର ଅନ୍ୟ ସଦସ୍ୟବୃନ୍ଦ ମଧ୍ୟ ସାମିଲ ଥିଲେ।

# ଜନଗଣନାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି ୧୪ ପରିବାର

**ଲହୁଣୀପଡା, ୨୭।୪(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ବଡ ପୁରୁଣାପାଣି ପଞ୍ଚାୟତ ଅନ୍ତର୍ଗତ ଶିଆଳିକୁଦର ଓ କପଣ୍ଡ ଗ୍ରାମର ୧୪ ପରିବାର ଜନଗଣନାକୁ ପ୍ରତ୍ୟାଖ୍ୟାନ କରିଥିବା ସୂଚନା ମିଳିଛି। ଜନଗଣନାରେ ସେମାନେ ସାମିଲ ହେବେ ନାହିଁ ବୋଲି ସିଧାସଳଖ ପ୍ରଶାସନକୁ ମନାକରି ଦେଇଛନ୍ତି। ପ୍ରଶାସନ ପକ୍ଷରୁ ବୁଝେଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସେମାନେ ତାଙ୍କ ଜିଦରେ ଅଟଳ ଅଛନ୍ତି। ସେମାନେ ଜନଗଣନାରେ କୌଣସି ପ୍ରକାର ସହଯୋଗ ସରକାରଙ୍କୁ କରିପାରିବେ ନାହିଁ ବୋଲି ସିଧାସଳଖ ମନା କରିଛନ୍ତି। ସେମାନଙ୍କ ଗୋଟିଏ ଜିଦ ସେମାନେ ଭାରତ ସରକାରଙ୍କ ଲୋକ ସେମାନେ ହେଉଛନ୍ତି "ମୂଳ ଆଦିମ ଆଦିବାସୀ" ଜଳ, ଜଙ୍ଗଲ, ଜମି ରାସ୍ତା ଘାଟ ପ୍ରକୃତି ଜାତ ସମ୍ପଦ ସବୁ ଆମର।ତେଣୁ ଆମ୍ଭେମାନେ କେନ୍ଦ୍ର ସରକାରକୁ କୌଣସି ପ୍ରକାରେ ସହଯୋଗ କରିପାରିବୁ ନାହିଁ। ଏପରିକି ଦରକାର ପଡିଲେ ଆମ୍ଭେ ଆଧାର କାର୍ଡ, ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ମଧ୍ୟ ଫେରାଇ ଦେବୁ ବୋଲି ପ୍ରଶାସନକୁ ଚ୍ୟାଲେଞ୍ଜ କରିଛନ୍ତି। ସରକାର ରାସନ କାର୍ଡ ହିତାଧିକାରୀଙ୍କୁ (ଇକେୱାଇସି)ଲିଙ୍କ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମାତ୍ର ସେମାନେ ଲିଙ୍କ କରି ନଥିବାରୁ ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ ହେବ ସେମାନେ ରାସନ ନେଉ ନ ଥିବା ସୂଚନା ମିଳିଛି। ଏପରିକି ସେମାନେ ସାଧାରଣ ନିର୍ବାଚନରେ ଭାଗ ମଧ୍ୟ ନେବେ ନାହିଁ ବୋଲି ରୋକ ଠୋକ ମନାକରି ଦେଉଛନ୍ତି। ଲହୁଣୀପଡ଼ା ତହସିଦାରଙ୍କୁ ପଚାରିବାରୁ ସଚେତନତା ଅଭାବରୁ ସେମାନେ ଏପରି କରୁଛନ୍ତି। ତେଣୁ ଜନଗଣନାର ଗୁରୁତ୍ୱ ବିଷୟରେ ସେମାନଙ୍କ ସହିତ ବସି ଆହୁରି ଆଲୋଚନା ଓ ସଚେତନତାର ଆବଶ୍ୟକତା ରହିଛି ବୋଲି କହିଛନ୍ତି।



ମହିଳାମାନେ ପାନୀୟଜଳ ସଂଗ୍ରହ କରି ଫେରୁଛନ୍ତି।

# ପାଣି ପାଇଁ ପାହାଡ଼କୁ ଚଢୁଛନ୍ତି ମହିଳା

**ବନ୍ଧମୁଣ୍ଡା, ୨୭।୪(ସୁବ୍ରତ ଦେ)**

ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ଦିନକୁ ଦିନ ଗୁରୁତର ରୂପ ଧାରଣ କରୁଛି। ବିଶେଷକରି ପାହାଡ଼ିଆ ଓ ଜଙ୍ଗଲାଞ୍ଚଳର ଗ୍ରାମଗୁଡ଼ିକରେ ଲୋକମାନେ ପାନୀୟଜଳ ପାଇଁ ଦୁଃଖକଷ୍ଟ ସହିବାକୁ ବାଧ୍ୟ ହେଉଛନ୍ତି। ଯାହାର ଉଦାହରଣ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲାର ବିଶ୍ରା ବ୍ଲକ ଅଧିନସ୍ଥ ମୋନକୋ ପଞ୍ଚାୟତର ଚିରୁବେଡ଼ା ଗାଁରେ। ଏହି ଗାଁର କଲ୍ୟାଣ ଟୋଲି ଏବଂ ଗିର୍ଜାଟୋଲିରେ ବସବାସ କରୁଥିବା ଶତାଧିକ ପରିବାର ବର୍ଷବର୍ଷ ଧରି ପାନୀୟ ଜଳ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। ଏହି ଗାଁଗୁଡ଼ିକରେ ରହୁଥିବା ମହିଳାମାନେ ପ୍ରତିଦିନ ଦୂର ପାହାଡ଼ ଚଢ଼ି ଓ ଜଙ୍ଗଲ ମଧ୍ୟରେ ଯାଇ ମୁଣ୍ଡରେ ପାଣି ବୋହି ଆଣୁଥିବା ଦୃଶ୍ୟ ଏଠାରେ ସାଧାରଣ ଘଟଣା ହୋଇଛି। ଗ୍ରୀଷ୍ମଋତୁ ଆସିବା ସହିତ ସମସ୍ୟା ଆହୁରୀ ତୀବ୍ର ହୋଇଛି। ବର୍ତ୍ତମାନ ଗ୍ରୀଷ୍ମଋତୁରେ ଅଧିକାଂଶ ସ୍ଥାନରେ ପାନୀୟଜଳ ସମସ୍ୟା ସୃଷ୍ଟି ହୋଇଛି। ଆଉ ଏହି ଗାଁଗୁଡ଼ିକରେ ପାନୀୟ ଜଳ ପାଇଁ କୌଣସି ପ୍ରକାର ସରକାରୀ ସୁବିଧା ନ ଥିବା ଯୋଗୁ ଗ୍ରାମବାସୀ ପାଣି ପାଇଁ ପାହାଡ଼ ଝରଣା ତଥା ଜଙ୍ଗଲର ନାଳ ଉପରେ ନିର୍ଭର କରନ୍ତି। ଯାହା ଫଳରେ ମହିଳାମାନେ ଶିଶୁମାନଙ୍କୁ ସାଙ୍ଗରେ ଧରି ନିତିଦିନ ଲମ୍ବାବାଟ ଅତିକ୍ରମ କରି ପାଣି ଆଣିବାରେ ବାଧ୍ୟ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପାଣି ସମସ୍ୟା ନେଇ ପ୍ରଶାସନଙ୍କୁ ଅନେକଥର ଜଣାଇଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ମିଳିପାରି ନାହିଁ। ଗ୍ରାମବାସୀ ଶୀଘ୍ର ପାଇପ ଜଳ ବ୍ୟବସ୍ଥା କିମ୍ବା ନୂତନ ଜଳସ୍ରୋତ ସୃଷ୍ଟି କରିବା ପାଇଁ ସରକାରଙ୍କଠାରେ ଦାବି କରିଛନ୍ତି। ସ୍ଥାନୀୟ ଲୋକେ ଆହୁରି କହିଛନ୍ତି, ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ ନ କରାଯାଏ, ତେବେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଗମ୍ଭୀର ରୂପ ନେବ। ଏହିପରି ସମସ୍ୟାରୁ ମୁକ୍ତି ପାଇବାକୁ ସେମାନେ ପ୍ରଶାସନର ତ୍ୱରିତ ହସ୍ତକ୍ଷେପ ଆଶା କରୁଛନ୍ତି।

# ସଡ଼କ ଦୁର୍ଘଟଣାରେ ମୃତ୍ୟୁ ପରେ ମହିଳାଙ୍କ ଚକ୍ଷୁ ଦାନକଲେ ପରିବାର ଲୋକ

**ସୁନ୍ଦରଗଡ଼,୨୭।୪(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲାରେ ବିଜୁ ଏକ୍ସପ୍ରେସ ୱେରେ ଦୁର୍ଘଟଣାରେ ମୃତ୍ୟୁ ପରେ ଜଣେ ମହିଳାଙ୍କ ଚକ୍ଷୁକୁ ପରିବାର ଲୋକେ ଦାନ କରିଦେଇଛନ୍ତି। ମୃତ୍ୟୁବରଣ କରିଥିବା ମହିଳା ହେଲେ ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ଗମ୍ଭାରୀଡିହି ଗ୍ରାମର ସୂରଜ କୁମାର ପଟେଲଙ୍କ ସ୍ତ୍ରୀ ସାଗରିକା। ରବିବାର ସାଗରିକା ସ୍ୱାମୀ ଓ ଶାଶୁ-ଶ୍ୱଶୁରଙ୍କ ସହ ଭିନ୍ନ ଭିନ୍ନ ଦୁଇଚକିଆ ଯାନରେ ଯାଉଥିବାବେଳେ ମସନୀକାନି ନିକଟରେ ଦୁର୍ଘଟଣା ଘଟିଥିଲା। ଏକ ଯାନକୁ ଓଭରଟେକ କରିବାରୁ ସାଗରିକାଙ୍କ ସ୍ୱାମୀ ଚଳାଉଥିବା ସ୍କୁଟି ନିୟନ୍ତ୍ରଣ ହରାଇଥିଲା। ଫଳରେ ରାସ୍ତା ପାର୍ଶ୍ୱରେ ଥିବା ଲୁହାଖୁଣ୍ଟରେ ସାଗରିକାଙ୍କ ମୁଣ୍ଡ ଜୋରରେ ଧକ୍କା ଲାଗିବାରୁ ଘଟଣାସ୍ଥଳରେ ହିଁ ସାଗରିକା ପ୍ରାଣ ହରାଇଥିଲେ। ସାଗରିକା ବନ୍ଧପାଲିର ଉମେଶ ଚନ୍ଦ୍ର ପଟେଲ ଓ ସବିତା ପଟେଲଙ୍କ କନିଷ୍ଠ କନ୍ୟା ଥିଲେ। ତାଙ୍କର ଅକାଳ ମୃତ୍ୟୁ ପରିବାରକୁ ଶୋକାକୁଳ କରିଦେଇଛି।



ସାଗରିକା ପଟେଲ।

କିନ୍ତୁ ଏହି ଦୁଃଖ ମଧ୍ୟରେ ପରିବାର ଲୋକେ ମାନବତାର ଉଦାହରଣ ସୃଷ୍ଟି କରିଛନ୍ତି। ସୋମବାର ଅନ୍ତିମ ସତ୍କାର ପୂର୍ବରୁ ସାଗରିକାଙ୍କ ସ୍ୱାମୀ, ଶାଶୁ-ଶ୍ୱଶୁର, ମାତା-ପିତା ଓ ପରିବାର ସଦସ୍ୟମାନେ ମିଳି ତାଙ୍କ ଚକ୍ଷୁଦାନ କରିବାର ନିଷ୍ପତ୍ତି ନେଇଥିଲେ। ଏହି ଉଦାର ପଦକ୍ଷେପ ଅନ୍ୟ ଜଣେ ଅନ୍ଧ ବ୍ୟକ୍ତିକୁ ଆଲୋକ ଦେଖାଇବାର ଆଶା ସଂଚାର ହୋଇଛି।

# କ୍ଷତ୍ରିୟ ଖଣ୍ଡାୟତ ମହାସଭାର ବନ୍ଧୁମିଳନ, ସମ୍ବର୍ଦ୍ଧନା



ସମ୍ମାନିତ ହୋଇଥିବା ସ୍ୱେଚ୍ଛକୃତ ରକ୍ତଦାତାଙ୍କ ସହିତ ଅତିଥି ଓ କର୍ମକର୍ତ୍ତା।

**ସୁନ୍ଦରଗଡ଼,୨୭।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଭା ତରଫରୁ ପ୍ରଥମ ଥର ପାଇଁ ବନ୍ଧୁ ମିଳନ ଉତ୍ସବ ଓ ସମ୍ବର୍ଦ୍ଧନା ରବିବାର ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସମ୍ମାନିତ ଅତିଥି ଭାବରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହ, ସୁନ୍ଦରଗଡ଼ ପୌରପରିଷଦର ଉପନଗରପାଳ ଲଲାଟେନ୍ଦୁ ପରିଡା, ବଡ଼ଗାଁ ଆଇଟିଆଇର ପ୍ରତିଷ୍ଠାତା ରାମଚନ୍ଦ୍ର ନାଏକ, ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର, ଟାଉନ ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା, ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ଯୋଗ ଦେଇଥିଲେ। ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଭାର ସଭାପତି ତଥା ବରିଷ୍ଠ ଆଇନଜୀବୀ କମଳ ଲୋଚନ ସେନ ସଭା ପରିଚାଳନା କରିଥିଲେ। ସଭାରେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ସମ୍ମାନିତ କରାଯାଇଥିଲା। ଏହା ସହ ସିବିଏସଇ ମାଟ୍ରିକ ପରୀକ୍ଷା ଫଳରେ ସୁନ୍ଦରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଶ୍ରୀୟା ରାଉତ ୯୮.୪ % ମାର୍କ ରଖି ସୁନ୍ଦରଗଡ଼ ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ମଧ୍ୟ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଉପବାଚସ୍ପତି ତାଙ୍କ ବକ୍ତବ୍ୟରେ ଏହି ଅଭିନବ ପ୍ରୟାସ ସ୍ୱାଗତଯୋଗ୍ୟ ପଦକ୍ଷେପ ଅଟେ ବୋଲି କହିବା ସହ ଆଗାମୀ ଦିନରେ ଆହୁରି ଅଧିକରୁ ଅଧିକ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଚାଲୁରହିବ ଓ ତାଙ୍କ ଦ୍ୱାରା ଯାହା ହୋଇପାରିବ ତାର ବ୍ୟବସ୍ଥା ସେ କରେଇ ଦେବେ ବୋଲି କହିଥିଲେ। ଶେଷରେ ସମ୍ପାଦକ ଜୟନ୍ତ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଉପସଭାପତି ଅଶୋକ କୁମାର ସ୍ୱାଇଁ, କାଳିପଦ ସାମଲ, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ରାଉତ, ଗଗନ ସ୍ୱାଇଁ, ଲମ୍ବୋଦର ଜେନା, ପ୍ରସନ୍ନ ବରାଳ,ମନୋଜ କୁମାର ଲେଙ୍କା, ମନୋଜ ଧଳଙ୍କ ସମେତ ଅନ୍ୟ ସଦସ୍ୟମାନେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ଛାତ୍ରୀଛାତ୍ରଙ୍କ ପଥଚାରୀଙ୍କୁ ସରବତ ବଣ୍ଟନ

**ସୁନ୍ଦରଗଡ଼,୨୭।୪(ଜୟନାରାୟଣ ମେଣ୍ଡୁଲି)**

ପ୍ରଚଣ୍ଡ ଗ୍ରୀଷ୍ମ ତାପର ପ୍ରକୋପରେ ସମଗ୍ର ପଶ୍ଚିମ ଓଡ଼ିଶା ସିଝୁଥିବା ବେଳେ ଏଥିରୁ ବାଦ୍ ପଡିନାହିଁ ସୁନ୍ଦରଗଡ। ଏଭଳି ସ୍ଥିତିରେ ଜନଜୀବନ ଦୁର୍ବିସହ ହୋଇପଡୁଥିବାବେଳେ ସୋମବାର ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ତଥା ଛାତ୍ରୀଛାତ୍ର ପଥଚାରୀମାନଙ୍କୁ ସରବତ ବଣ୍ଟନ କରିଥିଲେ। ଏନଏସଏସ ଛାତ୍ରୀ ୟୁନିଟର ପ୍ରୋଗ୍ରାମ ଅଫିସର ଅନିତା କୁମାରୀ ପରଜା ଏବଂ ଛାତ୍ର ୟୁନିଟର ପୋଗ୍ରାମ ଅଫିସର ଶିବ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ସରବତ,ଜଳବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ବବିତା ଭିତ୍ରିଆଙ୍କ ଦ୍ୱାରା ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୧ଟାରୁ ୧୨ ପର୍ଯ୍ୟନ୍ତ ଚାଲିଥିଲା। ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ମହାବିଦ୍ୟାଳୟ ସମ୍ମୁଖ ରାସ୍ତା ଦେଇ ଯାଉଥିବା ପଥଚାରୀ ଓ ବାଇକ୍ ଆରୋହୀମାନଙ୍କୁ ଦହି ସରବତ ବଣ୍ଟନ ସହ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସଚେତନ କରିଥିଲେ।

ଛାତ୍ରୀଛାତ୍ର ଜଳବଣ୍ଟନ କରୁଛନ୍ତି।

# ଗୋ ସମ୍ମାନ ଆହ୍ୱାନ ଅଭିଯାନ: ତହସିଲଦାରଙ୍କୁ ଦାବିପତ୍ର

**କୁଆଁରମୁଣ୍ଡା,୨୭।୪(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋ ସୁରକ୍ଷା ସମିତି ଆନୁକୂଲ୍ୟରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ସ୍ଥାନୀୟ ଲୋକନାଥ ମନ୍ଦିର ପରିସରରୁ ବାହାରିଥିଲା। ୧୪୩ ନମ୍ବର ଜାତୀୟ ରାଜପଥର ଚେକ୍ ଗେଟ୍ ଛକ, ବଜରଙ୍ଗ ଛକ ଇତ୍ୟାଦି ପରିକ୍ରମା କରି ଶେଷରେ ତହସିଲ କାର୍ଯ୍ୟାଳୟରେ ଶୋଭାଯାତ୍ରା ପହଞ୍ଚିଥିଲା। ଗୋ ସୁରକ୍ଷା ସମିତି ପକ୍ଷରୁ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ





ଗୋ ସୁରକ୍ଷା ସମ୍ମାନ ନିମନ୍ତେ ୬ ଦଫା ସମ୍ବଳିତ ଦାବିପତ୍ର ତହସିଲଦାର ବିଶ୍ୱଜିତ ପ୍ରଧାନଙ୍କୁ ପ୍ରଦାନ କରାଯାଉଛି।

ଉଦ୍ଦେଶ୍ୟରେ ଏକ ୬ ଦଫା ସମ୍ବଳିତ ଦାବିପତ୍ର ତହସିଲଦାର ବିଶ୍ୱଜିତ ପ୍ରଧାନଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ଶୋଭାଯାତ୍ରାରେ ଶୈଳେଶ ତିୱାରୀ, ଅଞ୍ଜୟ ସାହୁ, ଶିବ ପ୍ରସାଦ ମହାପାତ୍ର, ଗୁରୁଚରଣ ସାହୁ, ସୁରେନ୍ଦ୍ର ନାଥ ସାହୁ, ସୁବାସ ତ୍ରିପାଠୀ,ସଚ୍ଚିନ ଗୋଏଲଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।

# ଗୋ-ମାତାକୁ ରାଷ୍ଟ୍ରମାତା ଘୋଷଣା ଦାବି



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବଡ଼ଗାଁ, ୨୭।୪(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଅଞ୍ଚଳର ଗ୍ରାମବାସୀ ଗୋ-ମାତାକୁ ଉପଯୁକ୍ତ ଅନୁସନ୍ଧାନ ଏବଂ ଅନୁଦାନ ଦିଆଯିବା, ଗୋ ହତ୍ୟା ସମ୍ପୂର୍ଣ୍ଣ ଭାବେ ସମାପ୍ତ କରିବା ଓ ଗୋ-ମାତାକୁ ରାଷ୍ଟ୍ରୀୟ ମାତା ଘୋଷଣା ଦାବି କରିଛନ୍ତି। ସୋମବାର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବାହ୍ନରେ ଗୋ ସମ୍ମାନ ଆହ୍ୱାନ ଅଭିଯାନର ବ୍ଲକ୍ ସଭାପତିଙ୍କ ସହିତ ସଭ୍ୟ ସୀତାରାମ କେଶରୀ, ଉଜାଗର ସା, ପର୍ଶୁରାମ ବାରିକ, ରୋମାଞ୍ଚ ପଟେଲ ଅଞ୍ଚଳବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ତହସିଲଦାରଙ୍କୁ ଦେଇଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**କୁତ୍ରା, ୨୭।୪ (ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର କୁତ୍ରା କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ସମୁଦାୟ ୩୦ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ସେଥିରୁ ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ଅଭିଯୋଗଗୁଡ଼ିକୁ ସମ୍ପର୍କିତ ବିଭାଗକୁ ପ୍ରେରଣ କରାଯାଇ ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବସରରେ ସୁନ୍ଦରଗଡ଼ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଉପଜିଲାପାଳ





ଅଭିଯୋଗ ଶୁଣାଣି ଶିବିରରେ ଅଧିକାରୀ, ବିଧାୟକ ଓ ଲୋକମାନେ।

ତେଜସ୍ୱିନୀ ବେହେରା, ସିଡିଓ ସୁରଞ୍ଜନ ସାହୁ, ବିଡିଓ ଗୋପିନାଥ ଖାଖାଙ୍କ ସମେତ ରାଜଗାଙ୍ଗପୁର ବିଧାୟକ ଡ. ରାଜେନ ଏକ୍କା ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଅଧିକାରୀମାନେ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ସହକାରେ ଶୁଣି ତାହାର ଶୀଘ୍ର ସମାଧାନ ନେଇ ପ୍ରତିଶ୍ରୁତି ଦେଇଥିଲେ।

# ୧୫ ଦିନ ପଡ଼ି ରହିଥିଲା ମୃତଦେହ, ବିଧାୟକ କରାଇଲେ ଅନ୍ତିମ ସତ୍କାର

**ବନ୍ଧମୁଣ୍ଡା, ୨୭।୪(ସୁବ୍ରତ ଦେ)**

ବନ୍ଧମୁଣ୍ଡା ଅଞ୍ଚଳର ତିଳକନଗର ସି-ବ୍ଲକରୁ ଏକ ଘଟଣା ସାମ୍ନାକୁ ଆସିଛି। ଏଠାରେ ବସବାସ କରୁଥିବା ଜଣେ ବ୍ୟକ୍ତିଙ୍କୁ ୧୧ ଏପ୍ରିଲରେ ଅସୁସ୍ଥ ହେବା ଯୋଗୁ ପରିବାର ଲୋକେ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରି ଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ୧୩ ଏପ୍ରିଲରେ ତାଙ୍କର ମୃତ୍ୟୁ ଘଟିଥିଲା। କିନ୍ତୁ ମୃତ୍ୟୁ ପରେ ତାଙ୍କର ମୃତଦେହ ନେବା ପାଇଁ ପରିବାରର କୌଣସିସଦସ୍ୟ ହସ୍ପିଟାଲକୁଆସିନଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ବାରମ୍ବାର ପରିବାର ଲୋକଙ୍କୁ ମୃତ୍ୟୁର ସୂଚନା ଦେଇଥିଲେ, କିନ୍ତୁ କେହି ସାମ୍ନାକୁ ଆସି ନ ଥିଲେ। ଯାହା ପରେ ଏହି ସମ୍ବନ୍ଧରେ ବନ୍ଧମୁଣ୍ଡା ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ମଧ୍ୟ ପରିବାର ଲୋକଙ୍କ ସହ ସଂଯୋଗ କରିବାକୁ ଅନେକ ପ୍ରୟାସ କରିଥିଲେ। ମାତ୍ର ପରିସ୍ଥିତିରେ କୌଣସି ପରିବର୍ତ୍ତନ ଆସି ନ ଥିଲା। ଅବଶେଷରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତିଙ୍କ ଚେଷ୍ଟାରେ ୧୫ ଦିନ ପରେ ମୃତଦେହର ବ୍ୟବଚ୍ଛେଦ କରାଯାଇ ସମ୍ମାନ ସହିତ ଅନ୍ତିମ ସତ୍କାର କରାଯାଇଛି। ଏହାର ସମସ୍ତ ଖର୍ଚ୍ଚ ବିଧାୟକ ନିଜେ ବହନ କରିଥିଲେ। ଏହି ମାନବିକ କାର୍ଯ୍ୟରେ ତିଳକନଗରର ଭାଜପା ନେତ୍ରୀ ସବିତା ସିଂହ ଓ ଶୋଭା ମାଝୀ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ସରକାରୀ ମହିଳା ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ବିହନ ଦିବସ

**ସୁନ୍ଦରଗଡ଼,୨୭।୪(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ସୋମବାର ବିଶ୍ୱବିହନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଇକୋ କ୍ଲବ୍, ଉଦ୍ଭିଦ ବିଜ୍ଞାନ ବିଭାଗ ଏବଂ ମିଳିତ ଜାତିସଂଘ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଜିସିଏସ୍ଏୱାଇଏନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ଡ. ଇନ୍ଦିରା ଗଡ଼ନାୟକ ସଭାପତିତ୍ୱ କରି ବିଶ୍ୱକୁ ଭାରତର ସମୃଦ୍ଧ ପାରମ୍ପରିକ ବିହନର ଅବଦାନ ବିଷୟରେ ଅବଗତ କରାଇଥିଲେ। ଉଦ୍ଭିଦ ବିଜ୍ଞାନର ବିଭାଗୀୟ ମୁଖ୍ୟ ଡ. ଶାରଦା ପ୍ରସାଦ ମହାପାତ୍ର ଛାତ୍ରୀମାନଙ୍କୁ ଏହି ଦିବସ ପାଳନର ଆବଶ୍ୟକତା ଓ ଉପାଦେୟତା ଉପରେ





ବିଶ୍ୱବିହନ ଦିବସ ପାଳନ ଅବସରରେ ଅତିଥି, ବକ୍ତାଙ୍କ ସହ ଛାତ୍ରୀମାନେ।

ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ତଥା ଇକୋକ୍ଲବର ସଂଯୋଜକ ଚିତ୍ତରଞ୍ଜନ ବାରିକ ଯୋଗଦେଇ ପୃଥିବୀରେ ଜୈବବିବିଧତା ତଥା ଖାଦ୍ୟ ନିରାପତ୍ତାର ସୁରକ୍ଷା ପାଇଁ ବିଶ୍ୱ ବିହନ ଦିବସର ଉପାଦେୟତା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀମାନେ ଉଦ୍ଭିଦ ବିଜ୍ଞାନ ବିଭାଗ ଦ୍ୱାରା ସ୍ଥାପନ କରାଯାଇଥିବା ସିଡ୍ ବ୍ୟାଙ୍କରେ ଥିବା ସହସ୍ରାଧିକ ମଞ୍ଜି ବିଷୟରେ ଅବଗତ ହୋଇଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ରୁନୁବାଳା ବେହେରା, ସହକାରୀ ପ୍ରଫେସର ଦୀପାଞ୍ଜଳି ହାଂସଦା, ନୟନ କୁମାର ଶଙ୍କରିଆ ଏବଂ ଛାତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ଘନଶ୍ୟାମ ଜୟ ପୁରିଆ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିରୋଧୀଦଳ ଦେଶର ମାତୃଶକ୍ତି ସହ ବିଶ୍ୱାସଘାତ କରିଛନ୍ତି

**ସୁନ୍ଦରଗଡ଼,୨୭।୪(ଜୟନାରାୟଣ ମେଣ୍ଡୁଲି)**

୧୭ତାରିଖ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ 'କଳା ଦିବସ' ଥିଲା। ଏହି ଦିନ କଂଗ୍ରେସ ଦଳ ନେତୃତ୍ୱରେ ସମଗ୍ର ବିରୋଧୀଦଳ ମିଳିମିଶି ଦେଶର ମହିଳାଙ୍କ ସ୍ୱପ୍ନକୁ ଚୁରମାର କରି ଦେଇଥିଲେ। ସମ୍ବିଧାନର ୧୩୧ ତମ ସଂଶୋଧନକୁ ଲୋକସଭାରେ ପରାଜିତ କରି ହସଖୁସିର ସହ ଉତ୍ସବ ପାଳନ କରିଥିଲେ। ଏହା ଦେଶର ମହିଳାଙ୍କ ପରାଜୟ ନୁହେଁ, ଏହା ବିରୋଧୀଙ୍କ ଅହଂକାରକୁ ଦର୍ଶାଏ। ଏହାର ଉତ୍ତର ଏ ଦେଶର ନାରୀଶକ୍ତି ନିଜ ଭୋଟ ମାଧ୍ୟମରେ ଦେବେ ବୋଲି ସୋମବାର ସୁନ୍ଦରଗଡଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପଞ୍ଚାୟତିରାଜ ଓ ଗ୍ରାମ୍ୟଉନ୍ନୟନବିଭାଗ ମନ୍ତ୍ରୀ ରବିନାରାୟଣ





ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ରବି ନାଏକ, ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମେତ ମହିଳା ମୋର୍ଚ୍ଚା କର୍ମକର୍ତ୍ତା।

ନାଏକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ମହିଳାଙ୍କ ସଶକ୍ତିକରଣ ପାଇଁ ଭାଜପା ନେତୃତ୍ୱାଧୀନ ଏନଡିଏ ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଐତିହାସିକ ପଦକ୍ଷେପ ନେବାକୁ ଯାଉଥିବା ବେଳେ ବିରୋଧୀମାନେ ଏହାକୁ ବିଫଳ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ବିରୋଧୀଦଳ ଦେଶର ମାତୃଶକ୍ତି ସହ ବିଶ୍ୱାସଘାତ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଯୋଗଦେଇ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ,ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମହିଳା ସଶକ୍ତିକରଣ ସମ୍ବନ୍ଧରେ ପଦକ୍ଷେପ ସାରା ଦୁନିଆ ଦେଖୁଛି। ଦେଶର ସମଗ୍ର ମହିଳା ସମାଜର ଭରସା ମୋଦୀଜୀଙ୍କ ଉପରେ ଅଛି। ମାତ୍ର ବିରୋଧୀ କଂଗ୍ରେସ, ବାମପନ୍ଥୀ ଦଳ,ଟିଏମସି ଓ ଓଡ଼ିଶାର ବିଜୁ ଜନତା ଦଳ ମହିଳାଙ୍କ ପାଇଁ ୩୩ପ୍ରତିଶତ ସଂରକ୍ଷଣ ବିଲକୁ ବିରୋଧ କରି ମହିଳା ବିରୋଧୀ ବୋଲି ପ୍ରମାଣିତ କରିଛନ୍ତି। ଆଗାମୀ ଦିନରେ ମହିଳା ଏହାର ଉଚିତ ଜବାବ ନିଶ୍ଚିତ ଭାବେ ଦେବେ ବୋଲି ସେ କହିଛନ୍ତି। ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ଲତିକା ପଟ୍ଟନାୟକ, ଜିଲା ଭାଜପା ସଭାପତି ଗିରିଶ ଚନ୍ଦ୍ର ସାହୁ, ଜିଲା ପ୍ରଭାରୀ ରାମଚନ୍ଦ୍ର ହାଁସଦା, ଯଶୋବନ୍ତ ନାଏକ, ଶାନ୍ତି ସରାଫ, ହିମାନୀ ପାଢ଼ୀ, କାନନବାଳା ବେହେରା, ଅନୁପମା ଟପ୍ପୋ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ମହାନଦୀ ଶୁଖିଲା: ଚିନ୍ତାରେ ଚାଷୀ, ମତ୍ସ୍ୟଜୀବୀ

ଝାରସୁଗୁଡ଼ା, ୨୭।୪(ଆଶିଷ ରଞ୍ଜନ ଦାଶ)


ଓଡ଼ିଶାର ସୀମାନ୍ତ ଅଞ୍ଚଳରେ ଶୁଖିଲା ପଡିଥିବା ମହାନଦୀ।

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ଅନେକ ସ୍ଥାନରେ ଜଳ ସଙ୍କଟ ଦେଖାଦେଇଛି। ଏଥିସହ ଅନେକ ନଦୀ ଶୁଖିଲା ପଡ଼ିଛି। ଅପରପକ୍ଷେ ଛତିଶଗଡ଼ ସରକାର ନିଜ ସୀମାରେ ମହାନଦୀ ଉପରେ ଏକାଧିକ ଡ୍ୟାମ୍ ଓ ବ୍ୟାରେଜ୍ ନିର୍ମାଣ କରି ଅଣମୌସୁମୀ ସମୟରେ ପାଣି ଅଟକାଇ ରଖୁଥିବାରୁ ଓଡ଼ିଶାର ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ସ୍ୱାଭାବିକ ଜଳପ୍ରବାହ ବାଧାପ୍ରାପ୍ତ ହେଉଛି। ଏଥିଯୋଗୁ ମରୁଡ଼ି ସମସ୍ୟା ସୃଷ୍ଟି ହେଉଛି। ସେହିପରି ବର୍ଷାଋତୁରେ ନିଜ ଅଞ୍ଚଳର ସୁରକ୍ଷା ପାଇଁ ଡ୍ୟାମ୍ ଗେଟ୍ ଖୋଲି ବନ୍ୟାପାଣି ଓଡ଼ିଶାକୁ ଛାଡୁଥିବାରୁ ମହାନଦୀ ଉପକୂଳରେ ଥିବା ଅଧିକାଂଶ ଗ୍ରାମରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ମୁଖ୍ୟତଃ ମହାନଦୀ ଓଡ଼ିଶାକୁ ପ୍ରବେଶ କରିଥିବା ଗ୍ରାମ ଶୁଖାସୋଡ଼ା ସହିତ ମହୁଲପାଲି, ମୁହୁଦି, ତରଭା, ଚିଖିଲି, ତିଲିଗି, କୁସମେଲ, ପଲସଦା ସହିତ ଅନେକ ଉପକୂଳବର୍ତ୍ତୀ ଗ୍ରାମ ମଧ୍ୟ ମରୁଡ଼ି ଓ ବନ୍ୟାରେ ପ୍ରଭାବିତ ହୋଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛି। ଓଡ଼ିଶା-ଛତିଶଗଡ଼ ସୀମାରେ ଥିବା କଲମା ବ୍ୟାରେଜର ଗେଟ୍‌ଗୁଡ଼ିକ ପ୍ରାୟତଃ ବନ୍ଦ ରଖାଯାଉଛି। ଗୋଟିଏ ଗେଟ୍ ଅତି ସାମାନ୍ୟ ଭାବେ ଖୋଲାଯାଉଥିବାରୁ ନଦୀପଠା ଏବେ ଶୁଖିଲା ପଡ଼ିଥିବା ଅଭିଯୋଗ ହୋଇଛି। ଫଳରେ ନଦୀକୂଳିଆ ଗ୍ରାମଗୁଡ଼ିକରେ ଜଳସଙ୍କଟ ଦେଖାଦେଇଛି। ଅଣମୌସୁମୀ ସମୟରେ ଛତିଶଗଡ଼ ପାଣି ଛାଡୁ ନ ଥିବାରୁ ନଦୀରେ ପାଣି ନାହିଁ। ଏହାଦ୍ୱାରା ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସେହିପରି ସ୍ଥାନୀୟ ମତ୍ସ୍ୟଜୀବୀ ମହାନଦୀରୁ ମାଛ ଧରି ନ ପାରି ଜୀବିକା ହରାଇଛନ୍ତି। ଫଳରେ ସେମାନେ ଏବେ ଅତି ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ପାଣି ଅଭାବରୁ ଫସଲ ନଷ୍ଟ ହେଉଥିବାବେଳେ ପାନୀୟଜଳ ପାଇଁ ଲୋକଙ୍କୁ ସଂଘର୍ଷ କରିବାକୁ ପଡୁଛି। ମହାନଦୀ ଜଳ ବିବାଦ ସମାଧାନ ପାଇଁ ଟ୍ରିବ୍ୟୁନାଲ ସମୟ ଗଡ଼ାଇ ଚାଲୁଥିବାବେଳେ ଝାରସୁଗୁଡ଼ା ଜିଲ୍ଲାର ଏହି ତଟବର୍ତ୍ତୀ ଗ୍ରାମଗୁଡିକର ଦୁଃଖ ବଢ଼ିଯାଉଛି।

ଏହି ସମସ୍ୟାର ଅତିଶୀଘ୍ର ସ୍ଥାୟୀ ସମାଧାନ ପାଇଁ ଉଭୟ ରାଜ୍ୟ ମଧ୍ୟରେ ସମନ୍ୱୟ ଏବଂ ଟ୍ରିବ୍ୟୁନାଲ୍‌ର ହସ୍ତକ୍ଷେପ ଜରୁରୀ ବୋଲି ମହାନଦୀ ଉପକୂଳବର୍ତ୍ତୀ ଗ୍ରାମର ବିଦ୍ୟାଧର ପ୍ରଧାନ, ସୁବାସ ମାଝୀ, ବାସୁଦେବ ମାଝୀ, ଧନରାମ ପାଣ୍ଡେ, ପ୍ରେମାନନ୍ଦ ସାହୁ, ବାସୁଦେବ ମାଝୀ, ଟିକାରାମ ଭୋଇ, କେଶବ ପ୍ରଧାନଙ୍କ ସମେତ ଅନେକ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# ଯୁବତୀଙ୍କୁ ଗଣବଳାତ୍କାର: ୪ ଅଭିଯୁକ୍ତ ଗିରଫ


ଗିରଫ ୪ ଅଭିଯୁକ୍ତ।

ଦେବଗଡ଼, ୨୭।୪(ଶଶାଙ୍କ ଶେଖର ଝାଙ୍କର)

ଯୁବତୀଙ୍କୁ ଗଣବଳାତ୍କାର କରିବା ଅଭିଯୋଗରେ ବାରକୋଟ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଦେବଗଡ଼ ଜିଲା ବାରକୋଟ ଥାନା ଅଧୀନ ବଳିତା ଗ୍ରାମର ଉଦିଆ ଧୀବର(୨୬), ଡାକ୍ତର ଭୂୟାଁ(୩୩), ମନୋଜ ମହାକୁଲ(୨୨) ଏବଂ ଇନ୍ଦ୍ରାଣୀଝରଣ ଗ୍ରାମର କେଙ୍ଗାଲୁ ନାୟକ(୨୮)। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି।

ସୂଚନା ଅନୁଯାୟୀ, ଗତ ୨୦ ତାରିଖ ରାତିରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇ ଫେରୁଥିବାବେଳେ ୫ ଜଣ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ଏଥିସହ ଯୁବତୀଙ୍କ ନଗ୍ନ ଫଟୋ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏନେଇ ଯୁବତୀ ଜଣଙ୍କ ରବିବାର ବାରକୋଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୭୪/୨୬) ରୁଜୁ କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୁଶାନ୍ତ ବଢ଼େଇ ସୂଚନା ଦେଇଛନ୍ତି।

# ୧୫ ଦିନ ହେଲା ଜଳଯୋଗାଣ ବନ୍ଦ

## ଲୋକେ ଅସନ୍ତୁଷ୍ଟ


ଷ୍ଟାଣ୍ଡପୋଷ୍ଟରୁ ପାଣି ବାହାରୁ ନାହିଁ।

କୋଲାବିରା, ୨୭।୪(ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ କେଲେଣ୍ଡାମାଲ ପଞ୍ଚାୟତ ଗୁଡିଗାଁ ଗ୍ରାମର ନିର୍ଗୁନଡିହି ପଡ଼ାରେ ପ୍ରାୟ ୧୫ ଦିନ ହେଲା ପାଇପ୍ ଯୋଗେ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ଏଠାରେ ମେଗା ଜଳ ଯୋଗାଣ ପ୍ରକଳ୍ପ ଫେଲ୍ ମାରିଥିବା ଅଭିଯୋଗ ହେଉଛି । ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, ନିର୍ଗୁନଡିହି ପଡ଼ାରେ ପୂର୍ବରୁ ଗ୍ରାମ୍ୟ ଜଳ ଯୋଗାଣ ବ୍ୟବସ୍ଥା ନ ଥିଲା। ହେଲେ ଏବେ ମେଗା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ସହ ଏହି ପଡ଼ାର ସମସ୍ତ ଘର ସମ୍ମୁଖରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଥିଲା। ଏଥିସହ ପାଇପ୍ ଯୋଗେ ପ୍ରାୟ ଦେଢ଼ ମାସ ପୂର୍ବେ ଜଳ ଯୋଗାଣ ଆରମ୍ଭ ହୋଇଥିଲା । ହେଲେ ପ୍ରାୟ ୧୫ ଦିନ ହେଲା ଷ୍ଟାଣ୍ଡପୋଷ୍ଟରେ ପାଣି ଆସିବା ବନ୍ଦ ହୋଇଯାଇଛି। ପାଣି ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଜଳ ଯୋଗାଣ ହୋଇ ନ ଥିବାରୁ ପଡାବାସୀ କାହାକୁ ଅଭିଯୋଗ ଜଣାଇବେ ତାହା ଜାଣିପାରୁନାହାନ୍ତି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ପାଣି ଆସୁ ନ ଥିବାରୁ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ କୋଲାବିରା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଞ୍ଜିତାବାଲା ଦାସ କହିଛନ୍ତି, ମେଗା ଜଳ ଯୋଗାଣ ପ୍ରକଳ୍ପ ତରଫରୁ ଜଳ ଯୋଗାଣ ପାଇଁ ଏବେ କେବଳ ପରୀକ୍ଷା ଚାଲିଛି। ବର୍ତ୍ତମାନ ସୁଦ୍ଧା କୋଲାବିରା ବ୍ଲକ୍‌ର ୬ଟି ଗ୍ରାମକୁ ଜଳଯୋଗାଣ ହୋଇପାରିଛି। ତେବେ ନିର୍ଗୁନଡିହିକୁ ମାସେ ପାଣି ଆସିଲା ଓ ପୁଣି କେଉଁ କାରଣରୁ ବନ୍ଦ ହୋଇଗଲା ତାହା ତଦନ୍ତ କରି ଜଣାଇବି।

# ଫ୍ଲଡ୍‌ଲାଇଟ୍ ଫୁଟ୍‌ବଲ ଟୁର୍ନାମେଣ୍ଟ: ରାଜପୁର ଚାମ୍ପିୟନ


କାର୍ଯ୍ୟକ୍ରମରେ ଉପସ୍ଥିତ ଖେଳାଳିଙ୍କ ଗହଣରେ ଅତିଥି।

ବେଲପାହାଡ଼, ୨୭।୪ (ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳ ଅନ୍ତର୍ଗତ ୧୧ ନମ୍ବର ୱାର୍ଡର ଝଣ୍ଡାପଡ଼ା ପଡ଼ିଆଠାରେ ପିଆର୍ ଚାକି କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ଦ୍ୱି-ରାତ୍ର ଫ୍ଲଡ୍‌ଲାଇଟ ସେଭେନ-ଏ-ସାଇଡ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଇମ୍ରାନ ଏକାଦଶ ରାଜପୁର ଟିମ୍ ଘରୋଇ ପିଆର୍ ଚାକି କ୍ଲବ୍‌କୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ପ୍ରଥମଥର ଏହି ଅଞ୍ଚଳରେ ସେଭେନ-ଏ-ସାଇଡ୍ (୭ ଜଣିଆ) ରାତ୍ରିକାଳୀନ ଫୁଟ୍‌ବଲ ଆୟୋଜନ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ପିଆର୍ ଚାକି କ୍ଲବ୍ ଟାଇବ୍ରେକରରେ ବେଗିନାଲା ଟିମ୍‌କୁ ୨-୧ ଗୋଲ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଇମ୍ରାନ ଏକାଦଶ ରାଜପୁର ଦଳ ୧-୦ ଗୋଲରେ କାଡୁପଡ଼ାକୁ ପରାସ୍ତ କରିଥିଲା। ଶନିବାର ଉଦ୍‌ଘାଟନୀ ଉତ୍ସବରେ ଜିଲା ଆଥଲେଟିକ୍ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ତାପସ ରାୟଚୌଧୁରୀ, ସାଧାରଣ ସମ୍ପାଦକ ବିଜୟ ବେହେରାଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ରବିବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ତଥା କଳାକାର ଅର୍ଜୁନ ସେଦ୍ରିଆ ଯୋଗଦେଇ ବିଜେତା ଓ ରନରଅପ୍ ଟିମ୍‌ର ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପିଆର୍ ଚାକି କ୍ଲବ୍ ସଭାପତି କିରାତି ମୁଖୀଙ୍କ ନେତୃତ୍ୱରେ କ୍ଲବ୍‌ର ସଦସ୍ୟ, ଟିଆର୍‌ଏଲ୍ କ୍ରୋଶାକି କମ୍ପାନୀର ସିଏସ୍‌ଆର୍ ବିଭାଗ ଏବଂ ସ୍ଥାନୀୟ କ୍ରୀଡ଼ାପ୍ରେମୀଙ୍କ ସହଯୋଗରେ ଏହି ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।

# ଅଂଶୁଘାତରେ ଅଚିହ୍ନା ବୃଦ୍ଧାଙ୍କ ମୃତ୍ୟୁ ଅଭିଯୋଗ

କୋଲାବିରା, ୨୭।୪(ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅଧୀନ ନେଟିଡିହି ଗ୍ରାମରେ ରବିବାର ସନ୍ଧ୍ୟାରେ ଜଣେ ଅଚିହ୍ନା ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ୨/୩ ଦିନ ହେଲା ବୃଦ୍ଧା ଜଣଙ୍କ ପତ୍ରାପାଲି, ନେଟିଡିହି, ରଘୁନାଥପାଲି ଅଞ୍ଚଳରେ ବୁଲାବୁଲି କରୁଥିଲେ। ରବିବାର ସନ୍ଧ୍ୟାରେ ନେଟିଡିହି ଗ୍ରାମର ଏକ ଚାଷ ଜମିରେ ବୃଦ୍ଧା ଜଣଙ୍କ ଅଚେତ ଅବସ୍ଥାରେ ପଡିଥିବା ଗ୍ରାମବାସୀ ଦେଖି କୋଲାବିରା ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଗ୍ରାମବାସୀଙ୍କ ଉଦ୍ୟମରେ ବୃଦ୍ଧାଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବୃଦ୍ଧାଙ୍କ ପରିଚୟ ଖୋଜିବା ପାଇଁ ଉଦ୍ୟମ ଚଳାଇଛି। ବୃଦ୍ଧାଙ୍କ ବୟସ ୬୦ରୁ ୬୫ ବର୍ଷ ହେବ ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ସନ୍ତୋଷ ପ୍ରଧାନ କହିଛନ୍ତି। ସିଡିଏମ୍‌ଓ ଦାୟିତ୍ୱରେ ଥିବା ଶଶିଶେଖର ସେଠୀ କହିଛନ୍ତି, ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ। ମୃତାଙ୍କ ପରିବାରକୁ ଖୋଜା ଚାଲିଛି ବୋଲି ସେଠୀ କହିଛନ୍ତି।

# ସମସ୍ୟା ସମାଧାନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

## ଜନଅଭିଯୋଗ ଶୁଣାଣି ଶିବିର

ଦେବଗଡ଼, ୨୭।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ପଳସମା ଗ୍ରାମପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୨୪ଟି ବ୍ୟକ୍ତିଗତ ଏବଂ ୨୮ଟି ସାମୂହିକ ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ଜମିବାଡ଼ି ବିବାଦ, ଲେବର କାର୍ଡ, ଶିକ୍ଷକ ନିଯୁକ୍ତି ଓ ବଦଳି, ପାନୀୟ ଜଳ, ରାସ୍ତା ମରାମତି ସମ୍ପର୍କିତ ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡ଼ିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଏସ୍‌ପି ଅନିଲ କୁମାର ମିଶ୍ର, ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରିକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ଓ ତହସିଲଦାରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଆଜିଠୁ ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା

ଝାରସୁଗୁଡ଼ା, ୨୭।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବିଟିଏମ୍ ପଡିଆରେ ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହିମେଳା ଆସନ୍ତା ମେ' ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ମୋଟ ୧୨୦ଟି ଷ୍ଟଲ ରହିଛି। ସେଥିମଧ୍ୟରେ ଝାରସୁଗୁଡ଼ା ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ସଦସ୍ୟାଙ୍କ ପାଇଁ ୪୮ ଷ୍ଟଲ୍ ଓ ଅନ୍ୟ ଜିଲାର ଏସ୍‌ଏଚ୍‌ଜି ସଦସ୍ୟାଙ୍କ ପାଇଁ ୬୦ ଷ୍ଟଲ୍ ରହିଛି। ଏଥିସହ ଗଣମାଧ୍ୟମ, ପୋଲିସ, ଅଗ୍ନିଶମ, ଆଶୁ ଚିକିତ୍ସା କେନ୍ଦ୍ର ସହିତ ଆଇଇସିକୁ ମିଶାଇ ୧୨ଟି ଷ୍ଟଲ ରହିବ। ଏହି ଷ୍ଟଲଗୁଡ଼ିକରେ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ହାତ ତିଆରି ସାମଗ୍ରୀଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଖାଦ୍ୟ ସ୍ଥାନ ପାଇବ। ଏ ସମ୍ପର୍କରେ ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ସୂଚନା ଦେଇଛନ୍ତି। ଏହି ମେଳାରେ ପାରମ୍ପରିକ ଖାଦ୍ୟକୁ ନେଇ ଏକ ଫୁଡ୍‌କୋର୍ଟ ଖୋଲିବ। ଏଥିସହ ମେଳାରେ ପାନୀୟଜଳ ଓ ଶୌଚାଳୟ ବ୍ୟବସ୍ଥା, ଆଲୋକୀକରଣ, ସୁରକ୍ଷା ପାଇଁ ସୁରକ୍ଷାକର୍ମୀ, ଆମ୍ବୁଲାନ୍ସ ଏବଂ ଆଶୁ ଆରୋଗ୍ୟ କେନ୍ଦ୍ର ମଧ୍ୟ ଖୋଲାଯିବ। ମଞ୍ଚ ସମ୍ମୁଖରେ ୧୦୦୦ ଲୋକଙ୍କ ବସିବା ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରତ୍ୟେକ ଦିନ ୫ ହଜାର ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଏହି ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ସୂର୍ଯ୍ୟାଂଶୁ ରୁଦ୍, ଓରମାସ୍‌ର ଡେପୁଟି ସିଇଓ ଯୁବରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜନ ଅଭିଯୋଗ ଶୁଣାଣି ଶିବିର



ଲଇକେରା, ୨୭।୪(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ୍ ସଭାଗୃହରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରିଥିଲେ। ଶିବିରରେ ମୋଟ ୩୦ଟି ଅଭିଯୋଗ ହୋଇଥିଲା। ବିଶେଷକରି ବିଦ୍ୟୁତ୍ ସଂଯୋଗୀକରଣ, ଜମି ଚିହ୍ନଟ, ଭିନ୍ନକ୍ଷମ ଭତ୍ତା, ଆର୍ଥିକ ସହାୟତା, ଜମି ବିବାଦ, ପକ୍କାଘର ପାଇବା, କିର୍ମିରା ଗ୍ରାମରେ ଥିବା ପ୍ରାଣୀ ଚିକିତ୍ସାଳୟରେ ଡାକ୍ତର ନିଯୁକ୍ତି, ବାଗଡିହି ଗ୍ରାମ ମୁଖ୍ୟ ରାସ୍ତା ମରାମତି ଓ ବାଇପାସ୍ ରାସ୍ତା ନିର୍ମାଣ, ବୈଜାପାଲି ଗ୍ରାମକୁ ଆମ ବସ ଚଳାଚଳ, ୨୦୨୪-୨୦୨୫ ମସିହାର ଧାନକିଣା ବାବଦକୁ କମିଶନ ଟଙ୍କା ପାଇ ନ ଥିବା ଭଳି ଅଭିଯୋଗ ହୋଇଥିଲା। ଏହି ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଏସ୍‌ଡିପିଓ ଉମାଶଙ୍କର ସିଂହ, ବ୍ଲକ୍ ଉପାଧ୍ୟକ୍ଷା ସାବିତ୍ରୀ ମାଝୀ, ବିଡିଓ ଅଭିନାଶ ଲାକ୍ରା, ତହସିଲଦାର ସଞ୍ଜୀବ କୁଲୁ, ଲଇକେରା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ମେହେରଙ୍କ ସମେତ ଜିଲା ଓ ବ୍ଲକ୍‌ର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

# ୯ମ ଜିଲା ପେଞ୍ଚାକ ସିଲାଟ ଚାମ୍ପିୟନଶିପ

## ୨୦୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କ ଅଂଶଗ୍ରହଣ


ପ୍ରତିଯୋଗିତାରେ ଯୋଗଦେଇଥିବା ଖେଳାଳି।

ଝାରସୁଗୁଡ଼ା, ୨୭।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ପେଞ୍ଚାକ ସିଲାଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଏକ ହୋଟେଲଠାରେ ୯ମ ଜିଲା ପେଞ୍ଚାକ ସିଲାଟ ଚାମ୍ପିୟନଶିପ-୨୦୨୬ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ନିଜର କ୍ରୀଡ଼ାକୌଶଳ ପ୍ରଦର୍ଶନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଡିଏଏ ସାଧାରଣ ସମ୍ପାଦକ ତଥା ଓଡ଼ିଶା ଅଲିମ୍ପିକ ଆସୋସିଏଶନର କାଉନ୍‌ସିଲ ସଦସ୍ୟ ବିଜୟ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପିଏସ୍‌ଏଓ ଅଧ୍ୟକ୍ଷ ତାପସ ରାୟ ଚୌଧୁରୀ, ଜିଏଚ୍‌ଭିଏମ୍‌ର ପ୍ରିନ୍ସିପାଲ ସଞ୍ଜୁକ୍ତା ଦାଶ, ଜେସିଆଇ ମେଣ୍ଟର ସୁଧା ଅବସ୍ଥି, ଭଲିବଲ ସେକ୍ରେଟାରି ବିଷ୍ଣୁ ନାୟକ, ଜାତୀୟ ରେଫରି ଆଶୁତୋଷ ନାୟକ ଏବଂ ଗୁରୁ ପ୍ରେମ ସିଂହ ଥାପା ଯୋଗଦେଇଥିଲେ। ସେହିପରି ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନର କମାଣ୍ଡାଣ୍ଟ ପ୍ରସାଦ ତାମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣେଶ ନାୟକ, ବିଜୟ ଦାଶ, ପ୍ରଜ୍ୱଳ ପଟେଲ ଓ ଖୁସ୍‌ବୁ ସାହୁ ଉପସ୍ଥିତ ଥିଲେ। ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଏହି ଚାମ୍ପିୟନଶିପ୍ ମାଧ୍ୟମରେ ଝାରସୁଗୁଡ଼ା ଜିଲା ଟିମ୍ ଗଠନ କରାଯାଇଛି। ମନୋନୀତ ଖେଳାଳି ଆଗାମୀ ରାଜ୍ୟସ୍ତରୀୟ ପେଞ୍ଚାକ ସିଲାଟ ଚାମ୍ପିୟନଶିପ୍‌ରେ ଜିଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ।

# କିର୍ମିରା ପିଏମ୍‌ଶ୍ରୀ ସ୍କୁଲ ପରିଦର୍ଶନ କଲେ ଜିଲାପାଳ

ଝାରସୁଗୁଡ଼ା, ୨୭।୪
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ୍ ସଦର ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟକୁ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ସୋମବାର ପରିଦର୍ଶନରେ ଯାଇଥିଲେ। ସେଠାରେ ଥିବା ପିଇବାପାଣି, ଶୌଚାଳୟ ଓ ପରିମଳ ବ୍ୟବସ୍ଥା ସହ ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ମୋ ସ୍କୁଲ ଅଭିଯାନ ପାଣ୍ଠିରୁ ୩ ଲକ୍ଷ ୬୦ ହଜାର ଟଙ୍କା ଉଠାଣ ହୋଇ ଏହି ସବୁ କାର୍ଯ୍ୟ ହୋଇ ନ ଥିବାରୁ ଅଭିଭାବକ, ସ୍କୁଲ କମିଟି ଓ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଣୁ ଜିଲାପାଳ ସୋମବାର କିର୍ମିରା ବ୍ଲକ୍‌ରେ ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବା ପରେ ବିଦ୍ୟାଳୟ ପରିଦର୍ଶନ କରି ପ୍ରଧାନ ଶିକ୍ଷକଙ୍କୁ ତାଗିଦ୍ କରିଥିଲେ। ଉକ୍ତ ଟଙ୍କାରେ କାର୍ଯ୍ୟ ହେବା କଥା ନ ହେଲେ ଟଙ୍କା ବ୍ୟାଙ୍କରେ ଜମା ହେବା କଥା ବୋଲି ଜିଲାପାଳ କହିଥିଲେ।

# ବ୍ୟାରେଜ ନିର୍ମାଣ ଦାବିରେ ଧାରଣା

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କୋଲାବିରା, ୨୭।୪(ସଞ୍ଜୟ ପୂଜାରୀ)


ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ଧାରଣାରେ ବସିଛନ୍ତି।

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ସମାସିଂହା ପଞ୍ଚାୟତ ଅଧୀନ ଭେଡେନ୍ ନଦୀକୂଳରେ ଥିବା ପାର୍ବତୀଗିରି ମେଗା ଜଳସେଚନ ପ୍ରକଳ୍ପ ସ୍ଥାନରେ ଗୋଟିଏ ବ୍ୟାରେଜ୍ ନିର୍ମାଣ ଦାବିରେ ସୋମବାର ପଞ୍ଚାୟତ କୃଷକ ସଂଘ ପକ୍ଷରୁ କୋଲାବିରା ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଚାଷୀ ସଂଘର ଦାବି ଅନୁଯାୟୀ, ୨୦୧୭ ମସିହାରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଏହି ମେଗା ଜଳସେଚନ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଲକ୍ଷ୍ୟ ଥିଲା ପ୍ରାୟ ୨ ହଜାର ଏକର ଜମିକୁ ଜଳସେଚନ କରିବା। ମାତ୍ର ବିଭାଗୀୟ ଯନ୍ତ୍ରୀଙ୍କ ଦୂରଦୃଷ୍ଟି ଅଭାବରୁ ଉକ୍ତ ପ୍ରକଳ୍ପକୁ ନଦୀକୂଳର ଏକ ଉଚ୍ଚ ସ୍ଥାନରେ ସ୍ଥାପନ କରାଯାଇଛି। ଫଳରେ ବର୍ଷାଋତୁ ବ୍ୟତୀତ ଅନ୍ୟ ମାସରେ ଏହି ପ୍ରକଳ୍ପରୁ ଜଳସେଚନ ହୋଇପାରୁନାହିଁ । ଫଳରେ ଏହି ପ୍ରକଳ୍ପ ଚାଷୀମାନଙ୍କ ପାଇଁ ମୂଲ୍ୟହୀନ ହୋଇପଡ଼ିଛି। ଏହି ପ୍ରକଳ୍ପ ପାଇଁ ୨ ଜଣ ଅପରେଟର, ବିଦ୍ୟୁତ୍ କର୍ମଚାରୀ, ଇଞ୍ଜିନିୟର ଓ ଜଗୁଆଳି ନିୟୋଜିତ ହୋଇଛନ୍ତି। ହେଲେ ସେମାନେ ବିନା କାମରେ ଦରମା ନେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିପାଇଁ ସରକାରଙ୍କ ବାର୍ଷିକ ପ୍ରାୟ କୋଟିଏ ଟଙ୍କା ଖର୍ଚ୍ଚ ହେଉଛି। ଏଣୁ ପ୍ରକଳ୍ପ ସ୍ଥାନରେ ଗୋଟିଏ ବ୍ୟାରେଜ ନିର୍ମାଣ କରାଗଲେ ଜଳସେଚନ ସମସ୍ୟା ଦୂର ହୋଇପାରିବ ବୋଲି ଚାଷୀମାନେ ମତପ୍ରକାଶ କରିଛନ୍ତି। ଉକ୍ତ ପ୍ରକଳ୍ପ ସ୍ଥାନରେ ଗୋଟିଏ ବ୍ୟାରେଜ ନିର୍ମାଣ ପାଇଁ ଦୀର୍ଘବର୍ଷ ହେଲା ଚାଷୀମାନେ ଦାବି କରିଆସୁଛନ୍ତି। ଏଥିପାଇଁ ପୂର୍ବ ସରକାର ସହ ବର୍ତ୍ତମାନର ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ କେବଳ ପ୍ରତିଶ୍ରୁତି ମିଳୁଛି। ହେଲେ ଏହି ପ୍ରତିଶ୍ରୁତି ପାଳନ କରାଯାଉ ନ ଥିବାରୁ ଚାଷୀମାନେ ଅତିଷ୍ଠ ହୋଇ ସୋମବାର ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ଆସନ୍ତା ୩ ତାରିଖ ମଧ୍ୟରେ ବ୍ୟାରେଜ୍ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରା ନ ଗଲେ ପଞ୍ଚାୟତର ଚାଷୀମାନେ ରାସ୍ତା ଅବରୋଧ ସହ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। କୃଷକ ସଂଘ ସଭାପତି ଚେତାନନ୍ଦ ପଟେଲଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ସେହିପରି ଦାବିପତ୍ର ପ୍ରଦାନବେଳେ ତୁଳାରାମ ସେନାପତି, ତୁଳେଶ୍ୱର ପଟେଲ, ଗୌତମ ନାଏକ, ଗୁରୁଚରଣ ସାହୁ, ହେମନ୍ତ ସାହୁଙ୍କ ସମେତ ବହୁସଂଖ୍ୟାରେ ଚାଷୀ ଉପସ୍ଥିତ ଥିଲେ।



ଚନ୍ଦକା ଗୋଡ଼ିବାରି ନେଚର୍ କ୍ୟାମ୍ପରେ ଦନ୍ତାହାତୀ ରାମୁ କଙ୍କାଳର ଢାଞ୍ଚା ପ୍ରସ୍ତୁତିର ଶେଷ ପର୍ଯ୍ୟାୟ କାମ ଆରମ୍ଭ ହୋଇଛି। ୨୫୦ ଖଣ୍ଡରୁ ଅଧିକ ହାଡ଼ରେ ବନବିଭାଗ ପକ୍ଷରୁ ରାମୁ କଙ୍କାଳକୁ ସୋମବାର ଛିଡ଼ା କରାଯାଇଛି। (ଫଟୋ: ଲିଙ୍ଗରାଜ ରାଉତ)

# ଆଜିଠୁ କାଳବୈଶାଖୀ

**ଝାରସୁଗୁଡ଼ା ପୁଣି ସବୁଠୁ ଉତ୍ତପ୍ତ**

**ଭୁବନେଶ୍ୱର, ୨୭।୪ (ବନ୍ଦନା ସେଠୀ)**

ଅସହ୍ୟ ଗରମ ଓ ଗୁଳୁଗୁଳିରୁ ମିଳିବ ଆଶ୍ୱସ୍ତି। ଲଗାତାର କିଛି ସପ୍ତାହ ଧରି ଜାରି ରହିଥିବା ଗ୍ରୀଷ୍ମପ୍ରବାହରେ ଲାଗିବ ବ୍ରେକ୍। ମଙ୍ଗଳବାରଠାରୁ ରାଜ୍ୟ ପାଣିପାଗରେ ବଡ଼ ପରିବର୍ତ୍ତନ ଆସିବା ନେଇ ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ସୂଚନାନୁସାରେ, ବଙ୍ଗୋପସାଗରରୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରଭାବରେ ଆଗାମୀ ପ୍ରାୟ ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ବର୍ଷା ଲାଗି ରହିବ। ମଙ୍ଗଳବାରଠାରୁ ମେ' ୨ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ବିଶେଷକରି ଆସନ୍ତା ୨୯ ତାରିଖରେ ଏକ ଟ୍ରଫ୍ ଲାଇନ ଯୋଗୁ ବର୍ଷାର ପରିମାଣ ଅଧିକ ରହିବ। ଏଥିସହ ପବନର ବେଗ ଘଣ୍ଟାପ୍ରତି ୫୦ରୁ ୬୦ କି.ମି. ପର୍ଯ୍ୟନ୍ତ ରହିବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ୨ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। କିନ୍ତୁ ମଙ୍ଗଳବାର ଝାରସୁଗୁଡା, ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ନୟାଗଡ଼ ଏବଂ ସୋନପୁର ଜିଲାରେ ଗ୍ରୀଷ୍ମପ୍ରବାହ ଜାରି ରହୁଥିବାରୁ ୱାର୍ନିଂ ଜାରି କରାଯାଇଛି। ସେହିପରି ଝାରସୁଗୁଡ଼ା, ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ନୟାଗଡ଼, ସୁନ୍ଦରଗଡ଼, ସମ୍ବଲପୁର ଓ ସୋନପୁର ଜିଲାରେ ରାତି ସମୟରେ ଗୁଳୁଗୁଳି ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ପ୍ରବଳ ଗରମ ଓ ଗୁଳୁଗୁଳି ପାଇଁ ୱାର୍ନିଂ ଦିଆଯାଇଛି। ତେବେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳ ଜିଲାର କିଛିସ୍ଥାନରେ ଘଡ଼ଘଡ଼ି ସହିତ ବର୍ଷା ଓ ପବନ ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ସୋମବାର ରାଜ୍ୟର ୧୫ ସହରର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଥିଲା। ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୪୪.୭ ଡିଗ୍ରୀ ଛୁଇଁଥିବାବେଳେ ବରଗଡ଼ ୪୩.୯, ବୌଦ୍ଧ ୪୩.୫, ବଲାଙ୍ଗୀର ୪୩.୩, ସମ୍ବଲପୁର ଓ ନୂଆପଡ଼ା ୪୩.୨, ରାଉରକେଲା, ଟିଟିଲାଗଡ଼, ହୀରାକୁଦ ଏବଂ ସୁନ୍ଦରଗଡ଼ ୪୩, ସୋନପୁର ୪୨.୮, ତାଳଚେର ୪୨.୬, ଅନୁଗୋଳ ୪୨.୩, ଭବାନୀପାଟଣା ୪୨.୨ ଏବଂ ନୟାଗଡ଼ରେ ୪୧.୨ ଡିଗ୍ରୀ ରେକର୍ଡ ହୋଇଛି।

## ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

**କେନ୍ଦୁଝର,୧୭।୪(ନରେଶ ଚନ୍ଦ୍ର ପଟ୍ଟନାୟକ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଙ୍ଗଳବାର କେନ୍ଦୁଝର ଗସ୍ତ କରିବେ। ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସରକାରୀ ଓ ଘରୋଇ କାର୍ଯ୍ୟକ୍ରମରେ ଯୋଗ ଦେବାର ରହିଛି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ସକାଳ ୯ଟା ୩୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ପୂର୍ବାହ୍ନ ୧୦ଟା ୩୦ରେ ଯୋଡ଼ାସ୍ଥିତ ଉଚ୍ଚବାଲିଠାରେ ଘଟିକାରେ ଉଚ୍ଚ କ୍ଷମତା ସମ୍ପନ୍ନ ଗ୍ରୀଡ୍ ସବ୍‌ଷ୍ଟେଶନର ଭିତ୍ତିପ୍ରସ୍ତର ସ୍ଥାପନା କରିବେ। ମଧ୍ୟାହ୍ନ ୧୨ଟା ୨୦ରେ ଚମ୍ପୁଆସ୍ଥିତ ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀରେ ଯୋଗଦେବାର ସୂଚନା ମିଳିଛି।

## ଆଜି 'କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ'

**ଭୁବନେଶ୍ୱର, ୨୭।୪(ବନ୍ଦନା ସେଠୀ)**

ଏପ୍ରିଲ ୨୮କୁ 'କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ' ଭାବେ ପାଳନ କରାଯାଉଛି। କାର୍ଯ୍ୟସ୍ଥଳରେ ହେଉଥିବା ଦୁର୍ଘଟଣା, ରୋଗ ଏବଂ ମୃତ୍ୟୁକୁ ରୋକିବା ଦିଗରେ ସଚେତନତା ବୃଦ୍ଧି କରିବା ସହିତ ସୁରକ୍ଷିତ ଓ ସୁସ୍ଥ କାର୍ଯ୍ୟ ବାତାବରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଅନ୍ତଃରାଷ୍ଟ୍ରୀୟ ଶ୍ରମ ସଂଗଠନ (ଆଇଏଲ୍‌ଓ) ଦ୍ୱାରା ସମର୍ଥିତ ଏହି ଦିବସ ୨୦୦୩ରୁ ପ୍ରତିବର୍ଷ ପାଳନ କରାଯାଉଛି। ଚଳିତ ବର୍ଷର ପ୍ରସଙ୍ଗ ହେଉଛି 'କାର୍ଯ୍ୟସ୍ଥଳରେ ସାଇକୋଲୋଜିକାଲ୍ ରିସ୍କକୁ କମ୍ କରିବା ଏବଂ ମାନସିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା'। କାର୍ଯ୍ୟସ୍ଥଳରେ ନିୟମିତ ସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ, ହେଲ୍‌ମେଟ୍, ଗ୍ଲୋଭ୍ସ ଏବଂ ଜୋତା ଭଳି ପିପିଇ କିଟ୍ ବ୍ୟବହାର, ସୁରକ୍ଷିତ କାର୍ଯ୍ୟ ବାତାବରଣ ନୀତି ଲାଗୁ କରିବା ଆଦି ସୁରକ୍ଷା ପଦକ୍ଷେପ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ରହିଛି।

## ବିଚାରପତି ସତ୍ୟପୀର ମିଶ୍ରଙ୍କ ପରଲୋକ



**ତାଳଚେର, ୨୭।୪ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ବ୍ରାହ୍ମଣ ଶାସନର ଆଇନଜୀବୀ ସ୍ୱର୍ଗତ ଦିବାକର ମିଶ୍ରଙ୍କ ୪ର୍ଥ ପୁତ୍ର ତଥା କଟକ ଜିଲା ଟ୍ୟାକ୍ସ ଟ୍ରିବୁନାଲର ବିଚାରପତି ଭାବେ କାର୍ଯ୍ୟରତ ସତ୍ୟପୀର ମିଶ୍ର (୫୮)ଙ୍କ ପରଲୋକ ଘଟିଛି। ସ୍ୱର୍ଗତ ମିଶ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। କିଛିଦିନ ହେଲା ଅସୁସ୍ଥତା କାରଣରୁ ସେ ଶଯ୍ୟାଶାୟୀ ଥିଲେ। ରବିବାର ରାତି ୧୨ଟାରେ କଟକସ୍ଥିତ ବାସଭବନଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ପରଲୋକ ସମ୍ପର୍କରେ ଜଣାପଡ଼ିବା ପରେ କଟକ ଓ ତାଳଚେରରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ତାଳଚେରସ୍ଥିତ ବାସଭବନରେ ପହଞ୍ଚିବା ପରେ ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ତାଳଚେର ଓକିଲ ସଂଘ କର୍ମକର୍ତ୍ତା, ସରକାରୀ ଓକିଲ, ଶତାଧିକ ଆଇନଜୀବୀ, ତାଳଚେର କୋର୍ଟର ପୂର୍ବତନ ସ୍ୱତନ୍ତ୍ର ସରକାରୀ ଓକିଲ ଗିରିଜା ଶଙ୍କର ମିଶ୍ର, ଓକିଲ ସଂଘର ପୂର୍ବତନ ସଭାପତି ଓ କର୍ମକର୍ତ୍ତା ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସହର ପରିକ୍ରମା ପରେ ମଣ୍ଡପାଳସ୍ଥିତ ଶାନ୍ତି ଧାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଫାଶୀ ଲଗାଇ ଶାଳୀ, ଭିଣୋଇଙ୍କ ଆତ୍ମହତ୍ୟା

**ବାଲେଶ୍ୱର,୨୭।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଧୀନ ସାହାଦା ଗ୍ରାମରେ ସୋମବାର ଘରେ କେହି ନ ଥିବାବେଳେ ଶାଳୀ ଓ ଭିଣୋଇ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ରବି ମାଝୀ(୨୩) ଏବଂ ତାଙ୍କ ଶାଳୀ ମୁନି ମୁର୍ମୁ(୧୮)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରବିଙ୍କ ବାପାଙ୍କ କହିବା ଅନୁଯାୟୀ, ରବି ମୟୂରଭଞ୍ଜ ଜିଲା ତେନ୍ତୁଳିମୁଣ୍ଡା ଗ୍ରାମରେ ବିବାହ କରିଥିଲେ। ପରେ ସେ ତାଙ୍କ ସ୍ତ୍ରୀଙ୍କ ବଡ଼ବାପାଙ୍କ ଝିଅ ମୁନିଙ୍କୁ ଗୋପନରେ ପ୍ରେମକରି ଚେନ୍ନାଇରେ ଯାଇ ରହୁଥିଲେ। ଏ ସମ୍ପର୍କରେ ରବିଙ୍କ ସ୍ତ୍ରୀ ଜାଣିବା ପରେ ବାପଘରକୁ ପଳାଇ ଯାଇଥିଲେ। କିଛିଦିନ ତଳେ ରବି ଓ ମୁନି ଚେନ୍ନାଇରୁ ଆସି ସହାଦା ଗ୍ରାମରେ ରବିଙ୍କ ଘରେ ରହୁଥିଲେ। ସୋମବାର ଘରେ କେହି ନ ଥିବା ସମୟରେ କୌଣସି କଥାକୁ ନେଇ ଦୁଇଜଣଙ୍କ ମଧ୍ୟରେ ଝଗଡ଼ା ଲାଗି ଉଭୟ ଘରେ ଫାଶୀ ଲଗାଇ ଦେଇଛନ୍ତି। ପରିବାର ଲୋକେ ଘରେ ପହଞ୍ଚି ଦେଖିବା ପରେ ଦୁଇଜଣଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ।

# ବସ୍‌ରେ ଆନ୍ଧ୍ର ଚାଲାଣବେଳେ ୧୩ ନାବାଳକ ଉଦ୍ଧାର

**ମାଲକାନଗିରି,୨୭।୪ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାରେ ଶିଶୁ ଚୋରା ଚାଲାଣ ଓ ଧର୍ମାନ୍ତରୀକରଣ ଘଟଣା ପୁଣି ସାମ୍ନାକୁ ଆସିଛି। ଆନ୍ଧ୍ରପ୍ରଦେଶର ବିଜୟୱାଡା ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍‌ରୁ ୧୩ ଜଣ ନାବାଳକଙ୍କୁ ମାଲକାନଗିରି ପୋଲିସ ସୋମବାର ଉଦ୍ଧାର କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ପୋଲିସ ଓ ଚାଇଲ୍ଡ ହେଲ୍ପଲାଇନ ପକ୍ଷରୁ ତଦନ୍ତ ଜାରି ରହିଛି।

ସୂଚନା ଅନୁଯାୟୀ, ସାଇ କ୍ରିଷ୍ଣା ନାମକ ଏକ ବସ୍ ମାଲକାନଗିରିରୁ ବିଜୟୱାଡା ଅଭିମୁଖେ ଯାଉଥିଲା। ଏହି ବସ୍‌ରେ କେତେଜଣ ପିଲାଙ୍କୁ ଚୋରା ଚାଲାଣ କରାଯାଉଥିବା ନେଇ ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮କୁ ଏକ ସୂଚନା ମିଳିଥିଲା। ଖବରପାଇ ମାଲକାନଗିରି ପୋଲିସ ଏବଂ ଚାଇଲ୍ଡ ହେଲ୍ପଲାଇନ ଟିମ୍ ମାଲକାନଗିରି ଥାନା ସମ୍ମୁଖରେ ବସ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ବସ୍‌ରୁ ୧୪ ଜଣ ପିଲାଙ୍କୁ ଉଦ୍ଧାର କରାଯାଇଥିଲା। ଯେଉଁଥିରେ ୧୩ ଜଣ ନାବାଳକ ଥିବା ଜଣାପଡିଛି। ଅନ୍ୟପଟେ ଉଦ୍ଧାର ହୋଇଥିବା ପିଲାମାନଙ୍କୁ ପ୍ରଥମେ ଡ୍ୟାନ୍ସ ପ୍ରୋଗ୍ରାମ କହି ନିଆଯାଉଥିବା ବେଳେ ପରେ ସେମାନଙ୍କୁ ଖ୍ରୀଷ୍ଟଧର୍ମର ଶିକ୍ଷା ଦେବା ପାଇଁ ନିଆଯାଉଥିବା କଥା ସାମ୍ନାକୁ ଆସିଛି। ପୋଲିସ ପକ୍ଷରୁ ପିଲାମାନଙ୍କୁ ସୁରକ୍ଷିତ ରଖାଯାଇଥିବା ବେଳେ ସେମାନଙ୍କ ମା'ବାପାଙ୍କୁ ଖବର ଦିଆଯାଇଛି। ବର୍ତ୍ତମାନ ସମସ୍ତ ପିଲାଙ୍କୁ ମାଲକାନଗିରି ଥାନାରେ ରଖାଯାଇଛି। ଜିଲା ଶିଶୁ ମଙ୍ଗଳ କମିଟିର ନିଷ୍ପତ୍ତି ପରେ ପିଲାମାନଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ତେବେ ଏହି ଘଟଣାରେ କୌଣସି ବଡ଼ ର୍‍ୟାକେଟ ସାମିଲ ଅଛି କି ନାହିଁ ସେ ନେଇ ପୋଲିସ ଅଧିକ ଖୋଳତାଡ଼ ଜାରି ରଖିଛି।



ଉଦ୍ଧାର ହୋଇଥିବା ପିଲାମାନେ।

# ରେଙ୍ଗାଲି ବାମ କେନାଲ ଡିଭିଜନ ଅଫିସ ସିଲ୍

**କାମାକ୍ଷାନଗର,୨୭।୪ (ସୁଧୀର ପରିଡ଼ା)**

ଜଣେ ଠିକାଦାରଙ୍କ ପ୍ରାୟ ୩ କୋଟିରୁ ଅଧିକ ଟଙ୍କାର ବିଲ୍ ପ୍ରଦାନ କରି ନ ଥିବାରୁ ଢେଙ୍କାନାଳ ଜିଲା କାମାକ୍ଷାନଗର ରେଙ୍ଗାଳି ବାମ କେନାଲ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସୋମବାର ସିଲ୍ କରାଯାଇଛି। କଟକ କମର୍ସିଆଲ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ କୋର୍ଟ କର୍ମଚାରୀ ଉକ୍ତ କାର୍ଯ୍ୟାଳୟକୁ ସିଲ୍ କରିଛନ୍ତି।

ସୂଚନା ଅନୁଯାୟୀ, କାମାକ୍ଷାନଗର ଅଞ୍ଚଳରେ ୨୦୦୪ ମସିହାରେ ପ୍ରାୟ ୯ କୋଟି ଟଙ୍କାର କେନାଲ କାମ କରିବା ପାଇଁ ଏକ ଠିକା ସଂସ୍ଥା ଚୁକ୍ତି କରିଥିଲା। ତେବେ କାମ ଚାଲିଥିବା ସମୟରେ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ସାଇଟ ଯୋଗାଇ ଦିଆଯାଇ ନ ପାରିବାରୁ ବିଭାଗ ନିଜ ଆଡୁ କାମ ବନ୍ଦ କରିଦେଇଥିଲା। ଏହାସହ ଠିକାଦାରଙ୍କ ୨ଟି କାମ ବାବଦକୁ ପ୍ରାୟ ୫୨ ଲକ୍ଷ ଏବଂ ୨୯ ଲକ୍ଷ ଟଙ୍କା ପ୍ରାପ୍ୟକୁ ମଧ୍ୟ ଅଟକାଇ ଦେଇଥିଲା। ଉକ୍ତ ବେକୟା ଅର୍ଥ ବର୍ତ୍ତମାନ ସୁଧ ସହ ମିଶି ପ୍ରାୟ ୩ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଠିକାସଂସ୍ଥା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ଠିକା ସଂସ୍ଥା ବିରୋଧରେ ଜଳସେଚନ ବିଭାଗ ପକ୍ଷରୁ ଜିଲା କୋର୍ଟ, ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମାମଲା କରାଯାଇଥିଲେ ମଧ୍ୟ ରାୟ ସପକ୍ଷରେ ଯାଇ ନ ଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଭାଗ ପକ୍ଷରୁ ଠିକାଦାରଙ୍କୁ ଟଙ୍କା ପ୍ରଦାନ କରା ନ ଯିବାରୁ ମାମଲା କଟକ କମର୍ସିଆଲ କୋର୍ଟକୁ ଯାଇଥିଲା। ୨ ବର୍ଷ ଧରି ମାମଲା ଚାଲିବା ପରେ ଅଧିକାରୀଙ୍କ ଉପସ୍ଥିତିରେ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଫିସକୁ ସିଲ୍ କରାଯାଇଛି।



କାମାକ୍ଷାନଗରସ୍ଥିତ ରେଙ୍ଗାଳି ବାମ କେନାଲ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସିଲ୍ କରାଯାଉଛି।

## ହାତୀ ଆକ୍ରମଣରେ ଜଣେ ମୃତ

**ବନ୍ତଲା,୨୭।୪(ସୁଶାନ୍ତ ସାହୁ)**

ଅନୁଗୋଳ ରେଞ୍ଜ ଶରଧାପୁର ପଞ୍ଚାୟତ ଗଦେଇମୁଣ୍ଡା ଗାଁର ଭୁବନ ପ୍ରଧାନ(୫୦)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ସବୁଦିନ ଭଳି ସୋମବାର ସକାଳେ ଭୁବନ ଏବଂ ତାଙ୍କ ସ୍ତ୍ରୀ ଗାଁ ନିକଟରେ ଥିବା ଜଙ୍ଗଲକୁ ଗାଈ ଚରେଇବା ପାଇଁ ଯାଇଥିଲେ। ସେହି ସମୟରେ ଭୁବନଙ୍କ ସ୍ତ୍ରୀଙ୍କୁ ହାତୀ ଗୋଡ଼ାଇଥିଲା। ଭୁବନ ତାଙ୍କୁ ପଳାଇଯିବା ପାଇଁ କହିଥିଲେ। ତାଙ୍କ ସ୍ତ୍ରୀ ଦୌଡ଼ି ପଳାଇଥିବାବେଳେ ଭୁବନ ହାତୀ ମୁହଁରେ ପଡ଼ିଯାଇଥିଲେ। ସେଠାରେ ହାତୀ ଭୁବନଙ୍କୁ ଦଳି ଦେଇଥିଲା। ଅପରପକ୍ଷେ ଭୁବନଙ୍କ ସ୍ତ୍ରୀ ଗାଁକୁ ଆସି ଗାଁଲୋକଙ୍କ ମାଧ୍ୟମରେ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅନୁଗୋଳ ରେଞ୍ଜର ସଦଳବଳ ଗାଁରେ ପହଞ୍ଚି ଗାଁ ଲୋକଙ୍କ ସହାୟତାରେ ଜଙ୍ଗଲକୁ ଯାଇ ଖୋଜିବା ସହ ଭୁବନ ହାତୀ ଆକ୍ରମଣରେ ଜଙ୍ଗଲ ଭିତରେ ପଡ଼ିରହିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ବନ ବିଭାଗ ଗାଡ଼ି ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଭୁବନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁରୁଣାକୋଟ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅନୁଗୋଳ ଡିଏଫ୍‌ଓଙ୍କ ସହ ଆଲୋଚନାକରି ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ ପାଇଁ ବ୍ୟବସ୍ଥା କରିଥିଲେ। ଏଥିସହ ମୃତଦେହ ସତ୍କାର ପାଇଁ କିଛି ଆର୍ଥିକ ସାହାଯ୍ୟ କରିଥିଲେ।

# ୯ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ନିଯୁକ୍ତ

**ଭୁବନେଶ୍ୱର,୨୭।୪ (ରବିନାରାୟଣ ଜେନା)**

ରାଜ୍ୟରେ ମହିଳା କଂଗ୍ରେସକୁ ଅଧିକ ଶକ୍ତିଶାଳୀ କରିବା ଲକ୍ଷ୍ୟ ନେଇ ସୋମବାର ଏଆଇଏମ୍‌ସି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଆଇଏମ୍‌ସି ଅଧ୍ୟକ୍ଷା ଅଲକା ଲାମ୍ବା ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କୁ ପତ୍ର ଲେଖି ୯ ଜିଲାର ମହିଳା କଂଗ୍ରେସ ସଭାନେତ୍ରୀ ନିଯୁକ୍ତି ସଂକ୍ରାନ୍ତରେ ଅବଗତ କରାଇଛନ୍ତି। ଅଲକାଙ୍କ ଅନୁମୋଦନକ୍ରମେ ବଲାଙ୍ଗୀର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ଜୟନ୍ତୀ ପଟେଲ ନିଯୁକ୍ତ ହୋଇଥିବାବେଳେ ଗଞ୍ଜାମ(ପଶ୍ଚିମ) ପାଇଁ ସୁରଭି ବିଶୋୟୀ, ଖୋର୍ଦ୍ଧା ପାଇଁ ଅପସନା ବେଗମ, ରାଉରକେଲା ପାଇଁ ଝରଣା ତ୍ରିପାଠୀ ନିଯୁକ୍ତ ହୋଇଛନ୍ତି। ସେହିପରି ବାଲେଶ୍ୱର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ଉର୍ମିଳା ମାଝୀ ନିଯୁକ୍ତ ହୋଇଥିବାବେଳେ ଭଦ୍ରକ ପାଇଁ ଅମିତାବାଳା ଆଚାର୍ଯ୍ୟ, ଭୁବନେଶ୍ୱର ପାଇଁ ଶ୍ରୀୟା ମହାନ୍ତି, ଯାଜପୁର ପାଇଁ ଆରତୀ ସ୍ୱାଇଁ ଏବଂ ସୁନ୍ଦରଗଡ଼ ପାଇଁ କଳ୍ପନା ଆପଟ ନିଯୁକ୍ତ ହୋଇଛନ୍ତି।

# ସମୁଦ୍ର ଜଳରୁ ପଥର କଙ୍କଡ଼ା ଚିହ୍ନଟ

**ବ୍ରହ୍ମପୁର, ୨୭।୪(ସୁବାସ ଚନ୍ଦ୍ର ପାଢ଼ୀ)**

ଗୋପାଳପୁର ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର ପକ୍ଷରୁ ପଥର କଙ୍କଡ଼ାର ଚିହ୍ନଟ ହୋଇଛି। ଏହି କଙ୍କଡ଼ା ବାଲେଶ୍ୱର ଜିଲାର ବାହାବଳପୁରରୁ ୨୦୨୩ରେ ପ୍ରଥମଥର ପାଇଁ ମିଳିଥିବାରୁ 'ଲାଇଫିରା ଗାଙ୍ଗୀ' ନାମ ରଖାଯାଇଛି। ୨୦୨୩ରେ ବାହାବଳପୁରରୁ ଗବେଷକ ଡ.ସନ୍ଦୀପ କୁମାର ମହାପାତ୍ର ଏବଂ ଚିତ୍ରକ ଦେ ଏହାକୁ ସଂଗ୍ରହ କରି ଗୋପାଳପୁର ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ରକୁ ଏହାର ପରୀକ୍ଷା ପାଇଁ ଆଣିଥିଲେ। ଏଠାରେ କେନ୍ଦ୍ରର ବୈଜ୍ଞାନିକ ଡ.ଅନିଲ ମହାପାତ୍ରଙ୍କ ନେତୃତ୍ୱରେ ଏହି କଙ୍କଡାର ବିଭିନ୍ନ ପରୀକ୍ଷା କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ପ୍ରଜାତିର କଙ୍କଡା ସମୁଦ୍ରର କୂଳବର୍ତ୍ତୀର ବାଲି ଓ ପଙ୍କ ଅଞ୍ଚଳମାନଙ୍କରେ ମିଳିଥାନ୍ତି। ଏହାର ଖୋଳର ସମ୍ମୁଖ ଅଂଶରେ ୨ଟି କଣ୍ଟା ରହିବା, ଖୋଳର ଉପରି ଭାଗରେ ଗୋଲାକୃତ ଚିହ୍ନ ରହିଛି। ଅଣ୍ଡିରା କଙ୍କଡ଼ାର ଗୋଡ଼ ପତଳା ଏବଂ ତାହାର ଶୀର୍ଷ ଭାଗ ଉଠିଲା ଭଳି ଦେଖିବାକୁ। ଏହାର ମୁଖରେ ଥିବା ମ୍ୟାକ୍ସିଲିପେଡ ପାଖୁଡା ଭଳି। ପେଟର ତଳ ଭାଗରେ ଗୋଟିଏ ଦାନ୍ତ ରହିଛି। ଏହି ପ୍ରଜାତିର କଙ୍କଡାଟି ଦକ୍ଷିଣ ଚାଇନାରୁ ୨୦୨୪ରେ ଚିହ୍ନଟ ହୋଇଥିଲା। ଏହି କଙ୍କଡ଼ାଟି ଦେଖିବାକୁ ଛୋଟ ପ୍ରଜାତିର, ଏହାର ୧୦ଟି ଗୋଡ଼, ଗୋଲେଇ ୧.୫ ରୁ ୨ ସେମି । ଏହାର ପରୀକ୍ଷା ନିରୀକ୍ଷା ପରେ ଏହା ଭିନ୍ନ ହୋଇଥିବାର ଅନ୍ତର୍ଜାତୀୟ ପତ୍ରିକା ନାଉପ୍ଲିୟର୍ଶରେ ଚଳିତ ମାସରେ ପ୍ରକାଶିତ ହୋଇଛି। ତାହାସହ ଏହାର ଅଧିକ ତଥ୍ୟ ଜାଣିବା ପାଇଁ ବିଭିନ୍ନ ନିରୀକ୍ଷା କରାଯାଉଥିବା କେନ୍ଦ୍ରର ବୈଜ୍ଞାନିକ ଡ. ମହାପାତ୍ର ସୂଚନା ଦେଇଛନ୍ତି।



## ଢେଙ୍କାନାଳ ଡିଏଫ୍‌ଓ, ଯାଜପୁର ଜିଲାପାଳଙ୍କୁ ନୋଟିସ୍

**ନିଶ୍ଚିନ୍ତା ପାହାଡ଼ରୁ ପଥର ଚୋରି ମାମଲା**

**ଢେଙ୍କାନାଳ,୨୭।୪ (ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ତହସିଲ ନିହଲପ୍ରସାଦ ଥାନା ଅଞ୍ଚଳରେ ଥିବା ନିଶ୍ଚିନ୍ତା ପାହାଡ଼ରୁ ପଥର ଚୋରି ଘଟଣାରେ ଜାତୀୟ ଗ୍ରୀନ୍ ଟ୍ରିବୁନାଲଙ୍କ ପକ୍ଷରୁ ଆସନ୍ତା ୪ ତାରିଖରେ ଢେଙ୍କାନାଳ ଜିଲା ବନଖଣ୍ଡ ଅଧିକାରୀ ଓ ଯାଜପୁର ଜିଲାପାଳଙ୍କୁ ହାଜର ହେବାକୁ ନୋଟିସ ଜାରି ହୋଇଥିବା ପୂର୍ବତନ ବିଧାୟକ ନବୀନ ନନ୍ଦ ସୋମବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସେ ସୋସିଆଲ ମିଡିଆରେ ମଧ୍ୟ ପୋଷ୍ଟ କରିଛନ୍ତି। ଏତଦ୍‌ବ୍ୟତୀତ ନିଶ୍ଚିନ୍ତା ପାହାଡ଼ ଅଞ୍ଚଳରେ ନିଜସ୍ୱ ଉତ୍ସ ନ ଥିବା ୬ଟି କ୍ରଶରକୁ ତୁରନ୍ତ ବନ୍ଦ କରିବାକୁ ମଧ୍ୟ ଜାତୀୟ ଗ୍ରୀନ୍ ଟ୍ରିବୁନାଲ ପକ୍ଷରୁ ଢେଙ୍କାନାଳ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ନିଶ୍ଚିନ୍ତା ପାହାଡ଼ ପଛ ପାର୍ଶ୍ୱରେ ଥିବା ରାହାଲପୁର ଦେଇ ଯାଜପୁର ଅଞ୍ଚଳକୁ ବ୍ୟାପକ ଭାବେ ପଥର ଚୋରାଚାଲାଣ ହେଉଥିବା ଯୋଗୁ ଏ ସଂକ୍ରାନ୍ତରେ ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ପକ୍ଷରୁ ଜାତୀୟ ଗ୍ରୀନ୍ ଟ୍ରିବୁନାଲରେ ମାମଲା ରୁଜୁ କରାଯାଇଥିଲା ବୋଲି ନନ୍ଦ ସୂଚନା ଦେଇଛନ୍ତି।

## ଜିଲାପାଳ, ଏସ୍‌ପି, ସଂପୃକ୍ତ ବିଭାଗକୁ ଆୟୋଗଙ୍କ ନୋଟିସ୍

**ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣା**

**ଭୁବନେଶ୍ୱର, ୨୭।୪(ସୁନିତ୍ ମିଶ୍ର)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକର ନଳଗଜା ପଞ୍ଚାୟତରେ ଥିବା କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଜଣେ ପଞ୍ଚମ ଶ୍ରେଣୀର ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହାସହ ଅନେକ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ। ଏହି ଘଟଣାକୁ ନେଇ ଜାତୀୟ ଅନୁସୂଚିତ ଜନଜାତି ଆୟୋଗଙ୍କ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି। ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ପକ୍ଷରୁ ଏନେଇ ଏକ ଅଭିଯୋଗ ଦାଖଲ କରାଯାଇଥିଲା। ଏହି ଅଭିଯୋଗ ଉପରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ତଦନ୍ତ ଆରମ୍ଭ କରିଛନ୍ତି। ଏ ବିଷୟରେ ମୟୂରଭଞ୍ଜର ଜିଲାପାଳ, ଏସ୍‌ପି ଏବଂ ରାଜ୍ୟ ସରକାରଙ୍କ ଏସ୍‌ସି, ଏସ୍‌ଟି ଉନ୍ନୟନ ବିଭାଗକୁ ନୋଟିସ୍ ଜାରି କରାଯାଇଛି। ଆୟୋଗଙ୍କ ନୋଟିସ୍ ଅନୁଯାୟୀ, ସମ୍ପୃକ୍ତ ଅଧିକାରୀମାନେ ୭ ଦିନ ମଧ୍ୟରେ ଉକ୍ତ ଘଟଣାରେ କ'ଣ ପଦକ୍ଷେପ ନିଆଯାଇଛି ତା'ର ରିପୋର୍ଟ ଦାଖଲ କରିବେ। ଯଦି ସମୟ ଭିତରେ ଉତ୍ତର ନ ମିଳେ ତେବେ ଆୟୋଗଙ୍କ ପକ୍ଷରୁ ସିଭିଲ୍ କୋର୍ଟର କ୍ଷମତା ପ୍ରୟୋଗ କରି ସମନ୍ ଜାରି କରିବେ ବୋଲି ବିଜେଡି କହିଛି।

# ପ୍ରଧାନଶିକ୍ଷକ, ୨ ଶିକ୍ଷୟିତ୍ରୀଙ୍କୁ ତାଲା ପକାଇଲେ ଅଭିଭାବକ

**ଶିକ୍ଷୟିତ୍ରୀଙ୍କ ବଦଳି ସମ୍ପର୍କରେ ନ ଜଣାଇବାରୁ ଅସନ୍ତୋଷ**

**ନୀଳଗିରି, ୨୭।୪ (ପାଶାନ୍ତ କୁମାର ବିଶ୍ୱାଳ)**

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଶାସନପଦା ୟୁଜି ୟୁପି ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ବଦଳି ସମ୍ପର୍କରେ କମିଟିକୁ ନ ଜଣାଇବାରୁ ଅଶାନ୍ତି ଦେଖାଯାଇଛି। ଏ ନେଇ ଅଭିଭାବକ ଓ ଗ୍ରାମବାସୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାମଲଙ୍କ ସହିତ ୨ ଶିକ୍ଷୟିତ୍ରୀଙ୍କୁ ଅଫିସ ରୁମ୍‌ରେ ତାଲା ପକାଇଥିଲେ।

ଅଭିଯୋଗ ଅନୁଯାୟୀ, ସ୍କୁଲର ଶିକ୍ଷୟିତ୍ରୀ ଶୁଭସ୍ମିତା ପାଢ଼ିଙ୍କ ବଦଳି ନିକଟରେ ସ୍କୁଲ କମିଟି ଅଜାଣତରେ ହୋଇଥିଲା। ଏ ନେଇ ଜଣାପଡ଼ିବା ପରେ ସୋମବାର ସକାଳେ ଅଭିଭାବକ ସମେତ କମିଟି ସଦସ୍ୟ ପ୍ରଧାନ ଶିକ୍ଷକଙ୍କୁ ପଚାରିବାକୁ ଆସିଥିଲେ। ସନ୍ତୋଷ ଜନକ ଉତ୍ତର ପରିବର୍ତ୍ତେ ପ୍ରଧାନ ଶିକ୍ଷକ ସଭିଙ୍କୁ ଖରାପ ବ୍ୟବହାର କରିଥିଲେ। ଅଭିଭାବକ ଉତକ୍ଷିପ୍ତ ହୋଇ ସ୍କୁଲ ଅଫିସ ରୁମ୍‌ରେ ୨ ଶିକ୍ଷୟିତ୍ରୀଙ୍କ ସମେତ ପ୍ରଧାନ ଶିକ୍ଷକଙ୍କୁ ୩ ଘଣ୍ଟା ଧରି ତାଲା ପକାଇଥିଲେ। ଖନ୍ତାପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା ପରେ ସମାଧାନ ହେବା ସହ ତାଲା ଖୋଲାଯାଇଥିଲା ।



ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଡିଏଭି ଜଗନ୍ନାଥ କ୍ଷେତ୍ରର ପ୍ରତିଷ୍ଠା ଦିବସ



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ତାଳଚେର,୨୭।୪ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଜଗନ୍ନାଥ କ୍ଷେତ୍ର ଡିଏଭି ସ୍କୁଲର ୩୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଗନ୍ନାଥ କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ଅଶୋକ କୁମାର ଧଳ, ସମ୍ମାନିତ ଅତିଥି ଭାବେ ଅଧକ୍ଷ ଡିଏଭି ପବ୍ଲିକ ସ୍କୁଲ କଳିଙ୍ଗକ୍ଷେତ୍ର ପ୍ରଶାନ୍ତ କୁମାର ପଣ୍ଡା, ଅଧକ୍ଷା ଡିଏଭି ପବ୍ଲିକ ସ୍କୁଲ ଉଚ୍ଚ ମାଧ୍ୟମିକ ଏନ୍‌ଟିପିସି ଟିଟିପିଏସ୍ ଜ୍ୟୋତି ମିଶ୍ର, ତାଳଚେରସ୍ଥ ବିଭିନ୍ନ ଡିଏଭି ବିଦ୍ୟାଳୟର ଅଧକ୍ଷା ଅଧକ୍ଷଙ୍କ ସମେତ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ଅଧକ୍ଷା ଶୁକ୍ଳ ଚକ୍ରବର୍ତ୍ତୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଦେଶବ୍ୟାପୀ ୨,୯୯୪ ଏକର ଜମି ବିକ୍ରି

**ନୂଆଦିଲ୍ଲୀ, ୨୭।୪**

ଦେଶର ରିଅଲ୍ ଇଷ୍ଟେଟ୍ ସେକ୍ଟରରେ ଲିଷ୍ଟେଡ୍ ଡେଭଲପରମାନେ ପ୍ରାଇମ୍ ଲୋକେଶନ୍ ଜମି ଉପରେ ନିଜର ଦଖଲ କ୍ରମାଗତ ଭାବେ ସୁଦୃଢ଼ କରୁଛନ୍ତି। ଏନାରକର ତାଜା ରିପୋର୍ଟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୬ରେ ଦେଶବ୍ୟାପୀ ରିଅଲ୍ ଏଷ୍ଟେଟ୍ ଡେଭଲପମେଣ୍ଟ ପାଇଁ ୨,୯୯୪ ଏକରରୁ ଅଧିକ ଜମିର ମୋଟ ୧୧୧ଟି ଲ୍ୟାଣ୍ଡ ଡିଲ୍ ସମ୍ପନ୍ନ ହୋଇଛି। ଏଥିରୁ ପ୍ରାୟ ୫୪ଟି ଡିଲ୍ କେବଳ ଲିଷ୍ଟେଡ୍ କମ୍ପାନୀଗୁଡ଼ିକ କରିଛନ୍ତି, ଯାହା ୧,୪୩୩ ଏକରରୁ ଅଧିକ ଜମି ସମ୍ବଳିତ ଅଟେ। ଲିଷ୍ଟେଡ୍ କମ୍ପାନୀଗୁଡ଼ିକର ଅଂଶ ୪୯%। ରିପୋର୍ଟ ଅନୁସାରେ ମୋଟ ଲ୍ୟାଣ୍ଡ ଡିଲର ଲିଷ୍ଟେଡ୍ କମ୍ପାନୀଗୁଡ଼ିକର ଅଂଶ ୪୯ ପ୍ରତିଶତ ରହିଛି ଏବଂ ମୋଟ କ୍ରୟ କରାଯାଇଥିବା ଜମିରେ ସେମାନଙ୍କର ଅଂଶ ୪୮ ପ୍ରତିଶତ ଅଟେ। ଏହି ଆକଳନ ଭବିଷ୍ୟତରେ ଘର କ୍ରେତାଙ୍କ ପାଇଁ ବିଶ୍ୱସନୀୟ ଓ ଉନ୍ନତ ହାଉସିଂ ସପ୍ଲାଇ ପାଇଁ ସ୍ୱଷ୍ଟ ରୋଡ଼ମ୍ୟାପ୍ ପ୍ରଦାନ କରୁଛି ବୋଲି ରିପୋର୍ଟରେ କୁହାଯାଇଛି। ଟିୟର-୨ ସହରଗୁଡ଼ିକରେ ବଡ଼ ବ୍ରାଣ୍ଡର ପ୍ରବେଶ ଲିଷ୍ଟେଡ୍‌ଓବଡ଼ଗ୍ରେଡ୍-ଏଡେଭଲପରମାନେ କେବଳ ବଡ଼ ମହାନଗରଗୁଡ଼ିକ ନୁହେଁ, ଟିୟର-୨ ଓ ଟିୟର-୩ ସହରଗୁଡ଼ିକ ପ୍ରତି ମଧ୍ୟ ଆକ୍ରମଣାତ୍ମକ ରୂପରେ ଅଗ୍ରସର ହେଉଛନ୍ତି। ବଦୋଦରା, ଅମୃତସର, ନାଗପୁର, ପାନିପତ୍, ମିସୋରକ, ରାୟପୁର ଓ କୋଏମ୍ବାଟୁର୍ ପରି ଟିୟର-୨ ସହରଗୁଡ଼ିକରେ ସେମାନେ ଜମି ଅଧିଗ୍ରହଣ କରିଛନ୍ତି। ବିଶେଷ କରି ପଞ୍ଜାବର ପ୍ରମୁଖ ସହର ଅମୃତସରରେ ଏକାକୀ ୫୨୦ ଏକର ଜମିର ଦୁଇଟି ବଡ଼ ଲ୍ୟାଣ୍ଡ ଡିଲ୍ ଲିଷ୍ଟେଡ୍ ଡେଭଲପରମାନେ ସମ୍ପନ୍ନ କରିଛନ୍ତି। ଟିୟର-୨ ସହରଗୁଡ଼ିକରେ ବଡ଼ ବ୍ରାଣ୍ଡର ପ୍ରବେଶ ଫଳରେ ସ୍ଥାନୀୟ ଘର କ୍ରେତାମାନେ ଉନ୍ନତ ଜୀବନଶୈଳୀ ଏବଂ ନିରାପଦ ନିବେଶର ସୁଯୋଗ ପାଇବେ ବୋଲି ଆଶା କରାଯାଉଛି।

## ଚିନ୍ତା ବଢ଼ାଇଲା ପାମ୍ ଅଏଲ ଦରବୃଦ୍ଧି

# ରୋଷେଇ ଘରେ ମହଙ୍ଗା ମାଡ଼

**ନୂଆଦିଲ୍ଲୀ, ୨୭।୪**

ଇରାନ ଓ ଆମେରିକା ମଧ୍ୟରେ ପ୍ରାୟ ଦୁଇ ମାସ ଧରି ଚାଲିଥିବା ଯୁଦ୍ଧର ପ୍ରଭାବ ଭାରତର ସାଧାରଣ ଲୋକଙ୍କ ରୋଷେଇଘର ଉପରେ ପଡ଼ିଛି। ଖାଦ୍ୟ ତେଲ, ରନ୍ଧନ ଗ୍ୟାସ୍, ସାବୁନ, ବିସ୍କୁଟ୍ ସବୁ ଜିନିଷ ଧୀରେ ଧୀରେ ମହଙ୍ଗା ହେଉଛି। ସବୁଠୁ ବଡ଼ ସମସ୍ୟା ହେଉଛି ପାମ୍ ତେଲ। ଏହି ତେଲ ସାବୁନ, ବିସ୍କୁଟ୍, କେଶ ତେଲ, ନୁଡଲ୍ସ ଓ ଖାଦ୍ୟ ତେଲରେ ବ୍ୟବହାର ହୁଏ। ଫର୍ଚ୍ଚୁନ୍, ଜେମିନି, ରୁଚି ଗୋଲ୍ଡ ଭଳି ଲୋକପ୍ରିୟ ଖାଦ୍ୟ ତେଲରେ ମଧ୍ୟ ବହୁତ ପାମ୍ ତେଲ ଥାଏ। ତେଣୁ ପାମ୍ ତେଲ ମହଙ୍ଗା ହେଲେ ରୋଷେଇ ଖର୍ଚ୍ଚ ସିଧାସଳଖ ବଢ଼ିଯାଏ। ଭାରତ ପ୍ରତି ବର୍ଷ ପ୍ରାୟ ୧.୬୭ କୋଟି ଟନ୍ ଖାଦ୍ୟ ତେଲ ବାହାରୁ ଆମଦାନୀ କରିଥାଏ। ଏଥିରେ ୪୦ ପ୍ରତିଶତ ହେଉଛି ପାମ୍ ତେଲ। ଏହା ଇଣ୍ଡୋନେସିଆ ଓ ମାଲେସିଆରୁ ଜାହାଜ ଯୋଗେ ଆସେ। ମାତ୍ର ଯୁଦ୍ଧ ଯୋଗୁ ବିଶ୍ୱରେ ଜାହାଜ ବୀମା ଓ ଭଡ଼ା ବହୁତ ବଢ଼ିଯାଇଛି। ଏହି ଅଧିକ ଖର୍ଚ୍ଚ ଶେଷରେ ଭାରତୀୟ ବଜାରର ତେଲ ଉପରେ ପଡୁଛି। ଇଣ୍ଡୋନେସିଆ ଏବେ କହିଛି ଯେ, ସେ ପାମ୍ ତେଲ ବାହାରକୁ କମ୍ ରପ୍ତାନି କରି ନିଜ ଦେଶରେ ବ୍ୟବହାର କରିବ, କାରଣ ଏଥିରୁ ବାୟୋ ଡିଜେଲ୍ ତିଆରି ହୁଏ ଓ ସେମାନେ ଡିଜେଲ୍ ସହ ମିଶାଇ ବ୍ୟବହାର କରନ୍ତି। ତେଣୁ ପାମ୍ ତେଲ ଯୋଗାଣ ନେଇ ଅନିଶ୍ଚିତତା ଲାଗି ରହିଛି। ମାର୍ଚ୍ଚ ୨୦୨୬ରେ ଭାରତର ପାମ୍ ତେଲ ଆମଦାନୀ ୧୯% କମିଛି। ପାମ୍ ତେଲ ଦରରେ ଅତ୍ୟଧିକ ବୃଦ୍ଧି କାରଣରୁ ଆମଦାନୀକାରୀମାନେ ତେଲ କିଣିବା କମାଇଦେଇଥିଲେ। ଫେବୃଆରୀରେ ସନ୍‌ଫ୍ଲାୱାର ତେଲ ଆମଦାନୀ ମଧ୍ୟ ଅଧା ହୋଇଥିଲା। ଏପ୍ରିଲ୍‌ରେ ମଧ୍ୟ ଏହି ତେଲ କମ୍ ଆସୁଛି। ୨ଟି ବଡ଼ ତେଲ ଉପଲବ୍ଧତା ଏକା ସଙ୍ଗରେ କମ୍ ହେଲେ ବଜାରରେ ଦାମ ବଢ଼ିବା ସ୍ୱାଭାବିକ । କେତେକ ସ୍ଥାନରେ ଖାଇବା ତେଲ ଲିଟର ପିଛା ୧୮୨ ଟଙ୍କାରେ ପହଞ୍ଚିଛି। ଯୁଦ୍ଧ ଯୋଗୁ ଖାଦ୍ୟ ତେଲ ହାରାହାରି ୭% ମହଙ୍ଗା ହୋଇଛି। ପାମ୍ ତେଲ କେବଳ ଖାଦ୍ୟ ତେଲରେ ନୁହେଁ। ଲକ୍ସ, ଲାଇଫ୍‌ବଏ, ସିନ୍ଥଲ୍ ଭଳି ସାବୁନରେ ମଧ୍ୟ ଏହାର ଡେରିଭେଟିଭ୍ ଥାଏ। ହେୟାର ଅଏଲ୍ ଓ ବିସ୍କୁଟ୍-ନମକୀନ୍ ତିଆରିରେ ମଧ୍ୟ ବ୍ୟବହାର ହୁଏ। ଏବେ କମ୍ପାନୀଗୁଡ଼ିକ ତେଲ ଦାମ୍ ବଢ଼ାଉଛନ୍ତି ଅଥବା ସେହି ଦାମରେ ତେଲର ପରିମାଣ କମ୍ କରୁଛନ୍ତି। ଅନ୍ୟପଟେ ଯୁଦ୍ଧ ପରେ ଘରୋଇ ଗ୍ୟାସ୍ ସିଲିଣ୍ଡର ୬୦ ଟଙ୍କା ମହଙ୍ଗା ହୋଇସାରିଛି। ଢାବା-ହୋଟେଲ୍ ବ୍ୟବହାର କରୁଥିବା ବାଣିଜ୍ୟିକ୍ ଗ୍ୟାସ୍ ୧୯୫.୫୦ ଟଙ୍କା ବଢ଼ିଛି। ତେଣୁ ବାହାରେ ଖାଦ୍ୟ ଖାଇବା ମଧ୍ୟ ମହଙ୍ଗା ହୋଇଗଲାଣି। ସରକାରୀ ତଥ୍ୟ ଅନୁସାରେ ମାର୍ଚ୍ଚ ୨୦୨୬ରେ ଭାରତର ଖୁଚୁରା ମୁଦ୍ରାସ୍ଫୀତୀ ୩.୪% ହୋଇଛି। ଖାଦ୍ୟ ଓ ରନ୍ଧନ ଇନ୍ଧନର ମୁଦ୍ରାସ୍ଫୀତି ଆହୁରି ବଢୁଛି। ବିଶେଷଜ୍ଞମାନେ କହୁଛନ୍ତି ଏପ୍ରିଲରେ ଏହା ଆହୁରି ବଢ଼ିପାରେ।





ବିଏସ୍‌ଇ ସେନ୍‌ସେକ୍ସ
୭୭,୩୦୩ (+୬୩୯)



୧ ଡଲାର = ୯୪.୧୧ ଟଙ୍କା



ବ୍ରେଣ୍ଟ୍ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୧୦୮.୩୫ ଡଲାର

# ଭାରତୀୟ ସେନା ଓ କିଟ୍ ମଧ୍ୟରେ ଏମ୍‌ଓୟୁ

**ଭୁବନେଶ୍ୱର, ୨୭।୪(ଅନୁରାଧା ମହାରଣା)**




ଶିକ୍ଷାଗତ ସଶକ୍ତୀକରଣ ଏବଂ ଅନ୍ତର୍ଭୁକ୍ତୀମୂଳକ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ପଦକ୍ଷେପ ସ୍ୱରୂପ କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ସେନା ମଧ୍ୟରେ ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବା ବେଳେ ଭାରତୀୟ ସେନା ପକ୍ଷରୁ ଏହାର ପ୍ରତିନିଧିତ୍ୱ କରୁଥିବା ସେନା ମୁଖ୍ୟାଳୟର ବ୍ରିଗେଡିୟର ଠାକୁର ମୟଙ୍କ ସିହ୍ନା ଏଥିରେ ସ୍ୱାକ୍ଷର କରିଥିଲେ। ଏହା ବୁଝାମଣାପତ୍ର ଅନୁସାରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଭାରତୀୟ ସେନା କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ସମସ୍ତ ପାଠ୍ୟକ୍ରମ (ଡାକ୍ତରୀ ପାଠ୍ୟକ୍ରମ ବ୍ୟତୀତ) ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ଉଚ୍ଚଶିକ୍ଷା ସୁଯୋଗ ଯୋଗାଇ ଦେବ। ଏଥିପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଶିକ୍ଷା ଫିସରେ ୫୦% ରିହାତି ଓ ମେଡିକାଲ୍ ଏବଂ ଡେଣ୍ଟାଲ୍ ପାଠ୍ୟକ୍ରମ ପାଇଁ ୧୦% ରିହାତି ପ୍ରଦାନ କରାଯିବ। ଏହା ସହିତ ବୀରଗତି ହାସଲ କରିଥିବା ବା ଯୁଦ୍ଧ ସମୟରେ ଶହୀଦ ହୋଇଥିବା ଭାରତୀୟ ସେନା କର୍ମଚାରୀଙ୍କ ପିଲାଙ୍କୁ ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମ ବ୍ୟତୀତ ଅନ୍ୟ ସମସ୍ତ ପାଠ୍ୟକ୍ରମର ଶିକ୍ଷା ଫିସ୍‌ରେ ୧୦୦% ବୃତ୍ତି ଦିଆଯିବ। ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମରେ ନାମ ଲେଖା ପାଇଁ ସେନା କର୍ମଚାରୀଙ୍କ ପିଲାଙ୍କୁ 'ନିଟ୍' ମାନଦଣ୍ଡ ପୂରଣ କରିବାକୁ ପଡ଼ିବ। ଅନ୍ୟ ସମସ୍ତ ପାଠ୍ୟକ୍ରମରେ ପ୍ରବେଶ ପାଇଁ ଅଧିକାରୀ ବା ପିଲାମାନଙ୍କୁ କିଟ୍ ଦ୍ୱାରା ଆୟୋଜିତ ପ୍ରବେଶିକା ପରୀକ୍ଷା (କିଟ୍) ମାନଦଣ୍ଡ ପୂରଣ କରିବାକୁ ପଡ଼ିବ। ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସୂଚନା ଦେଇ କହିଲେ, ଏହି ବୁଝାମଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତୀୟ ସେନା କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଏବଂ ଆର୍ଥିକ ସହାୟତା ସୁନିଶ୍ଚିତ କରିବା। ସେନା କର୍ମଚାରୀ ଓ ସେମାନଙ୍କ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ କିଟ୍‌ରେ ସୁଯୋଗ ସୃଷ୍ଟି କରିଥିବାରୁ ବ୍ରିଗେଡିୟର ଠାକୁର ମୟଙ୍କ ସିହ୍ନା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ପରେ ବ୍ରିଗେଡିୟର ସିଂହ ଓ ସାମନ୍ତଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ ଓ ଆଲୋଚନା ହୋଇଥିଲା।

# ବ୍ୟାଙ୍କ୍ ପାଇଁ କଡ଼ା ହେଲା ଆର୍‌ବିଆଇ ନିୟମ

**ନୂଆଦିଲ୍ଲୀ,୨୭।୪**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବ୍ୟାଙ୍କଗୁଡ଼ିକ ପାଇଁ ନୂଆ ନିୟମ ଜାରି କରିଛି। ଏଥିରେ ଆସେଟ୍ ବର୍ଗୀକରଣ ଓ ପ୍ରୋଭିଜନିଙ୍ଗ୍ ନିୟମ ଆହୁରି କଠିନ କରାଯାଇଛି। ୨୦୨୫ ଅକ୍ଟୋବରରେ ଏହି ପ୍ରସ୍ତାବର ଡ୍ରାଫ୍ଟ ଜାରି ହୋଇଥିଲା। ନୂଆ ନିୟମ, ୨୦୨୭ ଏପ୍ରିଲ୍ ୧ରୁ ଲାଗୁ ହେବ। ଏହାର ମୁଖ୍ୟ ବିଷୟ ହେଉଛି 'ଏକ୍ସପେକ୍ଟେଡ୍ କ୍ରେଡିଟ୍ ଲସ୍' (ଇସିଏଲ୍) ଫ୍ରେମୱର୍କ। ଏହି ନୂଆ ବ୍ୟବସ୍ଥା ବ୍ୟାଙ୍କକୁ ଲୋନ୍ ଦେବା ଆଗରୁ ଭବିଷ୍ୟତରେ କେତେ କ୍ଷତି ହୋଇପାରେ ତାହାର ଆକଳନ କରି ଆଗରୁ ଟଙ୍କା ରଖିବାର ଅନୁମତି ଦେବ। ଏବେ ବ୍ୟାଙ୍କଗୁଡ଼ିକ ଇନକର୍ଡ ଲସ୍ ମୋଡେଲ୍ ବ୍ୟବହାର କରନ୍ତି ଅର୍ଥାତ୍ କ୍ଷତି ହେବା ପରେ ପ୍ରୋଭିଜନିଙ୍ଗ୍ କରନ୍ତି। ବ୍ୟାଙ୍କମାନଙ୍କର ବିରୋଧ ଓ ସମୟ ବୃଦ୍ଧି ଦାବି ସତ୍ତ୍ୱେ ଆର୍‌ବିଆଇ ଏହି ନିୟମ ନିର୍ଦ୍ଧାରିତ ତାରିଖରୁ ଲାଗୁ କରିବ। ନୂଆ ନିୟମ ଅନୁସାରେ ବ୍ୟାଙ୍କକୁ ଲୋନ୍ ଆଧାରରେ ତିନି ସ୍ତରରେ ବାଣ୍ଟିବାକୁ ପଡ଼ିବ। ପ୍ରଥମ ସ୍ତରରେ ଯେଉଁ ଲୋନର କ୍ରେଡିଟ୍ ଆହ୍ୱାନ ବେଶି ନାହିଁ ସେଥିରେ କେବଳ ଏକ ବର୍ଷର ସମ୍ଭାବ୍ୟ କ୍ଷତି ପାଇଁ ପ୍ରୋଭିଜନିଙ୍ଗ୍ କରିବାକୁ ପଡ଼ିବ। ଦ୍ୱିତୀୟ ସ୍ତରରେ ଲୋନ୍ ଦେବା ପରେ ଯଦି କ୍ରେଡିଟ୍ ଆହ୍ୱାନ ବହୁତ ବଢ଼ିଯାଏ ତେବେ ଲୋନ୍‌ର ପୂରା ଅବଧିର ସମ୍ଭାବ୍ୟ କ୍ଷତି ପାଇଁ ପ୍ରାବଧାନ କରିବାକୁ ପଡ଼ିବ। ତୃତୀୟ ସ୍ତରରେ ଯେଉଁ ଲୋନ୍ ଏନ୍‌ପିଏ ହୋଇସାରିଛି ସେଥିରେ ମଧ୍ୟ ପୂରା ଅବଧିର କ୍ଷତି । ଆକଳନ କରି ପ୍ରୋଭିଜନିଙ୍ଗ୍ କରିବାକୁ ପଡ଼ିବ। ଏନ୍‌ପିଏ ଚିହ୍ନଟ ନିୟମରେ କୌଣସି ପରିବର୍ତ୍ତନ ହୋଇନାହିଁ। ଲୋନ୍ ୯୦ ଦିନ ମଧ୍ୟରେ ଗୋଟିଏ ମଧ୍ୟ କିସ୍ତି ନ ଦେଲେ ଏନ୍‌ପିଏ ବିବେଚିତ ହେବ। ଯଦି ଜଣେ ଗ୍ରାହକର ଏକ ଲୋନ୍ ଏନ୍‌ପିଏ ହୁଏ ତେବେ ତା'ର ଅନ୍ୟ ସବୁ ଲୋନ୍ ଖାତାକୁ ମଧ୍ୟ ଏନ୍‌ପିଏ ବର୍ଗରେ ରଖାଯିବ। ନୂଆ ଗାଇଡଲାଇନ୍ ଅନୁସାରେ, ବ୍ୟାଙ୍କ କ୍ଷତି ଆକଳନ ପାଇଁ ବୈଜ୍ଞାନିକ ତଥ୍ୟ ବ୍ୟବହାର କରିବାକୁ ପଡ଼ିବ। ସୁଧ ହାର ଗଣନା ସମୟରେ ସବୁ ପ୍ରକାରର ଚାର୍ଜ ଓ ଫିସ୍ ମଧ୍ୟ ଯୋଡ଼ି ହେବ। କ୍ଷତି ନିର୍ଣ୍ଣୟ କରିବା ସମୟରେ ଦେଶର ବର୍ତ୍ତମାନ ଓ ଭବିଷ୍ୟତର ଆର୍ଥିକ ସ୍ଥିତି ବିଷୟରେ ବିସ୍ତୃତ ଯାଞ୍ଚ କରିବାକୁ ପଡ଼ିବ। ତେବେ ଏନ୍‌ପିଏ ଚିହ୍ନଟ ଏବେ ସ୍ୱୟଂଚାଳିତ ଓ ପ୍ରତିଦିନ ଦିନର ଶେଷରେ ହେବ। ଏହା ଦ୍ୱାରା ଲୋନ୍‌ର ସ୍ଥିତି କୌଣସି ପ୍ରକାରେ ଗୁପ୍ତ ରହିବ ନାହିଁ ଓ ଆର୍ଥିକ ଶୃଙ୍ଖଳା ବଜାୟ ରହିବ।

# Classified Everyday
## 0674-2580101, 9692975378



REAL ESTATE

SALE

**DO U NEED TO INVEST on property/ Immediately house purpose ??? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452.** D-254




3BHK flat at Chandrama Complex, Block-A, Unit-III 3BHK flat at Park Tower, Ganga Nagar, Bhubaneswar Contact: 9348491449, 9437062777. D-230

Commercial Space Available: 200 to 1200sqft. suitable for Shop, Office, Bank, or Institute 1500 to 8000sqft. at Rajpath, Bhubaneswar Contact: 9348491449, 9437062777. D-231




Newly open health benefits spa by expert therapist. Contact- 7504222886. D-76963

Newly health benifits, Joint pain relax environment atmosphere 7653969971. D-229

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

By virtue of an affidavit sworn before the Notary Public, Berhampur, Ganjam, I, Nabina Kumar Das, aged about 37 years, S/o- Kailash Chandra Das, Permanent Residing of At- House No.- 54, Chandraprabha Street 2nd Lane, P.S.- B.N. Pur, Berhampur, Dist.- Ganjam, Odisha declare by this Affidavit No. A-825, date 20.04.2026 that now onwards I shall be known as Nabin Kumar Das for all future purposes. D-228

**By virtue of an affidavit sworn before Executive Magistrate, Bhubaneswar on 21.04.2026, I, Rajendra Kumar Pattanayak, resident of Plot No- 222-223, 1st. Floor, Unit-3, P.O.- GPO, P.S.- Kharvel Nagar, Bhubaneswar, Odisha, PIN- 751001 declare that I have changed my surname from Patanaik to Pattanayak. Henceforth, I shall be known as RAJENDRA KUMAR PATTANAYAK for all future purposes.** D-61984

By virtue of an affidavit before Notary Public, Kantabanji on 27.04.2026 that before my marriage my name and surname written as Dalimba Majhi, D/o- Kusha Majhi in my Aadhaar Card along with Bank Pass Book, after marriage to Biranchi Dharua, I treated as Dalimba Dharua, W/o- Biranchi Dharua of Village- Babejuri, P.O.- Gudighat, P.S.- Muribahal, Dist.- Balangir, Odisha where as Dalimba Majhi and Dalimba Dharua is same and one person and updated my present Aadhaar card. D-220

I, Dinbandhu Prasad, S/o- Late Kalika Prasad resident of Ward No- 1, near Doon Public School, Sarbahal, P.S./ P.O./Dist.- Jharsuguda, PIN- 768201, Odisha declare by this affidavit No- 4354, dtd- 17.04.26 that now onwards I shall be known as Dinabandhu Prasad for all future purposes. D-221

By virtue of an affidavit sworn before Executive Magistrate, Bhubaneswar, dated 20.04.2026, I, Mardela Avinash, Address Chorda bypass, Jajpur Road, Jajpur, Odisha, 755019 declare that I have changed my name from Mardela Avinash to M Avinash. Henceforth, my name shall be known as M Avinash for all purpose.
M Avinash D-227

By virtue of an affidavit sworn before Executive Magistrate, Sambalpur, No.2086, dated 23.04.2026, Ambubati Pan, W/o- Goutam Pan, R/o.- At- Jhankarpada, P.O./P.S.- Hirakud, Dist.- Sambalpur, Odisha, PIN- 768016 declare that I have changed my name from Sukanti Sohela to Ambubati Pan. Henceforth, I shall be known as Ambubati Pan for all purposes.
Ambubati Pan D-224

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before the Notary Public, Titilagarh, dt. 27.04.2026, I, Surendra Nag, S/o- Cheru Nag, R/o. Village- Rengali, P.O.- Kamarlaga, P.S.- Saintala, Dist.- Balangir (Odisha), PIN- 767032 declare that now I have changed my son's name from Subham Nag to Kairav Nag. Henceforth, he shall be known as Kairav Nag for all purposes.
Surendra Nag D-223

I, Gyanaranjan Das, S/o- Sulabh Charan Das, Vill- Patarajpur, P.O./ P.S.- Balichandrapur, Dist.- Jajpur, PIN- 754205, Odisha are by this affidavit No.- 279, dt. 22.04.2026 that now onwards I shall be known as Gyana Ranjan Das for all future purposes. D-226

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ରଜତ କୁମାର ମହାପାତ୍ର
(Retd Forest range officer)

ଆବିର୍ଭାବ : ୧୫.୦୫.୧୯୬୧
ତିରୋଧାନ: ୧୯.୦୪.୨୦୨୬

ଆପଣ ଙ୍କ ଅନୁପସ୍ଥିତି ଆମ ମାନଙ୍କୁ ଶୋକ ସାଗର ରେ ଭସାଇ ଦେଇଛି. ଆମ ମାନଙ୍କୁ ଅବିରତ ଲୁହ ଦେଇ ଆପଣ ଚାଲିଗଲେ. ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଚରଣ କମଳ ରେ ଆପଣ ଙ୍କର ଆତ୍ମା ଲୀନ ହୋଇଯାଉ. କେବଳ ଏତିକି ପ୍ରାର୍ଥନା.

ଶୋକସନ୍ତପ୍ତ
ପବିତ୍ର ପ୍ରସାଦ ମହାପାତ୍ର (ଲକି)
ଏବଂ ପରିବାର ଓ ବନ୍ଧୁ ବର୍ଗ
D-311

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଭଲ ନୁହେଁ ନୀରବତା

କଥାବାର୍ତ୍ତା ନ କରି ପରସ୍ପରଠାରୁ ଦୂରେଇ ରହିଲେ କିଛିଦିନ ପରେ ସମ୍ପର୍କ ସଜାଡ଼ି ହେବ ବୋଲି ଭାବନ୍ତି ଅନେକେ। ହେଲେ ଦାମ୍ପତ୍ୟରେ ଏହି ସାଇଲେଣ୍ଟ ଟ୍ରିଟ୍‌ମେଣ୍ଟ ବେଶି ସମୟ ରହିବା ଠିକ୍ ନୁହେଁ। ଭାବନାତ୍ମକ ଦୂରତା ବଢ଼ିବା ପୂର୍ବରୁ ସଚେତନ ହେବା ଜରୁରୀ...



ବେଳେବେଳେ ଦାମ୍ପତ୍ୟରେ ଝଗଡ଼ା କିମ୍ବା ମତଭେଦ ହେବା କାରଣରୁ ପରସ୍ପର କଥାବାର୍ତ୍ତା ବନ୍ଦକରି ଦେଇଥାନ୍ତି। କିଛିଦିନ ବା କିଛି ଘଣ୍ଟା ଚୁପ୍ ରହିଲେ ସମ୍ପର୍କ ଆପେ ଆପେ ସଜାଡ଼ି ହୋଇଯିବ ବୋଲି ଭାବନ୍ତି ଅନେକେ। ସେଥିପାଇଁ ଉଭୟେ କଥାବାର୍ତ୍ତା ବନ୍ଦ କରିଦିଅନ୍ତି। ଅନେକ ସମୟରେ ଉଭୟଙ୍କ ମଧ୍ୟରୁ ଜଣେ ବି କଥାବାର୍ତ୍ତା ନ କଲେ ସମ୍ପର୍କରେ ନୀରବତା ଘରକରି ନେଇଥାଏ। ଏଭଳି ସାଇଲେଣ୍ଟ ଟ୍ରିଟ୍‌ମେଣ୍ଟକୁ ଆପଣେଇଥିବା ସାଥୀ ବା ଦମ୍ପତି ଭାବନ୍ତି ଏମିତି କିଛିଦିନ ପରେ ସମ୍ପର୍କ ଆପେ ଆପେ ସଜାଡ଼ି ହୋଇଯିବ। ହେଲେ ଅଧିକ ସମୟ ପର୍ଯ୍ୟନ୍ତ ଏହି ଅବସ୍ଥା ରହିଲେ ସମ୍ପର୍କରେ ଭାବନାତ୍ମକ ଦୂରତା ବି ବଢ଼ିଚାଲେ। ଆଉ କେତେବେଳେ ହୁଏତ ଏଇ ଦୂରତା ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ।

**କାରଣ**

ସାଇଲେଣ୍ଟ ଟ୍ରିଟ୍‌ମେଣ୍ଟ ବା ନୀରବତାର ମୁଖ୍ୟ କାରଣ ହେଉଛି ଅସନ୍ତୋଷ, କ୍ରୋଧ କିମ୍ବା ମତଭେଦ। ଏଇସବୁ କାରଣରୁ ହିଁ ପରସ୍ପର ମଧ୍ୟରେ ଛୋଟମୋଟ ଝଗଡ଼ା ସୃଷ୍ଟି ହୋଇଥାଏ। ଏମିତି ଏକ ପରିସ୍ଥିତିରେ ସାଥୀଙ୍କ ମଧ୍ୟରୁ କେହି ଯଦି ରାଗିଥାନ୍ତି କିମ୍ବା ଅସନ୍ତୁଷ୍ଟ ରହିଥାନ୍ତି ତେବେ ଅନେକ ସମୟରେ ସେ ପ୍ରାୟତଃ ଚୁପ୍ ରହିବାକୁ ପସନ୍ଦ କରନ୍ତି। ଏହି ପରିସ୍ଥିତି ଉଭୟଙ୍କ ମଧ୍ୟରେ ଏକ ଭାବନାତ୍ମକ ଦୂରତା ବି ସୃଷ୍ଟି କରିଥାଏ। ବାରମ୍ବାର ପରସ୍ପର ମଧ୍ୟରେ କମ୍ ସମୟ କଥାବାର୍ତ୍ତା କାରଣରୁ ମନରେ ଏକ ପ୍ରକାର ଅଭିମାନ ସୃଷ୍ଟିହୁଏ। ଫଳରେ ସେମାନେ ନୀରବ ରହିବା ବାଟକୁ ବାଛି ନିଅନ୍ତି। ଅର୍ଥାତ୍ ସମ୍ପୂର୍ଣ୍ଣ ରୂପେ କଥାବାର୍ତ୍ତା ବନ୍ଦ କରିଦିଅନ୍ତି। ନିଜ ନିଜ ଜିଦ୍‌ରେ ଏଭଳି ସେମାନେ ଅଟଳ ରହନ୍ତି ଯେ ସମ୍ପର୍କରେ ଏହା ବିପରୀତ ପ୍ରଭାବ ପଡୁଛି ବୋଲି ଭୁଲିଯାଆନ୍ତି। ତେଣୁ ଉଭୟ ଦମ୍ପତି ଏସବୁ ଦୃଷ୍ଟିରୁ ଯଦି ଠିକ୍ ସମୟରେ ସଚେତନ ରହିପାରିବେ ତାହେଲେ ଏକ ସୁନ୍ଦର ମଧୁର ସମ୍ପର୍କକୁ ଅନୁଭବ କରିପାରିବେ।

**ସମ୍ପର୍କରେ ପ୍ରଭାବ**

ସାଥୀଙ୍କ ମଧ୍ୟରୁ ଜଣେ ଚୁପ୍ ରହିବା ଅନ୍ୟ ଜଣଙ୍କ ପାଇଁ ଯନ୍ତ୍ରଣା ଭଳି।





ଏଭଳି ସ୍ଥିତିରେ ଉଭୟ ସାଥୀ ଏକୁଟିଆ ମନେକରନ୍ତି। ଉଭୟ ବିଚାର କରନ୍ତି ଯେ ତାଙ୍କ ସମ୍ପର୍କକୁ ତାଙ୍କର ଯୋଗ୍ୟତାକୁ ସାଥୀଜଣକ ଗ୍ରହଣ କରୁନାହାନ୍ତି। ବାରମ୍ବାର ସାଥୀଙ୍କ ପାଖରୁ ଇଗ୍ନୋର ହେବା କାରଣରୁ ତାଙ୍କର ଆତ୍ମସମ୍ମାନରେ ମଧ୍ୟ ଆଞ୍ଚ ଆସିଥାଏ। ସାଥୀଙ୍କ ନୀରବତା ପାଇଁ ସେ ନିଜକୁ ଦୋଷୀ ମନେକରନ୍ତି କିମ୍ବା ପ୍ରତିକ୍ରିୟାଶୀଳ ହୋଇପଡ଼ନ୍ତି। ଫଳରେ ଅଭିମାନ ଅହଙ୍କାରର ରୂପ ନିଏ ଆଉ ସେତେବେଳେ ସାଥୀଜଣକ ସବୁଦିନ ପାଇଁ ଚୁପ୍ ରହିବାକୁ ପସନ୍ଦ କରନ୍ତି। ଏମିତି ଅନେକ ଦିନ ରହିବା ଫଳରେ କିଛିଦିନ ପରେ ପରସ୍ପର ଉପରୁ ବିଶ୍ୱାସ ଓ ଭରସା କମ୍ ହୋଇଯାଏ। ତା'ପରେ ଧୀରେ ଧୀରେ ସମ୍ପର୍କରେ ଦୂରତା ସୃଷ୍ଟି ହୋଇଥାଏ।

**କରନ୍ତୁ ସମାଧାନ**

ଆପଣଙ୍କ ସାଥୀ ଯଦି ଆପଣଙ୍କର କୌଣସି କଥା ବା ବ୍ୟବହାରରେ ଅସନ୍ତୁଷ୍ଟ ହୋଇଛନ୍ତି ବା ଅଭିମାନକରି କିଛି କହୁନାହାନ୍ତି ତେବେ ଆପଣ ହିଁ ପ୍ରଥମେ କଥାବାର୍ତ୍ତା ଆରମ୍ଭ କରନ୍ତୁ। ନିଜର ବ୍ୟବହାରରେ ଭୁଲ୍ ଥିବାର ପ୍ରଥମେ ସ୍ୱୀକାର କରି ତା'ପରେ ସାଥୀଙ୍କ ସହ କଥା ହୁଅନ୍ତୁ। ଏହାପରେ ସାଥୀଙ୍କ ଅଭିମାନର କାରଣ ସମ୍ପର୍କରେ ଜାଣିବା ପାଇଁ ଚେଷ୍ଟା କରନ୍ତୁ। ଏହାପରେ ଆପଣ ପ୍ରକୃତ କାରଣ ଜାଣିପାରିବେ ଓ ସେହି ଅନୁସାରେ ସାଥୀଙ୍କୁ ବୁଝାଇ ପାରିବେ। ଏମିତି ଏକ ଛୋଟ ପ୍ରୟାସ ଦ୍ୱାରା ଦୁଇଜଣଙ୍କ ଜୀବନରେ ଖୁସି ଫେରିପାରିବ। ଫଳରେ ପୂର୍ବଭଳି କଥାବାର୍ତ୍ତା କରି ସମ୍ପର୍କ ମଜଭୁତ କରିପାରିବେ।

## ଏମାନେ କ'ଣ କରନ୍ତି

**ଅଭିମାନରେ କଥା ବନ୍ଦ କରେ**



ବେଳେବେଳେ ଅଭିମାନରେ କଥାବାର୍ତ୍ତା ବନ୍ଦ କରିଦିଏ। କିନ୍ତୁ ଅନ୍ୟ ସବୁ କାମ କରୁଥାଏ। ସେ କେତେବେଳେ ଖାଇବେ, କ'ଣ ଖାଇବେ, ଡ୍ରେସ୍ ସଫା କରିବା ଏମିତି ତାଙ୍କ ପ୍ରତି ପୂରା ସମର୍ପିତ ରହିଥାଏ। ତାଙ୍କର ଯେତେବେଳେ ଯାହା ଦରକାର ସବୁ କରିଦିଏ ହେଲେ ସିଧାସଳଖ କଥା ହୁଏନି। ତେବେ ଏମିତି ବେଶି ଦିନ ବି ରହିପାରେନି। ଦିନେ କି ଦୁଇଦିନ ଭିତରେ ଆମେ ପରସ୍ପର ସହ କଥାବାର୍ତ୍ତା ହୋଇଥାଉ। କେବେ କେବେ ସେ ଆଗ କଥା ହୁଅନ୍ତି ତ ଆଉ କେବେ ମୁଁ ବି କଥାବାର୍ତ୍ତା ଆରମ୍ଭ କରେ। ସମୟ ଗଡ଼ିଗଲେ ରାଗରୁଷା ଆପେ ଆପେ କମିଯାଏ। ତା'ଛଡ଼ା ବେଶିଦିନ କଥା ନ ହୋଇ ମୁଁ ରହିପାରିବିନି। ସେଥିପାଇଁ ଯେମିତି ହେଉ କଥା ଆରମ୍ଭ କରେ। *– ସୁନନ୍ଦା ପଟ୍ଟନାୟକ, ଗୃହିଣୀ, ବ୍ରହ୍ମପୁର*

**କଥାବାର୍ତ୍ତାରେ ସମାଧାନ କରୁ**



ଅନେକ ସମୟରେ ଘର କଥାକୁ ନେଇ ଆମ ଭିତରେ ମତଭେଦ ହୋଇଥାଏ। ମୋର କୌଣସି କଥାକୁ ସେ ଯଦି ଗ୍ରହଣ କରି ନ ଥାନ୍ତି ତା'ହେଲେ ମତେ ବିରକ୍ତ ଲାଗେ। ସମସ୍ତଙ୍କ ଆଗରେ ପ୍ରତିବାଦ ତ କରେନି, କିନ୍ତୁ ରାଗରେ କାହାକୁ କିଛି କହେନି। ପରେ ସେହି ବିଷୟରେ ଆମେ ଦୁଇଜଣ କଥାବାର୍ତ୍ତା ହୋଇ ସମାଧାନ କରିଥାଉ। ଏହି ସମୟରେ ଆମେ ପରସ୍ପରର ଭାବନାକୁ ବୁଝିଥାଉ। ସେ କେଉଁ ଉଦ୍ଦେଶ୍ୟ ରଖି ଘର ଲୋକଙ୍କ ଆଗରେ କିଭଳି କଥା କହନ୍ତି ସେ ସମ୍ପର୍କରେ ଜାଣିପାରେ। ତେଣୁ ଆଉ ରାଗ ଅଭିମାନ କିଛି ରହେନି। *– ସୌମ୍ୟାଶ୍ରୀ ମିଶ୍ର, ଗୃହିଣୀ, ମହାନଦୀବିହାର, କଟକ*

**ଆଗ କଥା ହୁଏ**



ସବୁବେଳେ ମୁଁ ଆଗ ରାଗିଯାଏ ଆଉ କଥାବାର୍ତ୍ତା ବନ୍ଦ କରିଦିଏ, ପୁଣି ଆଗୁଆ ଯାଇ କଥା ହୁଏ। କାହିଁକିନା ସେ ମତେ ଫୋନ୍‌ରେ ମେସେଜ୍ ମାଧ୍ୟମରେ ଏଭଳି ବିଭିନ୍ନ କଥା କହନ୍ତି ଯାହାଫଳରେ ମୋର ସବୁ ଅଭିମାନ ଦୂରେଇଯାଏ। ତା'ପରେ ଫୋନ୍ କରି ଆଗୁଆ ଯାଇ କଥା ହୁଏ। ଜୀବନରେ ଏମିତି ଅନେକ ଥର ଝଗଡ଼ା ହୁଏ। ହେଲେ କୌଣସି ଥର ଏମିତି ଚୁପ୍ ରହିବା ବେଶିଦିନ ହୁଏନି କି ସମ୍ପର୍କରେ କୌଣସି ପ୍ରଭାବ ପକାଇ ନ ଥାଏ। ବରଂ ଏମିତି ଛୋଟମୋଟ ଝଗଡ଼ା ପାଇଁ ଆମ ସମ୍ପର୍କ ଆହୁରି ନିବିଡ଼ ହୋଇଥାଏ। *– ସୁଜାତା ନାୟକ, କର୍ମଜୀବୀ, ନୟାପଲ୍ଲୀ, ଭୁବନେଶ୍ୱର*





# ଖରାଦିନେ ଶାଢ଼ି

ଶାଢ଼ି ପିନ୍ଧିଲେ ଅଧିକ ଗରମ ହେବ ବୋଲି ସାଧାରଣତଃ ଧାରଣା ରହିଥାଏ। ମାତ୍ର ଏଭଳି କେତେକ ଫାବ୍ରିକ୍ ରହିଛି ଯାହା ଷ୍ଟାଇଲିଶ୍ ଦେଖାଯିବା ସହ ଖରାଦିନେ ପିନ୍ଧିବା ପାଇଁ ମଧ୍ୟ ଆରାମ ଲାଗିବ...



**କଟନ୍ ଶାଢ଼ି–** ଖରାଦିନ ପାଇଁ ସବୁଠୁ ଭଲ ଫାବ୍ରିକ୍ ଶାଢ଼ି ହେଉଛି କଟନ। ଏହି ଫାବ୍ରିକ୍‌ର ଶାଢ଼ି ହାଲୁକା ଓ ବ୍ରିଦେବଲ୍ ହୋଇଥାଏ। ତେଣୁ ଝାଳକୁ ଶୀଘ୍ର ଗ୍ରହଣ କରି ଶରୀରକୁ ଆରାମ ଦେଇଥାଏ। ତେଣୁ ଯେତେ ଅଧିକ ଗରମ ହେଲେ ବି କଟନ୍ ଶାଢ଼ି ପିନ୍ଧନ୍ତୁ ଷ୍ଟାଇଲିଶ୍ ଦେଖାଯିବା ସହ ଆରାମ ଲାଗିବ।

**ଲିନେନ୍–** ରେଗୁଲାର ଅଫିସ୍‌କୁ ଶାଢ଼ି ପିନ୍ଧି ଯାଉଥିଲେ ଲିନେନ୍ ଫାବ୍ରିକ୍ ଏକ ସୁନ୍ଦର ବିକଳ୍ପ ହୋଇପାରିବ। ଏହି ପ୍ରକାର ଶାଢ଼ି ସଫ୍ଟ ଓ ହାଲୁକା ହୋଇଥାଏ। ତେଣୁ ଅତ୍ୟଧିକ ଗରମ ହେଲେ ବି ଏହା ଝାଳକୁ ଗ୍ରହଣ କରି ଆରାମ ଅନୁଭବ କରାଇଥାଏ।

**ଖଦି ଶାଢ଼ି–** ଖରାଦିନେ ଗରମରେ ଆରାମ ଅନୁଭବ କରିବା ପାଇଁ ସବୁଠୁ ଭଲ ଫାବ୍ରିକ୍ ହେଉଛି ଖଦି। ଏହି ପ୍ରକାର ଶାଢ଼ି ବ୍ରିଦେବଲ ଓ ଇକୋ ଫ୍ରେଣ୍ଡଲି। ଏହି ଫାବ୍ରିକ୍ ଝାଳକୁ ଶୀଘ୍ର ଗ୍ରହଣ କରିଥାଏ ଓ ଶରୀରକୁ ଥଣ୍ଡା ରଖେ। ଏହା ଆରାମଦାୟକ ହେବା ସହ ଏଲିଗାଣ୍ଟ ଓ କ୍ଲାସି ଲୁକ୍ ଦେଇଥାଏ। ତେଣୁ ଏହାକୁ ଆପଣ ଯେକୌଣସି ସ୍ଥାନକୁ ପିନ୍ଧି ଯାଇପାରିବେ।

**ଶିଫନ ଶାଢ଼ି–** ଏହି ପ୍ରକାର ଶାଢ଼ି ଏତେ ହାଲୁକା ହୋଇଥାଏ ଯେ ପିନ୍ଧିଲେ ଖୁବ୍ ଆରାମ ଲାଗିଥାଏ। ଗରମ ଅନୁଭବ ମଧ୍ୟ କମ୍ କରିଥାଏ। ଏହାର ବିଭିନ୍ନ ଡିଜାଇନ ରହିଛି ଯାହାକୁ ଆପଣ ବିଭିନ୍ନ ସ୍ଥାନକୁ ପିନ୍ଧି ଯାଇପାରିବେ।

**ମସ୍‌ଲିନ୍ ଶାଢ଼ି–** ଏହି ପ୍ରକାର ଶାଢ଼ି ଲହୁଣି ଭଳି ନରମ ଓ ଚିକ୍‌କଣ ଲାଗିଥାଏ। ତେଣୁ ଏହାକୁ ଗରମ ଦିନେ ପିନ୍ଧିଲେ ବହୁତ ଆରାମ ଲାଗେ।

# ଏସି ଲଗାଉଥିଲେ...

ଖରାଦିନେ ଏସି ବ୍ୟବହାର କରୁଥିଲେ ବିଭିନ୍ନ ଦିଗପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଜାଣନ୍ତୁ ସେ ସମ୍ପର୍କରେ...

- ➤ ଘଣ୍ଟା ଘଣ୍ଟା ଧରି ଏସି ଚାଲିଲେ କମ୍ପ୍ରେସର ଉପରେ ଚାପ ପଡ଼ିଥାଏ। ତେଣୁ ଠିକ୍ ସମୟରେ ଟେକ୍‌ନିସିଆନ୍‌ଙ୍କୁ ଡାକି ଏହାର ସର୍ଭିସିଂ କରାନ୍ତୁ। ନଚେତ୍ ଅତ୍ୟଧିକ ଗରମ ହୋଇ ବ୍ଲାଷ୍ଟ ହେବାର ଆଶଙ୍କା ଥାଏ।
- ➤ ଏସିର ଆଉଟଡୋର୍ ୟୁନିଟ୍‌କୁ ଛାତ ଉପରେ ରଖିଲେ ଦିନ ସାରା ଖରା ପଡ଼ିଥାଏ। ଫଳରେ ଅନେକ ସମୟରେ ମେଶିନ୍‌ର ତାପମାତ୍ରା ସହିତ ଖରା ଯୋଗୁଁ ମେଶିନ୍ ଖରାପ ହେବାର ଆଶଙ୍କା ସୃଷ୍ଟି ହୋଇଥାଏ। ତେଣୁ ଏହାକୁ ଏଭଳି ସ୍ଥାନରେ ରଖନ୍ତୁ ଯେପରି ଉପରେ କୌଣସି ପ୍ରକାରର ଛାତ ଅଥବା ଛାଇ ହେଉଥିବ।
- ➤ ଖରାଦିନେ ଭୋଲଟେଜ୍ କମ୍ ବେଶି ହୋଇଥାଏ। ଏହି କାରଣରୁ ଏସି ମୋଟର ଓ ସର୍କିଟ୍ ପୋଡ଼ିଯିବାର ଆଶଙ୍କା ରହିଥାଏ। ଏହି ସମସ୍ୟା ନ ହେବା ପାଇଁ ଭଲ କ୍ୱାଲିଟିର ଭୋଲଟେଜ୍ ଷ୍ଟାବିଲାଇଜର ଲଗାନ୍ତୁ।
- ➤ ଏସି ଲାଗିବା ପରେ ଯଦି ଥଣ୍ଡା ହେଉ ନ ଥାଏ ତେବେ ଗ୍ୟାସ୍ ଲିକେଜ୍ ହୋଇଥାଇପାରେ। ତେଣୁ ତୁରନ୍ତ ଏହାକୁ ଠିକ୍ କରାନ୍ତୁ।
- ➤ ଏସି ଲଗାଇବା ପରେ ଯଦି ହଠାତ୍ କିଛି ଖରାପ ଶବ୍ଦ ହୁଏ ଅଥବା ପୋଡ଼ିବାର ଗନ୍ଧ ହୁଏ ତାହେଲେ ତୁରନ୍ତ ଏସି ବନ୍ଦ କରି ପ୍ଲଗ୍ ବାହାର କରି ଦିଅନ୍ତୁ।
- ➤ ଖରାପ ହୋଇଥିବା ତାର କିମ୍ବା ଢିଲା ପ୍ଲଗ୍ ଥିଲେ ଶୀଘ୍ର ବଦଳାଇ ଦିଅନ୍ତୁ।

**ଖାଦ୍ୟରୁଚି**

# ଟମାଟୋ ପକୁଡ଼ି

**ଆବଶ୍ୟକ ସାମଗ୍ରୀ–** ଟମାଟୋ– ୮ରୁ ୧୦ଟି, ବେସନ– ୫୦୦ ଗ୍ରାମ୍, ଛାଣିବା ପାଇଁ ତେଲ

**ଆଳୁ ପୁର ପାଇଁ–** ଆଳୁ ୫୦୦ ଗ୍ରାମ୍, ପିଆଜ– ୨ଟି, ପାନମଧୁରୀ, ଧନିଆ ଓ ଜିରା– ଅଧା ଚାମଚ, କଞ୍ଚାଲଙ୍କା– ୫ଟି, ଅଦା– ଖଣ୍ଡେ (୧ ଇଞ୍ଚ), ଗୋଲମରିଚ ଗୁଣ୍ଡ– ଅଧା ଚାମଚ, ହେଙ୍ଗୁ– ଅଳ୍ପ, ଲଙ୍କାଗୁଣ୍ଡ– ଅଧା ଚାମଚ, ଧନିଆ ଗୁଣ୍ଡ– ଅଧା ଚାମଚ, କସ୍ତୁରୀ ମେଥି– ଅଳ୍ପ, ଗରମ ମସଲା– ଅଧା ଚାମଚ, ଆମଚୁର ପାଉଡର– ଅଳ୍ପ, ଜୁଆଣି– ଅଧା ଚାମଚ, ସ୍ୱାଦ ଅନୁସାରେ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଆଳୁକୁ ସିଝାଇ ଚୋପା ଛଡ଼ାଇ ରଖନ୍ତୁ। ପିଆଜକୁ ଛୋଟ ଛୋଟ କରି କାଟନ୍ତୁ। ଆଳୁ ପୁର ପ୍ରସ୍ତୁତି ନିମନ୍ତେ ଗ୍ୟାସ୍ ଲଗାଇ କଡ଼େଇ ଗରମ କରନ୍ତୁ। ଏଥିରେ ଅଳ୍ପ ସୋରିଷ ତେଲ ପକାନ୍ତୁ। ତେଲ ଗରମ ହେବା ପରେ ସେଥିରେ ଜିରା, ପାନ ମଧୁରୀ, ଧନିଆ ପକାନ୍ତୁ। ଏସବୁ ଫୁଟିବା ପରେ ସେଥିରେ କଞ୍ଚାଲଙ୍କା ଛୋଟ ଛୋଟ କାଟି ପକାନ୍ତୁ। ଏହାପରେ ଅଦାକୁ କୋରି ପକାନ୍ତୁ। ଏବେ ଏଥିରେ ଅଳ୍ପ ହେଙ୍ଗୁ ଓ ୨ ବଡ଼ ଚାମଚ ବେସନ ପକାଇ ହାଲୁକା ଆଞ୍ଚରେ ଭାଜନ୍ତୁ। ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଓ କସ୍ତୁରୀ ମେଥି ପକାନ୍ତୁ। ଏବେ ସେଥିରେ ପିଆଜକୁ ଛୋଟ ଛୋଟ କାଟି ପକାନ୍ତୁ। ପିଆଜ ଭାଜି ହୋଇ ଆସିଲେ ସେଥିରେ ସିଝା ଆଳୁକୁ ହାତରେ ଖଣ୍ଡ ଖଣ୍ଡ କରି ପକାନ୍ତୁ। ଏବେ ସେଥିରେ ଲୁଣ, ବ୍ଲାକ୍ ସଲ୍‌ଟ, ଗରମ ମସଲା ଓ ଆମଚୁର ପାଉଡର ପକାଇ ଭାଜନ୍ତୁ। କିଛି ସମୟ ପରେ ତଳକୁ ଓହ୍ଲାଇ ଥଣ୍ଡା କରନ୍ତୁ। ଅନ୍ୟ ଏକ ପାତ୍ରରେ ବେସନ ସହ ଜୁଆଣି, ଲୁଣ ଓ ଲଙ୍କା ଗୁଣ୍ଡ ପକାଇ ଏକ ଗାଢ଼ା ଘୋଳ ତିଆରି କରି ୧୦ ମିନିଟ୍ ଘୋଡ଼ାଇ ରଖି ଦିଅନ୍ତୁ। ଟମାଟୋକୁ ଅଧାକୁ କାଟି ସେଥିରେ ଥିବା ମଞ୍ଜି ହାଲୁକା ଭାବରେ ବାହାର କରି ଦିଅନ୍ତୁ। ଏବେ ସେଥିରେ ଆଳୁପୁର ଭର୍ତ୍ତିକରି ବେସନରେ ବୁଡ଼ାଇ ତେଲ ଗରମ କରି ଛାଣି ନିଅନ୍ତୁ। ଏହାକୁ ଗରମ ଗରମ କୌଣସି ଚଟଣି କିମ୍ବା ସସ୍ ସହ ଖାଆନ୍ତୁ।



**ସୌନ୍ଦର୍ଯ୍ୟ**

# ସ୍କିନ୍ କେୟାର

ଖରାଦିନେ ଖାଦ୍ୟପେୟ ସହ ତ୍ୱଚାର ମଧ୍ୟ ଉପଯୁକ୍ତ ଯତ୍ନନେବାକୁ ହୋଇଥାଏ। ଜାଣନ୍ତୁ ଏ ସମ୍ପର୍କରେ...





ଖରାଦିନେ ଅଲ୍‌ଟ୍ରା ଭାଓଲେଟ୍ ରଶ୍ମି ଓ ହ୍ୟୁମିଡିଟି ଯୋଗୁ ତ୍ୱଚା ପ୍ରଭାବିତ ହୋଇଥାଏ। ବିଶେଷକରି ଟ୍ୟାନିଂ, ପିଗ୍‌ମେଣ୍ଟେଶନ ଓ ଇନ୍‌ଫେକ୍‌ଶନ ହେବାର ଆଶଙ୍କା ରହିଥାଏ। ତେଣୁ ଏହି ଦିନେ କିଭଳି ଯତ୍ନ ନେବେ ଜାଣିରଖନ୍ତୁ।

- → ଦିନକୁ ୨ଥର ଫେସ୍‌ୱାଶ୍‌ରେ ମୁହଁ ଧୁଅନ୍ତୁ। ଅଏଲି ସ୍କିନ୍ ହୋଇଥିଲେ ଜେଲ୍‌ବେସ୍‌ଡ ଫେସ୍‌ୱାଶ୍ ଲଗାନ୍ତୁ। ଡ୍ରାଏ ସ୍କିନ୍ ହୋଇଥିଲେ କ୍ରିମ୍ ବେସ୍‌ଡ ଫେସ୍‌ୱାଶ୍ ଲଗାନ୍ତୁ। ଫଳରେ ଝାଳ, ଧୂଳି ଓ ଅତ୍ୟଧିକ ଅଏଲି ହୋଇଥିଲେ ସ୍କିନ୍ ଫ୍ରେଶ୍ ଲାଗିବ।
- → ଏହି ଦିନେ ପିଏଚ୍ ବାଲାନ୍ସ କରିବା ନିମନ୍ତେ ଟୋନର ବ୍ୟବହାର ନିଶ୍ଚୟ କରନ୍ତୁ। ତେବେ ଖରାଦିନ ପାଇଁ ଆଲ୍‌କୋହଲ ଫ୍ରି ଟୋନର ଲଗାନ୍ତୁ। କିନ୍ତୁ ଡ୍ରାଏ ସ୍କିନ୍ ହୋଇଥିଲେ ହାଇଡ୍ରେଟିଂ ଟୋନର ଲଗାନ୍ତୁ।
- → ସ୍ନାନକରିବା ପରେ ଓ ଶୋଇବା ପୂର୍ବରୁ ତ୍ୱଚାରେ ମଶ୍ଚରାଇଜର ନିଶ୍ଚୟ ଲଗାନ୍ତୁ। ତେବେ ସେନ୍‌ସିଟିଭ୍ ସ୍କିନ୍ ହୋଇଥିଲେ ଆଲୋଭେରା ବେସ୍‌ଡ ମଶ୍ଚରାଇଜର ଲଗାନ୍ତୁ।
- → ତ୍ୱଚାରେ ଅଲ୍‌ଟ୍ରା ଭାଓଲେଟ୍ ରଶ୍ମିର ପ୍ରଭାବ କମ୍ କରିବା ନିମନ୍ତେ ଏସ୍‌ପିଏଫ୍ ୩୦ କିମ୍ବା ତା' ଠାରୁ ଅଧିକ ଥିବା ସନ୍‌ସ୍କ୍ରିନ୍ ଲଗାନ୍ତୁ। ପ୍ରତି ୩ ଘଣ୍ଟାରେ ଥରେ ଏହାକୁ ଲଗାନ୍ତୁ। ଯଦି ବେଶି ସମୟ ଖରାରେ ରହୁଛନ୍ତି କିମ୍ବା ଅତ୍ୟଧିକ ଝାଳ ବାହାରୁଛି ତା'ହେଲେ ପ୍ରତି ୨ ଘଣ୍ଟାରେ ଥରେ ସନ୍‌ସ୍କ୍ରିନ୍ ଲଗାନ୍ତୁ।
- → ସପ୍ତାହକୁ ୨ଥର ମୃତକୋଷ ଦୂର କରିବା ନିମନ୍ତେ ଘରେ ଫେସିଆଲ୍ କରିପାରିବେ। ଯଦି ଫେସିଆଲ କରିପାରୁନାହାନ୍ତି ତେବେ ୨–୩ ଥର କ୍ଲେ ମାସ୍କ ଲଗାନ୍ତୁ। ସପ୍ତାହକୁ ଥରେ କିମ୍ବା ୨ ଥର ସ୍କ୍ରବ୍ କରନ୍ତୁ।
- → ପ୍ରଚୁର ପାଣି ପିଅନ୍ତୁ ଓ ଫଳ ତଥା ପନିପରିବା ଖାଆନ୍ତୁ।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୮/୨୦୨୬ Bhubaneswar, Tuesday, April 28/ 2026




# ପରାଜୟର ପ୍ରତିଶୋଧ ନେଲା ଆରସିବି


ଉଇକେଟ ନେବା ପରେ ଜୋଶ ହାଜେଲ୍‌ଉଡ୍‌ଙ୍କୁ କୃନାଲ ପାଣ୍ଡ୍ୟାଙ୍କ ବଧେଇ ।

**ନୂଆଦିଲ୍ଲୀ, ୨୭।୪**

ବେଙ୍ଗାଲୁରୁରେ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ପରାଜୟର ପ୍ରତିଶୋଧ ଦିଲ୍ଲୀରେ ନେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ଜୋଶ୍ ହାଜେଲଉଡ ଓ ଭୁବନେଶ୍ୱର କୁମାର (ଭୁବି)ଙ୍କ ଘାତକ ବୋଲିଂ ପରେ ଦେବଦତ୍ତ ପଡିକାଲଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ଆରସିବି ୯ ଉଇକେଟରେ ଦିଲ୍ଲୀକୁ ପରାସ୍ତ କରିଛି। ବ୍ୟାଟିଂ ବିପର୍ଯ୍ୟୟର

### ଭୁବି-ହାଜେଲଉଡ୍‌ଙ୍କ ଘାତକ ବୋଲିଂ

ସମ୍ମୁଖୀନ ହୋଇଥିବା ଦିଲ୍ଲୀ ଦଳ ୧୬.୩ ଓଭରରେ ମାତ୍ର ୭୫ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଆରସିବି ୬.୩ ଓଭରରେ ମାତ୍ର ୧ ଉଇକେଟ ହରାଇ ୭୭ ରନ ସଂଗ୍ରହ କରି ନେଇଥିଲା। ଜ୍ୟାକବ ବେଥେଲ ୨୦ ରନକରି ଆଉଟ ହୋଇଥିବାବେଳେ ପଡିକାଲ ୧୩ ବଲ୍‌ରୁ ୩୪ (୩ ଚୌକା, ୩ ଛକା) ଓ ବିରାଟ କୋହଲି ୨୩ ରନରେ ଅପରାଜିତ ରହି ମ୍ୟାଚ ଫିନିଶ୍ କରିଥିଲେ। ଏଥିସହ କୋହଲି ଆଇପିଏଲ୍‌ରେ ୯୦୦୦ ରନ ପୂରଣ କରିଥିଲେ। ଭୁବି ଓ ହାଜେଲଉଡ୍‌ଙ୍କ ପେସ ଯୋଡ଼ି ଦିଲ୍ଲୀର ବ୍ୟାଟିଂ ଲାଇନ୍‌ଅପ୍‌କୁ ଧ୍ୱଂସ କରି ଦେଇଥିଲା। ଘରୋଇ ଦଳ ୪ ଓଭର ମଧ୍ୟରେ ୮ ରନରେ ୬ ଉଇକେଟ ହରାଇଥିଲା। ଏପରିକି ଦଳ ପ୍ରଥମ ୬ ଓଭର ସୁଦ୍ଧା ୬ ଉଇକେଟ ହରାଇ ମାତ୍ର ୧୩ ରନ କରିଥିଲା, ଯାହାକି ଆଇପିଏଲ୍ ଇତିହାସରେ ସର୍ବନିମ୍ନ ପାୱାରପ୍ଲେ ସ୍କୋର। ଦୁଇ ପେସର ପାୱାରପ୍ଲେରେ ୩ ଲେଖାଏ ଉଇକେଟ ନେଇଥିଲେ, ଯାହାକି ଆଇପିଏଲ୍ ଇତିହାସରେ ପ୍ରଥମ। ଏହାପରେ ଡେଭିଡ୍ ମିଲର (୧୯) ଓ କାଏଲ ଜେମିସନ (୧୨)ଙ୍କ ସହ ମିଶି ଅଭିଷେକ ପୋରେଲ ଦଳୀୟ ସ୍କୋରକୁ ୫୦ ପାର କରାଇଥିଲେ। ପୋରେଲ ୧୭ତମ ଓଭରରେ ଅନ୍ତିମ ବ୍ୟାଟର ଭାବେ ୩୩ ବଲରେ ୩୦ (୩ ଚୌକା) କରି ଆଉଟ୍ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୭୫/ଅଲଆଉଟ୍ (ଅଭିଷେକ ପୋରେଲ-୩୦, ଡେଭିଡ୍ ମିଲର-୧୯, ଭୁବନେଶ୍ୱର କୁମାର-୩/୫, ଜୋଶ ହାଜେଲଉଡ୍-୪/୧୨)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୬.୩ ଓଭରରେ ୭୭/୧ (ଦେବଦତ୍ତ ପଡିକାଲ-୩୪*, ଜ୍ୟାକବ ବେଥେଲ-୨୦, ବିରାଟ କୋହଲି-୨୩*)।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
ପଞ୍ଜାବ ବନାମ ରାଜସ୍ଥାନ
ସ୍ଥାନ: ନ୍ୟୁ ଚଣ୍ଡିଗଡ଼
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୭ | ୬ | ୦ | ୧ | ୧୩ | +୧.୩୩୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୬ | ୨ | ୦ | ୧୨ | +୧.୯୧୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୫ | ୩ | ୦ | ୧୦ | +୦.୮୧୫ |
| ରାଜସ୍ଥାନ ରୟାଲ୍ସ | ୮ | ୫ | ୩ | ୦ | ୧୦ | +୦.୬୦୨ |
| ଗୁଜରାଟ ଟାଇଟନ୍ସ | ୮ | ୪ | ୪ | ୦ | ୮ | -୦.୪୭୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୩ | ୫ | ୦ | ୬ | -୦.୧୨୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୩ | ୫ | ୦ | ୬ | -୧.୦୬୦ |
| ନାଇଟ ରାଇଡର୍ସ | ୮ | ୨ | ୫ | ୧ | ୫ | -୦.୭୫୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୨ | ୬ | ୦ | ୪ | -୧.୧୦୬ |

# ରଘୁବଂଶୀଙ୍କୁ ଜରିମାନା

**ଲକ୍ଷ୍ନୌ, ୨୭।୪ (ପି.ଟି)**

କୋଲକାତା ନାଇଟ ରାଇଡର୍ସ ବ୍ୟାଟର ଅଙ୍ଗକ୍ରିଶ ରଘୁବଂଶୀଙ୍କୁ ସୋମବାର ତାଙ୍କ ମ୍ୟାଚ୍ ଫିଁର ୨୦ ପ୍ରତିଶତ ଜରିମାନା କରାଯାଇଛି। ଏଠାରେ ତାଙ୍କ ଦଳର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ ବେଳେ ପଡ଼ିଆରେ ବାଧା ସୃଷ୍ଟି କରିବା କାରଣରୁ ତାଙ୍କୁ ବାହାର କରିଦିଆଯିବା ପରେ ଭାବପ୍ରବଣ ପ୍ରତିକ୍ରିୟା ପାଇଁ ଏହି ଦଣ୍ଡବିଧାନ କରାଯାଇଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚରେ କେକେଆର ସୁପର ଓଭର ଜରିଆରେ ବିଜୟୀ ହୋଇଥିଲା। ରଘୁବଂଶୀ ହେଉଛନ୍ତି କୋଲକାତା ନାଇଟ ରାଇଡର୍ସର ଜଣେ ଉଇକେଟକିପର ଓ ବ୍ୟାଟର। ଖେଳାଳି ଓ ଟିମ୍ ଅଫିସିଆଲଙ୍କ ଲାଗି ଉଦ୍ଦିଷ୍ଟ ଆଇପିଏଲ୍ ଆଚରଣବିଧିର ଉଲ୍ଲଂଘନ ପାଇଁ ରଘୁବଂଶୀଙ୍କୁ ଜରିମାନା ବ୍ୟତୀତ ତାଙ୍କ ଶୃଙ୍ଖଳାଗତ ଖାତାରେ ଏକ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି। ଘଟଣାଟି ୫ମ ଓଭରରେ ଘଟିଥିଲା, ପଡ଼ିଆରେ ବାଧା ସୃଷ୍ଟି କରିବାରୁ ତାଙ୍କୁ ଆଉଟ ଦିଆଯାଇଥିଲା। ଏଥିରେ ସେ ପ୍ରତିକ୍ରିୟାଶୀଳ ହୋଇ ବାଉଣ୍ଡରି କୁଶନକୁ ତାଙ୍କ ବ୍ୟାଟ୍‌ରେ ପ୍ରହାର କରିବା ସହ ଡଗ୍‌ଆଉଟ୍‌କୁ ତାଙ୍କ ହେଲ୍‌ମେଟ ଫିଙ୍ଗି ଦେଇଥିଲେ। ରଘୁବଂଶୀ ତାଙ୍କ ଅପରାଧକୁ ସ୍ୱୀକାର କରିବା ସହ ମ୍ୟାଚ ରେଫରିଙ୍କ ଦଣ୍ଡବିଧାନକୁ ଗ୍ରହଣ କରିନେଇଥିଲେ।




# ଆଇସ୍ୱିମ୍ ସମର ଚ୍ୟାଲେଞ୍ଜ

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ଓ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍) ଆନୁକୂଲ୍ୟରେ ଆଇସ୍ୱିମ୍ ସମର ଚ୍ୟାଲେଞ୍ଜ ସୋମବାର ଶେଷ ହୋଇଛି। କିଟ୍-କିସ୍ ଅନ୍ତର୍ଜାତୀୟ ସୁଇମିଂ କମ୍ପ୍ଲେକ୍ସରେ ସୁଇମରମାନେ ଏହି କାର୍ଯ୍ୟକ୍ରମରୁ ଉପଯୋଗୀ ଅଭିଜ୍ଞତା ହାସଲ କରିଛନ୍ତି। ପ୍ରବଳ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ କୋଚ୍, ବୈଷୟିକ ଅଧିକାରୀ, ଭଲ୍ୟୁଣ୍ଟିୟର ଓ ଆୟୋଜକଙ୍କ ଉଦ୍ୟମ ଯୋଗୁ ଏହି ଇଭେଣ୍ଟ ସଫଳତାର ସହ ସମ୍ପନ୍ନ ହୋଇଛି। ଓଡ଼ିଶା (ଆଇଆଇଏସ୍ ଭୁବନେଶ୍ୱର, ଜିଏଏଫ୍ କିସ୍), କର୍ଣ୍ଣାଟକ (ପିଇଟି ମଧ୍ୟ), ପଶ୍ଚିମବଙ୍ଗ (ବେଙ୍ଗଲ ସୁଇମିଂ ଏକାଡେମୀ, ଏଚ୍‌ଏଲ୍‌ଏନ୍‌କେ ସାନ୍ତାର) ଓ ଝାଡ଼ଖଣ୍ଡ (ଟାଟା) ଆଦି ଦଳର ସୁଇମରମାନେ ଏଥିରେ ଭାଗ ନେଇଥିଲେ। ଓପନ, ଗ୍ରୁପ୍-୨, ଗ୍ରୁପ୍-୩ ଏବଂ ଗ୍ରୁପ୍-୪ ବର୍ଗରେ ପ୍ରତିଯୋଗିତାରେ ମୋଟ ୫୬ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ୧୫ଟି କ୍ଲବର ୫୧୪ ସୁଇମର ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ମୋଟ ୧,୯୧୪ ବ୍ୟକ୍ତିଗତ ଏଣ୍ଟ୍ରି ସନ୍ତରଣ କ୍ରୀଡ଼ାର ଲୋକପ୍ରିୟତାକୁ ସୂଚାଉଛି। ପ୍ରତି ବର୍ଗର ୩ ଜଣ ଲେଖାଏ ଶ୍ରେଷ୍ଠ ସୁଇମରଙ୍କୁ ପୁରସ୍କୃତ କରାଯାଇଛି। କିସ୍ ପକ୍ଷରୁ ସର୍ବାଧିକ ୨୯୮ ସୁଇମର ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରେ ୧୯୦ ବାଳିକା ଓ ୧୦୮ ବାଳକ ସାମିଲ। ପ୍ରଦର୍ଶନ ଦୃଷ୍ଟିରୁ ଇନ୍‌ସ୍ପାୟର ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସ (ଆଇଆଇଏସ୍) ଭୁବନେଶ୍ୱରର ପ୍ରଦର୍ଶନ ପ୍ରଭାବୀ ରହିଥିଲା। ବିଭିନ୍ନ ବର୍ଗରେ ଏହାର ପ୍ରତିଯୋଗୀମାନେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନର ଉଦ୍ୟମ ଯୋଗୁ କିସ୍ ପ୍ରତିଯୋଗୀମାନେ ପ୍ରଦର୍ଶନର ଛାପ ଛାଡ଼ିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସିବ୍ୟକ୍ତ କରିଛନ୍ତି।


ଆଇସ୍ୱିମ୍ ସମର ଚ୍ୟାଲେଞ୍ଜ ପ୍ରତିଯୋଗିତା ଅବସରରେ ପ୍ରତିଯୋଗୀମାନେ।

**ଆନ୍ତଃଜିଲା ମହିଳା ଟି୨୦**

# ଅଙ୍କିତାଙ୍କୁ ୫ ଉଇକେଟ ; ରାଉରକେଲା ବିଜୟୀ

**କଟକ, ୨୭।୪ (କୁମାରଶ୍ରୀ)**

ଆନ୍ତଃଜିଲା ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ରାଉରକେଲା ୯ ଉଇକେଟରେ ନୂଆପଡାକୁ ପରାସ୍ତ କରିଛି। ରେଲୱେ ଗ୍ରାଉଣ୍ଡରେ ପ୍ରଥମେ ବ୍ୟାଟିଂ କରିଥିବା ନୂଆପଡା ମାତ୍ର ୧୭ରନରେ ଅଲଆଉଟ ହୋଇଥିଲା। ରାଉରକେଲାର ଅଙ୍କିତା ପାଣି ୪ରନ ବିନିମୟରେ ୫ଟି ଉଇକେଟ ଦଖଲ କରି ନୂଆପଡାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୨.୪ ଓଭରରେ ଗୋଟିଏ ଉଇକେଟ ହରାଇ ରାଉରକେଲା ବିଜୟ ହାସଲ କରିଥିଲା। ୫ ଉଇକେଟ ସଫଳତା ପାଇଥିବା ଅଙ୍କିତା ପ୍ଲେୟର ଅଫ ଦି ମ୍ୟାଚ୍ ହୋଇଥିଲେ। ଅନ୍ୟ ମ୍ୟାଚ୍ ଗୁଡିକରେ କିଟ ୩୮ରନରେ କୋରାପୁଟକୁ, ବରଗଡ ୪୧ରନରେ ଗଞ୍ଜାମକୁ, କଟକ ୬ ଉଇକେଟରେ ମୟୂରଭଞ୍ଜକୁ, ଭଦ୍ରକ ୮ ଉଇକେଟରେ ମାଲକାନଗିରିକୁ, ଜଗତସିଂହପୁର ୮ ଉଇକେଟରେ କଳାହାଣ୍ଡିକୁ, ବଲାଙ୍ଗୀର ୧୫ରନରେ ସୁନ୍ଦରଗଡକୁ, କେନ୍ଦୁଝର ୯୨ରନରେ ନୟାଗଡକୁ, ନବରଙ୍ଗପୁର ୫୮ରନରେ ଦେବଗଡକୁ ପରାସ୍ତ କରିଛି।

# ଅଷ୍ଟ୍ରେଲିଆକୁ ହରାଇ କ୍ୱାର୍ଟରରେ ଭାରତ

**ହୋର୍ସେନ, ୨୭।୪ (ପି.ଟି.)**

### ଥୋମାସ୍ କପ୍ ବ୍ୟାଡ୍‌ମିଣ୍ଟନ

ଗ୍ରୁପ୍ ‘ଏ’ରେ ଅଷ୍ଟ୍ରେଲିଆ ବିପକ୍ଷରେ ୫-୦ରେ ବିଜୟ ହାସଲ କରି ଭାରତ ଏଠାରେ ଚାଲିଥିବା ଥୋମାସ କପ୍ ଫାଇନାଲ୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ସୋମବାର ଏହି ବିଜୟ ଦ୍ୱାରା ଭାରତ ଓ ଚାଇନା ଗ୍ରୁପ୍‌ରେ ପ୍ରଥମ ଦୁଇ ସ୍ଥାନ ଅଧିକାର କରିନେଇଛନ୍ତି। ୨୦୨୨ ଚାମ୍ପିୟନ ୪-୧ରେ କାନାଡାକୁ ପରାସ୍ତ କରି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ଚାଇନା ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ୫-୦ରେ ବିଜୟ ଲାଭ କରିଥିବା ବେଳେ ସୋମବାର ସକାଳେ କାନାଡାକୁ ୪-୧ରେ ହରାଇ ଦେଇଥିଲା। ଇଫ୍ରେମ୍ ଷ୍ଟିଫେନ ସାମ୍‌ଙ୍କୁ ୨୧-୧୪, ୨୧-୧୬ରେ ପରାସ୍ତ କରି ପ୍ୟାରିସ ଅଲିମ୍ପିଆନ ତଥା ରାଜ୍ୟଗୋଷ୍ଠୀ ଚାମ୍ପିୟନ ଲକ୍ଷ୍ୟ ସେନ୍ ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ଅନ୍ୟପକ୍ଷରେ ୟୁଏସ୍ ଓପନ ଚାମ୍ପିୟନ ତଥା ନିକଟରେ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ରେ ରନରଅପ୍ ଆୟୁଷ ଶେଟ୍ଟି ଶ୍ରେ ଧଣ୍ଡ୍‌ଙ୍କ ବିପକ୍ଷରେ ୨୧-୮, ୨-୧୬ରେ ବିଜୟ ଲାଭ କରିଥିଲେ। ସେହିପରି ଏସିଆନ ଗେମ୍ସ ଚାମ୍ପିୟନ ତଥା ଭାରତର ଟପ୍ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପ୍ରତିପକ୍ଷ ରିଜ୍‌କି ହିଦାୟତ ଓ ଜ୍ୟାକ୍ ୟୁଙ୍କୁ ୨୧-୧୪, ୨୧-୧୬ରେ ହରାଇ ଭାରତକୁ ୩-୦ରେ ଅଗ୍ରଣୀ କରାଇବା ସହ ବିଜୟକୁ ପକ୍କା କରିଥିଲେ।

**ଏଆଇଟିଏର ୨୦୨୪ ନିର୍ବାଚନ ଫଳାଫଳ କାର୍ଯ୍ୟ କରିବାକୁ ହାଇକୋର୍ଟଙ୍କ ଅନୁମତି**

# ଗୀତା ମିତ୍ତଲ ପ୍ରଶାସକ ନିଯୁକ୍ତ

**ନୂଆଦିଲ୍ଲୀ, ୨୭।୪ (ଏପି)**

ଗତ ୨୦୨୪ ସେପ୍ଟେମ୍ବର ୨୮ ତାରିଖରେ ହୋଇଥିବା ଅଲ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ନିର୍ବାଚନର ଫଳାଫଳ କାର୍ଯ୍ୟକାରୀ କରିବାକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଅନୁମତି ଦେଇଛନ୍ତି। କିନ୍ତୁ ନିର୍ବାଚିତ ପରିଷଦ କେବଳ ଏକ ଅନ୍ତରୀଣ ବ୍ୟବସ୍ଥା ଭାବେ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ ପୂର୍ବତନ ମୁଖ୍ୟ ବିଚାରପତି ଗୀତା ମିତ୍ତଲଙ୍କ ମାର୍ଗଦର୍ଶନରେ କାର୍ଯ୍ୟ କରିବ।

କୋର୍ଟଙ୍କ ଅର୍ଡରରେ ବିଚାରପତି ମିନି ପୁଷ୍କର୍ଣ୍ଣା ସ୍ପଷ୍ଟ କରିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ ୨୦୨୪ ନିର୍ବାଚନକୁ ପରିବର୍ତ୍ତନ କରାଯିବ ନାହିଁ। କାର୍ଯ୍ୟକାରୀ କମିଟି ସୀମିତ ଦକ୍ଷତାରେ ଜଷ୍ଟିସ ମିତ୍ତଲଙ୍କ ମାର୍ଗଦର୍ଶନରେ କାର୍ଯ୍ୟ କରିବ। ଏହାର ଅର୍ଥ ଗୁଜରାଟ ରାଜ୍ୟ ଆସୋସିଏଶନର ସଦସ୍ୟ ଚିନ୍ତନ ପାରିଖ ଏଆଇଟିଏର ନୂଆ ସଭାପତି। ମହାରାଷ୍ଟ୍ରର ସୁନ୍ଦର ଆୟାର ସାଧାରଣ ସମ୍ପାଦକ ଓ ପଞ୍ଜାବର ଦୀନେଶ ଆରୋରା ଟ୍ରେଜରର ଭାବେ କାର୍ଯ୍ୟ କରିବେ। କୋର୍ଟ ଜଷ୍ଟିସ ମିତ୍ତଲଙ୍କୁ ଏଆଇଟିଏର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବା ସହ ଜାତୀୟ ସ୍ପୋର୍ଟ୍ସ କୋଡ୍ ଅନୁଯାୟୀ ଏହାର କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ ଦାୟିତ୍ୱ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଏଆଇଟିଏର କାର୍ଯ୍ୟକାରୀ ପରିଷଦରେ ୨୫ ସଦସ୍ୟ ରହିଛନ୍ତି। କିନ୍ତୁ ଜାତୀୟ କ୍ରୀଡ଼ା ଶାସନ (ଏନ୍‌ଏସ୍‌ଜି) ଅନୁଯାୟୀ, ପରିଷଦରେ ୧୫ରୁ ଅଧିକ ସଦସ୍ୟ ରହିପାରିବେ ନାହିଁ।

# ସିନିୟର ରୋଲ୍ ବଲ୍‌ରେ ଓଡ଼ିଶାକୁ ପ୍ରଥମ ପଦକ


ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ରୋଲ ବଲ୍ ଦଳ।

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

ଓଡ଼ିଶା ରୋଲ୍ ବଲ୍ ଦଳ ସିନିୟର ସ୍ତରରେ ପ୍ରଥମ ପଦକ ହାସଲ କରି ଇତିହାସ ରଚିଛି। ମେଘାଳୟର ଶିଲଂଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ ସିନିୟର ରୋଲ୍ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବ୍ରୋଞ୍ଜ ପଦକ ହାସଲ କରିଛି। ମେଘାଳୟ ରୋଲ ବଲ୍ ଆସୋସିଏଶନ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା ସିନିୟର ଦଳ ଚମତ୍କାର ପ୍ରଦର୍ଶନ କରିଥିଲା। ଓଡ଼ିଶା ପକ୍ଷରୁ ପ୍ରତୀକ ଅର୍ଣ୍ଣବ ଜେନା ସର୍ବାଧିକ ୭ ଗୋଲ ସ୍କୋର କରିଥିଲେ। ସେ ମାତ୍ର ୧୪ ବର୍ଷର ହୋଇଥିଲେ ମଧ୍ୟ ନିଜ ଦକ୍ଷତା ମାଧ୍ୟମରେ ଓଡ଼ିଶାକୁ ଏହି ଐତିହାସିକ ସଫଳତା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଓଡ଼ିଶା ରୋଲ ବଲ୍ ଆସୋସିଏଶନ ଏବଂ ଏହାର ପ୍ରତିଷ୍ଠାତା ପାର୍ଥ ସାରଥି ଜେନା ରାଜ୍ୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଗତ କିଛିବର୍ଷ ଧରି ଓଡ଼ିଶା ଦଳ ବିଭିନ୍ନ ବୟସ ବର୍ଗରେ ପ୍ରଭାବୀ ପ୍ରଦର୍ଶନ କରି ଆସୁଛି। ଏବେ ସିନିୟର ସ୍ତରରେ ପଦକ ଜିତି ଏକ ମାଇଲଖୁଣ୍ଟ ସ୍ଥାପନ କରିଛି ବୋଲି ପାର୍ଥ ସାରଥି ପ୍ରକାଶ କରିଛନ୍ତି।

# ଭୁବନେଶ୍ୱର ପ୍ରଥମ, କୋରାପୁଟ ଜିଲା ଦ୍ୱିତୀୟ

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

### ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ଉଦ୍‌ଯାପିତ

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ସ୍ତରୀୟ ୩୭ତମ ଜୁନିୟର, କ୍ୟାଡେଟ୍ ଏବଂ ୩୮ତମ ସବ୍‌ଜୁନିୟର କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲାରୁ ୬୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଭାବୀ ପ୍ରଦର୍ଶନ କରି ଭୁବନେଶ୍ୱର ୫୮ଟି ସ୍ୱର୍ଣ୍ଣ ସହ ମୋଟ ୧୮୨ ପଦକ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଛି। ୯ ସ୍ୱର୍ଣ୍ଣ ସହ ୨୬ ପଦକ ପାଇ କୋରାପୁଟ ଜିଲା ଦ୍ୱିତୀୟ ଏବଂ ୮ ସ୍ୱର୍ଣ୍ଣ ସହ ୩୦ ପଦକ ପାଇ ବାଲେଶ୍ୱର ଜିଲା ତୃତୀୟ ସ୍ଥାନ ଅଧିକାର କରିଛି। ଓଡ଼ିଶା କରାଟେ ସଂଘର ପୂର୍ବତନ ସମ୍ପାଦକ ପ୍ରକାଶ ପଟ୍ଟନାୟକ, ଉପଦେଷ୍ଟା ସନକ ନାୟକ, ସଦସ୍ୟ ହିମାଂଶୁ ଶେଖର ଦାସ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ରାଜ୍ୟ କରାଟେ ସଂଘର ସଭାପତି ହରିପ୍ରସାଦ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଗୌରୀ ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲାରୁ ୩୫ ଜଣ ବିଚାରକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଉତ୍କଳ କରାଟେ ସ୍କୁଲର କାର୍ଯ୍ୟକର୍ତ୍ତା ଅବିନାଶ ପୁହିର, ସନ୍ଦୀପ ଦାଶ, ସନ୍ତୋଷ ମହାରଣା, ଦିଲୀପ ଜେନା, ସପନ ମିଶ୍ର, ରଜନୀ ବିଶି, ସଞ୍ଜୀବ ପୁଟେଲ୍‌ଙ୍କ ସମେତ ଅନ୍ୟ ସଦସ୍ୟମାନେ ପ୍ରତିଯୋଗିତାର ସଫଳ ପରିଚାଳନାରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରତିଯୋଗୀମାନେ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ୍ ଦ୍ୱାରା ହେବାକୁଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।



ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ Business queries: <advt@dharitri.com>